# ଧରିତ୍ରୀ DHARITRI

ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୨୮/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Tuesday, December 28/2021 | ★★

୧୮ଶ ଭାଗ ୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ସ୍କଟ୍ ବୋଲାଣ୍ଡଙ୍କ ଅକର୍ଷଣୀୟ ବୋଲିଂ**

ଇଂଲଣ୍ଡ ବିପକ୍ଷ ତୃତୀୟ ଆଶେସ ଟେଷ୍ଟରେ ୧ରନ ବିନିମୟରେ ୨ ଉଇକେଟ ନେଇଛନ୍ତି ଅଷ୍ଟ୍ରେଲିଆର ପଦାର୍ପଣକାରୀ ବୋଲର ସ୍କଟ୍ ବୋଲାଣ୍ଡ। ୦୮

୦୭ **ହୁମାଙ୍କ ନୂଆ 'ମହାରାଣୀ' ଲୁକ୍**

ବଲିଉଡ ଅଭିନେତ୍ରୀ ହୁମା କୁରେଶି 'ମହାରାଣୀ'ର ଦ୍ୱିତୀୟ ସିଜନରେ ନିଜର ନୂଆ ଲୁକ୍ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି।



# ବସ୍‌କୁ ଚଢ଼ିବାବେଳେ ମାଡ଼ିଗଲା କାର୍



ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକ କାର୍‌କୁ ଭଙ୍ଗାରୁଜା କରୁଛନ୍ତି।

## ୨ ମହିଳା ମୃତ, ୪ ଗୁରୁତର

ଭୋଗରାଇ, ୨୭।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଚନ୍ଦନେଶ୍ୱର-ଜଳେଶ୍ୱର ରାସ୍ତା ୫୭ ନଂ. ରାଜ୍ୟ ରାଜପଥ ନଗୁଆଁ ଛକଠାରେ ସୋମବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଛକରେ ୨ଜଣ ମହିଳା ବସ୍ ଚଢୁଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ କାର୍ ମାଡ଼ିଯିବାରୁ ଉଭୟଙ୍କ ମୃତ୍ୟୁ ହୋଇଛି। ଉକ୍ତ କାର୍ ଅନ୍ୟ ଦୁଇଟି ଗାଡ଼ିକୁ ମଧ୍ୟ ଧକ୍କା ଦେବାରୁ ସେଥିରେ ଥିବା ୪ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଦୁଇଜଣ ବାଳକ, ଜଣେ ମହିଳା ଓ ଜଣେ ପୁରୁଷ ଅଛନ୍ତି। ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା କାର୍‌କୁ ଭଙ୍ଗାରୁଜା କରିଥିଲେ। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

ଦୀଘା ବୁଲିବାକୁ ଆସିଥିବା ବାଲେଶ୍ୱର ସହର ସହଦେବଖୁଣ୍ଟା ଅଞ୍ଚଳର ୬ଜଣ ଯୁବକ କାର୍ (ନଂ. ଓଡ଼ି୦୧ଏଜି-୮୯୧୯) ଯୋଗେ ଘରକୁ ଫେରୁଥିଲେ। ନଗୁଆଁ ଛକଠାରେ ୨ଜଣ ମହିଳା ବସ୍‌ରେ ଚଢୁଥିବା ବେଳେ ପଛପଟୁ ସେମାନଙ୍କ ଉପରେ କାର୍ ମାଡ଼ିଯିବା ସହ ଅନ୍ୟ ଦୁଇଟି ଗାଡ଼ିକୁ ମଧ୍ୟ ଧକ୍କା ଦେଇଥିଲା। ଘଟଣାସ୍ଥଳରେ କଖଡ଼ା ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ଖଗେନ ସେଠୀଙ୍କ ସ୍ତ୍ରୀ ପୂର୍ଣ୍ଣିମା (୩୫)ଙ୍କ ମୃତ୍ୟୁ ହୋଇଥିଲା। ସେହି ଗ୍ରାମର ଫକ ରାଉଳଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା (୩୪)ଙ୍କ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ହୋଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଗୁରୁତର ଆହତମାନଙ୍କ ପରିଚୟ ମିଳିନାହିଁ।

# 'ଜୱାଦ' କ୍ଷତିଗ୍ରସ୍ତଙ୍କୁ ୫୦୭ କୋଟି

## ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)



- ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୩,୫୦୦
- ଅଣ ଜଳସେଚିତ ୬,୮୦୦ ଟଙ୍କା
- ସବୁଦିନିଆ ଫସଲ ଲାଗି ୧୮ ହଜାର
- କୃଷି ଯନ୍ତ୍ରପାତି ପାଇଁ ୫୦ କୋଟି
- ୧ ଲକ୍ଷ ଚାଷୀଙ୍କୁ ୧୦ ଲକ୍ଷ ଫଳଚାରା

ବାତ୍ୟା 'ଜୱାଦ' ଦ୍ୱାରା ଗତ ୪ ଓ ୫ ତାରିଖରେ ହୋଇଥିବା ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫୦୭ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ଘୋଷଣା କରିଛନ୍ତି। ୩୩% ଫସଲ ନଷ୍ଟ ହୋଇଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବର୍ଷାଜଳ ଉପରେ ନିର୍ଭର କରୁଥିବା ଜମି ପାଇଁ ହେକ୍ଟର ପିଛା ୬,୮୦୦ ଟଙ୍କା, ଜଳ ସେଚିତ ଜମି ଲାଗି ହେକ୍ଟର ପିଛା ୧୩,୫୦୦ ଟଙ୍କା ସହାୟତା ଦିଆଯିବ। ଆମ୍ବ, କାଜୁ, ନଡ଼ିଆ, ପାନବରଜ, କିଆ ଆଦି ସବୁଦିନିଆ ଫସଲ ନିମନ୍ତେ ହେକ୍ଟର ପିଛା ୧୮ ହଜାର ଟଙ୍କା ସହାୟତା ମିଳିବ।

ସବୁଦିନିଆ ଫସଲ କ୍ଷତି ପାଇଁ ଇନ୍‌ପୁଟ ସବ୍‌ସିଡି ଭାବରେ ଚାଷୀଙ୍କୁ ସର୍ବନିମ୍ନ ୨୦୦୦ ଟଙ୍କା ଓ ଅନ୍ୟ ଫସଲ ପାଇଁ ୧୦୦୦ ଟଙ୍କା ଦିଆଯିବ। ୧୨ ଜିଲାର କ୍ଷତିଗ୍ରସ୍ତ ଚାଷୀଙ୍କୁ ୧୨ ହଜାର କୁଇଣ୍ଟାଲ ପ୍ରମାଣୀକୃତ ଉଚ୍ଚମାନର ବିହନ ରିହାତି ଦରରେ ଯୋଗାଇ ଦିଆଯିବ। ବର୍ତ୍ତମାନ ରିହାତି ପରିମାଣର ଅତିରିକ୍ତ ୨୫% ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ଡିବିଟି) ଜରିଆରେ ୨୦୨୧-୨୨ ରବି ଫସଲ ପାଇଁ ଦିଆଯିବ। କ୍ଷତିଗ୍ରସ୍ତ ଜିଲାର ଚାଷୀମାନଙ୍କୁ ୫୦ ହଜାର ଡାଲି ଜାତୀୟ ବିହନ ମିନି କିଟ୍ ଯୋଗାଇ ଦିଆଯିବ। ଏଥିସହିତ ୪ ଲକ୍ଷ ପରିବାରକୁ ବିହନ ମିନି କିଟ୍ ମାଗଣାରେ ଯୋଗାଇ ଦିଆଯିବ। ଫଳ ଓ ପନିପରିବା ଚାଷ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀର ଏକ ଲକ୍ଷ ସଦସ୍ୟଙ୍କୁ ପ୍ଲାଷ୍ଟିକ ଜାଲି ବାକ୍ସ(କ୍ରେଟ୍) ଯୋଗାଇ ଦିଆଯିବ। ପ୍ରତି ସଦସ୍ୟଙ୍କୁ ୯୦% ରିହାତିରେ ୫ଟି କ୍ରେଟ୍ ପ୍ରଦାନ କରାଯିବ। ଏହାଦ୍ୱାରା ଫଳ ଓ ପରିବା ଅମଳ ପରବର୍ତ୍ତୀ କ୍ଷତି କମ୍ କରାଯାଇପାରିବ। ୧ ଲକ୍ଷ ଚାଷୀଙ୍କୁ ସେମାନଙ୍କ ଘର ପଛ ବଗିଚାରେ ଲଗାଇବା ପାଇଁ ମାଗଣାରେ ପ୍ରତ୍ୟେକଙ୍କୁ ୧୦ଟି ଫଳଗଛ ଚାରା ଯୋଗାଇ ଦିଆଯିବ।

ଏକ ଲକ୍ଷ ଚାଷୀଙ୍କୁ ହାଇବ୍ରିଡ୍ ପରିବା ଚାଷ ପାଇଁ ସହାୟତା ଦିଆଯିବ। ପ୍ରତି ଚାଷୀଙ୍କୁ ୦.୨୦ ହେକ୍ଟର ପାଇଁ ୪୦୦୦ ଟଙ୍କା ଲେଖାଏ ସହାୟତା ମିଳିବ। କ୍ଷତିଗ୍ରସ୍ତ ଜିଲାଗୁଡ଼ିକର ଚାଷୀଙ୍କୁ କୃଷି ଯାନ୍ତ୍ରିକୀକରଣ ନିମନ୍ତେ ୫୦ କୋଟି ଟଙ୍କାର ରିହାତି ଦିଆଯିବ। ଏହା ଡିବିଟି ଜରିଆରେ ପ୍ରଦାନ କରାଯିବ। କ୍ଷତିଗ୍ରସ୍ତ ଅଞ୍ଚଳରେ ୫୦୦୦ ପମ୍ପସେଟ୍ ୫୦% ରିହାତିରେ ଯୋଗାଇ ଦିଆଯିବ। ଏଥିପାଇଁ ରିହାତିର ସର୍ବୋଚ୍ଚ ପରିମାଣ ୧୦ ହଜାର ଟଙ୍କା ମିଳିବ। କ୍ଷତିଗ୍ରସ୍ତ ଚାଷୀଙ୍କୁ ୫୦ ପ୍ରତିଶତ ରିହାତିରେ ୫୦୦୦ ସ୍ପ୍ରେୟର (ସିଞ୍ଚନ ଯନ୍ତ୍ର) ଯୋଗାଇ ଦିଆଯିବ। ପାୱାର ସ୍ପ୍ରେୟର କ୍ଷେତ୍ରରେ ସର୍ବାଧିକ ୩୮୦୦ ଟଙ୍କା ଏବଂ ହସ୍ତଚାଳିତ ସ୍ପ୍ରେୟର କ୍ଷେତ୍ରରେ ସର୍ବାଧିକ ୭୫୦ ଟଙ୍କା ଦିଆଯିବ। ରୋଗପୋକ ନିୟନ୍ତ୍ରଣ ପାଇଁ କ୍ଷତିଗ୍ରସ୍ତ ଚାଷୀଙ୍କ ସକାଶେ ମଧ୍ୟ ଏହି ପ୍ୟାକେଜ୍‌ରେ ବ୍ୟବସ୍ଥା ରଖାଯାଇଛି। ଏଥିପାଇଁ ରିହାତି ଚାଷୀଙ୍କୁ ଡିବିଟି ଜରିଆରେ ପ୍ରଦାନ କରାଯିବ। ସମୁଦାୟ ୧୬୦୦୦ ହେକ୍ଟର ଜମି ପାଇଁ ଏହି ସହାୟତା ବ୍ୟବସ୍ଥା କରାଯିବ।

୩୩% ବା ତା'ଠାରୁ ଅଧିକ ଫସଲ କ୍ଷତି ହୋଇଥିବା ଅଞ୍ଚଳରେ ଦିଆଯାଇଥିବା ସ୍ୱଳ୍ପ ମିଆଦୀ ଋଣକୁ ମଧ୍ୟମ ମିଆଦୀ ଋଣରେ ପରିଣତ କରାଯିବ। ସେହିପରି ଆସନ୍ତା ରବି ଋତୁ ପାଇଁ ଚାଷୀମାନେ ଯେପରି ସୁବିଧାରେ ଫସଲ ଋଣ ଓ କୃଷି ଋଣ କରିପାରିବେ, ସେଥିପାଇଁ ଆନୁଷ୍ଠାନିକ ଆର୍ଥିକ ସଂସ୍ଥା ଦ୍ୱାରା ସହାୟତାର ବ୍ୟବସ୍ଥା କରାଯିବ। ଭାଗଚାଷୀମାନେ ଯେପରି ରବି ଋତୁରେ ସୁବିଧାରେ ଋଣ ପାଇପାରିବେ, ସେଥିପାଇଁ ଯୁଗ୍ମ ଲାଏବିଲିଟି ଗୋଷ୍ଠୀ ଗଠନ ପାଇଁ ତ୍ୱରିତ ପଦକ୍ଷେପ ନିଆଯିବ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ ଚାଷୀମାନେ ଯେପରି ତାଙ୍କ କ୍ଷତିପୂରଣ ଶୀଘ୍ର ପାଇପାରିବେ, ସେଥିପାଇଁ ଅମଳ ପରବର୍ତ୍ତୀ କ୍ଷତିର ତୁରନ୍ତ ଆକଳନ ନିମନ୍ତେ ପଦକ୍ଷେପ ନିଆଯିବ ଏବଂ କ୍ରପ୍ କଟିଂ ଏକ୍ସପେରିମେଣ୍ଟ ମଧ୍ୟ ଶୀଘ୍ର ଶେଷ କରାଯିବ। ବାତ୍ୟା ଜନିତ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀମାନେ ଯେପରି ରବି ଫସଲ ପାଇଁ ତୁରନ୍ତ ଋଣ ସହାୟତା ପାଇପାରିବେ, ସେ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ।

## ସୁନୀଲ ବଂଶଲଙ୍କୁ ଓଡ଼ିଶା ଫେରିବାକୁ ମିଳିଲା ଅନୁମତି

ଭୁବନେଶ୍ୱର,୨୭।୧୨(ବ୍ୟୁରୋ): ରାଜ୍ୟ ସରକାର ସୁନୀଲ କୁମାର ବଂଶଲଙ୍କୁ ନୂଆ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଭାବେ ନିଯୁକ୍ତି ଦେଇଛନ୍ତି। କେନ୍ଦ୍ର ସରକାର ସୁନୀଲଙ୍କୁ ଓଡ଼ିଶା ଫେରିବା ସକାଶେ ଅନୁମତି ଦେଇଛନ୍ତି। କେନ୍ଦ୍ର କ୍ୟାବିନେଟ୍ ନିଯୁକ୍ତି କମିଟି ତାଙ୍କ ଓଡ଼ିଶା ଫେରିବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଡିଜିପି ଅଭୟଙ୍କ କାର୍ଯ୍ୟକାଳ ଚଳିତ ମାସ ୩୧ରେ ଶେଷ ହେବ। ଏହା ପରେ ସୁନୀଲ ରାଜ୍ୟର ନୂଆ ଡିଜିପି ଭାବେ ଦାୟିତ୍ୱ ଗ୍ରହଣ କରିବେ। ସୁନୀଲ ବଂଶଲ ହେଉଛନ୍ତି ୧୯୮୭ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର। ସେ ମୟୂରଭଞ୍ଜ ଏସ୍‌ପି ଦାୟିତ୍ୱ ତୁଲାଇଛନ୍ତି। ୨୭ ବର୍ଷ ଧରି ସେ କେନ୍ଦ୍ରୀୟ ଡେପୁଟେଶନରେ କାର୍ଯ୍ୟ କରିଆସୁଛନ୍ତି। ଏବେ ସେ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ସ୍ୱତନ୍ତ୍ର ନିର୍ଦ୍ଦେଶକ ଅଛନ୍ତି।

**ଆଜିର ସମ୍ପାଦକୀୟ**

**ହାତରୁ ଖସିଲେ ଅଣାୟତ୍ତ**

## ସ୍ୱାସ୍ଥ୍ୟସେବା: ଓଡ଼ିଶା ତଳୁ ତୃତୀୟ

ନୂଆଦିଲ୍ଲୀ, ୨୭।୧୨

### ନୀତି ଆୟୋଗ ସ୍ୱାସ୍ଥ୍ୟ ସୂଚକାଙ୍କ

### କେରଳ ସର୍ବୋତ୍ତମ, ୟୁପି ସବୁଠୁ ତଳେ




ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ଓଡ଼ିଶାର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ବଡ଼ ରାଜ୍ୟଗୁଡ଼ିକୁ ନେଇ ପ୍ରସ୍ତୁତ ତାଲିକାରେ ଓଡ଼ିଶା ତଳଆଡ଼ୁ ତୃତୀୟ ସ୍ଥାନରେ ରହିଛି। ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ କେରଳ ସର୍ବୋତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରି ନମ୍ବର ୧ରେ ରହିଛି। ଉତ୍ତରପ୍ରଦେଶରେ ଏହି ସେବା ସବୁଠାରୁ ଖରାପ ସ୍ତରରେ ରହିଛି। ତାମିଲନାଡ଼ୁ ଏବଂ ତେଲଙ୍ଗାନା ସ୍ୱାସ୍ଥ୍ୟ ପାରାମିଟରରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିବା ନୀତି ଆୟୋଗର ଚତୁର୍ଥ ପର୍ଯ୍ୟାୟ ସ୍ୱାସ୍ଥ୍ୟ ସୂଚକାଙ୍କରୁ ଜଣାପଡ଼ିଛି। ୨୦୧୯-୨୦ ବର୍ଷରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ବଡ଼ ଓ ଛୋଟ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଦର୍ଶନ ଆଧାରରେ ରିପୋର୍ଟକୁ ୩ ଭାଗରେ ବିଭକ୍ତ କରାଯାଇଛି। ଥିଙ୍କ୍ ଟ୍ୟାଙ୍କ୍ ରିପୋର୍ଟ ଅନୁସାରେ, ସାମଗ୍ରିକ ପ୍ରଦର୍ଶନରେ ବିହାର ଓ ମଧ୍ୟପ୍ରଦେଶର ସ୍ଥିତି ମଧ୍ୟ ଭଲନାହିଁ। ଛୋଟ ରାଜ୍ୟଗୁଡ଼ିକ ମଧ୍ୟରେ ମିଜୋରାମ ସବୁଠୁ ଭଲ ପ୍ରଦର୍ଶନ କରିଥିବାବେଳେ ନାଗାଲାଣ୍ଡ ତାଲିକାର ନିମ୍ନରେ ରହିଛି। କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ଚଣ୍ଡିଗଡ଼ ଶୀର୍ଷରେ ରହିଥିବାବେଳେ ଏହା ତଳକୁ ଦାଦ୍ରା ଏବଂ ନଗର ହାଭେଲି ଦ୍ୱିତୀୟ ଏବଂ ତୃତୀୟରେ ଦିଲ୍ଲୀ ରହିଛି। ପୁଡୁଚେରୀ ଏବଂ ଜମ୍ମୁ-କଶ୍ମୀର ☞ପୃଷ୍ଠା-୪

# ମା' ମୃତଦେହ ସହ ୩ଦିନ ବିତାଇଲା ଶିଶୁ

ବଲାଙ୍ଗୀର ଅଫିସ,୨୭।୧୨

- ମହିଳାଙ୍କ ଗଳିତ ମୃତଦେହ ଜବତ
- ଶିଶୁକନ୍ୟାକୁ ଉଦ୍ଧାର କଲା ଚାଇଲ୍ଡଲାଇନ୍

ମା' ମୃତ୍ୟୁବରଣ କରିସାରିଥିଲେ। ହେଲେ ୫ ବର୍ଷର ଶିଶୁକନ୍ୟା ଜାଣିପାରି ନ ଥିଲେ। ମା'ଙ୍କ ମୃତଦେହ ସହ ୩ଦିନ ବିତାଇବା ପରେ ସୋମବାର ଘଟଣା ଜଣାପଡ଼ିଥିଲା। ବଲାଙ୍ଗୀର ସହରରେ ଏହି ହୃଦୟ ବିଦାରକ ଘଟଣା ଲୋକଲୋଚନକୁ ଆସିବା ପରେ ଆଲୋଡନ ସୃଷ୍ଟି କରିଛି। ସ୍ଥାନୀୟ ସାଗରପଡାରେ ଏକ ଘରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ଜବତ କରାଯାଇଛି। ତାଙ୍କ ନିକଟରୁ ୫ବର୍ଷର ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ୩ଦିନ ପୂର୍ବରୁ ମହିଳାଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ସ୍ଥାନୀୟ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପଠାଇଛି। ଚାଇଲ୍ଡଲାଇନ୍ ଟିମ୍ ଶିଶୁକନ୍ୟାକୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରିଥିଲା। ସମିତିର ନିର୍ଦ୍ଦେଶକ୍ରମେ ଶିଶୁର ମେଡିକାଲ ଯାଞ୍ଚ ପରେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ଅନୁଷ୍ଠାନରେ ରଖାଯାଇଛି।

ବଲାଙ୍ଗୀର ସାଗରପଡାରେ ଜଣେ ବ୍ୟକ୍ତିଙ୍କ ଘରେ କୁନି ନାଏକ (୩୨) ନାମ୍ନୀ ଜଣେ ମହିଳା ତାଙ୍କର ଏକ ୫ବର୍ଷର ଶିଶୁକନ୍ୟା ସହ ରହୁଥିଲେ। ୩ବର୍ଷ ତଳେ ସ୍ୱାମୀଙ୍କ ମୃତ୍ୟୁ ପରେ ମହିଳା ଜଣକ ଏହିପଡାକୁ ଆସି ପଡୋଶୀଙ୍କ ଘରେ କାମ କରି ଝିଅ ସହ ରହୁଥିଲେ। କିଛି ଦିନ ପୂର୍ବରୁ ସେ ଅସୁସ୍ଥ ହୋଇପଡିଥିଲେ। ତିନିଦିନ ହେଲା କୁନି ଘରୁ ବାହାରି ନ ଥିଲେ। ପଡାର କୌଣସି ଲୋକ ମଧ୍ୟ ତାଙ୍କୁ ପ୍ରାୟ ୩ ଦିନ ହେଲା ଦେଖି ନ ଥିଲେ। ଏଭଳିକି ତାଙ୍କ କୁନି ଝିଅ ମଧ୍ୟ ବାହାରି ନ ଥିଲା। ସୋମବାର ସକାଳେ କୁନି ଝିଅ ଉକ୍ତ ଘରୁ ବାହାରି ଆସି ପଡୋଶୀଙ୍କୁ ତାଙ୍କ ମା' ଉଠୁ ନ ଥିବା ଏବଂ ଦୁର୍ଗନ୍ଧ ବାହାରୁଥିବା କହିଥିଲେ। କୁନି ଝିଅଠାରୁ ସୂଚନା ପାଇବା ପରେ ପଡାର କେତେକ ବ୍ୟକ୍ତି ସମ୍ପୃକ୍ତ ଘରକୁ ଯାଇ ମୃତଦେହ ଗଳିତ ହୋଇଯାଇଥିବା ଦେଖିଥିଲେ। ଖବରପାଇ ସଦର ଏସ୍‌ଡିପିଓ ତୋଫାନ୍ ବାଗ ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତାଙ୍କ ପାଖରେ ଜଣେ କୁନି ଝିଅ ଥିବାରୁ ସିଡବ୍ଲ୍ୟୁସି ଓ ଚାଇଲ୍ଡଲାଇନ୍‌କୁ ଖବର ଦିଆଯାଇଥିଲା। ରୋଗାଗ୍ରସ୍ତ ହୋଇ ମହିଳାଙ୍କ ମୃତ୍ୟୁ ଘଟିଥିବା ଏବଂ ମାଙ୍କ ମୃତଦେହ ପାଖରେ ଶିଶୁକନ୍ୟା ଅଖିଆ ଅପିଆ ରହିଥିବା ଅନୁମାନ କରାଯାଉଛି। ବିଙ୍ଗ ହ୍ୟୁମାନ୍ ସଂଗଠନର ସ୍ୱେଚ୍ଛାସେବୀମାନେ ସମ୍ପୃକ୍ତ ମହିଳାଙ୍କ ଅନ୍ତିମ ସଂସ୍କାର କରିଛନ୍ତି।



ପୋଲିସ ଟିମ୍ ଓ ଚାଇଲ୍ଡଲାଇନ୍ ସାଗରପଡା ଘରେ ତଦନ୍ତ କରୁଛନ୍ତି।




# ସ୍ମୃତିରେ... ୨୦୨୧

## ଚର୍ଚ୍ଚିତ ବ୍ୟଙ୍ଗ ଚିତ୍ର ୨




୨୦୨୧ ପ୍ରାରମ୍ଭରେ କରୋନା ଟିକା ଦିଆଯିବା ପରେ ଲୋକଙ୍କ ମଧ୍ୟରେ ଆଶା ସଞ୍ଚାର କରିଥିଲା। କିନ୍ତୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେଭଳି ଉନ୍ନତି ପରିଲକ୍ଷିତ ହୋଇପାରି ନ ଥିଲା। ଗଙ୍ଗାନଦୀରେ ଶବ ଭାସିଥିଲା। ତେଲ ଦର ଗ୍ରାହକଙ୍କୁ ଅସ୍ତବ୍ୟସ୍ତ କରିଦେଇଥିଲା। ଏହା ମଧ୍ୟରେ ରାଜନୈତିକ, ପ୍ରଶାସନିକ, ସାମାଜିକ ଆଦି ବିଭିନ୍ନ କ୍ଷେତ୍ରରେ ନୂଆ କିଛି ଦେଖିବାକୁ ମିଳିଥିଲା। ଘଟଣାବହୁଳ ବିଦାୟ ବର୍ଷକୁ ମନେ ରଖିବା ପାଇଁ ଏହି ପ୍ରୟାସ।

**କାର୍ଟୁନିଷ୍ଟ: ଉତ୍କଳ ଗୌରବ**







































## କ୍ରିଷ୍ଣା କପ୍: ସେମିରେ ଦହିଗାଁ

**ପଦ୍ମପୁର, (ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁର ମହୁଲପାଲି ସ୍କୁଲ ପଡ଼ିଆରେ ଚାଲିଥିବା କ୍ରିଷ୍ଣା କପ୍ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ ପ୍ରଥମ ମ୍ୟାଚ୍‌ରେ ଦହିଗାଁ ଦଳ କୁଚିପାଲିକୁ ଏବଂ ଦ୍ୱିତୀୟ ମ୍ୟାଚଖରେ ଗ୍ରିଞ୍ଜୋଲ ଦଳ ମହୁଲପାଲି କେସିସିକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଦହିଗାଁ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୯ ଉଇକେଟରେ ୯୬ ରନ ସଂଗ୍ରହ କରିଥିଲା। ଜବାବରେ ଗ୍ରିଞ୍ଜୋଲ ଦଳ ସମସ୍ତ ଉଇକେଟ ହରାଇ ୬୩ ରନ କରି ପରାଜିତ ହୋଇଥିଲା। ସୁରେନ୍ଦ୍ର ସାହୁ ଓ ସୁଶୀଲ ସେଠ ଅତିଥି ଭାବେ ଯୋଗଦେଇ ଦହିଗାଁର କିଶୋରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ଦେୟ ଅସୁଲିର ପ୍ରତିବାଦ

**ବରଗଡ଼ ଅଫିସ୍,୨୭।୧୨:** ବିଦ୍ୟୁତ୍ ଦେୟ ଅସୁଲିରେ ଟାଟା ପାୱାର ଶୋଷଣ କରୁଛି। ଏଭଳି ଅଭିଯୋଗ କରି ସ୍ଥାନୀୟ ଗାନ୍ଧୀ ଛକରେ ଆମ୍ ଆଦମୀ ପାର୍ଟି (ଆପ୍) ଏହାର ପ୍ରତିବାଦ କରିଥିଲା। ଏହାସହିତ ପ୍ରତି ପରିବାରକୁ ୨୦୦ ୟୁନିଟ୍ ଲେଖାଏଁ ବିଦ୍ୟୁତ ମାଗଣାରେ ଦେବାକୁ ଦଳ ଦାବି କରିଥିଲା। ୨୪ଘଣ୍ଟା ବିଦ୍ୟୁତ୍ ସେବା ଦେବାରେ ବିଫଳ ଟାଟା ପାୱାର ବକେୟା ବିଦ୍ୟତ୍ ଦେୟ ଅସୁଲି କରି ଦାଦାଗିରି କରୁଥିବା ଆପ୍ ଅଭିଯୋଗ କରିଛି। ଟାଟା ପାୱାରର ଏଭଳି ସ୍ୱେଚ୍ଛାଚାରିତାକୁ ବରଦାସ୍ତ କରାଯିବ ନାହିଁ ବୋଲି ଦଳର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ନାରୀନେତ୍ରୀ ମେରିୟମ ବାର୍ଲା, ଅସିତ ସାହୁ, ଗୁରୁପ୍ରୀତ ସିଂ, ସବିତା ମଲ୍ଲିକ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ସିରିଜ୍ ଦୁର୍ଘଟଣା: କାର୍ ସହ ଦୁଇ ବାଇକ୍ ଭାଙ୍ଗିଲା

**ବୌଦ୍ଧ,୨୭।୧୨(ସ୍ୱପ୍ର):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ବୌଦ୍ଧ ସହର ନିକଟସ୍ଥ ମହିଳା ମହାବିଦ୍ୟାଳୟ ନିକଟରେ ସୋମବାର ଅପରାହ୍ନରେ ସିରିଜ୍ ଦୁର୍ଘଟଣା ଘଟି ଏକ କାର୍ ଓ ଦୁଇଟି ବାଇକ୍ ନଷ୍ଟ ହୋଇଛି। ପ୍ରକାଶ ଯେ, ଏକ ମାଲବାହୀ ଟ୍ରକ ବଲାଙ୍ଗୀର ପଟୁ ବୌଦ୍ଧ ଆଡକୁ ଆସୁଥିବା ବେଳେ ମହିଳା ମହାବିଦ୍ୟାଳୟ ନିକଟରେ ପ୍ରଥମେ ରାସ୍ତା କଡରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ପରେ ରାଜପଥ କଡରେ ଥିବା ଏକ କାର ଓ ଦୁଇଟି ବାଇକ୍‌କୁ ଧକ୍କା ଦେଇଥିଲା। କାର୍‌ଟି ରାସ୍ତା କଡକୁ ଖସି ପଡିବା ସହିତ ଉଭୟ ବାଇକ୍ ଓ କାର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ବୌଦ୍ଧ ଆଦର୍ଶ ଥାନା ପୋଲିସ ଟ୍ରକ ଚାଳକଙ୍କୁ ଅଟକ ରଖିବା ସହ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

### ଶତାୟୁ ମହିଳା ସୁନାଫୁଲଙ୍କ ପରଲୋକ

**ବାଉଁଶୁଣୀ,୨୭।୧୨(ଡି.ଏନ.ଏ.):** ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତ ବଡଦିଆପଡ଼ା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଲାଇବାନ ମେହେରଙ୍କ ସ୍ତ୍ରୀ ସୁନାଫୁଲ ମେହେରଙ୍କ ରବିବାର ରାତିରେ ନିଜ ବାସଭବନରେ



ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୨ ବର୍ଷ ବୟସ ହୋଇଥିଲା। ଗ୍ରାମର ମହାନଦୀ ନିକଟସ୍ଥ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ମଧମ ପୁତ୍ର ହେମନ୍ତ ମେହେର ମୁଖାଗ୍ନି ଦେଇଥିଲେ। ସୁନାଫୁଲଙ୍କ ନିଆରା ପରିଚୟ ରହିଛି। ସେ ନିଜ ଗାଁ ଆଖପାଖର ଦୁର୍ଗମ ଅଞ୍ଚଳକୁ ଯାଇ ଶତାଧିକ ଗର୍ଭବତୀ ମହିଳାଙ୍କ ଡେଲିଭରି କରିଥିଲେ। ଯେଉଁ ସମୟରେ ପ୍ରଯୁକ୍ତି ବିଦ୍ୟାର ପ୍ରଚାର ପ୍ରସାର ନ ଥିଲା ଓ ଯେଉଁ ଅଗମ୍ୟ ଇଲାକାରେ ପହଞ୍ଚି ପାରି ନ ଥିଲା ସାସ୍ଥ୍ୟ ବ୍ୟବସ୍ଥା। ସେହି ସମୟରେ ସେ ଖରା ବର୍ଷା ଶୀତକୁ ଖାତିରି ନ କରି ଜନସେବା ପାଇଁ ଆଗେଇ ଆସୁଥିଲେ। ଏଥିପାଇଁ ସେ ପାରିଶ୍ରମିକ ମଧ ନେଉ ନ ଥିଲେ। ତାଙ୍କର ଏହି ନିସ୍ୱାର୍ଥ ଚିକିତ୍ସା ସେବା ପାଇଁ ସେ ଅଞ୍ଚଳରେ ଘରେ ଘରେ ପରିଚିତ ହୋଇ ପାରିଥିଲେ। ତାଙ୍କ ବିୟୋଗ ଖବର ପାଇ ବହୁ ଜଣାଶୁଣା ବ୍ୟକ୍ତି ଆସି ଶେଷ ଦର୍ଶନ କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଧାନ କିଣାବିକା ତଦାରଖ କଲେ

## ବରଗଡ଼ରେ କେନ୍ଦ୍ରୀୟ ଟିମ୍

**ବରଗଡ଼ ଅଫିସ୍,୨୭।୧୨**

ବରଗଡ଼ ଜିଲାରେ ଖରିଫ ଧାନ କିଣାବିକା ପ୍ରକ୍ରିୟାକୁ ମାସେ ବିତିଛି । ତେବେ ବିକ୍ରି ପାଇଁ ମଣ୍ଡି ଗୁଡ଼ିକୁ ଚାଷୀମାନେ ଧାନ ଆଣୁଥିବା ସତ୍ତ୍ୱେ ତାହା ଉଠାଣରେ ଶିଥିଳତା ଦେଖାଯାଇଛି। ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) କିମ୍ବା ସରକାର ଚାଉଳ ନେଉ ନ ଥିବାରୁ ରାଇସ୍ ମିଲ୍ ଗୋଦାମରେ ଭର୍ତ୍ତି ହୋଇଥିବା ମିଲର୍ସମାନେ କହୁଛନ୍ତି। ଏଭଳି ଦୋଷ ଲଦାଲଦିରେ ଧାନ ବିକ୍ରି କରି ନ ପାରି ଚାଷୀମାନେ ହଇରାଣ ହେଉଛନ୍ତି। ଅନ୍ୟପଟେ ଏହାର ଅନୁଧ୍ୟାନ ପାଇଁ ଏଫ୍‌ସିଆର ଏକ କେନ୍ଦ୍ରୀୟ ଟିମ୍ ସୋମବାର ବରଗଡ଼ ଜିଲା ଗସ୍ତରେ ଆସିଛନ୍ତି। ଏହି ଟିମ୍‌ରେ ଏଫ୍‌ସିଆଇର କାର୍ଯ୍ୟକାରୀ ନିର୍ଦ୍ଦେଶକ ଡଃ ଅଜିତ ସିହ୍ନା, ମହାପ୍ରବନ୍ଧକ ପ୍ରଶାନ୍ତ ଶତପଥି, ସହାୟକ ପ୍ରବନ୍ଧକ ସାୟନ ଆଚାର୍ଯ୍ୟ ପ୍ରମୁଖ ରହିଛନ୍ତି । ଏଫ୍‌ସିଆଇ କେନ୍ଦ୍ରୀୟ ଟିମ୍ ମଣ୍ଡିରେ ଯୋଗାଣ ବିଭାଗର ଅଧିକାରୀଙ୍କୁ ଭେଟି ବାସ୍ତବତା ଅନୁଧ୍ୟାନ କରୁଛନ୍ତି। ସେମାନେ ଚାଷୀଙ୍କୁ ଭେଟି ଧାନ କିଣାବିକା ଉପରେ ପଚାରି ବୁଝୁଥିବା ଜଣାପଡ଼ିଛି । ଅତାବିରା ବ୍ଲକ ଗୋଡ଼ଭଗା ମଣ୍ଡିକୁ ଏହି ଟିମ୍ ଯାଇ ଚାଷୀଙ୍କୁ ଧାନ କିଣାବିକା ଉପରେ ପଚାରି ବୁଝିଥିଲେ। ଏହି ସମୟରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶ, ସହକାରୀ ଯୋଗାଣ ଅଧିକାରୀ ସଞ୍ଜୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଗୋଡ଼ଭଗା ମଣ୍ଡିରେ ଏଫ୍‌ସିଆର୍ କେନ୍ଦ୍ରୀୟ ଟିମ୍ ।

# ଦ୍ୱିପାକ୍ଷିକ ଆଲୋଚନା ପରେ ଧାରଣା ସ୍ଥଗିତ



ଚାଷୀମାନେ ଧାରଣାରେ ବସିଛନ୍ତି।

**ସରଣ୍ଡା,୨୭।୧୨(ଡି.ଏନ.ଏ)**

ରବି ଫସଲ ପାଇଁ ପହ୍ଲା ପକା ଆରମ୍ଭ ହୋଇଛି। ଏଥିପାଇଁ ୟୁରିଆ ସାର ଯୋଗାଡ଼ରେ କରୁଛନ୍ତି ଚାଷୀ। ଏହି ସୁଯୋଗରେ ଅସାଧୁ ବେପାରୀମାନେ କଳାବଜାର ଆରମ୍ଭ କରିଛନ୍ତି। କେତେକ ବ୍ୟବସାୟୀ ଚାଷୀଙ୍କୁ ୟୁରିଆ ସହ ଜିଙ୍କ୍, ଅଣସାର, ଅଣଆବଶ୍ୟକ ଭିଟାମିନ୍ ଦେଉଛନ୍ତି। ଏ ନେଇ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ଶାଖା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନ ନେବାରୁ ସୋମବାର କୃଷି କାର୍ଯ୍ୟାଳୟରେ ତାଲା ପକାଇ ଥିଲା ଚାଷୀ ସଙ୍ଗଠନ। ଜିଲା ମୁଖ୍ୟ କୃଷି ଅଧିକାରୀ ଧରଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଡିଲରମାନଙ୍କ ବୈଠକ ଡକାଇ ସାର କଳାବଜାର ରୋକିବା ସହ ଚାଷୀଙ୍କୁ ଅନ୍ୟ ସାର ନେବାକୁ ବାଧ ନ କରିବା ପାଇଁ ତାଗିଦ କରିବାକୁ କୃଷି ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରହିଥିଲା। ସଙ୍ଗଠନ ସମ୍ପାଦକ ସୁବାଷ ବିଶ୍ୱାଳ, ଟିକେଲାଲ ମିଶ୍ର, ବୃନ୍ଦଦେବ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ କରୋନା ଟିକାସାଥୀ ଶିବିର

**ମୁରିବାହାଲ, ୨୭।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ କରୋନା ଟୀକାସାଥୀ ଶିବିର ସୋମବାର ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜନମୁକ୍ତି ଅନୁଷ୍ଠାନ ସମ୍ପାଦକ ଭଜରାମ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହଂସରାଜ ଜୈନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ବିଡିଓ ପ୍ରିୟାରଞ୍ଜନ କୁମାର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା ସଂଗ୍ରାମ କେଶରୀ ନାୟକ, ବିପି,ଏମ ଗୋପାଳକୃଷ୍ଣ ଦୀପ, ଏନଆରଏଚଏମ ଅମୀୟ ରାଜପାଲିଆ ଉପସ୍ଥିତ ଥିଲେ। ଆଗାମୀ ଦିନରେ ମୁରିବାହାଲ ବ୍ଲକରେ ଟୀକାସାଥୀ ମଧମରେ ପ୍ରତ୍ୟେକ ପରିବାର ସହ ଯୋଗାଯୋଗ କରି କରୋନା ଟୀକା ଦେବା ଉପରେ ଅତିଥିମାନେ ମତ ରଖିଥିଲେ। ତିନିଦିନ ଧରି ହେବାକୁ ଥିବା ଏହି ଶିବିରରେ ୩୫ଜଣ ଟୀକାସାଥୀ, ଏଏନଏମ, ସୁପରଭାଇଜର, ଜନମୁକ୍ତି ଅନୁଷ୍ଠାନ କର୍ମଚାରୀଙ୍କୁ ତାଲିମ ଦିଆଯିବ ବୋଲି ଜନମୁକ୍ତି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମ ପରିଚାଳନାରେ ସଞ୍ଜୀବ କୁମାର ବାରିକ, ପ୍ରଶାନ୍ତ ବାରିକ ସହଯୋଗ କରିଥିଲେ।

# ଯୁକ୍ତ ୨ ବିଜ୍ଞାନ କଲେଜର ବାର୍ଷିକ ଉତ୍ସବ

**ପଲମ/କର୍ଲାମୁଣ୍ଡା, ୨୭।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ ଶିଶାଖାଲ ଗ୍ରାମର ଗୁରୁଦେବ ଶ୍ରୀରାମଚନ୍ଦ୍ର ଯୁକ୍ତ ୨ ବିଜ୍ଞାନ କଲେଜର ବାର୍ଷିକ ଉତ୍ସବ ଓ ପୂର୍ବତନ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶ୍ରେଷ୍ଠ ଗୁରୁ ଗୁରୁଦେବ ଶ୍ରୀ ରାମଚନ୍ଦ୍ର ପଧାନ, ସାମାଜିକ କର୍ମୀ ବାବା ଭଗବାନ ଦାସ, ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ସେଠ, ମୁଖ୍ୟବକ୍ତା ଗଗନ ବିହାରୀ ମହାପାତ୍ର, ସମ୍ମାନିତ ଅତିଥି ଚିତ୍ତରଞ୍ଜନ ମଣ୍ଡଳ, କର୍ଲାମୁଣ୍ଡା ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ଏବିଇଓ ସହଦେବ ସୁନା, ମ.ରାମପୁରର ଆଇନଜୀବୀ ଯତିନ କୁମାର ସାହୁ, କଲେଜ ସଭାପତି ଦୈତାରୀ ସାହୁ, ସମ୍ପାଦକ ହେମନ୍ତ ସାହୁ, ଅର୍ଥନୀତି ଅଧାପକ ପୀତାମ୍ବର ସାହୁ, କଲେଜ ଅଧକ୍ଷ ଶ୍ୟାମ କୁମାର ବାଗ, ପୂର୍ବତନ ନର୍ଲା ବ୍ଲକ ଅଧକ୍ଷ ନିଳମଣି ସାହୁ, ପୂର୍ବତନ ଜିଲା ପରିଷଦ ଉପାଧକ୍ଷ କିର୍ତ୍ତନ ସାହୁ, ନର୍ଲା ଜିଲା ପରିଷଦ ସଦସ୍ୟ ସରୋଜ କୁମାର ମାଝି ପ୍ରମୁଖ ଯୋଗଦେଇଥିଲେ।

# ବରଗଡ଼ ଜିଲାର ବିକାଶକୁ ସ୍ୱତନ୍ତ୍ର ଦୃଷ୍ଟି



ବିଜେଡ଼ିର ପ୍ରତିଷ୍ଠା ଦିବସରେ ବରଗଡ଼ରେ ସମବେତ ଜନତା।

## ବିଜେଡି ପ୍ରତିଷ୍ଠା ଦିବସରେ ଦଳୀୟ ନେତୃବୃନ୍ଦଙ୍କ ମତ

**ବରଗଡ଼ ଅଫିସ୍,୨୭।୧୨**

ବରଗଡ଼ ଲୋକମଣ୍ଡପ ପଡ଼ିଆରେ ରବିବାର ବିଜେଡ଼ିର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଳର ରାଜ୍ୟ ଉପସଭାପତି ତଥା ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାକାର କରିବାରେ ସକ୍ଷମ ହୋଇଛନ୍ତି ବୋଲି କହିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କହିଥିଲେ, ବିଜେଡ଼ି କେବଳ ଏକ ରାଜନୈତିକ ଦଳରେ ସୀମିତ ହୋଇ ରହିନାହିଁ। ବରଂ ଏହା ଜନଆନ୍ଦୋଳନରେ ପରିଣତ ହୋଇ ସାରିଛି। ବରଗଡ଼ ଜିଲାର ବିକାଶ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଦୃଷ୍ଟି ରହିଛି ଏବଂ ବିକାଶ ହିଁ ବିଜେଡ଼ିର ଆହ୍ୱାନ ବୋଲି ବିଧାୟକ ଆଚାର୍ଯ୍ୟ ପ୍ରକାଶ କରିଥିଲେ। ପୂର୍ବତନ ବିଧାୟକ ସାଧୁ ଚରଣ ନେପାକ, ବରିଷ୍ଠ ନେତା ଅଚ୍ୟୁତାନନ୍ଦ ମହାପାତ୍ର, ଜିଲା ବିଜେଡ଼ି ଉପସଭାପତି ବିମଳ କିଶୋର ଦେବତା, ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ପୂର୍ବତନ ପୌରାଧ୍ୟକ୍ଷା ଜେ୍ୟାତି ଦଲାଇ, ନାରୀନେତ୍ରୀ କଳ୍ପନା ମାଝି, ସମୀର ସିଂ, ଗୌରହରି ମିଶ୍ର, ହିମାଂଶୁ ଦାଶ, ହାରାଧନ ଦେବତା ପ୍ରମୁଖ ମଞ୍ଚାସୀନ ଥିଲେ।

ସେହିପରି ଅତାବିରାରେ ଅନୁଷ୍ଠିତ ବିଜେଡ଼ିର ପ୍ରତିଷ୍ଠା ଦିବସରେ ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଯୋଗଦେଇ ବିଜେଡ଼ିର ନୀତି, ଆଦର୍ଶ ତଥା ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରା ଉପରେ ସେ ଆଲୋକପାତ କରିଥିଲେ। ବ୍ଲକ ଅଧ୍ୟକ୍ଷା ରୀତା ସାହୁ, ଏନ୍ଏସି ଅଧ୍ୟକ୍ଷା ଦୀପାଞ୍ଜଳି ଭୋରାସାଗର, ଟଙ୍କ ଦାଶ, ପଞ୍ଚାନନ ପ୍ରଧାନ, କୁଳମଣି ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସିଦ୍ଧାର୍ଥଶଙ୍କର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅତାବିରା ହାଇସ୍କୁଲ ସମ୍ମୁଖରେ ହାଇମାକ୍ସ ଲାଇଟ୍‌ର ଶୁଭାରମ୍ଭ କରାଯାଇଥିଲା।

# କ୍ରିକେଟ: ତେଜଶ୍ରୀ ଫାଇଟର ଚାମ୍ପିୟନ

**ଜାମଟିକ୍ରା, ୨୭।୧୨(ଡି.ଏନ.ଏ)**

ବରଗଡ ଜିଲା ଅତାବିରା ବ୍ଲକ ଲହଣ୍ଡା ସ୍କୁଲ ପଡିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ରାଇଜିଙ୍ଗ ଷ୍ଟାରକୁ ହରାଇ ତେଜଶ୍ରୀ ଫାଇଟର ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଅତାବିରା ଏସ୍ଏସ୍ ଟେଲିକମ ମୁଖ୍ୟ ଖିରୋଜ ନାୟକ, କୁବେର ବାରିକ, କିଶୋର ପ୍ରଧାନ, ସୁଦୀପ୍ତ ପ୍ରଧାନ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ।

# ସମାଜସେବା ପାଇଁ ଯୁବବର୍ଗ ଆଗଭର ହେବା ଜରୁରୀ

**ଅମରପାଲି,୨୭।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ରବୀନ୍ଦ୍ର ନାଥ ଜୁନିଅର କଲେଜ ପରିସରରେ ସାମାଜିକ ସଙ୍ଗଠନ ସିୟା ପରିବାରର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ଦିଲୀପ ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ପୂର୍ବତନ ଉଚ୍ଚଶିକ୍ଷା ପରାମର୍ଶଦାତା ଡ.ପ୍ରଫୁଲ୍ଲ ରଥ ମୁଖ୍ୟ ଅତିଥି, ଏକସନ ଏଡ ଇଣ୍ଡିଆର କାର୍ଯ୍ୟକ୍ରମ ଅଧିକାରୀ ଘାସିରାମ ପଣ୍ଡା, ରେଆର ସମ୍ପାଦକ ଅନଙ୍ଗ ନେଗୀ, ଅଧାପକ ବିଜୟ ପଧାନ, ସିୟାର ପ୍ରତିଷ୍ଠାତା ଆନନ୍ଦ ବିଶ୍ୱାଳ ଓ ସ୍ୱେଚ୍ଛାସେବୀ ରବୀନ୍ଦ୍ର କର୍ଣ୍ଣ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଯୁବତୀଯୁବକମାନେ ସମାଜସେବା ପାଇଁ ଆଗଭର ହେବା ଉଚିତ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ସମାଜସେବା କ୍ଷେତ୍ରରେ ଅବଦାନ ପାଇଁ କବୁଡାରଜା କ୍ଲବ, ଉଲୁଣ୍ଡା ଯୁବ ମହାସଂଘ, ଭୀମଭୋଇ ସେବା ସଂଘ, ବିନିକାର ଏଚଟୁଓ ଓ ମହାନଦୀ ସେବା ସଙ୍ଗଠନ, ବୀରମହାରାଜପୁର ଯୁବ ମହାସଂଘ, ଖଣ୍ଡହତା ବଜରଙ୍ଗ କ୍ଲବ, ସୋନପୁରର ଗ୍ରାମଉଦ୍ୟାନ, ଗୋବିନ୍ଦପୁରର ସତ୍ୟ ସେବକ ଯୁବକ ସଂଘ, ଲାଲବାହାଦୁର ଯୁବକ ସଂଘ, ରେଆର ସୋନପୁର, ସ୍ୱେଚ୍ଛାସେବୀ ଘାସିରାମ ପଣ୍ଡା, ପଞ୍ଚଖଣ୍ଡା କ୍ରିକେଟ କ୍ଲବକୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୪୦ କ୍ରୀଡାବିତ୍ ନେଲେ ବକ୍ସିଂ ତାଲିମ

**ଅମରପାଲି,୨୭।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବକ୍ସିଂ ସଂଘ ପକ୍ଷରୁ ଦୁଇଦିନିଆ ବକ୍ସିଂ ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉପଖଣ୍ଡୀୟ ପୋଲିସ ଅଧିକାରୀ ଡୋଲାମଣି ଭୋଇ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଜକୁ ସୁରକ୍ଷିତ ରଖିବାକୁ ବକ୍ସିଂ ଏକ ମାଧ୍ୟମ ବୋଲି କହିଛନ୍ତି। ସମ୍ମାନିତ ଅତିଥିଭାବେ ଶିକ୍ଷକ ରାସବିହାରୀ ମେହେର, ଅଧାପକ କିଶୋର କୁମାର ସାହୁ, ସତ୍ୟବ୍ରତ ପଧାନ, ସଂଘର ସାଧାରଣ ସମ୍ପାଦକ ଗିରିଜା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୪୦ଜଣ କ୍ରୀଡାବିତ୍ ଭାଗନେଇ ତାଲିମ ନେଇଛନ୍ତି। ଶିବିରରେ ରାଉରକେଲାର ପୂର୍ବତନ ସେନା କର୍ମଚାରୀ କୋଚ ମାସୁଦ ଆଲମ ଯୋଗଦେଇ ତାଲିମ ପ୍ରଦାନ କରିଛନ୍ତି। ଉଦ୍‌ଯାପନୀ ସମାରୋହରେ ପୂର୍ବତନ ଶିକ୍ଷକ ଗୋପିନାଥ ମହାକୁର, ଉଲୁଣ୍ଡା ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡ ସୁବ୍ରତ କୁମାର ପୁରୋହିତ, ଗୃହରକ୍ଷୀ ରଞ୍ଜିତ ଚାନ୍ଦ, ବିଶ୍ୱାମିତ୍ର ଜଗଦଲା, ଜାତୀୟସ୍ତରର କ୍ରୀଡାବିତ ରାକ୍ଷୀରାଣି ମୁଣ୍ଡା, ପ୍ରୀତିପ୍ରଜ୍ଞା ପୂଜାରୀ ଏବଂ ସମର କଳାକାର ପବିତ୍ର ପଧାନ ପ୍ରମୁଖଙ୍କୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ବିଭିନ୍ନ ବର୍ଗରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ସମାରୋହକୁ ଅବିନାଶ ହୋତା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଂପାଦକ ବ୍ରଜଗୋପାଲ ପଣ୍ଡା, କୁର୍ତ୍ତିବାଶ ଶତପଥି, ଚମ୍ପେଶ୍ୱର ପଣ୍ଡା, ହେମନ୍ତ ରାଉତ, ବିରେନ ଗୁରୁ, ସ୍ୱାଧିନ ମେହେର, ଆକାଶ ରାଜହଂସ ପ୍ରମୁଖ ସହଯୋଗ କରିଥିଲେ ।

# ଛିନ୍ଦେଇକେଲାକୁ ହରାଇ ସେମିରେ ପାଟଣାଗଡ଼

**ପାଇକମାଲ,୨୭।୧୨(ଡି.ଏନ.ଏ)**

ବରଗଡ ଜିଲା ପାଇକମାଲ ବ୍ଲକ ଛିନ୍ଦେଇକେଲା ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ସୋମବାର ମ୍ୟାଚ୍‌ରେ ଛିନ୍ଦେଇକେଲାକୁ ହରାଇ ପାଟଣାଗଡ଼ ସେମିଫାଇନାଲରେ ପ୍ରବେଶ କରିଛି। ସୌଦାଗର ସାହୁ ଓ ପ୍ରହ୍ଲାଲାଦ ସାହୁ ଅତିଥି ଭାବେ ଯୋଗ ଖେଳ ଉଦ୍‌ଘାଟନ କରିଥିଲେ। ପାଟଣାଗଡ଼ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୮୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ହର ବେନ୍ଦକର ୫୦, ସୁମନ ପଟ୍ଟନାୟକ ୪୩ ଓ ସନ୍ତୋଷ ସତପଥି ୨୮ ରନ୍ ସଂଗ୍ରହ କରିଥିଲେ। ଜବାବରେ ଛିନ୍ଦେଇକେଲା ଦଳ ସମସ୍ତ ଉଇକେଟ ହରାଇ ୯୮ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅମ୍ପାୟର ସଞ୍ଜୟ ନାୟକ ଓ ସୁଶାନ୍ତ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସୁନିଲ ସାହୁ ଅତିଥି ଭାବେ ଯୋଗଦେଇ ବଲାଙ୍ଗୀର ଦଳର ହର ବେନ୍ଦକରଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ପତିତପାବନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଙ୍ଗଳବାର ସମ୍ବଲପୁର ଓ କଟାପାଲି ମଧ୍ୟରେ ମ୍ୟାଚ୍ ହେବ ବୋଲି ଅନୁଷ୍ଠାନର ରୋହିତ ସାହୁ ସୂଚନା ଦେଇଛନ୍ତି ।

# କପିଳେଶ୍ୱର ଚାରିଟେବୁଲ ହସ୍ପିଟାଲ ଲୋକାର୍ପିତ

**ସୋନପୁର,୨୭।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ଧର୍ମଶାଳାସ୍ଥିତ ମହାନଦୀ କୂଳରେ ନବନିର୍ମିତ କପିଳେଶ୍ୱର ଚାରିଟେବୁଲ ହସ୍ପିଟାଲ ସୋମବାର ଉଦ୍‌ଘାଟିତ ହୋଇଛି। ବୀରମହାରାଜପୁର ବିଧାୟକ ତଥା ରାଜ୍ୟ ପରିବହନ, ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ହସ୍ପିଟାଲର ଲୋକାର୍ପଣ କରିଛନ୍ତି। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ମନୋରଞ୍ଜନ ଯୋଶୀ, ଶିକ୍ଷାବିତ୍ ଡ. ଜୟଦେବ ଡନସେନା, ଜଗଦାନନ୍ଦ ଛୁରିଆ ଓ ଚାଟାର୍ଡ ଆକାଉଣ୍ଟାଣ୍ଟ ସତ୍ୟେନ୍ଦ୍ର ପାଢୀ ଯୋଗ ଦେଇଥିଲେ। ଡାକ୍ତର ଲକ୍ଷ୍ମୀଧର ମହାପାତ୍ର, ଡାକ୍ତର ବେଣୁଧର ପାଣ୍ଡେ, ଡାକ୍ତର ପ୍ରକାଶ ଡନସେନା, ଡାକ୍ତର ସ୍ୱପ୍ନେଶ୍ୱର ବେହେରା, ଡାକ୍ତର ରବୀନ୍ଦ୍ର ପ୍ରଧାନ ଓ ଡାକ୍ତର ରବି ନାରାୟଣ ତ୍ରିପାଠୀ ପ୍ରମୁଖଙ୍କ ସମେତ ପଶ୍ଚିମ ଓଡିଶାର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। କାଳଜୟୀ ସୃଷ୍ଟିଶଳାବୁଢାର ଲେଖକ ଓ ସମାଜସେବୀ ସ୍ୱର୍ଗତ କପିଳେଶ୍ୱର ମହାପାତ୍ରଙ୍କ ସ୍ୱପ୍ନର ଏହି ହସ୍ପିଟାଲ। ପ୍ରଥମ ପର୍ଯ୍ୟାୟରେ ଏହି ହସ୍ପିଟାଲରେ ସାଧାରଣ ଲାପ୍ରୋସ୍କୋପି ସହ ଶଲ୍ୟ, ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ, ଭେଷଜ, ଅସ୍ଥିଶଲ୍ୟ ଓ ପାଥୋଲୋଜି ପରି ବିଭାଗରେ ଅଭିଜ୍ଞ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା ସେବା ଯୋଗାଇ ଦିଆଯିବ। ହସ୍ପିଟାଲରେ ୧୦ଟି ସ୍ୱତନ୍ତ୍ର ଶଯ୍ୟା ରହିଥିବା ବେଳେ ଗୋଟିଏ ପ୍ରସୂତି କକ୍ଷ ସହ ଏକ ଅସ୍ତ୍ରୋପଚାର କକ୍ଷ ଓ ସମସ୍ତ ନିଦାନ ପାଇଁ ଏକ ପରୀକ୍ଷାଗାର ରହିଛି। ଚେତନା ଟ୍ରଷ୍ଟ ପକ୍ଷରୁ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ସୁଶାନ୍ତ ମହାପାତ୍ର ଓ ପରିଚାଳନା ନିର୍ଦ୍ଦେଶକ ମଣ୍ଟୁ ମହାପାତ୍ର କହିଛନ୍ତି।



ମନ୍ତ୍ରୀ ପଦ୍ମନାଭ ବେହେରା ଚିକିତ୍ସାଳୟକୁ ଉଦ୍‌ଘାଟନ କରୁଛନ୍ତି ।

# ଉତ୍ତେଜନା, ଭାଙ୍ଗି ଦେଲେ ବାଡ଼

**ସମ୍ବଲପୁର,୨୭।୧୨(ବ୍ୟୁରୋ)**

ସୋମବାର ସମ୍ବଲପୁର ଜିଲାର ହୀରାକୁଦଠାରେ ଥିବା ହିଣ୍ଡାଲ୍‌କୋ କମ୍ପାନୀ କର୍ମଚାରୀ ଓ କମ୍ପାନୀ ପାର୍ଶ୍ୱ ଝାଙ୍କରପଡାବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଜମଡା ମୌଜାରେ ଜମି ଚିହ୍ନଟ ହେଉଥିବା ବେଳେ ଏଭଳି ଘଟଣା ଦେଖିବାକୁ ମିଳିଥିଲା। ଗ୍ରାମର ଶତାଧିକ ମହିଳା ପୁରୁଷ ପହଞ୍ଚି କମ୍ପାନୀ ପକ୍ଷରୁ ପୋତା ଯାଇଥିବା କେତୋଟି ସିମେଣ୍ଟ ଖୁଣ୍ଟ ଓ ତାର ବାଡକୁ ଉପାଡି ଦେଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାରୁ ଚିହ୍ନଟ ପ୍ରକ୍ରିୟା ଅଧାରୁ ବାତିଲ କରାଯାଇଥିଲା।

ଝାଙ୍କରପଡା ଗ୍ରାମର ମାଳତୀ ବିଶ୍ୱାଳ କହିଛନ୍ତି, କମ୍ପାନୀ ହେବା ଦିନଠାରୁ ପାର୍ଶ୍ୱରେ ଥିବା ଗ୍ରାମଗୁଡିକର ଜନସାଧାରଣ ନା ନା ସମସ୍ୟା ଭୋଗୁଛନ୍ତି। ପ୍ରଦୂଷଣରେ ରହିବା କଷ୍ଟକର ହୋଇପଡିଛି। ଘର ଦ୍ୱାର, ନାଳ, ବନ୍ଧ, କୂଅ ସବୁଠାରେ ପାଉଶଁ ଉଡି ପଡୁଛି। ଏ ନେଇ ଯେତେ ଅଭିଯୋଗ କଲେ ମଧ କେହି ଶୁଣୁନାହାନ୍ତି। ଏବେ ଗ୍ରାମ ନିକଟରେ ଥିବା ସରକାରୀ ଓ ବସ୍ତି ଯୋଗ୍ୟ ଜମିକୁ କମ୍ପାନୀ ମାଡି ବସିବାକୁ ଯୋଜନା କରୁଛି। ସରକାର ଗ୍ରାମବାସୀଙ୍କୁ ଅସୁବିଧାରେ ପକାଇ କମ୍ପାନୀକୁ ଜମି ଦେଇଛନ୍ତି। ଆମେ ଏହି ଜମି ଛାଡିବୁ ନାହିଁ ବୋଲି ସେ କହିଥିଲେ। ସେହିପରି ଭୁବନେଶ୍ୱରୀ ନାଏକ କହିଛନ୍ତି, ଏହି ଜମିରେ ଖେଳପଡିଆ ରହିଛି। ଗ୍ରାମ ଜଙ୍ଗଲ ରହିଛି। ହେଲେ କମ୍ପାନୀକୁ ଦିଆଯାଇଛି। କମ୍ପାନୀ ହେବା ପୂର୍ବରୁ ପାଖରେ ଥିବା ନାଳ ଉପରେ ଗ୍ରାମବାସୀ ନିର୍ଭର କରି ଆସୁଛନ୍ତି। ଏହି ଜମି ଦେଇ ନାଳ ଓ ପଡିଆକୁ ରାସ୍ତା ରହିଛି। କମ୍ପାନୀ ବାଡ଼ ଦେଇ ଦେଲେ ଗ୍ରାମବାସୀ ଯିବା ରାସ୍ତା ବନ୍ଦ ହୋଇଯିବ। ତେଣୁ ଏହି ଜମିକୁ ଯାହା କଲେ ମଧ କମ୍ପାନୀ ହାତକୁ ଦିଆଯିବ ନାହିଁ ବୋଲି କହିଥିଲେ। ପ୍ରଦୀପ ସାହୁ ଅଭିଯୋଗ କରିଛନ୍ତି, ଜାମଡା ମୌଜାରେ ୪.୨୧ ଡିସିମିଲ ଜମି ଦେବାକୁ ଯୋଜନା କରାଯାଇଛି। କମ୍ପାନୀ ଜମି ନେଇଗଲେ ପ୍ରାୟ ୫ ହଜାର ଲୋକ ପ୍ରଭାବିତ ହେବେ। କମ୍ପାନୀ ଯୋଗୁ ଆଖପାଖର ଲୋକେ ବିଭିନ୍ନ ରୋଗରେ ପୀଡିତ ହେଉଛନ୍ତି। ଏବେ ଆଉ ଏକ ବିପଦ ଆସିଛି। ଲୋକଙ୍କ ପାଖରେ ରହିବା ପାଇଁ ଘର ଡିହ ନାହିଁ। ରାସ୍ତା କି ପାଇଖାନା ନାହିଁ। ଭୂମିହୀନମାନଙ୍କୁ ଜମି ନ ଦେଇ କମ୍ପାନୀକୁ ଏକର ଏକର ଜମି ଦିଆଯାଉଛି। ସରକାରୀ ଜମି ଥିଲେ



ସମ୍ବଲପୁର ହିଣ୍ଡାଲ୍‌କୋ କମ୍ପାନୀ ପକ୍ଷରୁ ଜମି ଚିହ୍ନଟ ବେଳେ ଦେଖାଦେଇଥିବା ଉତ୍ତେଜନା।

## ହିଣ୍ଡାଲ୍‌କୋ ଜମି ଚିହ୍ନଟ ପ୍ରକ୍ରିୟା

ଗ୍ରାମରେ ବିଭିନ୍ନ ଯୋଜନାରେ ଉନ୍ନୟନ କାମ ହୋଇ ପାରିବ। ସାମୂହିକ ଭାବେ ଅଞ୍ଚଳବାସୀ ଲାଭ ନେଇ ପାରିବେ। ହେଲେ ଏବେ ଗୋଟିଏ କମ୍ପାନୀର ସ୍ୱାର୍ଥକୁ ଦୃଷ୍ଟି ଦେଇ କିଭଳି ଜମି ଦିଆଯାଉଛି ବୋଲି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଲରପଙ୍କ ଏଆରଆଇ ଅଭିଳାଷ କୁମାର ବାଗ କହିଛନ୍ତି ଯେ, ଜମି ଚିହ୍ନଟ କରିବାକୁ ନିର୍ଦ୍ଦେଶ ଆସିଥିଲା। ଏଣୁ କମ୍ପାନୀ କର୍ମଚାରୀଙ୍କ ଉପସ୍ଥିତିରେ ରାଜସ୍ୱ ବିଭାଗ ପକ୍ଷରୁ ଜମି ଚିହ୍ନଟ କରାଯାଉଛି। ହେଲେ ଗ୍ରାମବାସୀ ଆସି ଚିହ୍ନଟ ପ୍ରକ୍ରିୟାକୁ ବନ୍ଦ କରି ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଏହି ଜମିରେ ଖେଳପଡିଆ ଓ ରାସ୍ତା ରହିଛି। ସରକାରୀ ଜମି ଲୋକଙ୍କ ପାଇଁ ବ୍ୟବହାର କରାଯାଉ ବୋଲି ଦାବି କରୁଛନ୍ତି। ତେବେ ଏହା ସରକାରୀ ଜମି ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଏହା ଯେହେତୁ ସରକାରୀ ସ୍ତରରେ କରାଯାଉଛି , ତେଣୁ କମ୍ପାନୀ କର୍ତ୍ତୃପକ୍ଷ ନିଜ ପକ୍ଷ ରଖିବାକୁ ମନା କରିଥିଲେ।

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ କ୍ଷମା ମାଗନ୍ତୁ କିମ୍ବା ବିଦେଶରେ ତାଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ ହେଉ, ଏହା କୃଷକମାନେ ଚାହୁଁ ନ ଥିଲେ। କୃଷି ସମ୍ପର୍କିତ କୌଣସି ନିଷ୍ପତ୍ତି ଚାଷୀମାନଙ୍କ ବିନା ପରାମର୍ଶରେ ନିଆ ନ ଯାଉ।"
– ରାକେଶ ଟିକାଏତ୍, ବିକେୟୁ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ବିଷ୍ଣୁପ୍ରିୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବ୍ରାହ୍ମଣ, ବୃଷଭ, ଅତିଥି, ଜ୍ଞାତି, ବନ୍ଧୁ ପୂଜା ନୋହିଲେ ବଢ଼ାନ୍ତି କ୍ରୋଧସିନ୍ଧୁ।**

ବ୍ରାହ୍ମଣଙ୍କୁ ସତ୍କାର, ବୃଷଭକୁ ଖାଦ୍ୟ, ଅତିଥି ଦେବୋ ଭବ। ଅତିଥିଙ୍କୁ ଚର୍ଚ୍ଚା କରାଯିବା ଭଳି ଜ୍ଞାତି କୁଟୁମ୍ବ ବନ୍ଧୁଙ୍କୁ ଅଭ୍ୟର୍ଥନା ଦେଖାଇବାକୁ ପଡିଥାଏ; ଅନ୍ୟଥା ସେମାନେ ଅସନ୍ତୁଷ୍ଟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବନ ପୋଡ଼ିଗଲେ ଜାଣନ୍ତି ଜନ ମନ ପୋଡ଼ିଗଲେ ଜାଣଇ ମନ।**

ବଣ ପୋଡ଼ିଗଲେ ଦୂରରୁ ଜଣାପଡ଼ିଯାଏ। ଫଳରେ ଆଖପାଖରେ ଥିବା ଲୋକ ଦେଖିପାରି ସତର୍କ ହୋଇଯିବା ସହ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥାନ୍ତି। ପରନ୍ତୁ ମନ ଖରାପ ଥିଲେ ନ କହିଲେ ଅନ୍ୟ କେହି ଜାଣିପାରି ନ ଥାନ୍ତି। ନିଜ ମନର ବେଦନା ନିଜକୁ କେବଳ ଜଣା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ନାସାରେ କୀର୍ତ୍ତିମାନ ରଚିଛନ୍ତି ଓଡ଼ିଆ ଝିଅ

**ରାଜକନିକା,୨୭।୧୨(ଡି.ଏନ.ଏ.)**

ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସାରେ ଶନିବାର ନୂଆ କୀର୍ତ୍ତିମାନ ରଚିଛନ୍ତି ଓଡ଼ିଆ ଝିଅ ଓଁ ନାରାୟଣୀ ନାୟକ(୩୦)। କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ହାଟସାହିର ବିରଞ୍ଚି ନାରାୟଣ ନାୟକଙ୍କ ସେ ଏକମାତ୍ର କନ୍ୟା। ସେ 'ଜେମ୍ସ ୱେବ୍ ସ୍ପେସ୍ ଟେଲିସ୍କୋପ୍'ର ଜଣେ ବୈଜ୍ଞାନିକ ଭାବେ କାମ କରୁଛନ୍ତି। ଏହି ଦୂରବୀକ୍ଷଣ ଯନ୍ତ୍ର ହେଉଛି ବିଶ୍ୱର ସବୁଠୁ ଶକ୍ତିଶାଳୀ ଏବଂ ବୃହତ୍ତମ। ଏହା ମାଧ୍ୟମରେ ବୈଜ୍ଞାନିକମାନେ ବ୍ରହ୍ମାଣ୍ଡ ସୃଷ୍ଟିର ରହସ୍ୟ ଉପରୁ ପରଦା ହଟାଇ ପାରିବେ ଏବଂ ଏଲିଅନମାନଙ୍କ ଉପସ୍ଥିତି ଚିହ୍ନଟ କରିପାରିବେ ଆଶା ରଖିଛନ୍ତି। ଫ୍ରେଞ୍ଚ ଗୁଏନାର ଲଞ୍ଚ୍ ବେସ୍‌ରୁ ଏହି ଟେଲିସ୍କୋପ୍‌କୁ ଗତ ଶନିବାର ଭାରତୀୟ ସମୟ ସନ୍ଧ୍ୟା ପ୍ରାୟ ୫ଟା ୫୦ରେ ୟୁରୋପୀୟ ଆରିଏନ୍-୫ ରକେଟ ମାଧ୍ୟମରେ ପ୍ରେରଣ କରାଯାଇଛି। ହବଲ୍ ଟେଲିସ୍କୋପ ଅପେକ୍ଷା ଶହେ ଗୁଣ ଅଧିକ ଶକ୍ତିଶାଳୀ ଜେମ୍ସ ୱେବ୍ ସ୍ପେସ୍ ଟେଲିସ୍କୋପ୍ ସାହାଯ୍ୟରେ ପୃଥିବୀଠାରୁ ୬୩ ଆଲୋକ ବର୍ଷ ଦୂରରେ ଅବସ୍ଥିତ ଗ୍ରହଗୁଡ଼ିକର ମଧ୍ୟ ଅଧ୍ୟୟନ କରାଯାଇପାରିବ। ହବଲ୍ ଟେଲିସ୍କୋପ୍‌ର ଉତ୍ତରାଧିକାରୀ ଭାବେ ବିବେଚିତ ହେଉଥିବା ଏହି ସ୍ପେସ୍ ଟେଲିସ୍କୋପ୍ ପୃଥିବୀଠାରୁ ପ୍ରାୟ ୧୫ ଲକ୍ଷ କିଲୋମିଟର ଦୂର ସୂର୍ଯ୍ୟ ଓ ପୃଥିବୀ ମଧ୍ୟସ୍ଥ ସ୍ଥାନ ଲାଗ୍ରାଞ୍ଜିଆନ୍ ପଏଣ୍ଟ ଏଲ୍୨ରେ ସ୍ଥାପିତ ହେବ। ୧୯୯୬ରେ ଏହାର ନିର୍ମାଣ ପାଇଁ ଯୋଜନା ହୋଇଥିଲା। ୨୦୦୭ରୁ ନିର୍ମାଣ ଆରମ୍ଭ ହୋଇଥିବାବେଳେ ୨୦୧୬ରେ ଶେଷ ହୋଇଥିଲା। ଏହାପରେ ଟେଷ୍ଟିଂ ପର୍ଯ୍ୟାୟ ଚାଲିଥିଲା। ନାସା, ୟୁରୋପୀୟ ସ୍ପେସ୍ ଏଜେନ୍ସି ଏବଂ କାନାଡା ସ୍ପେସ୍ ଏଜେନ୍ସି ଦ୍ୱାରା ହୋଇଥିବା ଏହି ସ୍ପେସ୍ ଟେଲିସ୍କୋପ୍ ନିର୍ମାଣ କାର୍ଯ୍ୟରେ ୧୫ ଦେଶର ପ୍ରାୟ ୧୦ ହଜାର ବୈଜ୍ଞାନିକ, ଇଞ୍ଜିନିୟର ଓ ଟେକ୍ନିସିଆନ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଓଁ ନାରାୟଣୀ ଅନ୍ୟତମ। ତାଙ୍କ ବାପା ବିରଞ୍ଚି ନାରାୟଣ ଓ ମା' ଗୀତାଞ୍ଜଳି କାଲିଫର୍ଣ୍ଣିଆର ସାନ୍ ଜୋସ୍‌ରେ ରୁହନ୍ତି। ଫିଜିକ୍ସରେ ଏମ୍ଏ କରିଥିବା ବିରଞ୍ଚି ସେଠାକାର ଏକ ସଫ୍ଟୱେୟାର କମ୍ପାନୀରେ କାର୍ଯ୍ୟରତ। ୨୫ ବର୍ଷ ହେଲା ବିରଞ୍ଚି ଆମେରିକାରେ ରହୁଥିବାବେଳେ ତାଙ୍କ ଝିଅ ଓଁ ନାରାୟଣୀ ସେଠାରେ ପାଠ ପଢ଼ି ବଡ଼ ହୋଇଛନ୍ତି। ଆଷ୍ଟ୍ରୋଫିଜିକ୍ସ ଏବଂ ସ୍ପେସ୍ ସାଇନ୍ସରେ ଉଚ୍ଚଶିକ୍ଷା ପରେ ଦେଢ଼ ବର୍ଷ ହେଲା ସେ ୱାଶିଂଟନ ଡିସିସ୍ଥିତ ନାସାର ରିସର୍ଚ୍ଚ ଡିଭିଜନରେ କାର୍ଯ୍ୟ କରୁଛନ୍ତି। ତାଙ୍କର କୃତିତ୍ୱ ପାଇଁ ଭାରତର ବିଭିନ୍ନ ସ୍ଥାନରୁ ତାଙ୍କୁ ଶୁଭେଚ୍ଛା ସୁଅ ଛୁଟିଛି ବୋଲି ଭୁବନେଶ୍ୱର କାନନବିହାର ଫେଜ୍-୨ ରହୁଥିବା ଜେଜେ ଅଲେଖ ଚନ୍ଦ୍ର ନାୟକ କହିଛନ୍ତି।



ଓଁ ନାରାୟଣୀ ନାୟକ

# ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

**ବାଲିକୁଦା,୨୭।୧୨(ସ୍ୱ.ପ୍ର.):** ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ଗରାମ ପଞ୍ଚାୟତର ଚଅଁରପୁର ଗାଁରେ ସୋମବାର ପୋଖରୀରେ ବୁଡ଼ିଯିବାରୁ ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗାଁର ରବୀନ୍ଦ୍ର ଦାସଙ୍କ ପୁଅ ରାକେଶ (୨)। ସକାଳେ ସେ ଘର ଦାଣ୍ଡ ଆଗରେ ଖେଳୁଥିବାବେଳେ ନିକଟରେ ଥିବା ପୋଖରୀକୁ ଚାଲିଯାଇଥିଲା। ଆଉ ଫେରି ନ ଥିଲା। ରାକେଶକୁ ନ ପାଇ ପରିବାର ଲୋକେ ଖୋଜାଖୋଜି କରି ପୋଖରୀରୁ ତାକୁ ଉଦ୍ଧାର କରିଥିଲେ। ତୁରନ୍ତ ତାକୁ ବାଲିକୁଦା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ରାକେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବାଲିକୁଦା ପୋଲିସ ଚିକିତ୍ସାଳୟରେ ପହଞ୍ଚି ଶିଶୁର ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୨୫/୨୧)ରୁଜୁ ହୋଇଛି।

# କୃଷକଙ୍କ ସମସ୍ୟା ନେଇ ଆନ୍ଦୋଳନ ଜାରି ରହିବ: ଏସ୍‌କେଏମ୍

**ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)**

ଐତିହାସିକ କୃଷକ ଆନ୍ଦୋଳନ ଚାପରେ ତିନି କଳା କୃଷି ଆଇନର ପ୍ରତ୍ୟାହାର ପରେ ଆଗାମୀ ଦିନରେ ରାଜ୍ୟର କୃଷକ, କ୍ଷୁଦ୍ର ଚାଷୀ, ଭାଗଚାଷୀ, କୃଷି ଶ୍ରମିକ ଓ ଆଦିବାସୀ ତଥା ପାରମ୍ପରିକ ଜଙ୍ଗଲବାସୀଙ୍କ ସମସ୍ୟାକୁ ନେଇ ରାଜ୍ୟବ୍ୟାପୀ ବ୍ୟାପକ ଆନ୍ଦୋଳନ ତଥା ଅଭିଯାନ କରାଯିବ। ସୋମବାର ସ୍ଥାନୀୟ ନେତାଜୀ ଭବନଠାରେ ଅନୁଷ୍ଠିତ ସଂଯୁକ୍ତ କିଷାନ ମୋର୍ଚ୍ଚା(ଏସ୍‌କେଏମ୍) ଆବାହକ ମଣ୍ଡଳୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

କେବଳ ଧାନ ନୁହେଁ ସମସ୍ତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ମାନ୍ୟତା, ଭାଗଚାଷୀମାନଙ୍କୁ ଚାଷୀର ମାନ୍ୟତା ସହ ଚାଷୀ ପାଉଥିବା ସମସ୍ତ ସରକାରୀ ସୁବିଧା ପ୍ରଦାନ, ଚଳିତ ବର୍ଷ ଲଗାତର ଅଦିନିଆ ବର୍ଷାଜନିତ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ, ଆଦିବାସୀ ଓ ପାରମ୍ପରିକ ଜଙ୍ଗଲବାସୀଙ୍କୁ ସେମାନଙ୍କ ଉତ୍ପାଦିତ କୃଷିଜାତ ସାମଗ୍ରୀ ଓ ସଂଗୃହୀତ ଲଘୁବନଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ଓ ଜଙ୍ଗଲ ଜମିର ଅଧିକାର ପ୍ରଦାନ ପାଇଁ ଦାବି କରାଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଚାଲିଥିବା ବିସ୍ଥାପନ ବିରୋଧୀ ଜୀବନ-ଜୀବିକାର ଅଧିକାର ପାଇଁ ଜନ ଆନ୍ଦୋଳନଗୁଡ଼ିକୁ ସମ୍ମତି ପ୍ରଦାନ କରିବାକୁ କାର୍ଯ୍ୟପନ୍ଥା ଘୋଷଣା କରାଯାଇଛି। ସେହି ଅନୁଯାୟୀ ୨୭ ଜାନୁୟାରୀ ୨୦୨୨ରେ ଭୁବନେଶ୍ୱର ଲୋହିଆ ଏକାଡେମୀ ପରିସରରେ ଏକ ରାଜ୍ୟସ୍ତରୀୟ କୃଷକ କନ୍‌ଭେନ୍‌ଶନ୍ ଆୟୋଜନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ସେହିପରି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଏକ ପ୍ରତିନିଧି ଦଳ ଜାନୁୟାରୀ ୬ରେ ଜିନ୍ଦଲ ପ୍ରତିରୋଧ ଆନ୍ଦୋଳନକୁ ସମର୍ଥନ ଜଣାଇବା ପାଇଁ ଢିଙ୍କିଆ ଚାରିଦେଶ ଗସ୍ତ କରିବ। ଏଥିସହିତ ଅଦିନିଆ ବର୍ଷା ଓ ବାତ୍ୟା ଯୋଗୁ କ୍ଷତିଗ୍ରସ୍ତ କୃଷକମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦାବିରେ ୭ ଜାନୁୟାରୀରେ ଓଡ଼ିଶାର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ପରିବେଶକୁ ଧ୍ୱଂସ କରି ବିକାଶ ନାମରେ ଜନସାଧାରଣଙ୍କ ଜୀବନ-ଜୀବିକାକୁ ବିପନ୍ନ କରୁଥିବା କର୍ପୋରେଟ୍ ଲୁଟ ବିରୋଧୀ ଜନ ଆନ୍ଦୋଳନଗୁଡ଼ିକୁ ବିଶେଷ କରି କୋରାପୁଟର ମାଳି ପର୍ବତ ସୁରକ୍ଷା, ବାଲିଆପାଳରେ ଭିଟାମାଟି ଏବଂ ଜୀବିକା ସୁରକ୍ଷା, ପୁରୀ ଜିଲାର ସିପ ସରୁବାଲି ସୁରକ୍ଷା ଇତ୍ୟାଦି ଆନ୍ଦୋଳନକୁ ସମର୍ଥନ ଜଣାଇବାକୁ ରାଜ୍ୟ ଆବାହକ ମଣ୍ଡଳୀରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ସେହିପରି ଆସନ୍ତା ଫେବୃୟାରୀ ୨୩ ଓ ୨୪ ତାରିଖରେ ବିଭିନ୍ନ ଶ୍ରମିକ ସଂଗଠନ ଡାକରାରେ ଦେଶବ୍ୟାପୀ ଧର୍ମଘଟକୁ ସମର୍ଥନ ଦେବାକୁ ନିଷ୍ପତ୍ତି ହୋଇଛି।

କୃଷକ ନେତା ଲିଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଯୁକ୍ତ କୃଷକ ମୋର୍ଚ୍ଚାର ଶଶିଭୂଷଣ ସ୍ୱାଇଁ, ସୁରେଶ ପାଣିଗ୍ରାହୀ, ମହେନ୍ଦ୍ର ପରିଡ଼ା, ଜ୍ୟୋତି ରଞ୍ଜନ ମହାପାତ୍ର, ସନ୍ତୋଷ ରଥ, ପ୍ରଫୁଲ୍ଲ ସାମନ୍ତରା, ଶ୍ରୀକାନ୍ତ ମହାନ୍ତି, ଶଙ୍କର ସାହୁ, ନରେନ୍ଦ୍ର ମହାନ୍ତି, ଦେବ ପ୍ରସାଦ ରାୟ ମହାପାତ୍ର, ନିରଞ୍ଜନ ମହାନ୍ତି, ଶମ୍ଭୁ ପ୍ରସାଦ ମହାନ୍ତି, ଆଲୋକ ମହାନ୍ତି ଏବଂ ପ୍ରଭାତ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।

# ଶ୍ରୀଶ୍ରୀ ବାବାଇଦା ସତ୍‌ସଙ୍ଗର ଆଚାର୍ଯ୍ୟଦେବ

**ଦେଓଘର/ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)**



'ସତ୍‌ସଙ୍ଗ'ର ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀ ଦାଦାଙ୍କ ମହାପ୍ରୟାଣ ପରେ ନୂତନ ଆଚାର୍ଯ୍ୟଦେବ ଭାବେ ସ୍ଥଳାଭିଷିକ୍ତ ହୋଇଛନ୍ତି ଶ୍ରୀଶ୍ରୀ ବାବାଇଦା (ଅର୍କଦ୍ୟୁତି ଚକ୍ରବର୍ତ୍ତୀ)। ଶ୍ରୀଶ୍ରୀ ଦାଦାଙ୍କ ପାରଲୌକିକ କ୍ରିୟାର ଏକାଦଶ ଦିବସରେ 'ସତ୍‌ସଙ୍ଗ' ସଭାପତି ଡ. ଆଲୋକ ଚକ୍ରବର୍ତ୍ତୀ (ପୂଜ୍ୟପାଦ ମେଜଦା)ଙ୍କ ଆହ୍ୱାନକ୍ରମେ ରବିବାର ସମସ୍ତ ଭକ୍ତ ଓ ଅନୁଗାମୀ ଶ୍ରୀଶ୍ରୀ ବାବାଇଦାଙ୍କୁ ପୁରୋଭାଗରେ ରଖି ଶ୍ରୀଶ୍ରୀ ଠାକୁରଙ୍କ ପ୍ରଦର୍ଶିତ ମାର୍ଗରେ ଅଗ୍ରସର ହେବାକୁ ସଂକଳ୍ପ ଗ୍ରହଣ କରିଥିଲେ। ପରେ 'ସତ୍‌ସଙ୍ଗ' ପକ୍ଷରୁ ଆଧିକାରିକ ଭାବେ ଏ ସଂକ୍ରାନ୍ତରେ ବାର୍ତ୍ତା ଜାରି କରାଯାଇଥିଲା। ୧୯୬୮ ଜୁନ୍ ୭ରେ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପ୍ରପୌତ୍ର ଶ୍ରୀଶ୍ରୀ ବାବାଇଦା' ଜନ୍ମଗ୍ରହଣ କରିଥିଲେ। ଶୈଶବ ଅବସ୍ଥାରୁ ଠାକୁରଙ୍କ ଆଦର୍ଶର ପ୍ରଚାର-ପ୍ରସାରରେ ନିଜକୁ ସକ୍ରିୟ ରଖିଥିବାବେଳେ ପରବର୍ତ୍ତୀ ସମୟରେ ସେ 'ସତ୍‌ସଙ୍ଗ'ର ପ୍ରଶାସକ ଦାୟିତ୍ୱ ବହନ କରିଥିଲେ। ୨୦୧୬ରେ ଦେଶର ଅଧିକାଂଶ ଅଞ୍ଚଳ ଗସ୍ତ କରି କ୍ରମାଗତ ୧୦୦ ଦିନ ମଧ୍ୟରେ ପ୍ରାୟ ୪.୭୨ ଲକ୍ଷ ଲୋକଙ୍କୁ ସତ୍‌ମନ୍ତ୍ରରେ ଦୀକ୍ଷିତ କରିଥିଲେ। ତାଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଦେଓଘରସ୍ଥିତ ସତ୍‌ସଙ୍ଗ ଆଶ୍ରମରେ କରାଯାଇଥିବା ଜଳ ସଂରକ୍ଷଣ ଓ ଜଳ-ଅମଳ ପ୍ରକଳ୍ପକୁ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଦେଶର ଶ୍ରେଷ୍ଠ ପ୍ରକଳ୍ପ ଭାବେ ୨ ବର୍ଷ ପୂର୍ବେ ପୁରସ୍କୃତ କରାଯାଇଥିଲା। କରୋନା ମହାମାରୀ ସମୟରେ ତାଙ୍କ ନିର୍ଦ୍ଦେଶରେ ସତ୍‌ସଙ୍ଗ ପକ୍ଷରୁ ବହୁ ସରକାରୀ-ବେସରକାରୀ ଡାକ୍ତରଖାନା ସହ ଜୀବନ-ଜୀବିକା ବିପନ୍ନ ହୋଇଥିବା ଅଞ୍ଚଳବାସୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା।

# ମଧ୍ୟପ୍ରଦେଶରୁ ଭିସିରେ ସାକ୍ଷ୍ୟ ଗ୍ରହଣ

- ଟ୍ରକ୍ ଚାଳକ ପ୍ରକାଶ ପାୱାର ହତ୍ୟା ମାମଲା
- ଢେଙ୍କାନାଳ କୋର୍ଟ ଇତିହାସରେ ପ୍ରଥମ

**ଢେଙ୍କାନାଳ ଅଫିସ, ୨୭।୧୨**

ଢେଙ୍କାନାଳ ଜିଲା ଦୌରାଜଜ୍ ଶରତ କୁମାର ଦେହୁରୀଙ୍କ ଅଦାଲତରେ ସୋମବାର ୨୦୧୬ ସେପ୍ଟେମ୍ବର ୧୭ରେ ସଂଘଠିତ ଟ୍ରକ୍ ଚାଳକ ହତ୍ୟାକାଣ୍ଡ ମାମଲାର ଶୁଣାଣି ହୋଇଛି। ମଧ୍ୟପ୍ରଦେଶରୁ ଭିଡିଓ କନ୍‌ଫରେନ୍ସ (ଭିସି) ମାଧ୍ୟମରେ ଦୁଇଜଣ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ରାଜ୍ୟ ବାହାର ବ୍ୟକ୍ତିଙ୍କୁ ନେଇ ଦାଏର ହୋଇଥିବା କୌଣସି ଆପରାଧିକ ମାମଲାରେ ଭର୍ଚୁଆଲ ମାଧ୍ୟମରେ ଏଭଳି ସାକ୍ଷ୍ୟ ଗ୍ରହଣ କରାଯିବା ଜିଲା ଅଦାଲତ ଇତିହାସରେ ପ୍ରଥମ ବୋଲି ଜଣାପଡ଼ିଛି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ସେପ୍ଟେମ୍ବର ୧୪ରେ ମଧ୍ୟପ୍ରଦେଶର ଉଜ୍ଜୟିନୀ ଅଞ୍ଚଳରୁ ପିଆଜ ବୋଝେଇ ଟ୍ରକ୍ ଧରି ଡ୍ରାଇଭର ପ୍ରକାଶ ପାୱାର ଏବଂ ହେଲ୍‌ପର ଲକ୍ଷ୍ମଣ ବାଜେଡା ଭୁବନେଶ୍ୱର ଆସିଥିଲେ। ପିଆଜ ଅନ୍‌ଲୋଡ୍ କରି ଏ ବାବଦକୁ ବ୍ୟବସାୟୀଙ୍କଠାରୁ ୩୪ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଧରି ଉଭୟେ ୧୭ ତାରିଖରେ ଉଜ୍ଜୟିନୀ ଫେରୁଥିଲେ। କଟକ-ଢେଙ୍କାନାଳ ୫୫ନଂ. ଜାତୀୟ ରାଜପଥରେ ଲକ୍ଷ୍ମଣ ମଦ ପିଇବା ପାଇଁ ପ୍ରକାଶଙ୍କୁ ଟଙ୍କା ମାଗିଥିଲେ। ପ୍ରକାଶ ଟଙ୍କା ନ ଦେବାରୁ ଉତ୍ତ୍ୟକ୍ତ ଲକ୍ଷ୍ମଣ ଲୁହା ରେଞ୍ଚରେ ତାଙ୍କୁ ପିଟିପିଟି ମାରି ଦେଇଥିଲେ। ମୃତଦେହକୁ ଗୋବିନ୍ଦପୁର ଫାଣ୍ଡି ଅଧୀନ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଫିଙ୍ଗିଦେଇଥିଲେ। ଟ୍ରକ୍‌ରୁ ଡିଜେଲ ସରିଯିବାରୁ ରାସ୍ତାରେ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ଢେଙ୍କାନାଳ ସଦର ଥାନା ପୋଲିସ ମୃତଦେହ ଏବଂ ଟ୍ରକ୍ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଲକ୍ଷ୍ମଣଙ୍କୁ ମଧ୍ୟପ୍ରଦେଶର ବୈତୁଲରୁ ଗିରଫ କରାଯାଇଥିଲା। ଏ ସଂକ୍ରାନ୍ତରେ ନଂ. ୩୫୧/୧୬ରେ ମାମଲା ରୁଜୁ ହୋଇଥିଲା। ମାମଲାର ସିଟି ସେସନ୍ସ କେସ୍ ନଂ. ୧୩୧/୧୭ ଅନୁଯାୟୀ ଜିଲା ଦୌରାଜଜ୍‌ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଭିସି ମାଧ୍ୟମରେ ବୈତୁଲ ଜିଲା ଅଦାଲତରେ ଉପସ୍ଥିତ ୨ ସାକ୍ଷୀ ଗୁଲସନ ପାୱର ଏବଂ ରାଜୁ ଓମ୍‌କାରଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପବ୍ଲିକ ପ୍ରସିକ୍ୟୁଟର ଗଣେଶ କୁମାର ବେହେରା ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ କ୍ଷୀରୋଦ କୁମାର ହୋତା ମାମଲା ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ସ୍ୱାସ୍ଥ୍ୟସେବା: ଓଡ଼ିଶା...

ସାମଗ୍ରିକ ପ୍ରଦର୍ଶନରେ ତାଲିକାର ତଳେ ରହିଛନ୍ତି। ୨୦୧୮-୧୯ ତୁଳନାରେ ଉତ୍ତରପ୍ରଦେଶର ସ୍ୱାସ୍ଥ୍ୟ ମାନକରେ ସୁଧାର ଆଣିବାରେ ଏକ ନମ୍ବର ରାଜ୍ୟ ହୋଇପାରିଛି। ରାଜସ୍ଥାନ ଉଭୟ ସାମଗ୍ରିକ ପ୍ରଦର୍ଶନ ଏବଂ ସ୍ୱାସ୍ଥ୍ୟସେବା ସୁଧାର ମାନକରେ ଖରାପ ପ୍ରଦର୍ଶନ କରିଛି। ଛୋଟ ରାଜ୍ୟଗୁଡ଼ିକରେ ମିଜୋରାମ ସହ ତ୍ରିପୁରା ମଧ୍ୟ ଭଲ ସ୍ଥାନରେ ରହିଛି। ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ର ମଧ୍ୟ ସେମାନଙ୍କ ସ୍ୱାସ୍ଥ୍ୟସେବା ପ୍ରଦାନରେ ଉନ୍ନତି କରିଛନ୍ତି। ସ୍ୱାସ୍ଥ୍ୟ ସୂଚକାଙ୍କ ସ୍କୋର ଅନୁସାରେ, ୨୦୧୯-୨୦ ବର୍ଷରେ ବଡ଼ ରାଜ୍ୟଗୁଡ଼ିକ ମଧ୍ୟରେ କେରଳକୁ ସର୍ବାଧିକ ୭୪.୬୫ ନମ୍ବର ମିଳିଛି। ଏହା ତଳକୁ ଆନ୍ଧ୍ର ପ୍ରଦେଶକୁ ୬୫.୩୧, ମହାରାଷ୍ଟ୍ରକୁ ୬୪.୫୩, ଗୁଜରାଟକୁ ୬୩.୭୨, ପଞ୍ଜାବକୁ ୬୩.୪୧, ହିମାଚଳ ପ୍ରଦେଶକୁ ୬୩.୧୦ ନମ୍ବର ଦିଆଯାଇଛି। ଏହି ତାଲିକାର ସବୁଠୁ ତଳେ ଥିବା ଉତ୍ତରପ୍ରଦେଶ ୨୯.୧୬ ସ୍କୋର କରିଥିବାବେଳେ ବିହାର ୩୨.୪୩, ଓଡ଼ିଶା ୩୬.୩୫, ମଧ୍ୟପ୍ରଦେଶ ୩୮.୬୯, ଉତ୍ତରାଖଣ୍ଡ ୩୯.୬୧ ନମ୍ବର ହାସଲ କରିଛି। ଛୋଟ ରାଜ୍ୟଗୁଡ଼ିକ ମଧ୍ୟରେ ମିଜୋରାମର ସ୍କୋର ସର୍ବାଧିକ ୭୪.୯୮ ରହିଛି। ଏହା ତଳକୁ ମଣିପୁର ୬୦.୫୯, ମେଘାଳୟ ୫୫.୯୫, ଗୋଆ ୫୧.୯୦ ନମ୍ବର ହାସଲ କରିଛି। ଏହି ତାଲିକାର ନିମ୍ନରେ ଥିବା ନାଗାଲାଣ୍ଡ ୩୮.୫୧ ସ୍କୋର କରିଛି। ସେହିପରି କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ଚଣ୍ଡିଗଡ଼ ସର୍ବାଧିକ ୬୭.୦୮ ସ୍କୋର କରିଛି। ଏହା ତଳକୁ ଦାଦ୍ରା ଏବଂ ନଗର ହାବେଳିକୁ ୬୦.୭୩, ଦିଲ୍ଲୀକୁ ୫୨.୨୨, ଡାମନ ଡ୍ୟୁକୁ ୫୧.୦୪ ନମ୍ବର ମିଳିଛି। ପୁଡୁଚେରୀ ୩୧.୮୭ ସ୍କୋର କରି ତାଲିକାର ଶେଷରେ ରହିଛି। ୨୪ ମାନଦଣ୍ଡକୁ ଉପରେ ଏହି ରିପୋର୍ଟ ଆଧାରିତ। ବିଶ୍ୱ ବ୍ୟାଙ୍କର ବୈଷୟିକ ସହାୟତା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସହଯୋଗରେ ରିପୋର୍ଟ ପ୍ରସ୍ତୁତ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ନିଜର ସମ୍ପର୍କୀୟମାନଙ୍କ ଦ୍ୱାରା କୌଣସି ସମସ୍ୟା ବିଷୟରେ ଚିନ୍ତିତ ରହିପାରନ୍ତି। ବନ୍ଧୁ ଦେଇଥିବା ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା କରି ମନସ୍ତାପ କରିବାକୁ ପଡ଼ିପାରେ। ଶାରୀରିକ ଓ ମାନସିକ ସୁସ୍ଥତା ପ୍ରାୟତଃ ପୂର୍ବଭଳି ଅକ୍ଷୁଣ୍ଣ ରହିବ। ପାରସ୍ପରିକ ଉତ୍ତମ ବୁଝାମଣାଜନିତ ପାରିବାରିକ ଶାନ୍ତି ଅନୁଭବ କରିବେ।

**ବୃଷ**
ଆଜି ଦିନଟିରେ ଆର୍ଥିକ ଦିଗ ଭଲ ରହିବ, ମଧୁର ବ୍ୟବହାର ଦ୍ୱାରା ଅନ୍ୟକୁ ଆପ୍ୟାୟିତ କରିପାରିବେ। କିନ୍ତୁ ଅସମ୍ପୂର୍ଣ୍ଣ ରହିଯାଇଥିବା କାର୍ଯ୍ୟ ସକାଶେ ଅନୁତାପ କରିବେ। ସ୍ୱାର୍ଥ ହାସଲ ସକାଶେ ନିକଟରେ ରହୁଥିବା କୌଣସି ବିଜାତୀୟ ବ୍ୟକ୍ତି ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମିଥୁନ**
ଆଳସ୍ୟ ଓ ଅବହେଳାଜନିତ କର୍ମକ୍ଷେତ୍ର ପ୍ରତି ଉଦାସୀନ ହେତୁ ସମସ୍ୟା ବଢ଼ିପାରେ। କେତେକ କ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ବିଚଳିତ ହେବେ। ଆକସ୍ମିକ ଭାବରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ସାୟାହ୍ନେ ବନ୍ଧୁଙ୍କ ନିକଟରୁ ଅର୍ଥ କିମ୍ବା ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**କର୍କଟ**
ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିବା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। କିନ୍ତୁ ହାତକୁ ନେଇଥିବା କାମରେ ଅସଫଳତାଜନିତ ଟେନସନ ହେତୁ ରକ୍ତଚାପ ବଢ଼ିପାରେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। କାର୍ଯ୍ୟ ହାସଲ କରିବା ସକାଶେ ଅନ୍ୟ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**ସିଂହ**
ସମସ୍ୟାଜନିତ ଅସ୍ଥିରତା ନିଶ୍ଚିତ ଦୂର ହେବ। ଆଜି ସୁବିଧା ଓ ସହଜରେ କାମ ହାସଲ କରିବେ। ତଥାପି ଖଳ ଲୋକମାନଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଷ୍ଟିଆ ସଫଳତା ହାସଲ କରିପାରିବେ ନାହିଁ। ଲକ୍ଷ୍ୟସାଧନ ଉଦ୍ଦେଶ୍ୟରେ ଆଜିର ଫେରିବା ବାଟରେ ବନ୍ଧୁଙ୍କୁ ଭେଟିପାରନ୍ତି।

**କନ୍ୟା**
କର୍ମକ୍ଷେତ୍ରରେ ଉଚ୍ଚ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରୁ ଶୁଭଫଳ ପାଇବେ। ଆକସ୍ମିକ ଭାବେ ଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ। ପ୍ରବାସୀମାନେ ପରିବାରକୁ ମନେ ପକାଇ ନିଃସଙ୍ଗତା ବୋଧ କରିପାରନ୍ତି।

**ତୁଳା**
ଆପଣ ପ୍ରତ୍ୟେକ କ୍ଷେତ୍ରରେ ଯାହା ଓ ଯେପରି ଚିନ୍ତା କରୁଛନ୍ତି ଠିକ୍ ସେପରି ହିଁ ହେବ କିନ୍ତୁ ସମୟକୁ ଅପେକ୍ଷା କରିବାକୁ ପଡ଼ିବ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପ୍ରତ୍ୟୁଷ ଯାତ୍ରା ସମୟରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁଙ୍କ ସାମ୍ନାରେ ମନର କଥାଟିକୁ ପ୍ରକାଶ କରିପାରିବେ ନାହିଁ।

**ବିଛା**
ପୂର୍ବପରିକଳ୍ପିତ ଯୋଜନାଗୁଡ଼ିକ ବିଗିଡ଼ି ଯିବାରୁ ମନ ଦୁଃଖ ହୋଇପାରେ। ପରିବାରରେ ବାରମ୍ବାର ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ହେଉଥିବା ଯୋଗୁ ମନ ଅଶାନ୍ତ ରହିବ। ଦୀର୍ଘଦିନରୁ ଆଶା କରୁଥିବା ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ଧନୁ**
ଅପରିଣାମଦର୍ଶିତା କାରଣରୁ କେତେକ ଗୋପନୀୟ କଥାକୁ ନେଇ ମନ ଅସ୍ଥିର ରହିବ। କୌଣସି ନିକଟତମ ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବା ସକାଶେ ଚେଷ୍ଟା କରିପାରନ୍ତି। ଅଫିସରେ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ।

**ମକର**
ଆକସ୍ମିକଭାବରେ ଅଣ୍ଡାଜନିତ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିଯାଇପାରେ। ବନ୍ଧୁଙ୍କ ସମ୍ମୁଖରେ ମନ କଥାକୁ ଲୁଚାଇ ରଖି ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିପାରନ୍ତି। ଆର୍ଥିକ ସ୍ଥିତି ସେତେଟା ଭଲ ରହିବ ନାହିଁ,ଫଳରେ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**କୁମ୍ଭ**
ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟଦେଇ ଗତି କରୁଥିବାରୁ ପ୍ରଗତିର ପଥରୋଧ ହୋଇପାରେ। ପରିବାରରେ ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେବ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। କ୍ରନିକ୍ ରୋଗ ପୀଡ଼ା ଯୋଗୁଁ ମନ ବିଚଳିତ ହୋଇପାରେ।

**ମୀନ**
ହାତକୁ ନେଇଥିବା କାମଗୁଡ଼ିକ ସୁବିଧାରେ ହାସଲ କରିବା କାରଣରୁ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ଆନୁଷଙ୍ଗିକ ସୁବିଧା ସୁଯୋଗ ହେତୁ ନିର୍ମାଣ କାମ ତ୍ୱରାନ୍ୱିତ ହେବ। ପଡ଼ୋଶୀଙ୍କ ଅଭିଯୋଗ ଅମୂଳକ ନୁହେଁ, ଏହାକୁ ଗୁରୁତ୍ୱର ସହ ବିଚାରକୁ ନେବା ଭଲ ହେବ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।


## classifieds

**Everyday**
0674-2580101, 2549302




**SALE**

ଭୁବନେଶ୍ୱର ଚନ୍ଦକାରେ Nalanda/BCCST College ପାଖରେ road, electricity, water, boundary ଥାଇ ବାସୋପଯୋଗୀ plot ପୋଜେସନ ଥାଇ ମିଳୁଛି। 9348870771, 9090543542. D-71742

ଧଉଳି ଛକ ପାଖରେ ଘରବାରି boundary 40ft. ପିଚୁରୋଡ୍ ଥାଇ plot ବିକ୍ରିହେବ। 7008833643. D-71762

Gharabari developed plot internal 30' road, Derasdam 1K.M. side of Vikash Residential School, 800/-sqft. with registration, Mutation 5feet boundary. Contact: 7008105759. D-71758

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ 1200sqft. 3,00,000/-, ନଖରା ତ୍ରିନାଥବଜାର sqft.-200 (Outright). 9348232008. D-22629

Duplex house (11years old) for sale Jagamara, Bhubaneswar, Built-up area 2500sqft., land area 2100sqft., Price 1.30 crores, only serious buyers are requested to contact: 8328812205. D-71759

CRPରୁ ୧୪କି.ମି. କାଟେଣୀରେ ଘରବାଡ଼ି ପ୍ଲଟ୍ 2400 ବର୍ଗଫୁଟକୁ 15,60,000/- ସୁନ୍ଦରପଦାରେ 9,60,000/- (18 plot available). 9938016295. D-71760

ଭୁବନେଶ୍ୱର ଟଙ୍କପାଣି ରୋଡ୍ ସାଇ ମନ୍ଦିରରୁ 2.5K.M. ରଙ୍ଗବଜାର BJEM-2 କୁ ଲାଗି East Facing 1500sqft. 4BHK duplex built up area-2285 (Bank finance available) booking open- 9337088399. D-71761

Ready to move 1BHK Holiday apartment sale Jagannathdham Puri, Rate-14.5lakhs-18.5lakhs Bank Loan available with monthly rent facilities. 9040033905, 6372753860. D-71749

Gharabari plots available with boundarywall, 30' road, Electricity at Gudiapokhari near Sai Mandir. 9438463129, 7205988009. D-71750




Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239. D-71757




House on rent purpose for Office, Clinic, Educational institute, Godam, Shops available at Cooperative Colony, Berhampur. Mobile No.- 9348121441, 9439288171. D-22666

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Full body massage in homely atmosphere all therapy. Contact: 8114881641. D-60893

One hour any therapy by expert therapist @800 only. 9078484455. D-71458

Refreshing your mind, body with tha best therapy at Lotus SPA. 8018891951. D-71832

Newly Open Saikrupa Panchakarma Spa positively health benefits with Expert. 8984068077. D-22620




ଘରେବସି Part Time କାମକରି ପ୍ରତି levelରେ 1250/-ରୁ 2,000/- ରୋଜଗାର କରନ୍ତୁ। 8763722330. D-22672

ଘରେବସି ସ୍ୱଳ୍ପ ବିନିଯୋଗରେ ମାସକୁ ୩୦,୦୦୦/-ରୁ ୬୦,୦୦୦/- ରୋଜଗାର କରନ୍ତୁ। 9776020766, 9439008685. D-71460

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗ ଓଡ଼ିଶାରେ ସରକାର ଚଳାଉଛନ୍ତି: କହ୍ନେୟା କୁମାର

ନବରଙ୍ଗପୁର/କେସିଙ୍ଗା,୨୭।୧୨ (ବି.ପ୍ର./ଡି.ଏନ.ଏ.):

ଓଡିଶାରେ ଜନ ପ୍ରତିନିଧି ସରକାର ଚଳାଉ ନାହାନ୍ତି। ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗ ସରକାର ଚଳାଉଛନ୍ତି। ଜାତୀୟ କଂଗ୍ରେସର ଶହେବର୍ଷ ପୂର୍ତ୍ତି ଅବସରରେ ନବରଙ୍ଗପୁର ନୂଆଁ ମଣ୍ଡେଇ ପଡିଆଠାରେ ସୋମବାର ଅନୁଷ୍ଠିତ ସଂକଳ୍ପ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଂଗ୍ରେସ ନେତା କହ୍ନେୟା କୁମାର ଏହା କହିଛନ୍ତି। ଏହି ସମାବେଶରେ ସମ୍ମାନିତ ଅତିଥି ଭାବେ ଗୁଜରାଟ ଭେଦଗାଓ ବିଧାୟକ ଜିଗ୍ନେଶ ମିଭାନୀ, ଛତିଶଗଡ ଅବକାରୀ ମନ୍ତ୍ରୀ କାବାସୀ ଲକ୍ଷ୍ମା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପୂର୍ବତନ ମନ୍ତ୍ରୀ ଭକ୍ତ ଚରଣ ଦାସ, ପୂର୍ବତନ ବିଧାୟକ ସଦନ ନାୟକ,ଭୁଜବଳ ମାଝି ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସଭାପତି ମୁନା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଦଳକୁ କିପରି ଦୃଢ କରାଯିବ ସେ ସମ୍ପର୍କରେ ଆଲୋଚନା କରିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ।

କହ୍ନେୟା କହିଥିଲେ,କଂଗ୍ରେସ ହିଁ ଏକ ମାତ୍ର ଦଳ, ଯିଏ ଲୋକଙ୍କ ହିତ ପାଇଁ କାମ କରୁଛି। ମମିତାଙ୍କୁ ନ୍ୟାୟ ଲାଗି ସ୍ୱର ଉତ୍ତୋଳନ କରି ମନ୍ତ୍ରୀଙ୍କୁ କାହିଁକି ସୁରକ୍ଷା ଦିଆଯାଉଛି ବୋଲି ପ୍ରଶ୍ନ କରିଥିଲେ। 'ମନ୍‌କି ବାତ୍'ରେ ପ୍ରଧାନମନ୍ତ୍ରୀ ଦେଶର ଜନତାଙ୍କ କଥା କହୁ ନାହାନ୍ତି। ଓଡିଶାରେ ଭାଜପାର ଡି ଟିମ୍ ବିଜେଡି ବୋଲି କହି କହ୍ନେୟା ଉପହାସ କରିଥିଲେ। ଏବେ ସମ୍ବିଧାନ ଓ ଲୋକତନ୍ତ୍ର ବିପଦରେ ବୋଲି ବିଧାୟକ ଜିଗ୍ନେଶ ମିଭାନୀ କହିଥିଲେ। ଓଡିଶାରେ ଶାସନ ପ୍ରଶାସନିକ ଅଧିକାରୀମାନେ କରୁଛନ୍ତି ବୋଲି ଛତିଶଗଡର ଅବକାରୀ ମନ୍ତ୍ରୀ କାବାସୀ ଲକ୍ଷ୍ମା କହିଥିଲେ। କାର୍ଯ୍ୟକ୍ରମରେ ବିଜେଡି ଦଳ ଓ ବିଭିନ୍ନ ସଂଗଠନର ସମର୍ଥକ ଭାବେ କଂଗ୍ରେସରେ ମିଶିଥିଲେ। ସମାବେଶରେ ବହୁ କଂଗ୍ରେସ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସେହିପରି କଳାହାଣ୍ଡି ଜିଲା କେସିଙ୍ଗା ସହର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସଂକଳ୍ପ ଦିବସ ଉପଲକ୍ଷେ ଆୟୋଜିତ ସମାବେଶରେ କହ୍ନେୟା କୁମାର, ବିଧାୟକ ଜିଗ୍ନେଶ ମିଭାନୀ ଓ ଛତିଶଗଡ଼ ଅବକାରୀ ମନ୍ତ୍ରୀ କାବାସୀ ଲକ୍ଷ୍ମା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ ମମିତା ପ୍ରସଙ୍ଗ ନେଇ ରାଜ୍ୟ ସରକାର ଉପରେ ପୁଣି ବର୍ଷିବା ସହ ଏହି କାର୍ଯ୍ୟକ୍ରମକୁ ବିଭ୍ରାଟ କରିବା ପାଇଁ ଉଦ୍ୟମ ହୋଇଥିବା ଅଭିଯୋଗ କରିଥିଲେ। ସମାବେଶରେ ସ୍ଥାନୀୟ କଂଗ୍ରେସ ନେତୃବୃନ୍ଦଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।


ନବରଙ୍ଗପୁରରେ ଆୟୋଜିତ ସମାବେଶରେ କହ୍ନେୟା କୁମାର ଉଦ୍‌ବୋଧନ ଦେଉଛନ୍ତି।

**ନବରଙ୍ଗପୁର, କେସିଙ୍ଗାରେ କଂଗ୍ରେସର ସଂକଳ୍ପ ସମାବେଶ**

# ମୁଖ୍ୟମନ୍ତ୍ରୀଙ୍କ ଦାରିଦ୍ର୍ୟ ହ୍ରାସ କଥା ସମ୍ପୂର୍ଣ୍ଣ ମିଛ: ଭାଜପା

ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)

ଓଡିଶାର ଦାରିଦ୍ର୍ୟ ହ୍ରାସକୁ ନେଇ ମୁଖ୍ୟମନ୍ତ୍ରୀ ଯେଉଁ ତଥ୍ୟ ଦେଇଛନ୍ତି ତାହା ସମ୍ପୂର୍ଣ୍ଣ ମିଛ। ରାଜ୍ୟପାଳଙ୍କ ମୁହଁରେ ୫ ବର୍ଷରେ ଦାରିଦ୍ର୍ୟକୁ ୫ ପ୍ରତିଶତରେ ପହଞ୍ଚାଇବେ ବୋଲି ସରକାର କହିଥିଲେ। ହେଲେ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୫ ବର୍ଷରେ ଦାରିଦ୍ର୍ୟକୁ ୧୦ ପ୍ରତିଶତ ମଧ୍ୟରେ ରଖିବେ ବୋଲି କହିଛନ୍ତି। ଯାହା ସମ୍ପୂର୍ଣ୍ଣ ମିଥ୍ୟା ଓ ସର୍ବ ଭାରତୀୟସ୍ତରରେ ଓଡିଶାର ସ୍ଥିତି ବହୁତ ଖରାପ ବୋଲି ଭାଜପା ଅଭିଯୋଗ କରିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି, ଦାରିଦ୍ର୍ୟ ହଟାଇବାକୁ ନେଇ ମୁଖ୍ୟମନ୍ତ୍ରୀ ବାହାସ୍ଫୋଟ ମାରୁଛନ୍ତି। ମାତ୍ର ରାଜ୍ୟ ସରକାର ସବୁଥିରେ ପଛୁଆ ଥିବା ବିଭିନ୍ନ ରିପୋର୍ଟ ଦର୍ଶାଉଛି। ଅନ୍ୟ ରାଜ୍ୟ ତୁଳନାରେ ଶିଳ୍ପାୟନରେ ଓଡିଶା ବହୁ ପଛରେ ରହିଛି। ପୁଞ୍ଜିନିବେଶରେ ମଧ୍ୟ ଚତୁର୍ଥ ସ୍ଥାନରେ ରହିଛି। ଶାସକ ବିଜେଡି ରବିବାର ତା'ର ୨୫ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଗୋଟିଏ ରାଜ୍ୟରେ ନିରଙ୍କୁଶ ଭାବେ ଦୀର୍ଘ ୨୧ ବର୍ଷ ଧରି ସାସନ କ୍ଷମତାରେ ରହିବା କମ୍ କଥା ନୁହେଁ। ପ୍ରତିଷ୍ଠା ଦିବସରେ ନିଜ ପିଠିକୁ ନିଜେ ଥାପୁଡାଇ ବିଜେଡି ସାବାସୀ ନେବାର ଯେଉଁ କସରତ ଚଲାଇଲା ତାହା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।



ଚଣ୍ଡିଗଡ଼ ପୌରନିର୍ବାଚନରେ ଏଏପିର ବିଜୟ ପରେ ଦଳୀୟ କର୍ମୀମାନେ ଉତ୍ସବ ମନାଉଛନ୍ତି।

# ପଇସାବାଲା ପ୍ରାର୍ଥୀଙ୍କୁ ପ୍ରାଧାନ୍ୟ ଦେବ ଦଳ

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟବାସୀଙ୍କ ମତକୁ ନିଜ ସପକ୍ଷରେ ନେବା ସକାଶେ ବିଜେଡି ଓ ଭାଜପା ସବୁ ପ୍ରକାର ଉଦ୍ୟମ ଆରମ୍ଭ କରିଦେଲେଣି। ଏହି କ୍ରମରେ ଭାଜପାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଦଳର ରାଜ୍ୟ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଭାଜପା ପ୍ରଭାରୀ ଡି. ପୁରନ୍ଦେଶ୍ୱରୀଙ୍କ ଅଧ୍ୟକ୍ଷତାରେ ଦଳର ସବୁ ଏମ୍‌ପିଙ୍କୁ ନେଇ ଏକ ବୈଠକ ବସିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବିଧାୟକମାନଙ୍କୁ ନେଇ ବୈଠକ ବସିଛି। ଉଭୟ ପର୍ଯ୍ୟାୟରେ ପଞ୍ଚାୟତ ନିର୍ବାଚନରେ ଦଳ କିପରି ଭଲ ପ୍ରଦର୍ଶନ କରିବ, ଏଥିଲାଗି କ'ଣ କରାଯିବ ସେନେଇ ଆଲୋଚନା ହୋଇଥିବା ଜଣାପଡିଛି। ଦିନକ ପୂର୍ବରୁ ଅର୍ଥାତ୍ ରବିବାର ବିଳମ୍ବିତ ସନ୍ଧ୍ୟାରେ ନିକଟରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି .ନଡ୍ଡା ଓଡ଼ିଶା ପାଇଁ ଗଠନ କରିଥିବା କୋର୍ କମିଟିର ବୈଠକ ମଧ୍ୟ ବସି ପଞ୍ଚାୟତ ରଣନୀତି ପ୍ରସ୍ତୁତ କରିଥିବା ଜଣାପଡିଛି।

ବୈଠକ ପରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି, ଭାଜପାକୁ ପୋଜିସନିଂ କରି ଜିତିବା ଓ ବିଜେଡିକୁ ହରାଇବା ମୁଖ୍ୟ ଲକ୍ଷ୍ୟ। ନିର୍ବାଚନ ଲାଗି ରାଜ୍ୟ ଓ ଜିଲାସ୍ତରରେ ମାନିଫେଷ୍ଟୋ ପ୍ରସ୍ତୁତ କରାଯିବ। ତୃଣମୂଳସ୍ତରରେ ନିର୍ବାଚନ ପରିଚାଳନା କମିଟି ଗଠନ ହେବ। ୨୦୧୭ ଠାରୁ ଏବେ ଏମ୍‌ପି ଓ ବିଧାୟକଙ୍କ ସଂଖ୍ୟା ଅଧିକ ଅଛି ରେଜଲ୍ଟ ଭଲ ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ବିଧାୟକଙ୍କ ବୈଠକ ଶେଷ ହେବାପରେ ଜଣେ ନେତା ସୂଚନା ଦେଇଛନ୍ତି, ଭାଜପା ଜିଲା ପରିଷଦ ଆସନଗୁଡିକରେ କିପରି ଭଲ ଏବଂ ଟଙ୍କା ରଖିଥିବା ଲୋକଙ୍କୁ ପ୍ରାର୍ଥୀ କରିବ ତାହା ଉପରେ ଗୁରୁତ୍ୱ ଦେବ। ଆସନ ସଂରକ୍ଷଣ ନେଇ ଚୂଡ଼ାନ୍ତ ତାଲିକା ବାହାରିବା ପରେ ପ୍ରାର୍ଥୀ ଚୟନ ଶେଷ ହେବ। ଓବିସିମାନଙ୍କୁ ସଂରକ୍ଷଣ ନେଇ ବିଜେଡି କରିଥିବା ଯୋଜନାକୁ ଲୋକଲୋଚନକୁ ଆଣି ଏହି ଘଟଣାରେ ରାଜ୍ୟବାସୀଙ୍କ ଭିତରେ ରାଗ ବଢ଼ାଇବା ଉପରେ ଆଲୋଚନା ହୋଇଛି। ରାଜ୍ୟ ସରକାର ପକ୍କାଘର ମରାମତି ଲାଗି ଯେଉଁ ଟଙ୍କା ଦେଇଛନ୍ତି ତାହା କେନ୍ଦ୍ର ଦେଉଛି ବୋଲି ପ୍ରଚାର କରାଯିବ। ରାଜ୍ୟ ସରକାରଙ୍କ ଦୁର୍ନୀତି ସମ୍ପର୍କରେ ତଥ୍ୟ ଏକାଠି କରି ରାଜ୍ୟସ୍ତରରେ ଏହା ବିରୋଧରେ ଚାର୍ଜଶିଟ୍ ଦାଖଲ କରାଯିବ। ଏମ୍‌ପିମାନେ ନିର୍ବାଚନୀ ପ୍ରଚାରର ମଙ୍ଗ ଧରିବେ। କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଲ କାମ ବିଷୟରେ ଲୋକଙ୍କ ନିକଟରେ ଏମ୍‌ପିମାନେ ତଥ୍ୟ ରଖିବେ। ବିଜୁ ସ୍ୱାସ୍ଥ୍ୟ କାର୍ଡର ବିଫଳତା କଥା ମଧ୍ୟ ଲୋକଙ୍କୁ ଜଣାଯିବ। ସେହିପରି ଆସନ୍ତା ୭ ତାରିଖ ପରେ ଆଉଥରେ ଏକ ଚୂଡ଼ାନ୍ତ ବୈଠକ ବସି ନିର୍ବାଚନ ରଣନୀତି ପ୍ରସ୍ତୁତି କାମ ଶେଷ କରାଯିବ ବୋଲି ସେ କହିଛନ୍ତି।

**ପଞ୍ଚାୟତ ନିର୍ବାଚନ ପାଇଁ ୩ ପର୍ଯ୍ୟାୟରେ ଭାଜପାର ୩ ବୈଠକ**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 12-SBP-TRD-OT-2021-22, ତା.23.12.2021ରିଖ

କାର୍ଯ୍ୟର ନାମ: 12 ମାସ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ଥେରୁବାଲି ଠାରେ ଇମ୍ଫା (IMFA)ସାଇଡ଼ିଙ୍ଗ୍, ରେଙ୍ଗାଲି(RGL) ସ୍ଥିତ ଶ୍ୟାମ ମେଟାଲିକ୍(Shyam Mettallic) ଏବଂ ରେଙ୍ଗାଲି(RGL) ସ୍ଥିତ ଆଦିତ୍ୟ ଆଲୁମିନିୟମ୍ ସାଇଡ଼ିଙ୍ଗ୍‌ରେ OHE ରକ୍ଷଣାବେକ୍ଷଣ କାର୍ଯ୍ୟକଳାପର ବହିଃସ୍ରୋତ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 32,16,181.51, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 3,540/-, ଶେଷ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.14.01.2022 ରିଖ 1530ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD)/ ସମ୍ବଲପୁର

PR-679/M/21-22

# 'ସ୍ୱତନ୍ତ୍ର ଅଧିବେଶନ ଡାକି ସରକାର ଓବିସି ସଂରକ୍ଷଣ ସୁନିଶ୍ଚିତ କରନ୍ତୁ'

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ପଛୁଆବର୍ଗ (ଓବିସି) ସଂରକ୍ଷଣକୁ ସୁନିଶ୍ଚିତ କରିବାକୁ ରାଜ୍ୟ ସରକାର ତୁରନ୍ତ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ କଂଗ୍ରେସ ଦୃଢ଼ ଦାବି ଜଣାଇଛି। ଓବିସି ବର୍ଗର ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ ସ୍ୱାର୍ଥର ସୁରକ୍ଷା ପାଇଁ କଂଗ୍ରେସ ଅଙ୍ଗୀକାରବଦ୍ଧ। ଓବିସିଙ୍କ ପାଇଁ ଆସନ ସଂରକ୍ଷଣ କରି ନିର୍ବାଚନ କରାଯାଉ। ନଚେତ କଂଗ୍ରେସ ସରକାରଙ୍କ ବିରୋଧରେ ଆଇନର ଆଶ୍ରୟ ନେବା ସହ ଲୋକଙ୍କ ପାଖକୁ ଯିବ ବୋଲି ଚେତାବନୀ ଦେଇଛି। ସୋମବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ମିଡିଆ ସେଲ ଅଧ୍ୟକ୍ଷ ଗଣେଶ୍ୱର ବେହେରା କହିଛନ୍ତି, ଓବିସିଙ୍କ ପାଇଁ ପ୍ରଥମେ ସଂରକ୍ଷଣ କରି ତା'ପରେ ନିର୍ବଚାନ କର। ରାଜ୍ୟର ୫୦ ଭାଗରୁ ଅଧିକ ଜନସଂଖ୍ୟ ଥିବା ଏହି ବର୍ଗପ୍ରତି ଅବିଚାରକୁ ମୁଣ୍ଡପାତି ସହିନେବା ସମ୍ଭବ ନୁହେଁ। ଉଭୟ କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାର ଓବିସିଙ୍କ ସ୍ୱାର୍ଥପ୍ରତି ଅଣଦେଖା କରିଚାଲିଛନ୍ତି ବୋଲି ସେ କହିଛନ୍ତି।

# ଧାର୍ମିକ ବିଦ୍ୱେଷକୁ ନେଇ ରାଷ୍ଟ୍ରପତିଙ୍କୁ ପତ୍ର

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

ଦେଶରେ ଧାର୍ମିକ ବିଦ୍ୱେଷକୁ ନେଇ ଚାରିଆଡେ ପ୍ରତିକ୍ରିୟା ପ୍ରକାଶ ପାଉଥିବାବେଳେ ସମାଜବାଦୀ ପାର୍ଟି ପକ୍ଷରୁ ରାଷ୍ଟ୍ରପତିଙ୍କ ନିକଟକୁ ଚିଠି ପଠାଯାଇଛି। ହରିଦ୍ୱାର ଧର୍ମ ସଂସଦରେ ଧର୍ମଗୁରୁଙ୍କ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପ୍ରତିଧମକପୂର୍ଣ୍ଣ ଓ ଆକ୍ଷେପମୂଳକ ବକ୍ତବ୍ୟ, ବଡ଼ଦିନରେ ହରିୟାଣାର ଅମ୍ବାଲାସ୍ଥିତ ଚର୍ଚ୍ଚ ଭିତରେ ଦୁର୍ବୃତ୍ତଙ୍କ ଭଙ୍ଗାରୁଜା ଓ ଛତିଶଗଡ଼ର ରାୟପୁର ଧର୍ମ ସଂସଦରେ ଧର୍ମଗୁରୁ କାଳିଚରଣ ମହାରାଜା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ପ୍ରସଙ୍ଗକୁ ନେଇ ପାର୍ଟିର ଓଡ଼ିଶା ଶାଖା ସଭାପତି ରବି ବେହେରା ଗଭୀର ନିନ୍ଦା କରିଛନ୍ତି।

**GOVT. (AUTO.) COLLEGE, ANGUL**
www.gaca.nic.in

**Spot Admission Notice : 2021-22**

Application are invited for admission againts few vacant seats in the Following Self-financing (PPP) Course on or before 05.01.2022

| Course | Eligibility |
|---|---|
| 2-Year M.Com. (Finance & Control) | +3 or Eqv. with 40% in aggregate |

Scholarship: Available for eligible SC, ST, OBC & Minority category.

The Application form can be obtained from the College on all working days on payment of Rs. 100/- and the last date for sale and receipt of form is 05.01.2022

PRINCIPAL

Phone: 06764-237370
Contact No. 9853590609, 9040717438, 9337210503

**ODISHA POLICE DISTRICT HEAD QUARTER, GANJAM, CHATRAPUR**

No. 3151 (I) Date: 27.12.21

**OFFICE ORDER**

The advertisement for tender call notice for hiring of vehicles for NH patrolling made vide office Letter No. 3151/R.O. Dt.26.12.2021 which was published in daily Newspaper Dharitri, Samaj & OrissaPOST on 27.12.2021 is hereby cancelled due to unavoidable circumstances.

Sd./- Superintendent of Police
Ganjam, Chatrapur

**ODISHA POLICE DISTRICT HEAD QUARTER, GANJAM, CHATRAPUR**

Address: Superintendent of Police, Ganjam, Chatrapur
Contact No. 06811263366
E-mail: spgjm.orpol@nic.in
No. 3151/R.O. Date: 26.12.21

**TENDER CALL NOTICE FOR HIRING OF VEHICLES FOR NH PATROLLING**

Sealed tenders are invited from reputed travel agencies/ tour operators or private individuals for hiring of commercial light vehicles on monthly basis. Details regarding eligibility criteria, terms & conditions and the formats of submssion of tender (Technical & Financial Bid) are mentioned in the tender document which may be downloaded from the **ganjam.nic.in** website. Interested agencies may submit their tenders in a sealed envelope with superscribing on the top of the sealed envelopes as "Tender for Hiring of Vehicles for NH patrol on monthly basis to Supdt. of Police, **Ganjam**.

The tender should reach the office of the undersigned by **02.01.2022** (till 5.30 P.M.). The tenders will be opened on **04.01.2022 at DPO, Ganjam** for finalization of Technical Bid. The Financial bid will be opened on **05.01.2022 at DPO, Ganjam**. The undersigned reserves the right to reject any or all the tenders without assigning any reason thereof.

Sd./- Superintendent of Police
Ganjam, Chatrapur

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR**
E-mail ID: eerbngpur@yahoo.com, Tel & Fax- 06858-222833 (O)

**e-Procurement Notice**

**Bid Identification No. S.E (R&B)-22/2021-22/NGP**

No. 5289 Date. 22.12.2021

**No. B-902:-** Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e **www.tendersodisha.gov.in**.

1. Name of the Work : Civil Construction Work as mentioned in DTCN
2. No. of Work : 01 No.
3. Estimated Cost : Rs.68.86 Lakhs
4. Period of completion : 8 Calendar Months.
5. Date & Time of Bidding : From 11.00 hours of 29.12.2021 upto 16.00 hours of 12.01.2022.
6. Last date & time for receipt of bids in portal : 16.00 hours of 12.01.2022.
7. Bids received online shall be opened on : 11.00 hours of 13.01.2022.
8. Name and address of the officer inviting Bid : Superintending Engineer, Nabarangpur(R&B) Division, Nabarangpur

Further details can be seen from the **www.tendersodisha.gov.in**

Sd./- Superintending Engineer, Nabarangpur (R&B) Division
OIPR-34143/11/0012/2122

**GOVERNMENT OF ODISHA** No.O-1544
**OFFICE OF THE SUPERINTENDING ENGINEER RURAL WORKS DIVISION, KORAPUT**
Email: eerwkoraput@yahoo.com; Phone: 06852-251263
**e-Procurement for Road Works**
**Bid Identification No.: SERWKPT - Online - 20/2021-22**

Letter No. 6979 Date: 24.12.2021

01. Name of the work : **Road works in the Dist. of Koraput for the year 2021-22**
02. Total Number of works : **01 (ONE) No.**
03. Approximate Estimated cost : **Rs.13.27 lakhs (Approximately)**
04. Class of Contractor : **"D" & "C" Class**
05. Period of Completion : **Within 3 months**
06. Other Details :

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Koraput | Online Tender/20/ SERWD-KPT/2021-22 | 27.12.2021 at 11.00 A.M. | 03.01.2022 upto 5.30 P.M. |

Further details can be seen from the website **www.tendersodisha.gov.in/nicgep/app**.

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B.: Any Addendum or Corrigendum will be available in the Website only.

Sd./- Superintending Engineer, Rural Works Division, Koraput
OIPR-25088/11/0017/2122

GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH**
**WORKS DEPARTMENT**
**Tender Call Notice**
E-mail: pwdoffngd34@gmail.com
**Bid Identification No.**
**S.E.-Nayagarh (R&B) Division-Online 07/2021-22**

No. B-903:- The **Superintending Engineer, Nayagarh (R&B) Division, Nayagarh** on behalf of Governor of Odisha inviting percentage rate bid in Double/Single cover system in ONLINE MODE from eligible contractors for construction of Building & Road works as detailed in the table below:

1. Nature of Work : Building Works
2. No. of Work : 8 Nos.
3. Tender Cost : To be remitted online through a process as mentioned in DTCN.
4. Class of Contractor : As mentioned in DTCN
5. Available of Bid document in the Website : From **Dt. 28.12.2021, 10.00 AM to Dt.10.01.2022 upto 05.00 PM**
6. Date of opening of Bid : **Dt.11.01.2022 at 11.00 AM**
7. **The Bidders have to participate in ONLINE bidding only.** Further details can be seen from the Website: https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

OIPR-34138/11/0015/2122
Sd./- Superintending Engineer, Nayagarh (R&B) Division, Nayagarh

**ODISHA SCHOOL EDUCATION PROGRAMME AUTHORITY**
"SHIKSHA SOUDHA", UNIT-V, BHUBANESWAR-751001
Phone-0674-2395325, FAX-2392721,
Website: osepa.odisha.gov.in, E mail: opepaedu@yahoo.co.in

**NOTICE INVITING TENDER (NIT)**

Bid Reference No.12684/PED/2021 Dated 24/12/2021
M (MK)-454/18

**No. n-79:-** Odisha School Education Programme Authority (OSEPA), a Society under administrative control of School and Mass Education Department, Govt. of Odisha invites online Bids through e-Tender portal (https://tenderodisha.gov.in) from eligible bidders for Procurement of "Teaching Learning Material on Mathematics" as per the particulars mentioned below.

| Sl. No. | Particulars | Date and time |
|---|---|---|
| 1 | Date & time of release of bid | 12.30 PM of 29.12.2021 |
| 2 | Date & time of Online bid submission | Upto 11 AM of 20.01.2022 |
| 3 | Cost of tender paper/ Bid processing fee (Non-refundable) | Rs.5,000/- (on-line) |
| 4 | EMD/Bid security | Not asked for (Only declaration to be submitted) |
| 5 | Date and time of Pre Bid meeting | 11.30 AM of 10.01.2022 |
| 6 | Date & time of online Technical bid opening | 12 Noon of 20.01.2022 |
| 7 | Last date and time for submission of Sample | Upto 11 AM of 20.01.2022 (**off-line mode** through post/courier **only** to be received by issue/despatch section of OSEPA in all working days excluding Sundays and Government holidays) |
| 8 | Date of opening of Financial Bid | To be informed to the technically qualified bidders. |

The bid document with all information relating to the bidding process including cost of bid document, prequalification criteria and terms & conditions etc are available in the websites: **osepa.odisha.gov.in** and **https://tendersodisha.gov.in**. Corrigendum/ addendum, if required, will be uploaded in the above website. Hence potential bidders are requested to be in continuous touch with the above website. The Tender Inviting Authority i.e. OSEPA reserves the righ to accept/reject any/all bids / cancel the entire selection process at any stage without assigning any reason thereof. No claim, whatssoever, shall be admissible for the alleged loss/damage suffered by the bidders on account of such rejections.

OIPR-27005/11/0012/2122
Sd./- State Project Director

**OFFICE OF THE SORO MUNICIPALITY, SORO, BALASORE**

No. 5862 Date: 24.12.2021

**"e" Procurement Notice**

**BID Identification No. SOROM_10_2021_22**

No. C-1690: Bid documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. **www.tendersodisha.gov.in**.

1. Name of the Work : Construction of Civil work as mentioned in DTCN.
2. No. of Works : 06 Nos.
3. Estimated Cost : As per Work List
4. Period of Completion : 60-90 days
5. Date & time of availability of Bid documents in the portal : 27.12.21 at 3.00 P.M. to 05.01.22 upto 5.00 P.M.
6. Last date & time for receipt of bids in the portal : 05.01.22 upto 05.00 P.M.
7. Original Bid Submission at Municipality Office : 06.01.22 upto 1.00 P.M.
8. Bids received online shall be opened on : 06.01.22 at 3.00 P.M.
9. Name and address of the Officer Inviting Bid : Executive Officer, Soro Municipality

Further details can be seen from the procurement portal i.e. **www.tendersorissa.gov.in** and Soro Municipality portal i.e. **www.soromunicipality.in**.

Sd./- Executive Officer, Soro Municipality
OIPR-13166/11/0009/2122

**ତହସିଲ କାର୍ଯ୍ୟାଳୟ, ଡେରାବିଶ**

**ଲଘୁ ଖଣିଜ ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ସଂକ୍ଷିପ୍ତ ଇସ୍ତାହାର**

ବିଜ୍ଞାପନ ସଂଖ୍ୟା: ୨୬୮୦ ତାରିଖ: ୨୨।୧୨।୨୦୨୧

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଡେରାବିଶ ତହସିଲ ଅନ୍ତର୍ଗତ ବସୁପୁର ମୌଜାରେ ଅବସ୍ଥିତ ''ବସୁପୁର ଲୁଣା ନଦୀ ବାଲି ସଇରାତ ଉତ୍ସ''ଟିକୁ ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୧-୨୨ ଆର୍ଥିକ ବର୍ଷଠାରୁ ୨୦୨୪-୨୫ ଆର୍ଥିକବର୍ଷ ପର୍ଯ୍ୟନ୍ତ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଦରଖାସ୍ତକୁ ଜଉମୁଦ ଲଫାପାରେ ରେଜେଷ୍ଟ୍ରି ଡାକ/ସ୍ପିଡ୍ ପୋଷ୍ଟ ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ ଟେଣ୍ଡର ବାକ୍ସରେ ତା୨୨।୧୨।୨୦୨୧ରିଖ ପୂର୍ବାହ୍ନ ୧୦ଘଟିକାଠାରୁ ତା୧୧।୦୧।୨୦୨୨ରିଖ ଅପରାହ୍ନ ୫.୩୦ ଘଟିକା ସୁଦ୍ଧା ଯେ କୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ସମୟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ। ବିସ୍ତୃତ ବିଜ୍ଞାପନ ଜିଲ୍ଲା ୱେବ୍‌ସାଇଟ୍ **www.kendrapara.nic.in**ରେ ଉପଲବ୍ଧ।

ଠିକଣା:
ତହସିଲଦାରଙ୍କ କାର୍ଯ୍ୟାଳୟ, ଡେରାବିଶ
ଗ୍ରାମ/ପୋଷ୍ଟ: ଚାଟରାଚକଡ଼ା, ଥାନା: ଡେରାବିଶ
ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା – ୭୫୪୨୮୯

ସ୍ୱା./– ତହସିଲଦାର ତଥା
କ୍ଷମତାପ୍ରାପ୍ତ ଅଧିକାରୀ, ଡେରାବିଶ

No. B-905

**OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in; cebuildings@rediffmail.com, Tel. -(0674)- 2391523

**INVITATIONS FOR BIDS (IFB)**

File No-B-II-Rev.-A.E.-Jajpur-100/2018(Pt.) Lr. No.- 48976 Dt.21st Dec. 2021

**Invitation for Bids**

**Bid Identification No. OSD C.E. (B) – 27 / 2021-22**

| | | | |
|---|---|---|---|
| 1. | **The OSD Chief Engineer (Buildings), Odisha, Bhubaneswar on behalf of Governor of Odisha, invites percentage rate bids in double cover system in ONLINE MODE only, for the work "Site Development for Construction of Prasasan Bhawan at Jajpur in the District of Jajpur for the year 2021-22 (Balance Work)" amounting Rs.16,00,00,000/- (Approximate) as detailed below.** | | |
| 2. | Nature of Work | :- | **Site Development for Building works** |
| 3. | No. of work | :- | **01 No.** |
| 4. | Bid Cost | :- | **₹ 10,000/-** |
| 5. | Class of Contractor | :- | **Super Class** |
| 6. | Availability of Bid Documents in the website | :- | **From dt. 29.12.2021 to 17.00 hours of dt.15.01.2022** |
| 7. | Date of opening of Bid | :- | **Dt. 17.01.2022 at 11:30 AM.** |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/ corrigendum/cancellation of tender can also be seen in the said website only. | | |

Sd./- OSD Chief Engineer (Buildings), Odisha, Bhubaneswar
OIPR-34117/11/0096/2122

# ହାତରୁ ଖସିଲେ ଅଣାୟତ୍ତ

ଡିସେମ୍ବର ୧୭ରୁ ୧୯ ତାରିଖ ତିନିଦିନ ଧରି ଉତ୍ତରାଖଣ୍ଡର ହରିଦ୍ୱାରରେ ଧର୍ମ ସଂସଦ ଅନୁଷ୍ଠିତ ହୋଇଥିଲା। ସେଥିରେ ୫୦ ସାଧୁ ଯୋଗଦେଇ ସଂଖ୍ୟାଲଘୁଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ଏପରି କି ୨୦ ଲକ୍ଷ ମୁସଲମାନଙ୍କୁ ହତ୍ୟା କରାଯିବା ଲାଗି ୨୦୦ ଲୋକଙ୍କୁ ଖୋଜାଚାଲିଛି ବୋଲି ଦିଆଯାଇଥିବା ଭିଡିଓ ବାର୍ତ୍ତା ଦେଶବାସୀଙ୍କୁ ଚିନ୍ତିତ କରିବା କଥା। ହେଲେ କିଛି ଦିନ ବିତିଯାଇଥିଲେ ମଧ୍ୟ ଏହି ବିଷୟରେ ତଥାକଥିତ ଜାତୀୟ ଗଣମାଧ୍ୟମରେ ଆଦୌ ଆଲୋଚନା ହେଉନାହିଁ କହିଲେ ଚଳେ।

ଭାରତୀୟ ସମ୍ବିଧାନରେ ପ୍ରତ୍ୟେକ ନାଗରିକଙ୍କୁ ତା'ର ନିଜସ୍ୱ ଧର୍ମ ପାଳନର ଅଧିକାର ଦିଆଯାଇଛି। ଏହି ଅଧିକାରକୁ କୌଣସି ରାଜନୈତିକ ଦଳର ଧର୍ମନିରପେକ୍ଷତା ସହ ଯୋଡ଼ିବା ଅନୁଚିତ। ସମ୍ବିଧାନ ଲେଖକଙ୍କ ଉଦ୍ଦେଶ୍ୟ ଥିଲା ଯେ, ସରକାରୀ କାର୍ଯ୍ୟରେ ଧର୍ମର କୌଣସି ପ୍ରଭାବ ରହିବା ଉଚିତ ନୁହେଁ। ପ୍ରତ୍ୟେକ ନାଗରିକ ଦେଶର ସରକାର ସମ୍ମୁଖରେ ସମାନ ଅଧିକାର ପାଇବା କଥା। ଏବେ ଏକ ବିଚିତ୍ର ଚିନ୍ତାଧାରା ମାଧ୍ୟମରେ ପ୍ରଚାର କରାଯାଉଛି ଯେ, ଗଣତନ୍ତ୍ରର ଅର୍ଥ ହେଉଛି କେବଳ ମାତ୍ର ୫ ବର୍ଷରେ ଥରେ ଭୋଟ୍ ଦେବା। ଯଦି କୌଣସି ରାଜନୈତିକ ଦଳ ଅଧିକ ସଂଖ୍ୟକ ଆସନ ଗୃହରେ ଜିଣି ସରକାର ଗଢ଼ିଲା, ତେବେ ତାହାର ୫ ବର୍ଷର ଆୟୁଷ ସମୟକାଳ ମଧ୍ୟରେ ଯାହା କିଛି ଇଚ୍ଛା ତାହା ସେହି ସରକାର କରିପାରିବ। ତାହାର କୌଣସି ନୀତି, ନିୟମ, ଆଇନ କିମ୍ବା କାର୍ଯ୍ୟକ୍ରମକୁ କେହି ପ୍ରଶ୍ନ କରିପାରିବେ ନାହିଁ ବୋଲି ଏହି ପ୍ରଚାର ମାଧ୍ୟମରେ କୁହାଯାଉଛି। ଏଭଳି ମାନସିକତା ଦର୍ଶାଉଛି ଯେ, ନାଗରିକର ମଙ୍ଗଳ ଗୌଣ ହୋଇଯାଉଥିବା ବେଳେ ଭୋଟ୍‌ରେ ଜିଣିବା ସବୁଠାରୁ ଅଧିକ ଗୁରୁତ୍ୱ ରଖୁଛି।

ହରିଦ୍ୱାରରେ ସନ୍ଥମାନଙ୍କ ଦ୍ୱାରା ଉଗ୍ର ହିନ୍ଦୁତ୍ୱ ଚିନ୍ତାଧାରା ପ୍ରଚାର କରିବା ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହାଦ୍ୱାରା 'ନୂତନ ଭାରତ'ର ଏକ ଚିନ୍ତାଧାରା ନିଜର ଶକ୍ତି ପରୀକ୍ଷା କରିବାକୁ ଚେଷ୍ଟା କରୁଛି। ହିନ୍ଦୁ ଧର୍ମରେ ବିଶ୍ୱାସ କରୁଥିବା ଅନେକ ନାଗରିକ ଏହାକୁ ତ୍ରୁଟିପୂର୍ଣ୍ଣ ଚିନ୍ତା ବୋଲି ଭାବିବା ପରିବର୍ତ୍ତେ ସମର୍ଥନ କରିପାରନ୍ତି। ଅଧିକାଂଶ ଭାରତୀୟ ଏହି ବାର୍ତ୍ତା ସମ୍ପର୍କରେ ଭାବି ନ ଥାଇପାରନ୍ତି। ମନେ ରଖିବାକୁ ହେବ ଯେ, ସଂଖ୍ୟାଧିକ ଧର୍ମାବଲମ୍ବୀ ଭାବିକରି ନିଜକୁ ସୁରକ୍ଷିତ ଦେଖିବା ବିପଜ୍ଜନକ ହୋଇପାରେ। କାରଣ ଯଦି ୨୦୦ ହିନ୍ଦୁ ୨୦ ଲକ୍ଷ ମୁସଲମାନଙ୍କୁ ମାରିବାକୁ ଲକ୍ଷ୍ୟ କରନ୍ତି, ତା'ହେଲେ ତାହାର କୌଣସି ଅନ୍ତର୍ଜାତୀୟ ପ୍ରତିକ୍ରିୟା ହେବ ନାହିଁ ବୋଲି କହିବା କଷ୍ଟକର। ଏହା ମଧ୍ୟ ମନେରଖିବାକୁ ହେବ ଯେ, ଭାରତର ଚାରିପଟକୁ ଘେରି ରହିଥିବା ଦେଶଗୁଡ଼ିକ ଭାରତବିରୋଧୀ। ଚାଇନା ତିଆରି ବନ୍ଧୁକ, ଗୋଳାବାରୁଦ କେବଳ ଉତ୍ତର ପୂର୍ବାଞ୍ଚଳର ଉଗ୍ରବାଦୀଙ୍କ ପାଖରେ ସୀମିତ ରହିନାହିଁ। ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରରେ ଥିବା ମାଓବାଦୀଙ୍କ ପାଖରୁ ମଧ୍ୟ ଚାଇନା ତିଆରି ବନ୍ଧୁକ ଜବତ ହୋଇଛି। ଏଥିରୁ ସହଜରେ ବୁଝିହେବ ଯେ, ଭାରତର ଆଭ୍ୟନ୍ତରୀଣ ସ୍ଥିତିକୁ ହିନ୍ଦୁତ୍ୱବାଦ ନାମରେ ଅସ୍ଥିର କଲେ ତାହାର ପରିଣାମ ସହଜରେ ଆକଳନ କରିହେବ ନାହିଁ। ଓଡ଼ିଆରେ ଢଗ ଅଛି– 'ହାତରୁ ଖସିଲେ ଅଣାୟତ୍ତ'। ହିନ୍ଦୁ ଧର୍ମ ନାମରେ ରାଜନୀତି କରିବାକୁ ଇଚ୍ଛୁକ ବ୍ୟକ୍ତିବିଶେଷ ସମଗ୍ର ହିନ୍ଦୁ ସମାଜର ପ୍ରତିନିଧିତ୍ୱ କରୁଛନ୍ତି ବୋଲି କହିବା ସମୀଚୀନ ନୁହେଁ। ଗଣହତ୍ୟା କରିବାର ମାରାତ୍ମକ ଡାକରାକୁ ସମର୍ଥନ କରୁଥିବା ଲୋକ ବୁଝିବା ଦରକାର ଯେ, ପ୍ରତ୍ୟେକ ନାଗରିକ କୌଣସି ନା କୌଣସି ସମୟରେ ଏକାକୀ ରହିଥାଏ। ସେହି ବ୍ୟକ୍ତିର ଧର୍ମ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ବା ଅନ୍ୟ କିଛି ହୋଇଥିଲେ ମଧ୍ୟ ତାହାର ଏକୁଟିଆ ଅବସ୍ଥା ତାକୁ ଅସୁରକ୍ଷିତ କରିଦିଏ।

ଦିଲ୍ଲୀ ଦଙ୍ଗାରେ ମୁସଲମାନଙ୍କ ଉପରେ ଆକ୍ରମଣକାରୀମାନେ ପୋଲିସର ସକ୍ରିୟ ସହଯୋଗ ପାଇଥିବାର ଅନେକ ଦୃଷ୍ଟାନ୍ତ ଟେଲିଭିଜନ ଓ ସୋସିଆଲ ମିଡିଆ ମାଧ୍ୟମରେ ଦେଖିବାକୁ ମିଳିଥିଲା। ତେବେ ସେଭଳି ସ୍ଥିତି ଦେଶବ୍ୟାପୀ ରହିବ ବୋଲି ଚିନ୍ତା କରିବା ମଧ୍ୟ ଉଚିତ ନୁହେଁ। ଯେଉଁମାନେ ଗଣହତ୍ୟାର ଡାକରା ଦେଉଛନ୍ତି, ସେମାନେ ପ୍ରତ୍ୟେକ ହିନ୍ଦୁ ପରିବାରକୁ ସୁରକ୍ଷା ଦେଇପାରିବେ ବୋଲି ପ୍ରତିଶ୍ରୁତି ଦେବା ଅସମ୍ଭବ। ଅର୍ଥାତ୍ ଏକ ଜନସଂଖ୍ୟାବହୁଳ ରାଷ୍ଟ୍ରରେ ଭୋଟ୍ ଜିଣିବା ପାଇଁ ଏଭଳି ବିକୃତ ଡାକରା ଦେଇ ଗୃହଯୁଦ୍ଧ ଆରମ୍ଭ କରିବାର ଅଧିକାର କୌଣସି ରାଜନୈତିକ ଦଳ, ଧର୍ମଗୁରୁ କିମ୍ବା ପ୍ରଶାସନିକ ଅଧିକାରୀଙ୍କ ନାହିଁ।

# ସଙ୍କଟରେ ଭାରତର ଗଣତନ୍ତ୍ର



କିଶୋର ଜେନା

ଏକ ସ୍ୱଚ୍ଛ ଓ ସ୍ୱାଧୀନ ନିର୍ବାଚନ ପ୍ରକ୍ରିୟା, ଏକ ସ୍ୱାଧୀନ ବିଚାର ବିଭାଗ, ଶକ୍ତିଶାଳୀ ବିରୋଧୀ ଦଳ, ବାଦ-ପ୍ରତିବାଦ ମୁଖର ଏକ ସଂସଦ, ଅପେକ୍ଷାକୃତ ସ୍ୱାଧୀନ ଗଣମାଧ୍ୟମ ଏବଂ ରାଜନୀତିଠାରୁ ଦୂରରେ ଥିବା ଏକ ସୈନ୍ୟବାହିନୀ ଏହିସବୁ ମିଶି ଭାରତୀୟ ଗଣତନ୍ତ୍ର। ୧୯୫୦ରୁ ଭାରତ ତା'ର ସମ୍ବିଧାନ ଗ୍ରହଣ କରିବା ପରଠାରୁ ଏହା ହିଁ ସମସ୍ତେ ଜାଣିଆସିଛନ୍ତି। ବିକାଶଶୀଳ ବିଶ୍ୱରେ ଭାରତ ସେହି ଗଣତାନ୍ତ୍ରିକ ଦେଶ ରୂପେ ଦଣ୍ଡାୟମାନ, ଯେଉଁଠି କାର୍ଯ୍ୟନିର୍ବାହୀ ବିଭାଗ, ଆଇନ ପ୍ରଣୟନ ସଭା ଓ ବିଚାର ବିଭାଗର କାର୍ଯ୍ୟ ପରିଚାଳନାରେ ମୂଳଭିତ୍ତି ହେଉଛି ସମ୍ବିଧାନ। କିନ୍ତୁ ସେହି ଅର୍ଜନ ଯେ କେତେ ଭଙ୍ଗୁର, ସମ୍ବିଧାନ ଉପରେ ଲୋକଙ୍କ ଆସ୍ଥା ବିଲୀନ ହେବାର ପରିସ୍ଥିତି ଯେ କେତେ ଗୁରୁତର, ତାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାରତୀୟ ଜନତା ପାର୍ଟି ( ଭାଜପା) ସରକାର ଏହାର ୭ ବର୍ଷର ଶାସନକାଳରେ ଆରମ୍ଭର ୩-୪ ବର୍ଷ ମଧ୍ୟରେ ଭାରତବାସୀଙ୍କୁ ବୁଝାଇଦେଇଛି।

ଭାରତର ଅତ୍ୟନ୍ତ ସୁନ୍ଦର ବିକେନ୍ଦ୍ରୀକୃତ ପ୍ରଶାସନିକ ବ୍ୟବସ୍ଥା ଅନୁଯାୟୀ ଗୋଟିଏ ଗୋଟିଏ ରାଜ୍ୟର ନିର୍ବାଚିତ ଯେଉଁ ଦଳ ବା ମେଣ୍ଟ ସଂଖ୍ୟାଗରିଷ୍ଠ ଆସନ ଲାଭ କରେ, ସେହି ଦଳ ବା ମେଣ୍ଟର ନେତା ମୁଖ୍ୟମନ୍ତ୍ରୀ ରୂପେ ରାଜ୍ୟ ଶାସନ କରନ୍ତି। ଏହା ସହ ପ୍ରତ୍ୟେକ ରାଜ୍ୟରେ ଜଣେ ଜଣେ ରାଜ୍ୟପାଳ ବା ଗଭର୍ନର ଥାଆନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଏହା ଏକ ଆନୁଷ୍ଠାନିକ, ନିରପେକ୍ଷ ଓ ସାମ୍ବିଧାନିକ ପଦ। କିନ୍ତୁ ଏହି ପଦକୁ ପ୍ରାୟ ପ୍ରତ୍ୟେକ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରିବାକୁ ଚେଷ୍ଟା କରିଥାଆନ୍ତି। କର୍ନାଟକ କଥା ଧରାଯାଉ, ବେଶ୍ କେତେବର୍ଷ ଧରି ଏ ଧରଣର ଚେଷ୍ଟା ରାଜ୍ୟପାଳଙ୍କର କାର୍ଯ୍ୟାଳୟର ନିରପେକ୍ଷତାକୁ ସ୍ପଷ୍ଟତଃ କ୍ଷୁଣ୍ଣ କରିଛି। ସେଠାରେ ଭାଜପା ବିରୋଧୀ ମେଣ୍ଟ ବେଶି ଆସନ ଜିତିଥିଲା। କିନ୍ତୁ ସେଠାର ରାଜ୍ୟପାଳ ରଜୁଭାଇ ଭାଲା ଭାଜପା ବିରୋଧୀ ମେଣ୍ଟକୁ ସରକାର ଗଠନ ପାଇଁ ନ ଡାକି ସଂଖ୍ୟାଲଘୁ ଭାଜପାକୁ ସରକାର ଗଠନର ଆମନ୍ତ୍ରଣ ଜଣାଇଥିଲେ। ଅନୁରୂପ ଘଟଣା ମଧ୍ୟ ମହାରାଷ୍ଟ୍ରରେ ଘଟିଥିଲା। ଭାଜପା ବିରୋଧୀ ସଂଖ୍ୟାଗରିଷ୍ଠ କଂଗ୍ରେସ, ଏନସିପି ଓ ଶିବସେନା ମେଣ୍ଟକୁ ନ ଡାକି ଭାଜପାକୁ କ୍ଷମତାରେ ବସାଇଥିଲେ। କିନ୍ତୁ ଗଣତନ୍ତ୍ରର ମୌଳିକ ଭିତ୍ତିକୁ ଟେକିରଖିବା ପାଇଁ ଅବଶେଷରେ ଭାରତର ସୁପ୍ରିମ କୋର୍ଟ ଏହି ଘଟଣାଗୁଡ଼ିକରେ ସଂଖ୍ୟାଗରିଷ୍ଠ ସଭ୍ୟ ସମର୍ଥନ ଥିବା ମେଣ୍ଟକୁ ସରକାର ଗଠନ କରିବାକୁ ଆଦେଶ ଦେବାରୁ ବିରୋଧୀ ମେଣ୍ଟ ସରକାର ଗଠନ କରିବାର ସୁଯୋଗ ପାଇଲେ।

ସଂସଦରେ ମଧ୍ୟ ଠିକ୍ ସମାନ ଧାରାରେ ଅବକ୍ଷୟ ଦେଖାଯାଉଛି। ୨୦୧୮ରେ ବିରୋଧୀ ନେତାମାନେ ବେଶ୍ କେଇଥର ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। କିନ୍ତୁ ଲୋକ ସଭାର ଭାଜପା ମନୋନୀତ ବାଚସ୍ପତି ଏକ ମାସରୁ ବେଶି ସମୟ ଧରି ବିରୋଧୀ ଦଳଗୁଡ଼ିକର ଅନାସ୍ଥା ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରି ଚାଲିଥିଲେ। ଭାରତବର୍ଷର ବାର୍ଷିକ ବଜେଟ ଯଦିଓ ଦେଶର ସମ୍ପୂର୍ଣ୍ଣ ଅର୍ଥନୀତି ନୁହେଁ, ବରଂ ଅଂଶବିଶେଷ, ତଥାପି ଏହି ବଜେଟର ଏକ ବିଶାଳ ପ୍ରଭାବ ରହିଛି। ବଜେଟ ପ୍ରସ୍ତାବ ପେଶ୍ ହେବାପରେ ଆଇନ ପ୍ରଣୟନ ସଭା କେତେ ସପ୍ତାହ ଧରି ସ୍ୱାସ୍ଥ୍ୟ, ଶିକ୍ଷା ବା ଏହି ଧରଣର ବିଭିନ୍ନ ବାବଦରେ ବ୍ୟୟ ବରାଦ ନେଇ ଆଲୋଚନା କରନ୍ତି। ଯଦି ଦେଖାଯାଏ ଯେ ବଜେଟ ଅଧିବେଶନ ଶେଷ ହୋଇଯାଇଛି ଏବଂ କିଛି ବରାଦ ଅନୁମୋଦନ କରିବାକୁ ବାକି ଅଛି, ତେବେ ଗୃହୀତ ହୋଇଥିବା ବରାଦକୁ ଏକାଠି କରି ଅନୁମୋଦନ କରାଯିବ କି ନାହିଁ, ତାହା ଠିକ୍ କରିବାକୁ ଭୋଟ ନିଆଯାଏ। ଏହି ଭୋଟ ପ୍ରକ୍ରିୟାକୁ ଗିଲୋଟିନ୍ କୁହାଯାଏ। ତେବେ ମୋଦିଙ୍କ ଶାସନ ଅମଳରେ ବଜେଟ ଅଧିବେଶନ ଶେଷ ହେବାର ଦୁଇ ତିନି ସପ୍ତାହ ପୂର୍ବରୁ ପ୍ରାୟ ଗତ କେଇ ବର୍ଷ ହେବ ଗିଲୋଟିନ୍ ଦ୍ୱାରା ବରାଦକୁ ଅନୁମୋଦନ କରାଯାଉଛି। ଯଦିଓ ବିଭିନ୍ନ ଖାତାରେ ବରାଦ ସମ୍ପର୍କରେ ସାଂସଦମାନେ ଆଲୋଚନା କରିବାକୁ ଚାହୁଁଥିଲେ ମଧ୍ୟ ଆଲୋଚନା ଓ ସମାଲୋଚନାର ସୁଯୋଗରୁ ଏମାନଙ୍କୁ ବଞ୍ଚିତ କରାଯାଉଛି। କାରଣ ସରକାର ସମାଲୋଚନା ଚାହାନ୍ତି ନାହିଁ।

ସମ୍ପ୍ରତି ତିନି ନୂଆ କୃଷି ଆଇନର କଥା ଧରାଯାଉ। ଏହା ପ୍ରଣୟନ ଓ ରଦ୍ଦ ହେଲା ବିନା ଆଲୋଚନାରେ। ସେହିଭଳି ଶ୍ରମ କୋଡ୍ ବିଲ୍ ମଧ୍ୟ ପାରିତ ହୋଇଗଲା। ଗତ ମୌସୁମୀ ଅଧିବେଶନରେ ଯେପରି ଭାବେ ବୀମା ଘରୋଇକରଣ ବିଲ୍‌କୁ ବିନା ଆଲୋଚନାରେ ଓ ବିରୋଧୀ ସଦସ୍ୟମାନେ ଏହି ବିଲ୍ ଉପରେ ସମ୍ବିଧାନ ଓ ସଂସଦୀୟ ବ୍ୟବସ୍ଥା ଅନୁଯାୟୀ ଡିଭିଜନ ଭୋଟ ଦାବି କଲାବେଳେ ଏମାନଙ୍କ ଦାବିକୁ ଗ୍ରହଣ କରାଗଲା ନାହିଁ ଓ ଧ୍ୱନି ମଧ୍ୟରେ ପାରିତ କରିନିଆଗଲା। ଏଭଳି କାର୍ଯ୍ୟକୁ ବିରୋଧ କରି ପ୍ରତିବାଦ କରିବାରୁ ୧୨ଜଣ ସଦସ୍ୟଙ୍କୁ ରାଜ୍ୟ ସଭାରୁ ବାହାର କରି ଦିଆଗଲା ଏବଂ ଏହା ପରେ ପରେ ରାଜ୍ୟ ସଭାକୁ ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଗଲା। ଏବେ ଶୀତକାଳୀନ ଅଧିବେଶନରେ ଏହି ୧୨ଜଣ ସଦସ୍ୟଙ୍କୁ ପୂରା ଅଧିବେଶନ ପାଇଁ ନିଲମ୍ବିତ କରାଗଲା। ଭାରତବର୍ଷର ସଂସଦରେ ପୂର୍ବ ଅଧିବେଶନର କାର୍ଯ୍ୟ ପାଇଁ ପର ଅଧିବେଶନରେ ନିଲମ୍ବନ କରାଯିବା ଉଦ୍ଦେଶ୍ୟ ହେଉଛି ବ୍ୟାଙ୍କ ଘରୋଇକରଣ ପରି ଅର୍ଥବିଲ୍‌କୁ ରାଜ୍ୟ ସଭାରେ ବିରୋଧୀମାନେ ସଂଖ୍ୟାଗରିଷ୍ଠ ଥିବାରୁ ଏମାନଙ୍କୁ ସଂଖ୍ୟାଲଘୁ କରାଇ ଯେନତେନ ପ୍ରକାରରେ ପାରିତ କରାଇନେବା।

ମୋଦିସରକାର ସ୍ୱାଧୀନ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ନିଜର ଆଜ୍ଞାବହ କରିବାରେ ଯେଉଁ ଅଭିଳାଷ ଚରିତାର୍ଥ କରିଛି, ତାହା ମଧ୍ୟ ସୁପ୍ରିମ କୋର୍ଟକୁ ଛାଡ଼ି ନାହିଁ। ଯେଉଁଠି ବର୍ତ୍ତମାନର ମୁଖ୍ୟ ବିଚାରପତିଙ୍କ ପୂର୍ବଜମାନେ ଠିକ୍ କରି ନେଉଥିଲେ କେଉଁ ବିଚାରପତି କେଉଁ ନିର୍ଦ୍ଦିଷ୍ଟ ବିଷୟରେ ରାୟ ଦେବେ। ଏଭଳି ବ୍ୟବସ୍ଥା ବିରୋଧରେ ସୁପ୍ରିମ କୋର୍ଟର ଚାରିଜଣ ବିଚାରପତି ମୁଖ୍ୟ ବିଚାରପତିଙ୍କ ରାୟକୁ ପ୍ରଭାବିତ କରିବା ପାଇଁ ନିର୍ଦ୍ଦିଷ୍ଟ ବିଭାଗ ନିର୍ଦ୍ଦିଷ୍ଟ ମାମଲାକୁ ବିଚାର କରିବାକୁ ଦେଉଛନ୍ତି ବୋଲି ଖୋଲାଖୋଲି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଥିଲେ। ମୋଦି ସରକାରଙ୍କ କଡ଼ା ସମାଲୋଚକ ସୁପ୍ରିମ କୋର୍ଟର ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଏହି ଅଭିଯୋଗ ସମ୍ପର୍କରେ କହିଥିଲେ, ରାଜନୈତିକ ସ୍ପର୍ଶକାତର ବିଷୟଗୁଡ଼ିକୁ ବାଛି ବାଛି ଏଭଳି ଏକ ଖଣ୍ଡପୀଠ ଓ ବିଚାରପତିଙ୍କୁ ଦିଆଯାଉଥିଲା, ଯେଉଁଥିରେ କୌଣସି ଜ୍ୟେଷ୍ଠ ବିଚାରପତି ନ ଥିଲେ। ସେ ଅଭିଯୋଗ କରିଥିଲେ ମୁଖ୍ୟ ବିଚାରପତି ସ୍ପଷ୍ଟ ଭାବେ ସରକାରଙ୍କ ସ୍ୱାର୍ଥ ରକ୍ଷା ପାଇଁ ବିଚାର ବିଭାଗକୁ ବ୍ୟବହାର କରିଛନ୍ତି। ଏଭଳି ପ୍ରକ୍ରିୟା ବର୍ତ୍ତମାନର ମୁଖ୍ୟ ବିଚାରପତିଙ୍କ ପୂର୍ବରୁ ବାରମ୍ବାର ଘଟୁଥିଲା ବୋଲି ଜନସାଧାରଣ ସନ୍ଦେହ କରିଆସୁଥିଲେ।

ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ଅନୁଷ୍ଠାନ ପାଇଁ ଯେଉଁ ନିର୍ବାଚନ କମିଶନ ଏତେଦିନ ଧରି ସମସ୍ତଙ୍କ ଶ୍ରଦ୍ଧାର ପାତ୍ର ଥିଲେ, ତାଙ୍କ ବିରୋଧରେ ମୋଦିଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ନିର୍ବାଚନର ତାରିଖକୁ ଆଗେଇ ନେବାର ଅଭିଯୋଗ ଆସିଥିଲା। ପଶ୍ଚିମବଙ୍ଗ ପରି କେତେକ ରାଜ୍ୟରେ କରୋନା ମହାମାରୀ ସମୟରେ ଆଠ ଦଫାରେ ନିର୍ବାଚନ କରିବା ଏବଂ ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ନିର୍ବାଚନୀ ସଭାରେ କୋଭିଡ୍ କଟକଣା ନ ମାନି ବିପୁଳ ଜନସମାବେଶ କରାଇବାରେ ବାଧା ନ ଦେବା, ଖୋଦ୍ ପ୍ରଧାନମନ୍ତ୍ରୀ ଗତ ସାଧାରଣ ନିର୍ବାଚନ ସମୟରେ ଖୋଲାଖୋଲି ନିର୍ବାଚନୀ ଆଚରଣବିଧିକୁ ଉଲ୍ଲଂଘନ କରିଥିଲେ ମଧ୍ୟ ସେଥିପ୍ରତି ଆଖି ବୁଜିଦେବା, ଏହାର ବିରୋଧ କରିଥିବା ଜଣେ କମିଶନ ସଦସ୍ୟଙ୍କୁ କମିଶନରୁ ବିଦା କରିଦେବା ଇତ୍ୟାଦି ବହୁ ଘଟଣା ନିର୍ବାଚନ କମିଶନ ମୋଦି ସରକାରଙ୍କ ସଖୀ କଣ୍ଢେଇରେ ପରିଣତ ହୋଇଛି। ଏହି ମୁହୂର୍ତ୍ତରେ ଭାରତରେ ହାତଗଣତି ଗୋଟିଏ ଦୁଇଟି ଛଡ଼ା ସବୁ ଗଣମାଧ୍ୟମ ମୋଦି ଏବଂ ତାଙ୍କ ରାଜନୀତିର ଗୋଡ଼ାଣିଆ ହୋଇଛି। ଯେଉଁ ଗଣମାଧ୍ୟମ ସତ୍ୟ ଘଟଣାଗୁଡ଼ିକ ପ୍ରକାଶ କରୁଛନ୍ତି ବା ମୋଦି ସରକାରଙ୍କ ନୀତିର ସମାଲୋଚନା କରୁଛନ୍ତି, ସେମାନଙ୍କ ଉପରେ ବିଭିନ୍ନ ପ୍ରକାରରେ ଆକ୍ରମଣ କରାଯାଇ ମୁହଁ ବନ୍ଦ କରାଯାଉଛି। ପ୍ରାୟ ସମସ୍ତ ଗଣମାଧ୍ୟମକୁ ବାଧ୍ୟ କରାଯାଉଛି ସରକାରଙ୍କ ପକ୍ଷରେ ରିପୋର୍ଟ କରିବାକୁ। ଯେଉଁ ସାମ୍ବାଦିକମାନେ କରୁନାହାନ୍ତି ଏବଂ ନିଚ୍ଛକ ସତକଥା ଲେଖୁଛନ୍ତି, ସେମାନଙ୍କ ମାଲିକଙ୍କ ଉପରେ ଚାପ ପକାଇ ସେମାନଙ୍କୁ କାର୍ଯ୍ୟରୁ ବାହାର କରିଦିଆଯାଉଛି। ପରଞ୍ଜୟ ଗୁହ ଠାକୁରତା, ଅଭିସାର ଶର୍ମା ଓ ଅନ୍ୟ କେତେକଙ୍କୁ ସେମାନଙ୍କ ମାଲିକମାନେ ବାହାର କରିଦେଲେ, ଏହା ପଛରେ ମୋଦି ସରକାରଙ୍କ ଚାପ ଥିଲା। ବିନୋଦ ଦୁଆଙ୍କ ପରି ଖ୍ୟାତନାମା ସାମ୍ବାଦିକଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଦାଏର କରାଯାଇଥିଲା; ଯାହାକୁ ସୁପ୍ରିମ କୋର୍ଟ ଖାରଜ କରିଦେଇ କହିଥିଲେ, ସରକାରଙ୍କ ବିରୋଧରେ ସମାଲୋଚନା କରିବା ଦେଶଦ୍ରୋହ ନୁହେଁ। ୨୦୧୯ ନିର୍ବାଚନର ପ୍ରସ୍ତୁତି ସମୟରେ ମୋଦିଙ୍କ ଜନପ୍ରିୟତା ବହୁ ଭାବରେ କମିଯାଇଥିଲା। କିନ୍ତୁ ଯେଭଳି ଭାବେ ଗଣମାଧ୍ୟମ ତାଙ୍କ ସପକ୍ଷରେ ପୁଲୱାମା ଘଟଣା ନେଇ ପ୍ରଚାର କଲେ, ସେଥିରୁ ସେ ଫାଇଦା ଉଠାଇଲେ। ସମ୍ପ୍ରତି ଦେଶରେ ଚାଲିଥିବା କୃଷକ ଆନ୍ଦୋଳନକୁ ବିଦ୍ରୂପ କରି ବହୁ ଗଣମାଧ୍ୟମ ନାନା ଅପପ୍ରଚାର କରୁଥିଲେ।

ଦେଶର କେନ୍ଦ୍ରୀୟ ବ୍ୟାଙ୍କ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ସ୍ୱାୟତ୍ତତାକୁ କ୍ଷୁଣ୍ଣ କରାଯିବାର ଚାପ ପକାଇ ଅର୍ଥ ନେବା କଥା ସମସ୍ତେ ଜାଣନ୍ତି। ଭାରତର ସମସ୍ତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ମଧ୍ୟ ଅବାରିତ ଭାବେ ହସ୍ତକ୍ଷେପ କରାଯାଉଛି। ଜେଏନ୍‌ୟୁ, ଜାମିଆ ମିଲିଆ, ବିଶ୍ୱଭାରତୀ, ହାଇଦରାବାଦର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ପୁଣେସ୍ଥିତ ଫିଲ୍ମ ଆଣ୍ଡ ଟିଭି ଇନ୍‌ଷ୍ଟିଚ୍ୟୁଟ୍ ଇତ୍ୟାଦିରେ କେନ୍ଦ୍ରୀୟ ହସ୍ତକ୍ଷେପ ବିରୋଧରେ ବାରମ୍ବାର ଛାତ୍ର ଆନ୍ଦୋଳନ ଦେଖାଦେଇଛି। ସାମଗ୍ରିକ ଭାବେ ଦେଖିଲେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର କ୍ଷମତାକୁ ଆସିବା ପରେ ଭାରତବର୍ଷରେ ସାମ୍ବିଧାନିକ ବ୍ୟବସ୍ଥା ଓ ସଂସ୍ଥାଗୁଡ଼ିକ କ୍ରମଶଃ ଅବକ୍ଷୟର ସମ୍ମୁଖୀନ ହେବାରେ ଲାଗିଛନ୍ତି। ଏଭଳି ଆଉ କିଛି ବର୍ଷ ଚାଲିଲେ ସଂସଦୀୟ ଗଣତନ୍ତ୍ରର ଖୋଳପା ମଧ୍ୟରେ ଏକନାୟକତ୍ୱ ପ୍ରକଟିତ ହେବ। ଗଭୀର ସଙ୍କଟ ମଧ୍ୟରେ ଏବେ ଭାରତର ଗଣତନ୍ତ୍ର।


**ଉତ୍କଳମଣି ମାର୍ଗ, ଅପର୍ଣ୍ଣାନଗର,**
**ଚାଉଳିଆଗଞ୍ଜ, କଟକ**
**ମୋ:୯୪୩୭୩୮୪୮୬୭**


# ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ



ଅମୂଲ୍ୟ କୁମାର ପଣ୍ଡା

ବିଶ୍ୱତାପନ କାରଣରୁ ମେରୁ ଅଞ୍ଚଳରେ ଗଚ୍ଛିତ ଗ୍ଲେସିୟର ତରଳିବାରେ ଲାଗିଛି। ଯେଉଁଥିପାଇଁ କେବଳ ପୃଥିବୀର ଜଳଚକ୍ର ପ୍ରଭାବିତ ହେଉଛି ତାହା ନୁହେଁ, ଆଗାମୀ ଦିନ ପାଇଁ ଏକ ବଡ଼ ବିପଦ ଡାକି ଆଣୁଛି ବୋଲି ବୈଜ୍ଞାନିକମାନେ ବିଶ୍ୱବାସୀଙ୍କୁ ସତର୍କ କରାଇ ଦେଇଛନ୍ତି। ବିଶ୍ୱରେ ଶିଳ୍ପ, କଳକାରଖାନା ଓ ଗାଡ଼ିମୋଟର ଚଳାଚଳରୁ ଧୂଆଁ ଓ ଗ୍ରୀନ ହାଉସ ଗ୍ୟାସ ବୃଦ୍ଧି ପାଇ ବାୟୁମଣ୍ଡଳ ପ୍ରଦୂଷିତ ହେବା ସହ ତାପମାତ୍ରା ବୃଦ୍ଧି ପାଉଛି। ଜଙ୍ଗଲକଟା, ଜଙ୍ଗଲ ପୋଡ଼ି ଯୋଗୁ ବାୟୁମଣ୍ଡଳରେ ବ୍ଲାକ କାର୍ବନ 'ଏରୋସୋଲ' ର ବୃଦ୍ଧି ମଧ୍ୟ ତାପମାତ୍ରା ବଢ଼ାଉଛି। ହିମାଳୟ ପର୍ବତମାଳାର ବରଫାବୃତ୍ତ ଶୃଙ୍ଗ ଉପରେ ଏହି ବ୍ଲାକ କାର୍ବନ ଜମିବା ଫଳରେ ତାପମାତ୍ରା ବଢ଼ି ବରଫ ତରଳିବାରେ ଲାଗିଛି। ବୈଜ୍ଞାନିକମାନେ ସତର୍କ କରି ଦେଇଛନ୍ତି ଯେ ଚଳିତ ଶତାବ୍ଦୀର ମଧ୍ୟ ଭାଗ ଆଡ଼କୁ ପୃଥିବୀର ଅନେକ ସ୍ଥଳଭାଗ ବୁଡ଼ିଯିବ। ୨୦୫୦ ବେଳକୁ ଭୂଭାଗ ଆଡ଼କୁ ସମୁଦ୍ର ମାଡ଼ି ଆସିବ। ପୃଥିବୀର ତାପମାତ୍ରା ସେତେବେଳକୁ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିବ। ଗ୍ଲେସିୟର ତରଳି ସମୁଦ୍ର ପତ୍ତନ ବୃଦ୍ଧି ପାଇବ । ରିପୋର୍ଟ ଅନୁଯାୟୀ ଏବେ ବସବାସ କରୁଥିବା ୩୦୦ ମିଲିଅନ ଲୋକଙ୍କ ଘର ବୁଡ଼ିଯିବ। ଏଥିରେ ୬ଟି ଦେଶ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେବେ। ଏଗୁଡ଼ିକ ହେଉଛନ୍ତି ଚାଇନା, ବାଂଲାଦେଶ, ଭାରତ, ଭିଏତ୍‌ନାମ, ଇଣ୍ଡୋନେସିଆ ଓ ଥାଇଲାଣ୍ଡ। ଭାରତର ସ୍ଥାନ ୩ ନମ୍ବରରେ ରହିଛି। ଏହି ରିପୋର୍ଟ ମୁତାବକ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ପ୍ରଭାବିତ ହେବ। ବାଲେଶ୍ୱର, ଭଦ୍ରକ, କଟକ, ପୁରୀ, ଗଞ୍ଜାମର ଅନେକ ଉପକୂଳ ଅଞ୍ଚଳ ଜଳମଗ୍ନ ହେବ। ସବୁଠୁ ଅଧିକ ପ୍ରଭାବିତ ହେବେ ବାଲେଶ୍ୱର ଓ ଭଦ୍ରକ। ପୃଥିବୀର ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନଜନିତ ଅନ୍ତଃରାଷ୍ଟ୍ରୀୟ ଜଳବାୟୁ ପରିବର୍ତ୍ତନ ବିଶେଷଜ୍ଞ ମଣ୍ଡଳୀଙ୍କ ମତାନୁସାରେ, ପୃଥିବୀର ତାପମାତ୍ରା ୧.୧ ସେଣ୍ଟିଗ୍ରେଡରୁ ୬.୪ ସେଣ୍ଟିଗ୍ରେଡ ପର୍ଯ୍ୟନ୍ତ ଆଗାମୀ ଶହେବର୍ଷ ମଧ୍ୟରେ ବୃଦ୍ଧି ପାଇପାରେ। ଜାତିସଂଘର ଅନ୍ତର୍ଜାତୀୟ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ସମ୍ମିଳନୀରେ ନିଷ୍ପତ୍ତି ନିଆଗଲା ଯେ, ବିଶ୍ୱର ହାରାହାରି ତାପମାତ୍ରା ପ୍ରାକ୍ ଶିଳ୍ପ ବିକାଶଧାରାର ଉତ୍ତାପଠାରୁ ୨୦ ସେଣ୍ଟିଗ୍ରେଡ ତାପମାତ୍ରା ତଳକୁ ଖସାଇ ରଖିବାକୁ ପଡ଼ିବ। ପୃଥିବୀର ତାପମାତ୍ରା ବଢ଼ି ଭୂପୃଷ୍ଠକୁ ଉତ୍ତପ୍ତ କରିବା ସଙ୍ଗେ ସଙ୍ଗେ ସମୁଦ୍ରକୁ ବି ଉତ୍ତପ୍ତ କରୁଛି। ସମୁଦ୍ର ଜଳଭଣ୍ଡାର ସମ୍ପ୍ରସାରିତ ହୋଇ ଜଳପତ୍ତନ ବଢ଼ୁଛି। ଉତ୍ତରମେରୁ ଆର୍କଟିକ ଓ ଦକ୍ଷିଣମେରୁ ଆଣ୍ଟାର୍କଟିକାରେ ରହିଛି ପରସ୍ତ ପରସ୍ତ ବରଫର ଦିଗନ୍ତବିସ୍ତାରୀ ଶୁଭ୍ର ଆବରଣ। ଆଟ୍‌ଲାଣ୍ଟିକ ମହାସାଗରର ଦକ୍ଷିଣ ପଶ୍ଚିମକୁ ରହିଛି ବରଫାବୃତ୍ତ ଗ୍ରୀନ୍‌ଲାଣ୍ଡ ଦ୍ୱୀପ। ସମଗ୍ର ପୃଥିବୀର ଶତକଡ଼ା ୯୦ ଭାଗ ବରଫ ରହିଛି ଏହି ମେରୁ ଅଞ୍ଚଳରେ। ଆଉ ଶତକଡ଼ା ୧୦ ଭାଗ ବରଫ ରହିଛି ପୃଥିବୀର ବିଭିନ୍ନ ଦେଶର ଉଚ୍ଚ ପର୍ବତମାଳାର ଶିଖରରେ ରହିଥିବା ଗ୍ଲେସିୟରଗୁଡ଼ିକରେ। ଉତ୍ତରମେରୁ ଅଞ୍ଚଳର ତାପମାତ୍ରା ବଢ଼ୁଛି। ଉତ୍ତରମେରୁ ଉପରକୁ ଘନୀଭୂତ ଥିବା ପୋଲାର ଆଇସ କ୍ୟାପ ତରଳିବା ଫଳରେ ଅଧିକ ସଂକୁଚିତ ହୋଇଗଲାଣି। ନାସା ଉତ୍ତୋଳିତ ସାଟେଲାଇଟ ଚିତ୍ରରୁ ଜଣାପଡ଼େ ଉତ୍ତରମେରୁର ଚିର ବରଫାବୃତ୍ତ ଅଞ୍ଚଳ ୧୦ ବର୍ଷ ଭିତରେ ପ୍ରାୟ ଶତକଡ଼ା ୯ ଭାଗ ତରଳିଯାଇଛି। ତାପମାତ୍ରା ବୃଦ୍ଧି ଫଳରେ ଉତ୍ତରମେରୁର ଆଟ୍‌ଲାଣ୍ଟିକ ମହାସାଗରରେ ରହିଥିବା ବରଫସ୍ତର ଯେତେ କ୍ଷେତ୍ର ମାଡ଼ି ବସିଥିଲା ତା'ଠାରୁ ବର୍ତ୍ତମାନ କମିଯାଇଛି। ଗ୍ଲେସିୟର ସମୁଦ୍ରକୁ ଚାଲିଆସି ଆଇସ୍‌ବର୍ଗରେ ପରିଣତ ହେବା ପ୍ରକ୍ରିୟାକୁ ଆଇସ କାଭିଂ କୁହାଯାଏ। ଆଇସ୍‌ବର୍ଗ ସମୁଦ୍ରରେ କିଛି ଦିନ ଭାସି ତାପମାତ୍ରା ବୃଦ୍ଧି ପାଉଥିବା ଯୋଗୁ ସମୁଦ୍ର ଜଳରେ ସମ୍ପୂର୍ଣ୍ଣ ଭାବରେ ତରଳି ଯାଇଥାଏ। ଏହି ପ୍ରକ୍ରିୟା ସମୁଦ୍ର ପତ୍ତନ ବଢ଼ାଇବାରେ ସାହାଯ୍ୟ କରିଥାଏ। ସମୁଦାୟ ଗ୍ରୀନ୍‌ଲାଣ୍ଡର ଜମାଟ ବାନ୍ଧିଥିବା ବରଫସ୍ତର ଯଦି ତରଳିଯାଏ ତେବେ ସମୁଦ୍ର ପତ୍ତନ ପ୍ରାୟ ୭ ମିଟର ବଢ଼ିଯିବ। ଏପରି ଅବସ୍ଥା ସୃଷ୍ଟି ହେଲେ ଲଣ୍ଡନ ଓ ଲସ୍‌ଏଞ୍ଜେଲ୍ସ ପରି ବଡ଼ ସହର ସମୁଦ୍ରରେ ବୁଡ଼ିଯିବ।

ଆଣ୍ଟାର୍କଟିକାର ଉତ୍ତରକୁ ଲାଗିରହିଥିବା ଦକ୍ଷିଣ ମହାସାଗର ଏବେ ଅଧିକ ଉଷ୍ମ ହେବାରେ ଲାଗିଛି। ଏହି ମହାସାଗରରେ ବାୟୁ ପ୍ରବାହ ବେଗ ଓ ଦିଗରେ ପରିବର୍ତ୍ତନ ଏବଂ ଆଣ୍ଟାର୍କଟିକାର ଉପରିସ୍ଥ ବାୟୁମଣ୍ଡଳ ଷ୍ଟ୍ରାଟୋସ୍ଫିଅରରେ ଗ୍ଲୋବାଲ ୱାର୍ମିଂ ବା ବିଶ୍ୱ ତାପନ ଯୋଗୁ ସୃଷ୍ଟି ହୋଇଥିବା ଛିଦ୍ର ଓଜୋନ ହୋଲ୍‌ର ଜଟିଳତା ଫଳରେ ଆଣ୍ଟାର୍କଟିକାର ସାମୁଦ୍ରିକ ବରଫସ୍ତରର କ୍ଷେତ୍ର ସାମାନ୍ୟ ବୃଦ୍ଧିପାଇଛି। ବିଗତ ୧୦୦୦ ବର୍ଷ ମଧ୍ୟରେ ବର୍ତ୍ତମାନର ଗ୍ଲୋବାଲ ୱାର୍ମିଂ ଯେ ଆଣ୍ଟାର୍କଟିକାରେ ବେଶି ମାତ୍ରାରେ ବରଫ ତରଳାଉଛି ତା'ର ପ୍ରମାଣ ମିଳିଛି ବ୍ରିଟିଶ ଆଣ୍ଟାର୍କଟିକା ସର୍ଭେ କରିଥିବା ଏକ ୩୬୪ ମିଟର ଡ୍ରିଲିଂ ଖନନରୁ, ଯେଉଁଥିରୁ ବରଫ ଖଣ୍ଡର ନମୁନା ବାହାରି ଆଣ୍ଟାର୍କଟିକାରେ ତାପମାତ୍ରାରେ ପରିବର୍ତ୍ତନର ତଥ୍ୟ ଯୋଗାଉଛି। ବରଫ ଗଦା ଉପରେ ଏହି ଗଭୀର ଡ୍ରିଲିଂ ବିଜ୍ଞାନ ଗବେଷଣାରେ ଏକ ମାଇଲଖୁଣ୍ଟ କହିବା ଯଥାର୍ଥ ହେବ। ଆଣ୍ଟାର୍କଟିକାର ଏକ ବୃହତ୍ ଜମାଟ ବାନ୍ଧିଥିବା ବରଫସ୍ତର ହେଉଛି ୱେଷ୍ଟ ଆଣ୍ଟାର୍କଟିକା ଆଇସସିଟ୍। ଯଦି ସମ୍ପୂର୍ଣ୍ଣ ଭାବରେ କେବେ ବିଗଳିତ ହୋଇଯାଏ ତେବେ ବିଶ୍ୱ ସମୁଦ୍ର ପତ୍ତନ ୬୧ ମିଟର ବଢ଼ିବା ସମ୍ଭାବନା ରହିଛି। ଏହି ବରଫଗଦାରୁ ଯଦି ଖଣ୍ଡେ ବଡ଼ ଅଂଶ ତରଳିଯାଏ ତାହାହେଲେ ସମୁଦ୍ର ପତ୍ତନ ୩ ରୁ ୬ ମିଟର ପର୍ଯ୍ୟନ୍ତ ବଢ଼ିଯାଇପାରେ। ବୈଜ୍ଞାନିକମାନେ ଆକଳନ କରୁଛନ୍ତି ଯେ ଗ୍ରୀନ୍‌ଲାଣ୍ଡ, ଆଣ୍ଟାର୍କଟିକା, ଆଟ୍‌ଲାଣ୍ଟିକ ଓ ପାର୍ବତ୍ୟ ଶିଖରର ଗ୍ଲେସିୟରଗୁଡ଼ିକରେ ଜମାଟ ବାନ୍ଧିଥିବା ବରଫ ଯଦି ସବୁ ତରଳିଯାଏ ତେବେ ସମୁଦ୍ର ପତ୍ତନ ପ୍ରାୟ ୮୦ ମିଟର ପର୍ଯ୍ୟନ୍ତ ଉପରକୁ ଉଠିଯାଇପାରେ। ବର୍ତ୍ତମାନ ଅନ୍ତଃରାଷ୍ଟ୍ରୀୟ ଜଳବାୟୁ ପରିବର୍ତ୍ତନ ବିଶେଷଜ୍ଞ ମଣ୍ଡଳୀଙ୍କ ମତ ଅନୁସାରେ ସମୁଦ୍ର ପତ୍ତନ ବର୍ଷକୁ ହାରାହାରି ୩.୨ ମିଲିମିଟର ହାରରେ ବଢ଼ୁଛି। ଅଧିକ କାର୍ବନ ଗ୍ୟାସ ନିର୍ଗମନ ଅଧିକ ସମୁଦ୍ର ପତ୍ତନ ବଢ଼ାଇବ। ଗ୍ଲୋବାଲ ୱାର୍ମିଂ ଯୋଗୁ ସମୁଦ୍ର ପତ୍ତନ ବଢ଼ିଲେ ଉପକୂଳ ପ୍ରତି ବିପଦ ଆସିବ। ସାମୁଦ୍ରିକ ଘୂର୍ଣ୍ଣିଝଡ଼ର ସଂଖ୍ୟା ଓ ଭୟାବହତା ଅଧିକ ବଢ଼ିଯିବ। ଅଧିକ ଉଚ୍ଚ ସମୁଦ୍ର ଢେଉ ଉପକୂଳ ଭିତରକୁ ବହୁଦୂର ପର୍ଯ୍ୟନ୍ତ ମାଡ଼ି ଆସିବ।


**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋ: ୯୯୩୮୯୦୬୦୭୦**


## ଏଇ ଭାରତରେ

ଗୋଟିଏପଟେ କାର୍ଯ୍ୟ ଓ ଅନ୍ୟପକ୍ଷେ ଅସହାୟ ପିଲାଙ୍କୁ ଟିଉଶନ ସୁବିଧା ଯୋଗାଇଦେବା ଦାୟିତ୍ୱ ନିର୍ବାହ କରିବା କଷ୍ଟକର ହେଲେ ମଧ୍ୟ ବିହାରର ତିନିଜଣ ସରକାରୀ ଅଧିକାରୀ ଏହାକୁ ନିର୍ବାହ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସନ୍ତୋଷ କୁମାର, ବିଜୟ କୁମାର ଏବଂ ରଞ୍ଜନ କୁମାର ଆମ୍ବେଡକର ଇନିସିଏଟିଭ ଫର୍ ମାର୍ଜିନାଲାଇଜ୍ (ଏଆଇଏମ୍) ପାଠଶାଳା ପ୍ରତିଷ୍ଠା କରି ଅସହାୟ ପିଲାମାନଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ କରୁଛନ୍ତି। ଶିକ୍ଷା ଲାଗି ଆବଶ୍ୟକ ସମସ୍ତ ପ୍ରକାର ଉପକରଣ ମଧ୍ୟ ମାଗଣାରେ ପିଲାମାନଙ୍କୁ ଯୋଗାଉଛନ୍ତି। ଗୋପାଳଗଞ୍ଜ, ଔରଙ୍ଗାବାଦ ଏବଂ ସମସ୍ତିପୁର ଜିଲାର ତିନୋଟି କେନ୍ଦ୍ରରେ ୪୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦେବାର ବ୍ୟବସ୍ଥା କରାଯାଇଛି। ଏହି ୩ ଜଣ ସବୁ ଖର୍ଚ୍ଚ ନିଜେ ବହନ କରୁଛନ୍ତି। ସନ୍ତୋଷ ଅରୁଣାଚଳ ପ୍ରଦେଶ ଷ୍ଟାଫ୍ ସିଲେକ୍‌ସନ (ଏପିଏସ୍ଏସ୍‌ବି)ର ସଚିବ ରହିଛନ୍ତି। ରଞ୍ଜନ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍)ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏବଂ ବିଜୟ ଇଣ୍ଡିଆନ୍ ରେଲ୍‌ୱେ ଟ୍ରାଫିକ୍ ସର୍ଭିସ (ଆଇଆର୍‌ଟିଏସ୍)ର ଜଣେ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏମାନେ ବିହାରର ଭିନ୍ନ ଭିନ୍ନ ଗାଁର ହେଲେ ମଧ୍ୟ ଏଭଳି ଅଭିଯାନ ସମ୍ମିଳିତ ଭାବେ ଚଳାଉଛନ୍ତି। ସକାଳ ୭ରୁ ୯ଟା ମଧ୍ୟରେ ପ୍ରଥମରୁ ୧୦ମ ପିଲାଙ୍କୁ ପଢ଼ାଯାଉଛି। ଦରକାର ପଡ଼ିଲେ ବାହାରୁ ବିଭିନ୍ନ ବିଷୟର ଅଭିଜ୍ଞ ଶିକ୍ଷକମାନଙ୍କୁ ଆଣି ପିଲାମାନଙ୍କ ଶିକ୍ଷା ସମ୍ପର୍କିତ ଦ୍ୱନ୍ଦ୍ୱ ଦୂର ପାଇଁ ବ୍ୟବସ୍ଥା କରାଯାଉଛି। ପ୍ରତି ସପ୍ତାହରେ ପରୀକ୍ଷା ମଧ୍ୟ କରାଯାଉଛି।

## ଚିରନ୍ତନୀ

ହେ ନିଜଭୁଲା ! କେସନ କହ
ନ ଭୁଲ ପଥ ବନ ରାଇଜେ ?
ଅନ୍ଧାରି ଏହି କଣ୍ଟକ ପଥେ
ଜନ ପରାଣୀ ନାହିଁ କାହିଁ ଯେ !
–(ନିଜ ଭୁଲା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଡିସେମ୍ବର ୧୯୯୬

- ଚାଇନା ପ୍ରତିରକ୍ଷା ବିଭାଗର ବରିଷ୍ଠ ଅଫିସର ଜେନେରାଲ ଜିଙ୍ଗ୍ ହେଙ୍ଗାଓଙ୍କ ଇସ୍ତଫା।
- ପରିବେଶ ସୁରକ୍ଷା ପାଇଁ ବିଶ୍ୱବ୍ୟାଙ୍କ ଭାରତକୁ ୫୦ ନିୟୁତ ଡଲାର କୋହଳ ଋଣ ଯୋଗାଇ ଦେବାକୁ ଘୋଷଣା।
- ଜଣାଶୁଣା ବଙ୍ଗଳା ଲେଖିକା ମହାଶ୍ୱେତା ଦେବୀ ଜ୍ଞାନପୀଠ ପୁରସ୍କାର ପାଇବା ନିମନ୍ତେ ମନୋନୀତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | 4 | | 9 | 6 | |
| | 3 | | 7 | | | | | |
| 4 | | | | 1 | 6 | | 2 | |
| | 4 | | | | 9 | | | 5 |
| | 2 | 3 | | | | 6 | | |
| 5 | | | | 7 | | 3 | | |
| | 7 | 4 | | | | | | |
| | | | | 6 | 3 | | 1 | |
| | 9 | | 4 | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 8 | 1 | 3 | 2 | 7 | 9 | 5 |
| 7 | 2 | 1 | 8 | 9 | 5 | 6 | 3 | 4 |
| 3 | 9 | 5 | 6 | 7 | 4 | 8 | 1 | 2 |
| 2 | 8 | 3 | 7 | 5 | 9 | 4 | 6 | 1 |
| 5 | 1 | 9 | 2 | 4 | 6 | 3 | 7 | 8 |
| 6 | 7 | 4 | 3 | 8 | 1 | 5 | 2 | 9 |
| 1 | 3 | 7 | 5 | 2 | 8 | 9 | 4 | 6 |
| 8 | 4 | 2 | 9 | 6 | 7 | 1 | 5 | 3 |
| 9 | 5 | 6 | 4 | 1 | 3 | 2 | 8 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ନିରାମୟରେ ନିମ୍ନମାନର ଔଷଧ

ମହାଶୟ,

ରାଜ୍ୟ ସରକାରଙ୍କ ତରଫରୁ ସରକାରୀ ଡାକ୍ତରଖାନାରେ ନିରାମୟ ଯୋଜନାରେ ରୋଗୀମାନଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଉଛି। ଏହି ଯୋଜନାରେ ବିଶେଷକରି ବହୁ ଗରିବ ରୋଗୀ ଉପକୃତ ହେଉଛନ୍ତି। ମାତ୍ର ଏବେ ଏହି ଯୋଜନାରେ କେତେକ ନିମ୍ନମାନର ଔଷଧ ଦିଆଯାଉଥିବା ଲକ୍ଷ୍ୟ କରାଯାଉଛି। ଭିଟାମିନ୍ 'ସି' ଓ କ୍ୟାଲସିୟମ ବଟିକାଗୁଡିକ ଜରିରୁ ଖୋଲିବା ମାତ୍ରେ ଗୁଣ୍ଡ ହୋଇଯାଉଛି। ଏହା ଖାଇବା ପରେ ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି ହେଉଛି। ଏହାଛଡ଼ା କେତେକ ବଟିକାର ଏକ୍‌ସପାଏରି ତାରିଖ ମାତ୍ର ୧ ମାସରୁ ୬ ମାସରେ ଶେଷ ହେବାକୁ ଥିବା ବେଳେ ତାହା ବଣ୍ଟନ କରାଯାଉଛି। ଏସବୁ ଔଷଧ ସେବନ କରିବା କେତେ ନିରାପଦ ସେ ନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟିଦେବାକୁ ଅନୁରୋଧ।

**– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି ରୋଡ୍, ଜଗତ୍‌ସିଂହପୁର**


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସେନ୍‌ସେକ୍ସ ୨୯୬ ପଏଣ୍ଟ ବୃଦ୍ଧି

କୋଭିଡ ସଂକ୍ରମଣର ନୂଆ ଭାରିଆଣ୍ଟ ଓମିକ୍ରନର ଭୟର ବାତାବରଣ ମଧ୍ୟରେ ଦଲାଲ ଷ୍ଟ୍ରିଟର କାରବାର ବୃଦ୍ଧି ପାଇଛି। ବିଗତ ଦିନର ବିଭିନ୍ନ କାରଣ ଯୋଗୁ ବର୍ତ୍ତମାନ ମଧ୍ୟ ସାରା ବିଶ୍ୱ ଏପରିକି ଭାରତ ଅନେକ ପ୍ରକାରର ଆଶ ଆଶଙ୍କା ମଧ୍ୟରେ ରହିଛି। ଏଭଳି ସ୍ଥିତିରେ ୨୭ ଡିସେମ୍ବର ଶେୟାର ବଜାରରେ ବୃଦ୍ଧି ଘଟିଛି। ଶେୟାର ବଜାରର ସୂଚନା ଅନୁସାରେ ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ବେଞ୍ଚମାର୍କ ଇଣ୍ଡେକ୍ସ ମୂଲ୍ୟ ୨୯୬ ପଏଣ୍ଟ ବଢ଼ି ୫୭,୪୨୦ ଅଙ୍କରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ନିଫ୍ଟିରେ ମଧ୍ୟ ୮୨ ଅଙ୍କ ବଢ଼ି ୧୭,୦୮୬ ପଏଣ୍ଟରେ କାରବାର ଶେଷ ହୋଇଛି।

## ସଂକ୍ଷେପରେ

### ଏଆଇପିଏନ୍‌ବିଓଏର ପ୍ରଥମ ସାଧାରଣ ପରିଷଦ ବୈଠକ

**ଭୁବନେଶ୍ୱର,୨୭।୧୨:** ସର୍ବଭାରତୀୟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଧିକାରୀ ସଂଘ (ଏଆଇପିଏନ୍‌ବିଓଏ) ର ଓଡ଼ିଶା ଚାପ୍ଟର ପକ୍ଷରୁ ସୋମବାର ପ୍ରଥମ ସାଧାରଣ ସଭା, ସଂଘର ସଭାପତି ଅରବିନ୍ଦ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ଏବଂ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ କମର୍ସର ମିଶ୍ରଣ ପରେ ଏହା ହେଉଛି ସଂଘର ପ୍ରଥମ ସାଧାରଣ ବୈଠକ। ଏହି ଅବସରରେ ସଂଘର ସର୍କଲ ସେକ୍ରେଟାରି ,ଭୁବନେଶ୍ୱର ତଥା ସହାୟକ ସାଧାରଣ ସମ୍ପାଦକ ବୈଲୋଚନ ସାହୁ ସଭାରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସଂଘର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସଂଘର ସ୍ୱାର୍ଥରକ୍ଷା ପାଇଁ ସମସ୍ତ ସଦସ୍ୟମାନେ ଏକତ୍ର ଓ ସଜାଗ ହୋଇ ରହିବା ଆବଶ୍ୟକ ବୋଲି ଶତପଥୀ ମତ ପ୍ରକାଶ କରିଥିଲେ। ସେହିଭଳି ସଂଘ ଦ୍ୱାରା ସମ୍ପନ୍ନ କରାଯାଇଥିବା ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ସାହୁ ବିସ୍ତୃତ ଆଲୋଚନା କରିବା ସହ ସଂଘର ଭବିଷ୍ୟତ ଯୋଜନା ଉପରେ ମଧ୍ୟ ସୂଚନା ଦେଇଥିଲେ।

### ସେବି ନିକଟରେ ଡିଆର୍‌ଏଚ୍‌ପି ଦାଖଲ କଲା ପ୍ରୋଟିଆନ

**ଭୁବନେଶ୍ୱର,୨୭।୧୨:** ପ୍ରୋଟିଆନ୍ ଇଗଭ୍ ଟେକ୍ନୋଲୋଜିସ୍ ଲିମିଟେଡ୍ ପକ୍ଷରୁ ଇନିସିଆଲ୍ ପବ୍ଲିକ୍ ଅଫର (ଆଇପିଓ) ଜାରି କରିବା ଲାଗି ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। ଏହି ସଂସ୍ଥା ହେଉଛି ଏକ ଆଇଟି ସମାଧାନ ପ୍ରଦାନକାରୀ ଯାହା ଦେଶରେ ଜାତୀୟ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଓ ଜନସଂଖ୍ୟାକୁ ବ୍ୟାପକ ଭାବେ ପହଞ୍ଚାଇ ହେଉଥିବା ନୂଆ ପ୍ରଯୁକ୍ତି ସମାଧାନର ପରିକଳ୍ପନା, ବିକାଶ ଏବଂ କାର୍ଯ୍ୟକାରୀ କରିବା କାର୍ଯ୍ୟ କରୁଛି। ଲାଭ, ପରିଚାଳନା ଆୟ, ପରିଚାଳନା ଲାଭ ଏବଂ ଅପରିଚାଳନା ଲାଭ ମାର୍ଜିନ୍ ଦୃଷ୍ଟିରୁ ଏହା ହେଉଛି ଇ-ଗଭର୍ନାନ୍ସ କ୍ଷେତ୍ରରେ ଭାରତର ଅନ୍ୟତମ ଅଗ୍ରଣୀ କମ୍ପାନୀ। ଇନିସିଆଲ୍ ପବ୍ଲିକ୍ ଅଫର ଜରିଆର କମ୍ପାନୀ ୧୨,୦୮୦,୧୪୦ ଇକ୍ୱିଟି ଶେୟାର ବିକ୍ରି କରିବ।

# ଅଷ୍ଟ୍ରେଲିଆରୁ କୋଇଲା ପରିବହନ କରିବ ଆଦାନୀ

ନୂଆଦିଲ୍ଲୀ,୨୭।୧୨




ଭାରତର ପ୍ରମୁଖ ଘରୋଇ କମ୍ପାନୀ ଆଦାନୀ ଗ୍ରୁପ୍ ଅତିଶୀଘ୍ର ଅଷ୍ଟ୍ରେଲିଆର ବହୁ ବିବାଦୀୟ ଖଣିରୁ ପ୍ରଥମ କୋଇଲା କାର୍ଗୋ ପରିବହନ କରିବାକୁ ପ୍ରସ୍ତୁତ ହେଉଛି। ଦୀର୍ଘ ୭ବର୍ଷର ଲଢ଼େଇ ପରେ କମ୍ପାନୀ ବିଶ୍ୱର ସର୍ବବୃହତ୍ କୋଇଲା ଖଣି କୁଇନ୍ସଲାଣ୍ଡ ରାଜ୍ୟର କାର୍ମିଚାଏଲରୁ କୋଇଲା ପରିବହନ କରିବା ସମ୍ଭାବନା ରହିଛି । ଭାରତରେ ବିଦ୍ୟୁତ୍ ଉତ୍ପାଦନକାରୀଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହେବ। ଆଦାନୀର ଅଷ୍ଟ୍ରେଲୀୟ ସହଯୋଗୀ ବ୍ରାଭସ୍ ମାଇନିଂ ଆଣ୍ଡ ରିସୋର୍ସେସର ମୁଖପାତ୍ର କହିଛନ୍ତି , ଯୋଜନା ଅନୁସାରେ କାର୍ମିଚାଏଲ ଖଣିରୁ ପଠାଯିବାକୁ ଥିବା ଉଚ୍ଚ ଗୁଣମାନର କୋଇଲା ବୋଡେନର ନର୍ଥ କୁଇନ୍ସଲାଣ୍ଡ ରପ୍ତାନି ଟର୍ମିନାଲରେ ଏକତ୍ରିତ ହୋଇଛି। ଏଠାରୁ ବାର୍ଷିକ ୧୦ ନିୟୁତ ଟନ୍ କୋଇଲା ଉତ୍ପାଦନ କରାଯିବ। ୨୦୧୦ରେ ଆଦାନୀ ଏହି ପ୍ରକଳ୍ପ କିଣିଥିବା ବେଳେ ଏହା ପ୍ରାୟ ୧୬ ବିଲିୟନ ଡଲାର (୧୧ ବିଲିୟନ ଡଲାର), ୪୦୦ କିଲୋମିଟର (୨୫୦ ମାଇଲ) ରେଳଲାଇନ ସହିତ ବର୍ଷକୁ ୬୦ମିଲିୟନ ଟନ୍ କାରବାର କଳ୍ପନା କରାଯାଇଥିଲା। 'ଷ୍ଟପ୍ ଆଡାନୀ' ଅଭିଯାନ ପରେ ୨୦୧୮ରେ ଏହି ଖଣି ଯୋଜନାକୁ ବର୍ଷକୁ ୧୦ ନିୟୁତ ଟନ୍‌କୁ ହ୍ରାସ କରିଦିଆଯାଇଛି। ଏହି ଯୋଜନାର ପରିଚାଳନା ବ୍ୟୟକୁ ସର୍ବନିମ୍ନ ସ୍ତରରେ ରଖିବାକୁ ଆଦାନୀଙ୍କ ଅଷ୍ଟ୍ରେଲୀୟ ସିଇଓ ଲୁକାସ ଡୋ ରଏଟର୍ସକୁ କହିଛନ୍ତି। ଏହି ପ୍ରକଳ୍ପର ଆନୁମାନିକ ମୂଲ୍ୟ ପ୍ରାୟ ୨ବିଲିୟନ ଡଲାର । ଅଷ୍ଟ୍ରେଲିଆର ଗ୍ରୀନ୍ ଫିଲ୍ଡ ଥର୍ମାଲ କୋଇଲା ଖଣିର ଲଏଡ୍ ହେନ୍ କହିଛନ୍ତି, କାର୍ବନ ନିର୍ଗମନ ଏବଂ ଅଷ୍ଟ୍ରେଲିଆର ଗ୍ରେଟ୍ ବ୍ୟାରେଜ୍ ରିଫ୍ ପାଇଁ ଗ୍ଲୋବାଲ୍ ୱାର୍ମିଂ ଏବଂ ଆବୋଟ୍ ପଏଣ୍ଟ ବନ୍ଦରରେ ଡ୍ରେଜିଂ ହେତୁ କାର୍ବନ ନିର୍ଗମନ ଏବଂ ସମ୍ଭାବ୍ୟ କ୍ଷତି ବିଷୟରେ ଚିନ୍ତା କରାଯାଉଛି। ୨୦୧୯ରେ ଅଷ୍ଟ୍ରେଲିଆର ଶେଷ ନିର୍ବାଚନରେ ସେମାନଙ୍କର ଅଭିଯାନ ବିଜୁଳି ବାଡ଼ିରେ ପରିଣତ ହୋଇଥିଲା, ଯେଉଁଥିରେ ପରିବେଶ ଲ ଫାଇଟ ସହିତ ରକ୍ଷଣଶୀଳ ମିଳିତ ସରକାର ପୁନର୍ବାର ନିର୍ବାଚିତ ହୋଇଥିବାର ଆଶା କରାଯାଉଥିଲା। ଏହା ଅତ୍ୟନ୍ତ ଲଜ୍ଜାଜନକ ଯେ ଖଣି ଆଗକୁ ବିକିବାକୁ ଯାଉଛି। ମାତ୍ର ଖଣି ଖୋଲାହେବାର ଅର୍ଥ ନୁହେଁ ଯେ ଭୂମିରେ ଥିବା ସମସ୍ତ କୋଇଲା ବାହାରକୁ ଯିବ। ଆମେ ଭୂମିରେ ଯଥାସମ୍ଭବ ରଖିବା ପାଇଁ ଅଭିଯାନ ଜାରି ରଖିବୁ, ଅନେକ ସପ୍ତାହ ପୂର୍ବରୁ ଆଦାନୀଙ୍କ ରେଳ ଲାଇନରେ ନିଜକୁ ଶୃଙ୍ଖଳିତ କରିଥିବା ଆଣ୍ଡି ପାଏନ୍ କହିଛନ୍ତି, ଆବୋଟ୍ ପଏଣ୍ଟରେ ଥିବା ଏକ ଟର୍ମିନାଲରୁ ଏହି କୋଇଲା ରପ୍ତାନି ହେବ, ଯାହା ଆଦାନୀ ୨୦୧୧ରେ ପ୍ରାୟ ୨ବିଲିୟନ ଡଲାରରେ କିଣିଛି ଏବଂ ଏହାର ନାମ ଉତ୍ତର କୁଇନ୍ସଲାଣ୍ଡ ରପ୍ତାନି ଟର୍ମିନାଲ ରହିଛି।

# ମିଳିତ ସହଯୋଗରେ କାର୍ନିଭାଲ

ଭୁବନେଶ୍ୱର,୨୭।୧୨




ସମାଜ କଲ୍ୟାଣମୂଳକ କାର୍ଯ୍ୟରେ ଜଡ଼ିତ ରାଉଣ୍ଡ୍ ଟେବୁଲ ଇଣ୍ଡିଆ(ଆର୍‌ଟିଆଇ) ର ଭୁବନେଶ୍ୱର ରାଉଣ୍ଡ ଟେବୁଲ-୫୩ ଏବଂ ଭୁବନେଶ୍ୱର ଲେଡିଜ୍ ସର୍କଲ ୧୨ ଏବଂ ଉତ୍କଳ ବିଲ୍ଡର୍ସର ମିଳିତ ସହଯୋଗରେ ଏକ ମହତ୍ କାର୍ଯ୍ୟ କରାଯାଇଥିଲା। ଉତ୍କଳ ବର୍ଲ୍ଡସ ସହଯୋଗିତାରେ ନିକଟରେ ୫୦ ଅନାଥ ଶିଶୁ ଏବଂ ୫୦ ବସ୍ତି ପିଲାଙ୍କୁ ଏକ ଖ୍ରୀଷ୍ଟମାସ କାର୍ଣ୍ଣିଭାଲ ପାଇଁ ଉତ୍କଳ ଗ୍ୟାଲେରିଆ ମଲ୍‌ର ଫୁଡ୍‌କୋର୍ଟକୁ ସଂସ୍ଥା ପକ୍ଷରୁ ନିଆଯାଇଥିଲା। ସେଠାରେ ପିଲାମାନେ ସେମାନଙ୍କ ମନ ପସନ୍ଦର ଖାଦ୍ୟ ଖାଇବା ସହ ଉତ୍କଳ ବିଲ୍ଡସ, ଭୁବନେଶ୍ୱର ରାଉଣ୍ଡ ଟେବୁଲ-୫୩ ଏବଂ ଭୁବନେଶ୍ୱର ଲେଡିଜ୍ ସର୍କଲ ୧୨ ପକ୍ଷରୁ ବିଶେଷ ଭାବେ ପ୍ରସ୍ତୁତ ସାନ୍ତାକ୍ଲଜ ଜରିଆରେ ବିଭିନ୍ନ ପ୍ରକାର ଉପହାର ଗ୍ରହଣ କରିଥିଲେ।

# ଏଫ୍‌ଆଇସିସିଆଇର ସ୍ୱତନ୍ତ୍ର ୱେବିନାର

ଭୁବନେଶ୍ୱର,୨୭।୧୨

ଦେଶର ଅର୍ଥନୀତିକୁ ନଷ୍ଟ କରୁଥିବା ଚୋରା ଚାଲାଣ ତଥା ନକଲି କାର୍ଯ୍ୟକଳାପ ବିରୋଧ (କ୍ୟାସ୍‌କାଡେ) ରେ ଏଫ୍‌ଆଇସିସିଆଇ କମିଟି ପକ୍ଷରୁ ଆୟୋଜିତ 'କୋଭିଡ୍-୧୯ ମହାମାରୀ ସମୟରେ ତଥା ପରବର୍ତ୍ତୀ ସମୟରେ ନକଲି କାରବାର ଏବଂ ଚୋରା ଚାଲାଣର ମୁକାବିଲା' ଶୀର୍ଷକ ଏକ ୱେବିନାର ନିକଟରେ ଆୟୋଜନ କରାଯାଇଥିଲା। ଉକ୍ତ ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ନିଜର ମତ ଉପସ୍ଥାପନ କରିଥିଲେ। ସେହିଭଳି ଫିକି କ୍ୟାସ୍‌କାଡେର ଅଧ୍ୟକ୍ଷ ଅନୀଲ ରାଜପୁତ ସ୍ୱାଗତ ଅଭିଭାଷଣ ଦେଇ କହିଥିଲେ, ବେଆଇନ ସାମଗ୍ରୀର ବାଣିଜ୍ୟ ନିତିଦିନିଆ ବଜାରରେ ଜାରି ରହିଛି। ଏହାଦ୍ୱାରା ଉତ୍ପାଦନକାରୀଙ୍କ ପ୍ରତିଦ୍ୱନ୍ଦ୍ୱିତା ବିପଦରେ ପଡ଼ିବା ସହିତ ଗ୍ରାହକଙ୍କ ଆତ୍ମବିଶ୍ୱାସ ଦୁର୍ବଳ ହେବାରେ ଲାଗିଛି। ବେଆଇନ ବାଣିଜ୍ୟର ଅପରାଧୀଙ୍କୁ ନିରନ୍ତର ସଫଳତାର ସହିତ ନିରୀକ୍ଷଣ କରୁଥିବାରୁ ମୁଁ ଓଡ଼ିଶା ସରକାର ଏବଂ କାର୍ଯ୍ୟନିର୍ବାହୀ ସଂସ୍ଥାଗୁଡ଼ିକୁ ପ୍ରଶଂସା କରୁଛି। କୋଭିଡ୍-୧୯ ମହାମାରୀ ସମୟରେ ସୃଷ୍ଟି ହୋଇଥିବା ଚ୍ୟାଲେଞ୍ଜକୁ ସଫଳତାର ସହିତ ମୁକାବିଲା କରି ବହୁ ସଂଖ୍ୟକ ନକଲି ତଥା ଚୋରା ଚାଲାଣକାରୀ ଔଷଧ, ମୁଦ୍ରା, କଞ୍ଜ୍ୟୁମର ଗୁଡସ୍, ଖାଦ୍ୟ ପଦାର୍ଥ, ସିଗାରେଟ୍ ଏବଂ ଅନ୍ୟାନ୍ୟ ଜିନିଷ ଜବତ କରାଯାଇଛି। ନକଲି କାରବାର ତଥା ଚୋରା ଚାଲାଣ ଦେଶ ପାଇଁ ଆର୍ଥିକ କ୍ଷତି ଘଟାଇଥାଏ ଯାହା ତୃଣମୂଳ ସ୍ତରରେ ସ୍କୁଲ ପିଲା ଏବଂ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ବେଆଇନ ବାଣିଜ୍ୟର ପ୍ରଭାବ ଉପରେ ଶିକ୍ଷା ଦେଇପାରିବ ବୋଲି ଫିକି ଓଡିଶା ରାଜ୍ୟ ପରିଷଦ ଅଧ୍ୟକ୍ଷ ମୋନିକା ନାୟାର ପଟ୍ଟନାୟକ କହିଛନ୍ତି। ବେଆଇନ ବାଣିଜ୍ୟର ସମସ୍ୟା କେବଳ ସାମ୍ପ୍ରତିକ ପରିସ୍ଥିତିରେ ଜଟିଳ ହେବାରେ ଲାଗିଛି। ଅପରାଧୀମାନେ ମହାମାରୀକୁ ଏକ ସୁଯୋଗ ଭାବରେ ବ୍ୟବହାରକରି ଭାରତୀୟ ଅର୍ଥନୀତି, ସ୍ୱାସ୍ଥ୍ୟ ଏବଂ ଗ୍ରାହକଙ୍କ ସୁରକ୍ଷା କ୍ଷେତ୍ରରେ ବ୍ୟାପକ କ୍ଷତି ଘଟାଇଛନ୍ତି। ସାମ୍ପ୍ରତିକ ସଙ୍କଟ ସମୟରେ ଚୋରା ସାମଗ୍ରୀର କାରବାରକୁ ମୁକାବିଲା କରିବା ପାଇଁ ଶିଳ୍ପ ଏବଂ ସରକାରଙ୍କ ପକ୍ଷରୁ କେଉଁ ପଦକ୍ଷେପ ଗ୍ରହଣ କରାଯାଇପାରିବ ତାହା ଉପରେ ବିଚାର କରିବା ଲାଗି ଓଡ଼ିଶାକୁ ଦୃଷ୍ଟିରେ ରଖି ୱେବିନାର ଆୟୋଜନ କରାଯାଇଥିଲା।

# ରୟାଲ ଏନ୍‌ଫିଲ୍ଡ ଅଲ ନ୍ୟୁ କ୍ଲାସିକ ୩୫୦

ଭୁବନେଶ୍ୱର,୨୭।୧୨



୧୨୦ ବର୍ଷର ରୟାଲ ଏନଫିଲ୍ଡର ନବୀକରଣ ରୂପ ବର୍ତ୍ତମାନ ଗ୍ରାହକଙ୍କୁ ଯୋଗାଇ ଦିଆଯିବ ବୋଲି କମ୍ପାନୀ ଘୋଷଣା କରିଛି। ରୟାଲ ଏନଫିଲ୍ଡ ଅଲ ନ୍ୟୁ କ୍ଲାସିକ୍ ୩୫୦ ଏବେ ଡାଇନାମିକ୍ ଲୁକ ସହ ଆଧୁନିକତାର ସ୍ପର୍ଶରେ ଅଧିକ ଆକର୍ଷଣୀୟ ହୋଇଉଠିଛି। ରୟାଲ ଏନଫିଲ୍ଡର କ୍ଲାସିକ୍ ଅଗ୍ରଣୀ ସେଗମେଂଟ୍‌କୁ ନବୀକରଣ କରାଯାଇ ମିଡଲୱେଟ ମୋଟରସାଇକେଲିଂ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଚାହିଦା ସୃଷ୍ଟି କରାଯିବାର ପ୍ରୟାସ କରାଯାଇଛି। ରୟାଲ ଏନ୍‌ଫିଲ୍ଡର କ୍ଲାସିକ୍ ମୋଟରସାଇକେଲ ତାର ପାରମ୍ପରିକ କଳାକୃତି ସହିତ ଆଧୁନିକ ଜ୍ଞାନକୌଶଳର ସମ୍ମିଶ୍ରଣରେ ପ୍ରସ୍ତୁତ। ଏହା ଉଭୟ ଉପଭୋକ୍ତାଙ୍କୁ ଏକ ନୂଆ ଅଭିଜ୍ଞତା ଆଣିଦେବା ବୋଲି କମ୍ପାନୀ ଆଶା ପ୍ରକାଶ କରିଛି। ଏହାର ନ୍ୟୁ ପ୍ରିମିୟମ ସେଗମେଂଟ୍‌ରେ ବେଶ୍ ସଫଳ ହେବାର ଆଶା ରହିଛି। ଏଥିରେ ଆଧୁନିକ ଜେ-ସିରିଜ୍ ଇଞ୍ଜିନ୍, ଅଲ୍ ନ୍ୟୁ ଚେସିସ୍ ରହିଛି। ଏହା ଏକ ଅନନ୍ୟ ଡ୍ରାଇଭିଂ ଅଭିଜ୍ଞତା ପ୍ରଦାନ କରିବାକୁ ସକ୍ଷମ ହେବ। ଏଥିରେ ୩୪୯ ସିସି ଫୁଏଲ୍ ଇଞ୍ଜେକଟେଡ୍ ଏୟାର-ଅଏଲ୍ କୁଲଡ୍ ଇଞ୍ଜିନ ରହିଛି। ଏହା ୨୦.୨ବିଏଚ୍‌ପି ୬୧୫୦୦ ଆରପିଏମ୍, ୨୭ଏନଏମ ଟର୍କ ୪୦୦୦ଆରପିଏମ୍‌ରେ ସୃଷ୍ଟି କରିଥାଏ। ଏହା ସୁପର ସ୍ମୁଥ୍ ଲିନିଅର ପାୱାର ଉପଲବ୍ଧ କରାଇବାକୁ ସକ୍ଷମ ହୋଇଥାଏ। ଏହାର ଅପ୍ଟିମାଇଜଡ୍ ୫-ସ୍ପିଡ୍ ଗିୟର ବକ୍ସ ସହର ମଧ୍ୟରେ ଉପଯୁକ୍ତ ବେଗ ଉପଲବ୍ଧ କରାଇ ପାରିଥାଏ। ଏହାର ଅଲ୍ ନ୍ୟୁ ଚେସିସ୍ ବିଶ୍ୱାସ ବୃଦ୍ଧି କରିବାକୁ ସକ୍ଷମ ହୋଇଥାଏ। ରାସ୍ତାରେ ଏହା ଗତି କରିବାବେଳେ ଷ୍ଟାବିଲିଟି ପ୍ରଦାନ କରିଥାଏ। ଏହାର ବିଶ୍ୱାସର୍ନୀ ବ୍ରେକିଂ ଦ୍ୱାରା ନୂତନ ରାଇଡ୍ ଅଭିଜ୍ଞତା ସୃଷ୍ଟି ହୋଇପାରିଥାଏ।

# ଏନ୍‌ପିସିଆଇ ସହ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କର ଏମ୍‌ଓୟୁ

ଭୁବନେଶ୍ୱର,୨୭।୧୨

ୟୁପିଆଇ ଆଇଡିକୁ ବ୍ୟବହାର କରି ବାସ୍ତବ ସମୟରେ ସୀମାପାର ରେମିଟାନ୍ସ (ପାଣ୍ଠି ପ୍ରେରଣ) ସୁବିଧାଗୁଡ଼ିକୁ ମନି ଟ୍ରାନ୍ସଫର ଅପରେଟର (ଏମ୍‌ଟିଓ) ସହଯୋଗୀମାନଙ୍କୁ ପ୍ରଦାନ କରିବା ଲାଗି ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ ପକ୍ଷରୁ ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ସହିତ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଏହି ଅଭିଯାନ ସହିତ ପ୍ରଥମ ଭାରତୀୟ ବ୍ୟାଙ୍କ ଭାବେ ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ୍ ପକ୍ଷରୁ ୟୁପିଆଇରେ ସୀମାପାର ପେମେଣ୍ଟ ଓ ଏନ୍‌ଆର୍‌ଆଇ ରେମିଟାନ୍ସ ସୁବିଧା ଆରମ୍ଭ କରାଯାଇଛି। ଏହି ବ୍ୟବସ୍ଥାରେ ଏମ୍‌ଟିଓମାନେ ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ୍‌ର ଚ୍ୟାନେଲକୁ ବ୍ୟବହାର କରି ହିତାଧିକାରୀ ଖାତାରେ ସୀମାପାର ପେମେଣ୍ଟ ଫଇସଲା ଓ ସ୍ୱୀକୃତି ପାଇଁ ଏନ୍‌ପିସିଆଇର ୟୁପିଆଇ ପେମେଣ୍ଟ ବ୍ୟବସ୍ଥା ସହିତ ଯୋଡ଼ି ହୋଇପାରିବେ।

## ଫୁର୍‌ସତ୍

# କୁକୁର ପାଇଁ ବିଳାସପୂର୍ଣ୍ଣ ଘର



**ନୂଆଦିଲ୍ଲୀ:** ଅଧିକାଂଶ ସମୟରେ ସୋସିଆଲ ମିଡିଆରେ ଅନେକ ଭିଡିଓ ଭାଇରାଲ ହୋଇଥାଏ। ଏବେ ସେମିତି ଏକ ଭିଡିଓ ଭାଇରାଲ ହେଉଛି। ଯାହାକୁ ଦେଖିଲେ ଆପଣ ବି ପ୍ରଶଂସା କରିବେ। ପିଲାଦିନରୁ ଶିକ୍ଷା ଦିଆଯାଇଥାଏ ଯେ, ସର୍ବଦା ଅନ୍ୟମାନଙ୍କୁ ସାହାଯ୍ୟ କରିବା ଉଚିତ। ଯଦି କେହି ଅସୁବିଧାରେ ପଡ଼ନ୍ତି, ତେବେ ତାଙ୍କୁ ଏକୁଟିଆ ଛାଡ଼ିବା କଥା ନୁହେଁ। ବର୍ତ୍ତମାନ ଏଭଳି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହା ଆମ ସାମ୍ନାରେ ମାନବିକତାର ଏକ ଉଦାହରଣ ସୃଷ୍ଟି କରିଛି।

କୁହାଯାଏ, ଯେଉଁମାନଙ୍କର ଟଙ୍କା ଅଛି ସେମାନେ ହିଁ କିଛି କରିପାରିବେ, କିନ୍ତୁ ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କ ପାଖରେ ବହୁତ ଟଙ୍କା ଥିଲେ ବି ହୃଦୟ ଛୋଟ ହୋଇଥାଏ। ଏହାର ଅର୍ଥ ହେଉଛି ଟଙ୍କା ଥିବା ଲୋକମାନେ ପ୍ରାୟତଃ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ କୁଣ୍ଠାବୋଧ ମନେ କରିଥାନ୍ତି। ସେହି ସମୟରେ ଯେଉଁମାନେ ଗରିବ, ସେମାନେ ସର୍ବଦା ସେମାନଙ୍କ ସହିତ ଛିଡ଼ା ହୁଅନ୍ତି, ସେ ମଣିଷ ହୁଅନ୍ତୁ କିମ୍ବା ପଶୁ। ଏଠାରେ ଦିଆଯାଇଥିବା ଫଟୋରେ ଦେଖିପାରିବେ ଯେ, ଜଣେ ବ୍ୟକ୍ତି ହ୍ୟାଣ୍ଡକାର୍ଟ ଉପରେ ଶୋଇଛନ୍ତି। ଆଉ ତାଙ୍କ ମୁଣ୍ଡ ଉପରେ କୁକୁର ଶୋଇବା ପାଇଁ ସେ ଏକ ବେଡ୍ ମଧ୍ୟ କରିଛନ୍ତି। କୁକୁରର ଏହି ବେଡ୍‌କୁ ଅତି ସୁନ୍ଦର ଭାବରେ ସଜାଇଛନ୍ତି ଅସହାୟ ବ୍ୟକ୍ତି ଜଣକ। ଯେମିତି ଡବଲ ବେଡ ପଡ଼ିଥିବା ପରି ଦେଖାଯାଉଛି। ଏହି ଫଟୋକୁ ଆଇପିଏସ୍ ଅଧିକାରୀ ଦୀପାଂଶୁ କାବ୍ରା ତାଙ୍କ ଟୁଇଟରରେ ଶେୟାର କରିଛନ୍ତି। ଏଥିରେ ସେ କ୍ୟାପଶନ 'କିଛି ଲୋକ ଏତେ ଗରିବ ଯେ, ସେମାନଙ୍କ ପାଖରେ କେବଳ' ଟଙ୍କା ଅଛି ଏବଂ କିଛି ଲୋକ ଏତେ ଧନୀ ଅଟନ୍ତି ଯେ, ସେମାନଙ୍କ ପାଖରେ କେବଳ ହୃଦୟ ଥାଏ। ଏହି ଫଟୋଟିକୁ ହଜାର ହଜାର ଲୋକ ପସନ୍ଦ କରିଛନ୍ତି। ୟୁଜରମାନେ ଅନେକ ଭଲ ମନ୍ତବ୍ୟ ଦେବା ସହ ସେହି ବ୍ୟକ୍ତିଙ୍କୁ ମଧ୍ୟ ଖୁବ ପ୍ରଶଂସା କରୁଛନ୍ତି। ଜଣେ ୟୁଜର ଲେଖିଛନ୍ତି, ମଣିଷ ଆମେ ସମସ୍ତେ, ଯଦି କେବଳ ମାନବିକତା ଆମ ଭିତରକୁ ଆସେ, ତେବେ ଏହି ପୃଥିବୀ ସ୍ୱର୍ଗଠାରୁ କମ ନୁହେଁ । ସେହିପରି ଅନ୍ୟ ଜଣେ ଲେଖିଛନ୍ତି 'ଧନ ପାଇଁ ଅର୍ଥର ଆବଶ୍ୟକତା ନାହିଁ, ହୃଦୟରେ ଧନୀ ବ୍ୟକ୍ତି ସମସ୍ତଙ୍କ ପାଇଁ ଦୟାଳୁ ଏବଂ ସାହାଯ୍ୟକାରୀ।

# ବ୍ୟସ୍ତ ଅଛନ୍ତି ହୁମା



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ହୁମା କୁରେଶି ଇନଷ୍ଟାମ ଆକାଉଣ୍ଟରେ ରାଣୀ ଭାରତୀ ଅବତାରରେ ଏକ ସେଲ୍ଫି ଶେୟାର କରିଛନ୍ତି । ଏଥିରେ ସେ ସିଜିନ-୨ ଆଡକୁ ଇସାରା କରିଛନ୍ତି । ଏହାସହ ଭିକ୍ଟ୍ରି ସାଇନ ମଧ୍ୟ ଦେଖାଇଛନ୍ତି । ହୁମା ସୋନି ଲିଭ ସିରିଜ 'ମହାରାଣୀ'ର ଦ୍ୱିତୀୟ ସିଜିନ ଶୁଟିଂରେ ବ୍ୟସ୍ତ ଅଛନ୍ତି । ଶୋ'ର ପ୍ରଥମ ସିଜନରେ 'ଗ୍ୟାଙ୍ଗସ ଅଫ ୱାଶିପୁର'ର ଆକ୍ଟ୍ରେସ ରାଣୀ ଭାରତୀ ରୂପରେ ନଜର ଆସିଥିଲେ। ଯିଏ ଜଣେ ଗାଉଁଲି ମହିଳା ହୋଇଥିବା ବେଳେ ତାଙ୍କୁ ବିହାରର ମୁଖ୍ୟମନ୍ତ୍ରୀ ହେବାକୁ ବଛା ଯାଇଥିଲା। ୩୫ ବର୍ଷୀୟା ହୁମା ରାଣୀ ବେଶରେ ଇନଷ୍ଟାଗ୍ରାମରେ ଏକ ସେଲଫି ଶେୟାର କରିଛନ୍ତି। ସୂଚନାଯୋଗ୍ୟ, ୩୫ ବର୍ଷୀୟା ହୁମା ଶେଷଥର ଲାଗି ଚଳିତ ବର୍ଷର ମୁଭି 'ବେଲ୍‌ବଟମ'ରେ ନଜର ଆସିଥିଲେ।

ଏବେ ତାଙ୍କ ନିକଟରେ 'ଡବଲ ଏକ୍ସେଲ', ଭାସନ ବାଲାଙ୍କ ନେଟଫ୍ଲିକ୍ସ ମୁଭି 'ମୋନିକା, ଓ ମାଇ ଡାର୍ଲିଂ' ଭଳି ପ୍ରୋଜେକ୍ଟ ରହିଛି। 'ଡବଲ ଏକ୍ସେଲ'ର ଶୁଟିଂ ନିକଟରେ ଲଣ୍ଡନ ଓ ଦିଲ୍ଲୀରେ ଶେଷ ହୋଇଛି। ଏଥିରେ ସୋନାକ୍ଷୀ ସିହ୍ନା ବି ହୁମାଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସିବେ। ଏ ସବୁକୁ ନେଇ ହୁମା ଏବେ ବେଶ୍ ବ୍ୟସ୍ତ ଅଛନ୍ତି। ମହାରାଣୀର ପ୍ରଥମ ସିଜନକୁ କରଣ ଶର୍ମା ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ସୌହମ ଶାହା, ଅମିତ ସିଅଲ, କନି କୁଶ୍ରୁତି, ବିନୀତ କୁମାର ମଧ୍ୟ ରହିଥିଲେ। ୨୦୧୭ର ଲିଗାଲ ଡ୍ରାମା 'ଜଲି ଏଲ୍‌ଏଲ୍‌ବି' ରେ ହୁମା ଅଭିନୟ କରିଥିଲେ।

# 'ଲୁକା ଛୁପି ୨'ରେ ଭିକି-ସାରା



**ମୁମ୍ବାଇ:** କିଛି ଦିନ ହେବ ସାରା ଅଲ୍ଲୀ ଖାନ୍ ନିଜର ଲାଟେଷ୍ଟ ଫିଲ୍ମ 'ଅତରଙ୍ଗୀ ରେ' ରିଲିଜରେ ବ୍ୟସ୍ତ ଥିଲେ। ଭିକି କୌଶଲ ମଧ୍ୟ ନିଜର ବିବାହକୁ ନେଇ କିଛି ଦିନ ହେବ ନିଜକୁ ସିନେମା ଦୁନିଆରୁ ଦୂରରେ ରଖିଥିଲେ। ଏବେ ସେ ପୁଣି ଥରେ ସିନେମା ଦୁନିଆକୁ ଆସିଛନ୍ତି। ଭିକି ତାଙ୍କ ଆଗାମୀ ଚଳଚ୍ଚିତ୍ର 'ଲୁକା ଛୁପି ୨'ରେ ପ୍ରଥମ ଥର ପାଇଁ ସାରାଙ୍କ ସହ ବଡ ପରଦାରେ ନଜର ଆସିବେ। ସେଥିପାଇଁ ଦୁହେଁ ସିନେମା ପାଇଁ ଶୁଟିଙ୍ଗ ଆରମ୍ଭ କରିସାରିଲେଣି। ସିନେମା ଶୁଟିଙ୍ଗର କିଛି ଭିଡିଓ ଭାଇରାଲ ହେବାର ନଜର ଆସିଛି। ମଧ୍ୟପ୍ରଦେଶର ଇନ୍ଦୋର ସହରରେ ଭିକି ତାଙ୍କ ବାଇକ୍‌ରେ ସାରାଙ୍କୁ ପଛରେ ବସେଇ ନେଉଥିବାର ଦୃଶ୍ୟ ସାମ୍ନାକୁ ଆସିଛି। ଦୁହେଁ ଏଥିରେ ମଧ୍ୟବିତ୍ତ ଶ୍ରେଣୀ ଲୋକ ଭାବେ ନଜର ଆସିଛନ୍ତି। ଲକ୍ଷ୍ମଣ ଉଟେକର ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି। ସିନେମାକୁ ରୋମାଣ୍ଟିକ କମେଡିର ରଙ୍ଗ ଦିଆଯାଇଛି।

# ରହସ୍ୟମୟ ମନ୍ଦିର

**ନୂଆଦିଲ୍ଲୀ:** ଭାରତକୁ ସାଧୁ ସନ୍ଥଙ୍କ ଦେଶ ବୋଲି କୁହାଯାଏ। ଏହା ସହିତ ଆମ ଦେଶରେ ଅନେକ ରହସ୍ୟମୟ ସ୍ଥାନ ମଧ୍ୟ ରହିଛି। ଉତ୍ତରପ୍ରଦେଶର ମଥୁରା ଜିଲାରେ ଥିବା ଶ୍ରୀକୃଷ୍ଣ ମନ୍ଦିର ଏକ ଗୁରୁତ୍ୱପୂର୍ଣ୍ଣ ତଥା ଧାର୍ମିକ ଏବଂ ଐତିହାସିକ ସ୍ଥାନ। ଭଗବାନ କୃଷ୍ଣଙ୍କ ଲୀଳା ଏହି ମନ୍ଦିର ସହ ଜଡ଼ିତ। ଏହି ମନ୍ଦିରର ବିଶେଷତ୍ୱ ହେଲା ଏହାର କବାଟ ଆପଣାଛାଏଁ ଖୋଲି ବନ୍ଦ ହୁଏ। ଏହି ମନ୍ଦିର ରଙ୍ଗମହଲ ନାମରେ ବି ଜଣାଶୁଣା। ବିଶ୍ୱାସ କରାଯାଏ, ଭଗବାନ କୃଷ୍ଣ ଏଠାରେ ରାତିରେ ବିଶ୍ରାମ ନେଇଥାନ୍ତି। ପ୍ରତିଦିନ ପ୍ରସାଦ ମନ୍ଦିରରେ ରଖାଯାଏ। ଏହା ବ୍ୟତୀତ ଭଗବାନ କୃଷ୍ଣ ଶୋଇବା ପାଇଁ ଏକ ଶଯ୍ୟା କରାଯାଏ। ଆଶ୍ଚର୍ଯ୍ୟଜନକ କଥା ହେଉଛି, ଅନ୍ଧାର ହେବା ମାତ୍ରେ ଏହି ମନ୍ଦିରର କବାଟଗୁଡ଼ିକ ସ୍ୱୟଂ ବନ୍ଦ ହୋଇଯାଏ ବୋଲି ସ୍ଥାନୀୟ ବାସିନ୍ଦା କହିଥାନ୍ତି। ତେବେ ଏହାର ପଛର କାରଣ ଆଜିବି ରହସ୍ୟମୟ ହୋଇ ରହିଛି।

# ୫୩ ସେକେଣ୍ଡରେ ଚଢ଼ିଲେ ୧୦୦ ଶିଢ଼ି



**ମାଡ୍ରିଡ୍:** ସାନ ଭାଇଙ୍କୁ ମୁଣ୍ଡରେ ଅଜବ ତଥା ଓଲଟା ବୋହିବା ସହ ମାତ୍ର ୫୩ ସେକେଣ୍ଡରେ ସିଡି ଚଢ଼ି ବିଶ୍ୱ ରେକର୍ଡ କରିଛନ୍ତି ସ୍ପେନର ଜଣେ ଯୁବକ। ଏହାର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘଟଣାଟି ୨ ଡିସେମ୍ବରର ବୋଲି ଜଣାପଡ଼ିଛି। ୩୭ ବର୍ଷୀୟ ଜିଆଙ୍ଗ କ୍ୱୋକ୍ କୋ ଏବଂ ତାଙ୍କ ଭାଇ ୩୨ ବର୍ଷୀୟ ଜିଆଙ୍ଗ କ୍ୱୋକ୍ ନେପ୍‌ଙ୍କ ନାଁ ଏହି ରେକର୍ଡରେ ସାମିଲ ହୋଇଛି। କ୍ୱୋକ୍ ତାଙ୍କ ସାନ ଭାଇଙ୍କୁ ଓଲଟା ମୁଣ୍ଡରେ ନେଇ ୧୦୦ ସିଡି ଚଢିଥିଲେ। ୨୦୧୬ରେ ମଧ୍ୟ ଏହି ଦୁଇ ଏପରି କରାମତି କରି ୱାର୍ଲ୍ଡ ରେକର୍ଡ କରିଥିଲେ। ଏବେ ସେମାନେ ନିଜ ରେକର୍ଡକୁ ନିଜେ ଭାଙ୍ଗିଛନ୍ତି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

Very good news for who buy gold ornaments for marriage. If you buy more than 250 gram one time your gold rate will be Rs.42000/- for 10 gram, only for 7 days. Please come in time.
HINDUSTAN JEWELLERS
BAPUJINAGAR
BOMIKHAL
DHENKANAL

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

FINANCE
ପର୍ସନାଲ, ବିଜ୍‌ନେସ୍, ପ୍ରପର୍ଟି, ଗୃହ, ଶିକ୍ଷା, କୃଷି, ଗାଈ, କୁକୁଡ଼ା ଓ ଛେଳି ପାଳନ ପାଇଁ ସମସ୍ତ ପ୍ରକାର LOAN 7 ଦିନ ମଧ୍ୟରେ ଯୋଗାଇ ଦିଆଯାଉଛି । ଘରେ ବସି ONLINE ମାଧ୍ୟମରେ, ସୁଧ ୨% ।
Mob.- 7656825030
W.- 8280679121
B.D.F.C. FINANCE
BIJAPADA, BILASPUR, BARAGARH

BALAJI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି,
BPL, IIT ଭତ୍ତା, କୁକୁଡାପାଳନ,
ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
ଧୋକାବାଜ୍ ଠୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୨୮/୨୦୨୧ Sambalpur, Tuesday, December 28/ 2021

# ଜାତୀୟ ସିନିୟର ମହିଳା ହକି କ୍ୟାମ୍ପରେ ୬୦ ଖେଳାଳି

**ଓଡ଼ିଶାରୁ ଦୀପ୍ ଗ୍ରେସ୍ ଏକ୍କା, ରଶ୍ମିତା ମିଞ୍ଜ, ଲିଲିମା ମିଞ୍ଜ, ନମିତା ଟପ୍ପୋ, ମାରିଆନା କୁଜୁର, ଆଜମିନା କୁଜୁର, ଜିଓ୍ୱନ କିଶୋରୀ ଟପ୍ପୋ, ଦୀପ୍ତି ଲାକ୍ରା ସାମିଲ**

**ନୂଆଦିଲ୍ଲୀ, ୨୭।୧୨(ପି.ଟି.)** ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ସାଉଥ୍ ସେଣ୍ଟରରେ ସୋମବାରଠାରୁ ଆରମ୍ଭ ହୋଇଥିବା ଜାତୀୟ ସିନିୟର ମହିଳା ହକି କ୍ୟାମ୍ପରେ ୬୦ ଖେଳାଳିଙ୍କୁ ସାମିଲ କରାଯାଇଛି। ସେଥିରେ ଓଡ଼ିଶାରୁ ଦୀପ୍ ଗ୍ରେସ୍ ଏକ୍କା, ରଶ୍ମିତା ମିଞ୍ଜ, ଲିଲିମା ମିଞ୍ଜ, ନମିତା ଟପ୍ପୋ, ମାରିଆନା କୁଜୁର, ଆଜମିନା କୁଜୁର, ଜିଓ୍ୱନ କିଶୋରୀ ଟପ୍ପୋ, ଦୀପ୍ତି ଲାକ୍ରା ସାମିଲ ଅଛନ୍ତି। ନିକଟରେ ଅନୁଷ୍ଠିତ ୧୧ତମ ଜାତୀୟ ସିନିୟର ଚାମ୍ପିୟନଶିପ୍, ଆନ୍ତଃ ବିଭାଗୀୟ ଜାତୀୟ ଚାମ୍ପିୟନଶିପ୍ ଏବଂ ଅନ୍ୟ ହକି ଇଣ୍ଡିଆ ଅନୁମୋଦିତ ଘରୋଇ ଇଭେଣ୍ଟରୁ ପ୍ରଦର୍ଶନ ଭିତ୍ତିରେ ଏହି ଖେଳାଳିଙ୍କୁ ଚୟନ କରାଯାଇଛି। ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଉନ୍ନତ ପ୍ରଦର୍ଶନ ଯୋଗୁ ଅନେକ ଖେଳାଳି ଏହି ୬୦ ଜଣିଆ ସିନିୟର କୋର୍ ଗ୍ରୁପ୍‌ରେ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ଜୁନିୟର ମହିଳା ହକି ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ମଧ୍ୟ ଏହି ଗ୍ରୁପ୍‌ରେ ସାମିଲ କରାଯାଇଛି। ଆସନ୍ତା ବର୍ଷ ହେବାକୁଥିବା ମହିଳା ଏସିଆ କପ୍ ପାଇଁ ପ୍ରସ୍ତୁତି ବେଳକୁ ଏହି ତାଲିକା ୩୩କୁ ହ୍ରାସ କରାଯିବ।

"ପୂର୍ବରୁ ୩୩ ଜଣିଆ କୋର୍ ଗ୍ରୁପ୍‌ରେ ସାମିଲଥିବା ଖେଳାଳିଙ୍କ ମଧ୍ୟରୁ ଅଧିକାଂଶ ଏହି ତାଲିକାରେ ଅଛନ୍ତି। ଆଗାମୀ ଦିନରେ ଚୂଡ଼ାନ୍ତ ୩୩ ଜଣିଆ ତାଲିକା ପ୍ରସ୍ତୁତି ପୂର୍ବରୁ ହେବାକୁଥିବା ଟ୍ରାଏଲ୍‌ରେ ସେମାନଙ୍କୁ ଦକ୍ଷତା ଦେଖାଇବାକୁ ପଡ଼ିବ। ଆଗାମୀ କିଛି ସପ୍ତାହ ଗୁରୁତ୍ୱପୂର୍ଣ୍ଣ। ନୂଆ ପ୍ରତିଭାଙ୍କ ଖେଳ ଦେଖିବାପରେ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ମୁଁ ଏହି ଗ୍ରୁପ୍‌ରେ ନେବାକୁ ଚାହିଁବି" ବୋଲି ମହିଳା ଦଳର ମୁଖ୍ୟ କୋଚ୍ ଜାନେକ୍ ସ୍କୁପମ୍ୟାନ କହିଛନ୍ତି। ଆସନ୍ତାବର୍ଷ ଏସିଆ କପ୍ ସମେତ ଏଫ୍ଆଇଏଚ୍ ପ୍ରୋ ଲିଗ୍, ଏଫ୍ଆଇଏଚ୍ ମହିଳା ବିଶ୍ୱକପ, ଏସିଆନ ଗେମ୍ସ ଆଦି ଅନେକ ଟପ୍ ଟୁର୍ନାମେଣ୍ଟ ଆୟୋଜନ ହେବ। ତେଣୁ ଶକ୍ତିଶାଳୀ ୩୩ ଜଣିଆ କୋର୍ ଗ୍ରୁପ୍ ଗଠନ କରିବାକୁ ପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି।

# ପରାଜୟ ସଙ୍କଟରେ ଇଂଲଣ୍ଡ



ଉଇକେଟ ନେବାପରେ ସ୍କଟ ବୋଲାଣ୍ଡଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

## ତୃତୀୟ ଆଶେସ ଟେଷ୍ଟ

**ମେଲବୋର୍ନ, ୨୭।୧୨ (ଏପି):** ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଆଶେସ ଅବା ବକ୍ସିଂ ଡେ' ଟେଷ୍ଟରେ ସିରିଜ ବିଜୟ ଆଡକୁ ଅଗ୍ରସର ହେଉଛି। ସୋମବାର ଖେଳର ଦ୍ୱିତୀୟ ଦିବସରେ ଅଷ୍ଟ୍ରେଲିଆକୁ ୨୮୭ରନରେ ଅଲ୍ଆଉଟ କରି ୮୨ରନ ପଛୁଆ ଥାଇ ସୁଦ୍ଧା ଇଂଲଣ୍ଡ ଏକ ପ୍ରକାର ସନ୍ତୁଷ୍ଟ ଥିଲା। ମାତ୍ର ଦ୍ୱିତୀୟ ଦିବସ ଖେଳ ଶେଷ ଭାଗରେ ଯାହା ଘଟିଥିଲା ତାହା ଉଭୟ ଦଳର କଳ୍ପନା ବାହାରେ ଥିଲା। ଅଷ୍ଟ୍ରେଲିଆର ୩ ପେସ୍ ବୋଲର ପ୍ୟାଟ କମିନ୍ସ, ମିଚେଲ ଷ୍ଟାର୍କ ଓ ସ୍କଟ୍ ବୋଲାଣ୍ଡ ଘାତକ ବୋଲିଂ କରି ଇଂଲଣ୍ଡର ଦ୍ୱିତୀୟ ଇନିଂସ ବ୍ୟାଟିଂରେ ବିପର୍ଯ୍ୟୟ ଘଟାଇଥିଲେ। ଭ୍ରମଣକାରୀ ଦଳ ୧୨ ଓଭରରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୪ ଉଇକେଟ ବିନିମୟରେ ମାତ୍ର ୩୧ ରନ ସଂଗ୍ରହ କରି ସଙ୍କଟରେ ପଡ଼ିଛି। ଏହାଦ୍ୱାରା ଘରୋଇ ଦଳର ସ୍ଥିତି ଅଧିକ ସୁଦୃଢ ହୋଇଥିବା ବେଳେ ସିରିଜ ବିଜୟ ଆଡକୁ ଅଗ୍ରସର ହେଉଛି। ରବିବାର ପ୍ରଥମ ଦିବସରେ ଇଂଲଣ୍ଡର ପ୍ରଥମ ଇନିଂସକୁ ୧୮୫ରନରେ ସୀମିତ ପରେ ଅଷ୍ଟ୍ରେଲିଆ ୧ ଉଇକେଟ ବିନିମୟରେ ୬୨ ରନ କରିଥିଲା। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ମାର୍କସ ହାରିସ ୭୬, ଡେଭିଡ୍ ୱାର୍ନର ୩୮ରନ କରିଥିଲେ। ଇଂଲଣ୍ଡ ସିମ୍ ବୋଲର ଜେମ୍ସ ଆଣ୍ଡରସନ ଚମତ୍କାର ବୋଲିଂ କରି ମାର୍କସ ହାରିସ (୭୬) ଓ ଷ୍ଟିଭ ସ୍ମିଥ (୧୬)ଙ୍କ ଉଇକେଟ ଅକ୍ତିଆର କରିଥିଲେ। ସେ ତାଙ୍କ ୨୩ ଓଭର ବୋଲିଂରେ ୪ ଉଇକେଟ ବିନିମୟରେ ୩୩ ରନ କରିଥିଲେ। କିନ୍ତୁ ଇଂଲଣ୍ଡ ବ୍ୟାଟରମାନଙ୍କୁ ଶୀଘ୍ର ଅଷ୍ଟ୍ରେଲୀୟ ବୋଲିଂ ଆକ୍ରମଣର ସାମ୍ନା କରିବାକୁ ହୋଇଥିଲା। ମିଚଲେ ଷ୍ଟାର୍କ (୨/୧୧) ତାଙ୍କର ଲଗାତର ଦୁଇଟି ଡେଲିଭରିରେ ଜ୍ୟାକ୍ କ୍ରଲି (୫ରନ)ଙ୍କୁ କଟ୍ ବିହାଇଣ୍ଡ ଏବଂ ଡାୱିଡ ମଲାନଙ୍କୁ ବିନା ସ୍କୋରରେ ଲେଗ୍ ବିଫୋର ଉଇକେଟ କରି ଦେଇଥିଲେ। ନବାଗତ ସ୍କଟ୍ ବୋଲାଣ୍ଡ (୨/୧) ଓପନର ହସିବ ହମିଦ (୭) ଏବଂ ଜ୍ୟାକ୍ ଲିଚ୍ (୦)ଙ୍କୁ ଶୀଘ୍ର ଆଉଟ୍ କରି ଉପସ୍ଥିତ ୪୨, ୬୨୬ ଦର୍ଶକଙ୍କ ମନରେ ଉନ୍ମାଦନା ସୃଷ୍ଟି କରିଥିଲେ। ଜୋ ରୁଟ୍ (୧୨*) ଓ ବେନ୍ ଷ୍ଟୋକ୍ସ (୨*) ବର୍ତ୍ତମାନ କ୍ରିଜରେ ମହଜୁଦ ଅଛନ୍ତି। ଅଷ୍ଟ୍ରେଲିଆକୁ ଆଉ ଥରେ ବ୍ୟାଟିଂ କରାଇବାକୁ ହେଲେ ଇଂଲଣ୍ଡକୁ ଆହୁରି ୫୧ ରନ ଆବଶ୍ୟକ।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ:** ୧୮୫

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୨୬୭ (ମାର୍କସ ହାରିସ୍-୭୬, ଡେଭିଡ ୱାର୍ନର-୩୮ ; ଜେମ୍ସ ଆଣ୍ଡରସନ-୪/୩୩, ରବିନସନ-୨/୬୪, ମାର୍କ ଉଡ୍-୨/୭୧)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୧/୪।

# ବର୍ଷା ଯୋଗୁ ଦ୍ୱିତୀୟ ଦିବସ ଖେଳ ହେଲାନି



ବର୍ଷା ଯୋଗୁ ପିଚ୍‌କୁ ଘୋଡ଼ାଇ ରଖାଯାଉଛି।

**ସେଞ୍ଚୁରିଅନ, ୨୭।୧୨ (ପି.ଟି.):** ସୋମବାର ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଯୋଗୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟର ଦ୍ୱିତୀୟ ଦିବସ ଖେଳ ସମ୍ଭବ ହୋଇପାରିନି। ଦିନରେ ଦୁଇଥର ବର୍ଷା ବନ୍ଦ ରହିଥିଲା। ପଡ଼ିଆ ଯାଞ୍ଚ ପରେ ଖେଳ ଆରମ୍ଭ କରିବାକୁ ଉଦ୍ୟମ ହୋଇଥିଲା। ମାତ୍ର ଉଭୟ ଥର ଖେଳିବା ଲାଗି ପଡ଼ିଆକୁ ଓହ୍ଲାଇବା ବେଳେ ବର୍ଷା ଆରମ୍ଭ ହୋଇଯାଇଥିଲା। ରବିବାର ମ୍ୟାଚର ପ୍ରଥମ ଦିବସରେ ଭାରତ ୯୦ ଓଭରରେ ୨୭୨ ରନ ସଂଗ୍ରହ କରି ଦୃଢ ସ୍ଥିତିରେ ରହିଛି। ଲୋକେଶ ରାହୁଲ ୧୭ ଚୌକା ଓ ଗୋଟିଏ ଛକା ସହ ୨୪୮ ବଲ୍‌ରେ ୧୨୨ ରନ କରି ନଟଆଉଟ ଅଛନ୍ତି। ତାଙ୍କ ସହ ଅପରାଜିତ ରହିଥିବା ଅଜିଙ୍କ୍ୟ ରାହାନେ ୪୦ ରନ କରିଛନ୍ତି। ଲୁନ୍‌ଗି ଏନ୍‌ଗିଡିଙ୍କ ବଲ୍‌ରେ ଆଉଟ ହେବା ପୂର୍ବରୁ ଓପନର ମୟଙ୍କ ଅଗ୍ରୱାଲ ୧୨୩ ବଲ୍‌ରୁ ୬୦ ରନ କରିଛନ୍ତି। ଅଧିନାୟକ ବିରାଟ କୋହଲି ୯୪ ବଲ୍‌ରୁ ୩୫ ରନ କରିଛନ୍ତି। ପ୍ରଥମ ଦିବସରେ ପତନ ଘଟିଥିବା ସମସ୍ତ ତିନୋଟି ଉଇକେଟ ଏନ୍‌ଗିଡି (୩/୪୫) ଅକ୍ତିଆର କରିଛନ୍ତି।




# ୧୯ ବର୍ଷ କମ୍ ଏସିଆ କପ୍: ଭାରତ ସେମିଫାଇନାଲରେ

**ଦୁବାଇ, ୨୭।୧୨ (ପି.ଟି.):** ଭାରତ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ସପ୍ତମ ଉଇକେଟରେ ରାଜ୍‌ବାୱା ଓ କୌଶଲ ଟାମ୍ବେଙ୍କ ୬୫ରନର ମ୍ୟାଚ ବିଜୟୀ ପାର୍ଟନରଶିପ୍ ଯୋଗୁ ଭାରତ ସୋମବାର ୪ ଉଇକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଏହି ବିଜୟ ଦ୍ୱାରା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଜିତିବା ଲାଗି ଭାରତ ୨୬୦ରନ ଟାର୍ଗେଟର ପିଛା କରୁଥିବା ବେଳେ ଏକଦା ୬ ଉଇକେଟରେ ୧୯୭ରନ କରି ସଙ୍କଟରେ ପଡ଼ିଥିଲା। ବାୱା (୪୩*) ଓ ଟାମ୍ବେ (୩୫*) ଯୋଡ଼ି ଚମତ୍କାର ବ୍ୟାଟିଂ କରି ୧୦ଟି ବଲ୍ ବାକିଥାଇ ଦଳକୁ ବିଜୟୀ କରାଇଥିଲେ। ପୂର୍ବରୁ ହାର୍ନୁର ପାନୁ (୬୫) ଓ ତାଙ୍କ ପାର୍ଟନର ଅଙ୍ଗ୍ରିଶ ରଘୁବଂଶୀ (୩୫) ଓପନିଂ ଷ୍ଟାଣ୍ଡରେ ୧୦୪ ରନ ଯୋଗ କରିଥିଲେ। ମିଡିଲ ଅର୍ଡରରେ ଅଧିନାୟକ ୟାଶ ଦୁଲ ଓ ନିଶାନ୍ତ ସିନ୍ଧୁ ବିଫଳ ହୋଇଥିଲେ। ବାୱା ଓ ତାମ୍ବେଙ୍କୁ ଦାୟିତ୍ୱପୂର୍ଣ୍ଣ ଇନିଂସ ଖେଳିବାକୁ ହୋଇଥିଲା। ଏହି ବିଜୟ ଦ୍ୱାରା ଭାରତ ନିଜ ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନରେ ରହିଛି। ସେମିଫାଇନାଲରେ ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚର ବିଜେତାକୁ ଭେଟିବ।

**ସଂକ୍ଷିପ୍ତ ସ୍କୋର**

**ଆଫଗାନିସ୍ତାନ** ୨୫୯/୪ (ଇଜାଜ୍ ଅହମ୍ମଦ ଅହମ୍ମଦଜାଇ-୮୯*, ସୁଲିମାନ ସାଫି-୭୩ ; କୌଶଲ ତାମ୍ବେ-୧/୨୫)। **ଭାରତ ୨୬୨/୬** (ହାର୍ନୁର ସିଂ-୬୫, ଆର. ବାୱା-୪୩* ; ନୁର ଅହମ୍ମଦ-୪/୪୩)।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୨୮/୨୦୨୧ (୮+୮=୧୬ ପୃଷ୍ଠା)    Sambalpur, Tuesday, December 28/2021



**ଦିନରେ ରାଲି, ରାତିରେ କର୍ଫ୍ୟୁ: ପ୍ରଶ୍ନ ଉଠାଇଲେ ବରୁଣ**

ଦିନବେଳା ନିର୍ବାଚନୀ ରାଲି ହେଉଥିବାବେଳେ ରାତିରେ କର୍ଫ୍ୟୁ ଲାଗୁଛି। ମହାମାରୀ ନିୟନ୍ତ୍ରଣ ନା ଶକ୍ତି ପ୍ରଦର୍ଶନ, କାହାକୁ ପ୍ରାଧାନ୍ୟ ଦେବା ସରକାର ସ୍ପଷ୍ଟ କରନ୍ତୁ ବୋଲି ବରୁଣ ଗାନ୍ଧୀ ଆହ୍ୱାନ ଦେଇଛନ୍ତି। ୦୨

୦୮ **ସ୍ନେହାଙ୍କୁ ସ୍ୱର୍ଣ୍ଣ**

ଆନ୍ଧ୍ରପ୍ରଦେଶର ଗୁଣ୍ଟୁରଠାରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର ସ୍ନେହା ସୋରେନ।



**କାର ଚଢ଼ିଯାଇ ୨ ମୃତ, ୨ ଗୁରୁତର**




# ୧୫-୧୮ ବର୍ଷୀୟଙ୍କୁ କୋଭାକ୍ସିନ୍

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ)**



■ ୧ରୁ ପଞ୍ଜୀକରଣ, ୩ରୁ କିଶୋରୀ କିଶୋରଙ୍କୁ ଟିକା

■ ଆଧାର ନ ଥିଲେ ଷ୍ଟୁଡେଣ୍ଟ ଆଇ କାର୍ଡ ବ୍ୟବହାର କରିବେ

୨୦୨୨ ଜାନୁୟାରୀ ୩ ତାରିଖରୁ ୧୫ରୁ ୧୮ ବର୍ଷ ବୟସ ବର୍ଗର କିଶୋରୀ ଓ କିଶୋରମାନଙ୍କୁ କୋଭିଡ୍ ଟିକା ଦିଆଯିବ। ସେହିପରି ୧୦ରୁ କୋଭିଡ୍ ଟିକାର ପ୍ରତିଷେଧମୂଳକ ବୁଷ୍ଟର ଡୋଜ୍ ପ୍ରଦାନ ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୋମବାର ଗାଇଡ୍‌ଲାଇନ ଜାରି କରିଛି। ଉକ୍ତ ଗାଇଡ୍‌ଲାଇନ ଅନୁଯାୟୀ କିଶୋରୀ କିଶୋରମାନଙ୍କୁ କୋଭାକ୍ସିନ୍ ଟିକା ଦିଆଯିବ। ୧୫ରୁ ୧୮ ବର୍ଷ ବୟସ ବର୍ଗର ପିଲା ଟିକା ନେବା ପାଇଁ ଜାନୁୟାରୀ ୧ରୁ କୋୱିନ୍ ଆପ୍‌ରେ ନାମ ପଞ୍ଜୀକରଣ କରିବେ। ଏଥିପାଇଁ ସେମାନେ ଆଧାର କାର୍ଡ କିମ୍ବା ଅନ୍ୟ ବୈଧ ପରିଚୟପତ୍ର ବ୍ୟବହାର କରିବେ। ଯେଉଁମାନଙ୍କର ଆଧାର କାର୍ଡ ନାହିଁ ସେମାନେ ଦଶମ ଶ୍ରେଣୀ ଛାତ୍ର ଭାବେ ନିଜ ପରିଚୟପତ୍ର ବ୍ୟବହାର କରିପାରିବେ।

ଯେଉଁ ସ୍ୱାସ୍ଥ୍ୟ କର୍ମଚାରୀ ଓ ସମ୍ମୁଖ ଯୋଦ୍ଧା ପୂର୍ବରୁ ଦୁଇଟି ଯାକ ଡୋଜ୍ ନେଇଛନ୍ତି, ସେମାନେ ୧୦ ତାରିଖରୁ ତୃତୀୟ ତଥା ବୁଷ୍ଟର ଡୋଜ୍ ନେବେ। ଗାଇଡ୍‌ଲାଇନ ଅନୁଯାୟୀ ଦ୍ୱିତୀୟ ଡୋଜ୍ ନେବାର ୯ ମାସ ବା ୩୯ ସପ୍ତାହ ପରେ ପ୍ରିକଶନ୍ ଡୋଜ୍ ଦିଆଯିବ। ଜଣେ ବ୍ୟକ୍ତି ପ୍ରଥମ ଓ ଦ୍ୱିତୀୟ ଡୋଜ୍‌ରେ ଯେଉଁ କମ୍ପାନୀର ଟିକା ନେଇଥିବେ, ପ୍ରିକଶନ୍ ଡୋଜ୍‌ରେ ମଧ୍ୟ ତାଙ୍କୁ ସେହି ଟିକା ଦିଆଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଆଡଭାଇଜରିରେ କୁହାଯାଇଛି। ବହୁବିଧ ରୋଗ ଥିବା ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଡାକ୍ତରଙ୍କ ପରାମର୍ଶକ୍ରମେ ପ୍ରିକଶନ୍ ଡୋଜ୍ ନେଇପାରିବେ। ଏଥିପାଇଁ ସମ୍ମୁଖ ଯୋଦ୍ଧା ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ବହୁବିଧ ରୋଗ ଥିବା ବ୍ୟକ୍ତିଙ୍କୁ କୋ-ୱିନ୍ ଆପ୍ ଜରିଆରେ ପଞ୍ଜୀକରଣ କରାଇବାକୁ ହେବ। କୋ-ୱିନ୍ ସିଷ୍ଟମର ରେକର୍ଡରେ ଦ୍ୱିତୀୟ ଡୋଜ୍ ଟିକା ନେଇଥିବା ତାରିଖ ଆଧାରରେ ବୁଷ୍ଟର ଡୋଜ୍ ପାଇଁ ହିତାଧିକାରୀଙ୍କୁ ଚୟନ କରାଯିବ। ଧାର୍ଯ୍ୟ ସମୟ ଆସିଲେ ☞ପୃଷ୍ଠା-୩

## ସୁସ୍ଥ ହୋଇ ଫେରିଲେ ପ୍ରଥମ ଓମିକ୍ରନ୍ ଆକ୍ରାନ୍ତ

**ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ)**

ଓଡ଼ିଶାରେ ପ୍ରଥମେ ଚିହ୍ନଟ ହୋଇଥିବା ଓମିକ୍ରନ ଆକ୍ରାନ୍ତ ସୁସ୍ଥ ହୋଇ ସୋମବାର ହସ୍ପିଟାଲରୁ ଘରକୁ ଫେରିଛନ୍ତି। ଜଗତ୍‌ସିଂହପୁର ଜିଲାର ସମ୍ପୃକ୍ତ ବ୍ୟକ୍ତି ଜଣକ ନାଇଜେରିଆରୁ ଫେରିଥିଲେ। ସେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ତାଙ୍କ ନମୁନାକୁ ଜିନୋମ ସିକ୍ୱେନ୍ସିଂ କରାଯାଇଥିଲା। ରିପୋର୍ଟରେ ଓମିକ୍ରନ୍ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ସେ ଗତ ୧୭ରୁ କଟକର ଏକ ଘରୋଇ ହସ୍ପିଟାଲରେ ରହି ଚିକିତ୍ସିତ ହେଉଥିଲେ। ଶେଷ ୨୪ ଘଣ୍ଟାରେ ଦୁଇଥର ନେଗେଟିଭ୍ ରିପୋର୍ଟ ଆସିବା ପରେ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଛି। ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ତେବେ ଡାକ୍ତର ତାଙ୍କୁ ୭ ଦିନ ପର୍ଯ୍ୟନ୍ତ ଆଇସୋଲେଶନରେ ରହିବାକୁ ପରାମର୍ଶ ଦେଇଛନ୍ତି।

## ଏବେ ଲକ୍‌ଡାଉନ୍, ଶଟ୍‌ଡାଉନ୍ ଆବଶ୍ୟକ ନାହିଁ

**ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ)**

ଦେଶର ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ଭଲ ଥିବା କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ନିରଞ୍ଜନ ମିଶ୍ର। କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ, ପଜିଟିଭ୍ ହାର ୧୦ ପ୍ରତିଶତରୁ ଅଧିକ ରହିଲେ ହସ୍ପିଟାଲାଇଜେଶନ ଆବଶ୍ୟକତା ପଡିପାରେ। ସେହିପରି ରାଜ୍ୟରେ ସଂକ୍ରମଣ ବଢିଲେ ଲକ୍‌ଡାଉନ୍, ଶଟ୍‌ଡାଉନ କରିବାକୁ ପଡିପାରେ। ମାତ୍ର ଏବେ ରାଜ୍ୟରେ ସେଭଳି ସ୍ଥିତି ଉପୁଜିନାହିଁ। ତେଣୁ କେବଳ ଓମିକ୍ରନ ସଂକ୍ରମଣକୁ ନେଇ ବର୍ତ୍ତମାନ ସମୟରେ ଏଭଳି ନିୟମ ଲାଗୁ ହେବାର ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ବିଦେଶରୁ ଓଡ଼ିଶାକୁ ଫେରିଥିବା ଲୋକଙ୍କ ମଧ୍ୟରୁ ୮ଜଣ ଓମିକ୍ରନରେ ଆକ୍ରାନ୍ତ ହୋଇଛନ୍ତି।

# ୪ ମହିଳାଙ୍କ ସମେତ ୬ ମାଓବାଦୀ ମୃତ

## ସୁରକ୍ଷା କର୍ମୀ-ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ

**ମାଲକାନଗିରି,୨୭।୧୨(ଡି.ଏନ୍.ଏ.)**

ଓଡ଼ିଶାର ମାଲକାନଗିରି, ଛତିଶଗଡ଼ ଏବଂ ତେଲଙ୍ଗାନା ସୀମାନ୍ତ ଅଞ୍ଚଳରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ସୋମବାର ସକାଳେ ୪ ମହିଳାଙ୍କ ସମେତ ୬ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ଛତିଶଗଡ଼ ସାଉଥ ବସ୍ତର ଡିଭିଜନ ଏବଂ ତେଲଙ୍ଗାନାର ଚାର୍‌ଲା ମଣ୍ଡଳ ସୀମାନ୍ତ କିସ୍ତାରାମ ଥାନା ଅଧୀନ ପେଶାର୍ଲାପାଡୁ ନିକଟ ଜଙ୍ଗଲରେ ମାଓବାଦୀମାନେ କ୍ୟାମ୍ପ କରିଥିବା ସୂଚନା ପାଇ ସକାଳେ ତେଲଙ୍ଗାନା ଗ୍ରେହାଉଣ୍ଡ ଯବାନ, ଛତିଶଗଡର ସିଆର୍‌ପିଏଫ୍ ୧୪୧ ବାଟାଲିୟନ ଏବଂ ଡିଆର୍‌ଜି ଯବାନଙ୍କ ମିଳିତ କୋମ୍ବିଂ ଅପରେଶନ ଚାଲିଥିଲା। ସକାଳ ୭ଟାବେଳେ ପେଶାର୍ଲାପାଡୁ ନିକଟ ଜଙ୍ଗଲରେ କୋମ୍ବିଂ ଟିମ୍‌କୁ ଦେଖି ମାଓବାଦୀମାନେ ଗୁଳିଚାଳନା କରିଥିଲେ। ଏହାର ପାଲଟା ଜବାବରେ ସୁରକ୍ଷା କର୍ମୀମାନେ ମଧ୍ୟ ଗୁଳିଚାଳନା କରିଥିଲେ। ପ୍ରାୟ ୩୦ ମିନିଟ ଧରି ଗୁଳି ବିନିମୟ ହୋଇଥିଲା। ଏହାପରେ ସର୍ଚ୍ଚ ଅପରେଶନବେଳେ ୬ ମାଓବାଦୀଙ୍କ ମୃତଦେହ ସମେତ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ମୃତ ମାଓବାଦୀଙ୍କ ମଧ୍ୟରେ ଚାର୍‌ଲା ଏରିଆ ମିଲିସିଆ କମାଣ୍ଡର ରହିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ତେଲଙ୍ଗାନା କୋଟଗୁଡାମ୍ ଏସ୍‌ପି ସୁନୀଲ୍ ଦତ୍ତଙ୍କ ନେତୃତ୍ୱରେ ମିଳିତ ଅପରେଶନ ଚାଲିଥିଲା।

# ଆଣ୍ଠେଇ ପ୍ରତିବାଦ କଲେ ଆଶାୟୀ ଶିକ୍ଷକ

**ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ)**

ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୨୪ ତାରିଖରେ ହିନ୍ଦୀ, ସଂସ୍କୃତି ଓ କ୍ରୀଡା ଶିକ୍ଷକଙ୍କ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଛି। ତେବେ ଏଥିରେ ସାଧାରଣ ବର୍ଗ (ୟୁଆର୍) ଏବଂ ସାମାଜିକ ଆର୍ଥିକ ଦୁର୍ବଳ ଶ୍ରେଣୀ (ଏସ୍‌ଇବିସି) ବର୍ଗଙ୍କୁ ଅଣଦେଖା କରାଯାଇଥିବା ଓଏସ୍‌ଏସ୍‌ଟିଇଟି ପାସ୍ ଅଣନିଯୁକ୍ତ ହିନ୍ଦୀ, ସଂସ୍କୃତ ଓ କ୍ରୀଡା ଶିକ୍ଷକ ଆଶାୟୀ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଉକ୍ତ ବିଜ୍ଞାପନରେ ଥିବା ତ୍ରୁଟିକୁ ସୁଧାରିବା ସହ ବିଭିନ୍ନ ଦାବିରେ ସଂଘ ପକ୍ଷରୁ ସୋମବାର ଲୋୟର ପିଏମ୍‌ଜିରେ ଆଶାୟୀ ଶିକ୍ଷକମାନେ ରାସ୍ତାରେ ଆଣ୍ଠେଇବା ସହ କାନଧରି ଅଭିନବ ଭାବେ ପ୍ରତିବାଦ କରିଛନ୍ତି।

ସଂଘ ସଭାପତି ଅର୍ଜୁନ ସାହୁ କହିଛନ୍ତି, ବିଜ୍ଞାପନ ଅନୁଯାୟୀ ୧୧ହଜାର ୪୦୩ ପଦବୀ ମଧ୍ୟରେ କ୍ରୀଡାର ୧୨ଶହ୧୮ ପଦବୀ ରହିଛି। ସେଥିରୁ ୟୁଆର୍‌ରେ ମାତ୍ର ୧୩୨ଟି ପଦବୀ ଥିବାବେଳେ ଏସ୍‌ଇବିସି ପାଇଁ କୌଣସି ପଦବୀ ନାହିଁ। ସେହିପରି ହିନ୍ଦୀର ୧୭ଶହ ୫୭ ପଦବୀରୁ ୟୁଆର୍‌ରେ ୨୦୧, ଏସ୍‌ଇବିସି ୮୧ ଏବଂ ସଂସ୍କୃତ ୧୧ଶହ ୮୮ ପଦବୀରୁ ୟୁଆର୍ ୨୮୧ ଓ ଏସ୍‌ଇବିସି ପାଇଁ ୧୮ଟି ପଦବୀ ରହିଛି। ଅନ୍ୟ ସମସ୍ତ ପଦବୀ ଏସ୍‌ସି ଓ ଏସ୍‌ଟି ବର୍ଗର ପିଲାଙ୍କ ପାଇଁ ସଂରକ୍ଷିତ ରହିଛି। ଏହାଦ୍ୱାରା ସାଧାରଣ ବର୍ଗ ଓ ଏସ୍‌ଇବିସିଙ୍କ ପ୍ରତି ଘୋର ଅବହେଳା କରାଯାଇଥିବା ସଭାପତି ସାହୁ ଅଭିଯୋଗ କରିଛନ୍ତି। ସରକାର ତୁରନ୍ତ ଏହାର ସଂଶୋଧନ କରି ହିନ୍ଦୀ, ସଂସ୍କୃତ ଓ କ୍ରୀଡା ଶିକ୍ଷକ ନିଯୁକ୍ତିରେ ୟୁଆର୍‌ରେ ୫ଶହ ପଦବୀ ସୃଷ୍ଟି କରିବାକୁ ଦାବି କରାଯାଇଛି। ଏଥିସହ ଶିକ୍ଷକ ନିଯୁକ୍ତି ପାଇଁ ସିବିଟି ପରୀକ୍ଷାରେ ୧୫୦ ନମ୍ବରରୁ ସର୍ବନିମ୍ନ ୩୦ ନମ୍ବର ରଖିବାକୁ ବାଧ୍ୟତାମୂଳକ କରାଯାଉ। ଏସ୍‌ସି, ଏସ୍‌ଟି, ଏସ୍‌ଇବିସି ଏବଂ ୟୁଆର୍‌ର ସମାନ ଯୋଗ୍ୟତା ନମ୍ବର ରଖିବା ସହ ଅନ୍ୟାନ୍ୟ ଦାବି ଉପସ୍ଥାପନ କରାଯାଇଥିଲା। ଏଥିସହ ସଂଘ ପକ୍ଷରୁ ୫ଦଫା ଦାବିପତ୍ରକୁ ଶିକ୍ଷା ସଚିବଙ୍କୁ ପ୍ରଦାନ କରାଯାଇଛି। ସରକାର ଏହାର ସଂଶୋଧନ ନ କଲେ ସଂଘ ପୁଣି ରାଜରାସ୍ତାକୁ ଓହ୍ଲାଇବ ବୋଲି ସଂଘ ଚେତାବନୀ ଦେଇଛି।



ଓଏସ୍‌ଏସ୍‌ଟିଇଟି ପାସ୍ ଅଣନିଯୁକ୍ତ ହିନ୍ଦୀ, ସଂସ୍କୃତ ଓ କ୍ରୀଡା ଶିକ୍ଷକମାନେ ଆଣ୍ଠେଇ ପ୍ରତିବାଦ କରିବା ସହ ସରକାରଙ୍କ ନିଯୁକ୍ତି ବିଜ୍ଞାପନରେ ତ୍ରୁଟି ସଂଶୋଧନ ସମେତ ବିଭିନ୍ନ ଦାବି ରଖୁଛନ୍ତି।

## ୩ ଜଣଙ୍କୁ ପ୍ରମୁଖ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ଓଡ଼ିଶା କ୍ୟାଡରର ୩ ଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ପ୍ରମୁଖ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ମିଳିଛି। ୧୯୯୭ ବ୍ୟାଚ୍ ଆଇଏଏସ୍ ଅଫିସର ସଞ୍ଜୟ କୁମାର ସିଂ, ପ୍ରମୋଦ କୁମାର ମେହେର୍ଦା ଏବଂ ସଞ୍ଜୀବ କୁମାର ମିଶ୍ରଙ୍କୁ ଏହି ପଦୋନ୍ନତି ଦିଆଯାଇଛି। ସଞ୍ଜୟ ଏବେ ଓଡ଼ିଶା ସରକାରଙ୍କ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଉପାଧ୍ୟକ୍ଷ, ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର, ସ୍ମାର୍ଟ ସିଟି ଲିମିଟେଡ୍‌ର ସିଇଓ ଦାୟିତ୍ୱରେ ଅଛନ୍ତି। ସେହିପରି ପ୍ରମୋଦ ଜାତୀୟ ଖାଦ୍ୟ ସୁରକ୍ଷା ମିଶନର ମିଶନ ଡାଇରେକ୍ଟର ଥିବାବେଳେ ସଞ୍ଜୀବ ନ୍ୟାଶନାଲ ରିକ୍ରୁଟ୍‌ମେଣ୍ଟ ଏଜେନ୍ସିର ମେମ୍ବର ସେକ୍ରେଟାରି ଅଛନ୍ତି।

# ନିଯୁକ୍ତିମେଳାକୁ ଖଣି, ଶିଳ୍ପସଂସ୍ଥାର ଅଣଦେଖା

**ଯାଜପୁର ଅଫିସ,୨୭।୧୨**

ଜିଲା ପ୍ରଶାସନ ପକ୍ଷରୁ ଶିଳ୍ପ ସମୃଦ୍ଧ ଯାଜପୁର ଜିଲାରେ ପ୍ରାୟ ୪ ବର୍ଷ ପରେ ସୋମବାର ବରୁହାଁ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଏକ ନିଯୁକ୍ତିମେଳା ଆୟୋଜିତ ହୋଇଛି। ବିଡମ୍ବନା ଯେ, ଏହି ନିଯୁକ୍ତି ମେଳାରେ କଳିଙ୍ଗନଗର ଶିଳ୍ପାଞ୍ଚଳ, ଜାରକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଓ ସୁକିନ୍ଦା ଖଣି ଅଞ୍ଚଳର କେହି ବି ନିଯୁକ୍ତିଦାତା ଅଂଶଗ୍ରହଣ କରି ନାହାନ୍ତି, ଯଦ୍ଦ୍ୱାରା ଉଚ୍ଚଶିକ୍ଷିତ ବେକାର ଯୁବତୀଯୁବକ ନିରାଶ ହୋଇ ଫେରିଛନ୍ତି। ରାଜ୍ୟର ଅନ୍ୟ କୌଣସି ଅଞ୍ଚଳରେ ଯାହା ହେଉନା କାହିଁକି ଶିଳ୍ପ କବଳିତ ଯାଜପୁର ଜିଲାରେ ଏହାର ଗଭୀର କୁପ୍ରଭାବ ପଡ଼ିଛି। କଳିଙ୍ଗନଗର ଶିଳ୍ପ ଓ ଖଣି କମ୍ପାନୀ କର୍ତ୍ତୃପକ୍ଷଙ୍କ ଏହି ମନମାନିକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏହାକୁ ନେଇ ଦେଖାଦେଇଥିବା ସରକାର ବିରୋଧୀ ଆଭିମୁଖ୍ୟ ଆଗାମୀ ଦିନରେ ଏ ଅଞ୍ଚଳର ରାଜନୀତିକୁ ବହୁଳ ଭାବରେ ପ୍ରଭାବିତ କରିବ ବୋଲି ନିଯୁକ୍ତି ମେଳାରେ ମତପ୍ରକାଶ ପାଇଛି।



ବିଭିନ୍ନ ନିଯୁକ୍ତିଦାତା ସଂସ୍ଥା, ଶିଳ୍ପାନୁଷ୍ଠାନଗୁଡ଼ିକ ଯୋଗଦେଇ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରିବେ ବୋଲି ପ୍ରଶାସନ ପକ୍ଷରୁ ଘୋଷଣା ହୋଇଥିଲା। ଶେଷ ଥର ପାଇଁ ୮।୧।୨୦୧୮ରେ ଏହି ବରୁହାଁ ଶିଳ୍ପ ତାଲିମ କେନ୍ଦ୍ରରେ ନିଯୁକ୍ତିମେଳା ଅନୁଷ୍ଠିତ ହୋଇଥିଲା। ୪ ବର୍ଷ ପରେ ମେଳାର ଆୟୋଜନ ହୋଇଥିବାରୁ ଜିଲାର ବିଭିନ୍ନ ଅଞ୍ଚଳରୁ ୬୫୦ ଜଣ ଭାଗ ନେଇଥିଲେ। କିନ୍ତୁ ମାତ୍ର ୮ ଜଣ ନିଯୁକ୍ତିଦାତା ଓ ୬ ଜଣ ତାଲିମ ସହଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏଏସ୍‌ଡି ଏଜୁକେସନ ପ୍ରା.ଲି, ଗ୍ରାମ ତରଙ୍ଗ ଏମ୍ପ୍ଲୋବିଲିଟି ଟ୍ରେନିଂ ସର୍ଭିସ, ଡାଲମିଆ ଭାରତ ଫାଉଣ୍ଡେଶନ, ସିମାଓ ଇଣ୍ଡିଆ, ରିଫ୍ରାକ୍ଟନିଷ୍ଟ, ଷ୍ଟାରଲିଂ, ଗୁଡ୍ ୱାର୍କର, ଏସ୍ ଆଣ୍ଡ ଏନ୍ ଷ୍ଟାଫିଂ ସଲ୍ୟୁଶନ, ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ, ସିଆଇପିଇଟି, ମା' ମଙ୍ଗଳା ହୋମ୍ କେୟାର, ପଥିକ ସେଣ୍ଟିନେଲ୍ସ ପ୍ରମୁଖ ଭାଗ ନେଇଥିଲେ।

କଳିଙ୍ଗନଗର ଶିଳ୍ପାୟନ ଦ୍ୱାରା ଜିଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ବିଭିନ୍ନ ସଭାସମିତିରେ ବିଧାୟକ, ମନ୍ତ୍ରୀ, ଜିଲା ପ୍ରଶାସନ ପକ୍ଷରୁ କେବଳ ଭାଷଣବାଜି ଚାଲିଥିବା ଏହି ମେଳାରୁ ସ୍ପଷ୍ଟ ମନେହୋଇଛି। କଳିଙ୍ଗନଗରରେ ଘରୋଇ ପୁଞ୍ଜି ନିବେଶରେ ବହୁ ଶିଳ୍ପ କାରଖାନା ଗଢ଼ିଉଠିଲା। ଏବେ ବି ବହୁ କମ୍ପାନୀ କଳିଙ୍ଗନଗର ମୁହାଁ ହେଉଛନ୍ତି। କିନ୍ତୁ ସ୍ଥାନୀୟ ଚାକିରି ତ ଦୂରର କଥା, ଅସ୍ଥାୟୀ ଠିକା ସଂସ୍ଥାରେ ବି ନିଯୁକ୍ତି ମିଳୁନାହିଁ। ଅଭିଜ୍ଞତାକୁ ଆଳ କରି ଶିକ୍ଷିତ ଯୁବତୀଯୁବକଙ୍କୁ ବଡ଼ ବଡ଼ ଶିଳ୍ପ କମ୍ପାନୀ ଉପେକ୍ଷା କରି ଚାଲିଛନ୍ତି। ଏଠାରେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦି ବାହାର ରାଜ୍ୟର ଲୋକଙ୍କୁ ଅଧିକ ନିଯୁକ୍ତି ମିଳୁଛି। ସେହିପରି ବାହାର ରାଜ୍ୟର ଠିକାସଂସ୍ଥାମାନଙ୍କୁ ମଧ୍ୟ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ହେଲେ ସ୍ଥାନୀୟ ବାସିନ୍ଦା ଜମିବାଡ଼ି, ଘରଦ୍ୱାରା ହରାଇ କେବଳ ଧୂଳିଧୂଆଁ ସହି ବିଭିନ୍ନ ରୋଗରେ ଅକାଳରେ ପ୍ରାଣ ହରାଉଛନ୍ତି। କାଁ ଭାଁ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ସ୍ଥାନୀୟ ନିଯୁକ୍ତିକୁ ନେଇ ଦାବି, ଆନ୍ଦୋଳନ ହେଉଥିଲେ ହେଁ ଲୋକ ପ୍ରତିନିଧିମାନେ କିନ୍ତୁ ନୀରବ ରହୁଛନ୍ତି। ବିଡମ୍ବନା ଯେ, ବିରୋଧୀ ☞ପୃଷ୍ଠା-୩

## ୧୦ ଜିଲାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ):** ରାଜ୍ୟରେ ଶୀତର ପ୍ରକୋପ କମିଯାଇଛି। ଉତ୍ତର ପୂର୍ବ ଦିଗରୁ ବହୁଥିବା ଥଣ୍ଡା ପବନ ରାଜ୍ୟକୁ ଆଉ ଆସୁ ନାହିଁ। ପଶ୍ଚିମା ବାୟୁ ପ୍ରବାହ ଯୋଗୁ ରାଜ୍ୟରେ ଆକାଶ ମେଘାଚ୍ଛନ୍ନ ରହିବା ସହ କେତେକ ସ୍ଥାନରେ ହାଲୁକା ବର୍ଷା ହେଉଛି। ସୋମବାର ଭୁବନେଶ୍ୱର ଏବଂ କେନ୍ଦୁଝରରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଛି। ଆକାଶ ମେଘୁଆ ରହୁଥିବାରୁ କେତେକ ସ୍ଥାନରେ ରାତ୍ରିର ତାପମାତ୍ର ମଧ୍ୟ ୧୦ ଡିଗ୍ରୀ ସେଲ୍‌ସିୟସ ବଢିଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବରଗଡ, ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲାର ଅଳ୍ପ କେତେକ ସ୍ଥାନରେ ଏବଂ ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ସୋମବାର ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ର ୧୧.୫ ଡିଗ୍ରୀ ସେଲ୍‌ସିୟସ ଥିବା ବେଳେ ଫୁଲବାଣୀ ୧୫, ପାରାଦୀପରେ ସର୍ବନିମ୍ନ ତାପମାତ୍ରା ୨୦.୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଏକାଦଶାହ ଉପଲକ୍ଷେ



ଏ ପ୍ରଫେସର ଡ. ସୁରେନ୍ଦ୍ର କୁମାର ରାୟ
ରୁଚିକା ମାର୍କେଟ, ଭୁବନେଶ୍ୱର
ଆବିର୍ଭାବ: ୧୦।୦୧।୧୯୪୨ ତିରୋଧାନ: ୧୮।୧୨।୨୦୨୧

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆମର ବିନମ୍ର ପ୍ରାର୍ଥନା ।

- ଶୋକସନ୍ତପ୍ତ -
ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ

## ସଂକ୍ଷେପରେ

### ଦିନରେ ରାଲି, ରାତିରେ କର୍ଫ୍ୟୁ କେଉଁଟା ପ୍ରାଥମିକତା ସରକାର ସ୍ପଷ୍ଟ କରନ୍ତୁ: ବରୁଣ



ନୂଆଦିଲ୍ଲୀ, ୨୭।୧୨(ପି.ଟି.) କୋଭିଡ୍ ସଂକ୍ରମଣ ରୋକିବା ଲାଗି ଉତ୍ତରପ୍ରଦେଶ ସମେତ ବିଭିନ୍ନ ରାଜ୍ୟ ରାତି କର୍ଫ୍ୟୁ ଲଗାଇଛନ୍ତି। ହେଲେ ଆଗକୁ ବିଧାନସଭା ନିର୍ବାଚନ ଥିବାରୁ ଦିନବେଳା ନିର୍ବାଚନୀ ରାଲିଗୁଡ଼ିକରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହେଉଛି। ଏହାକୁ ନେଇ ଭାଜପା ଏମ୍‌ପି ବରୁଣ ଗାନ୍ଧୀ ସରକାରଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି। ନିର୍ବାଚନ ସମୟରେ ଆମେ ମହାମାରୀ ନିୟନ୍ତ୍ରଣକୁ ପ୍ରାଧାନ୍ୟ ଦେବା ନା ଶକ୍ତି ପ୍ରଦର୍ଶନରେ ଲିପ୍ତ ରହିବା ତାହା ସରକାର ସ୍ପଷ୍ଟ କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ସାଧାରଣ ଲୋକଙ୍କୁ ଘରେ ରହିବା ଲାଗି ପ୍ରେରିତ କରିବାକୁ ହେଲେ ନୀତି ନିର୍ଦ୍ଧାରକମାନେ ଆଗଧାଡ଼ିରେ ନେତୃତ୍ୱ ନେବା ଆବଶ୍ୟକ। ଦିନବେଳା ରାଲିରେ ଲକ୍ଷ ଲକ୍ଷ ଲୋକଙ୍କୁ ଏକାଠି କରି ରାତିରେ କର୍ଫ୍ୟୁ ଲଗାଇବାକୁ ଭାଜପା ନେତା ସମାଲୋଚନା କରିଛନ୍ତି। ଉତ୍ତରପ୍ରଦେଶର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ନଜରରେ ରଖି ଆମେ ମାରାତ୍ମକ ଓମିକ୍ରନ୍ ସଂକ୍ରମଣକୁ ରୋକିବା ଦିଗରେ ପ୍ରାଧାନ୍ୟ ଦେବା ନା ଶକ୍ତି ପ୍ରଦର୍ଶନ କରିବା, ସେ ନିଷ୍ପତ୍ତି ସାଧୁତାର ସହ ନିଆଯିବା ଆବଶ୍ୟକ। ସାଧାରଣତଃ ଦିନରେ ଗହଳି ଯୋଗୁ ସଂକ୍ରମଣ ବ୍ୟାପିଥାଏ। ରାତିରେ ରାସ୍ତାରେ କ୍ୱଚିତ୍ ଲୋକଙ୍କୁ ଦେଖିବାକୁ ମିଳେ। ତେଣୁ ରାତିରେ କର୍ଫ୍ୟୁ ଲଗାଇବାର ମାନେ କିଛି ନାହିଁ। ଗୋଷ୍ଠୀ ସଂକ୍ରମଣର ମୁଖ୍ୟ କାରଣ ସାମାଜିକ ସମାବେଶଗୁଡ଼ିକୁ ବନ୍ଦ କରିବାକୁ ବରୁଣ ଆହ୍ୱାନ ଦେଇଛନ୍ତି। ସୂଚନାଯୋଗ୍ୟ, ରାତ୍ର କର୍ଫ୍ୟୁ ଓ ସପ୍ତାହାନ୍ତ ଲକ୍‌ଡାଉନ ସଂକ୍ରମଣ ରୋକିବାରେ କ୍ୱଚିତ୍ ପ୍ରଭାବ ପକାଇଥାଏ ବୋଲି ଗତ ମାର୍ଚ୍ଚରେ ମହାରାଷ୍ଟ୍ର ସରକାରଙ୍କୁ କେନ୍ଦ୍ର କହିଥିଲା।

### ‘ସୀତା ଔର ଗୀତା’ ଅଭିନେତା ମୁସ୍ତାକ୍ ମର୍ଚ୍ଚାଣ୍ଟଙ୍କ ପରଲୋକ

ମୁମ୍ବାଇ, ୨୭।୧୨: ବଲିଉଡ୍ ଅଭିନେତା ତଥା କମେଡିଆନ ମୁସ୍ତାକ ମର୍ଚ୍ଚାଣ୍ଟଙ୍କ ସୋମବାର ପରଲୋକ ଘଟିଛି। ତାଙ୍କୁ ୬୭ ବର୍ଷ ହୋଇଥିଲା। ଦୀର୍ଘଦିନରୁ ସେ



ମଧୁମେହରେ ପୀଡ଼ିତ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମୁମ୍ବାଇର ହୋଲି ଫ୍ୟାମିଲି ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ହାଥ୍ କି ସଫାଇ, ଜୱାନୀ ଦିୱାନୀ, ସୀତା ଔର ଗୀତା, ସାଗର ଭଳି ଅନେକ ବଲିଉଡ୍ ଫିଲ୍ମରେ ସେ ଅଭିନୟ କରିଛନ୍ତି। ବିଗ୍ ବି ଅମିତାଭ ବଚ୍ଚନ ଏବଂ ଧର୍ମେନ୍ଦ୍ରଙ୍କ ଅଭିନୀତ ଲୋକପ୍ରିୟ ଚଳଚ୍ଚିତ୍ର ‘ଶୋଲେ’ରେ ମଧ ସେ ଅଭିନୟ କରିଥିଲେ। କିନ୍ତୁ ଫିଲ୍ମର ଦୀର୍ଘତା ଯୋଗୁ ତାଙ୍କ ସିନ୍‌କୁ ସେଥିରୁ ହଟାଇ ଦିଆଯାଇଥିଲା। ପ୍ରାୟ ୧୬ ବର୍ଷ ପୂର୍ବରୁ ସେ ସିନେଜଗତରୁ ଦୂରେଇ ରହିଥିଲେ। ପରେ ଧାର୍ମିକ କାର୍ଯ୍ୟରେ ସେ ନିଜକୁ ବ୍ୟସ୍ତ ରଖିଥିଲେ।

# ଆବଶ୍ୟକତା ଆଧାରରେ କଟକଣା

### ରାଜ୍ୟଗୁଡ଼ିକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପରାମର୍ଶ

### ୫-ସୂତ୍ରୀ ରଣନୀତିକୁ ଗୁରୁତ୍ୱ

ନୂଆଦିଲ୍ଲୀ, ୨୭।୧୨

କରୋନା ଭୂତାଣୁର ନୂଆ ଭାରିଆଣ୍ଟ ଓମିକ୍ରନ୍ ଆସିବା ପରେ ଭାରତର ବିଭିନ୍ନ ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଉତ୍ସବ ସମୟରେ ଜନସାଧାରଣଙ୍କ ଯାତାୟାତ ଉପରେ ଆବଶ୍ୟକତା ଆଧାରରେ କଟକଣା ଲଗାଇବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୋମବାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପରାମର୍ଶ ଦେଇଛନ୍ତି। ଏଥିସହିତ ମହାମାରୀ ରୋକିବା ଦିଗରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଜାରି କରିଥିବା ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ଏଥିପାଇଁ ବିପର୍ଯ୍ୟୟ ପରିଚାଳନା ଆଇନ ଅନୁଯାୟୀ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବୈଧାନିକ ନିର୍ଦ୍ଦେଶନାମା ଜାରି କରାଯାଇଛି।

ସମସ୍ତ ରାଜ୍ୟ ଓ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ସତର୍କତା ଅବଲମ୍ବନ କରିବା ଏବଂ ମହାମାରୀ ମୁକାବିଲା ଜାରି ରଖିବାକୁ ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ଦୋହରାଇଛନ୍ତି। ସ୍ଥାନୀୟ ତଥା ଜିଲା ପ୍ରଶାସନ ସ୍ଥିତି ଆକଳନ କରି ତୁରନ୍ତ ଉପଯୁକ୍ତ କଣ୍ଟେନ୍‌ମେଣ୍ଟ ପଦକ୍ଷେପ ନେବା ଲାଗି କୁହାଯାଇଛି। ସେହିପରି ରାଜ୍ୟଗୁଡ଼ିକ ଆବଶ୍ୟକତାକୁ ଚାହିଁ ଉତ୍ସବ ଋତୁରେ ଭିଡ଼ ନିୟନ୍ତ୍ରଣ ଲାଗି ନିର୍ଦ୍ଦିଷ୍ଟ ଅଞ୍ଚଳରେ କଟକଣା ଲଗାଇବେ। କୋଭିଡ୍ ପରୀକ୍ଷା, ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଚିହ୍ନଟ, ଚିକିତ୍ସା, ଟିକାକରଣ ଏବଂ ମାସ୍କ ପରିଧାନ, ସାମାଜିକ ବ୍ୟବଧାନ ଆଦି ୫-ସୂତ୍ରୀ ରଣନୀତି ଉପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗୁରୁତ୍ୱ ଦେଇଛି।

ଦେଶରେ ସକ୍ରିୟ ମାମଲା ସଂଖ୍ୟା ହ୍ରାସ ପାଇଥିଲେ ମଧ ନୂଆ ଭାରିଆଣ୍ଟ ଓମିକ୍ରନ୍ ୩ ଗୁଣ ଅଧିକ ସଂକ୍ରାମକ ହୋଇଥିବାରୁ ମହାମାରୀ ମୁକାବିଲାରେ ଏହା ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଓମିକ୍ରନ୍ ଆସିବା ପରେ ବିଭିନ୍ନ ରାଜ୍ୟରେ ସଂକ୍ରମଣ ଦ୍ରୁତ ବଢ଼ୁଛି। ୧୯ ରାଜ୍ୟ ଓ



କେନ୍ଦ୍ରଶାସିତ ଅଞ୍ଚଳରେ ସୋମବାର ସୁଦ୍ଧା ୫୭୮ ଓମିକ୍ରନ୍ ପଜିଟିଭ୍ ଚିହ୍ନଟ ହେଲେଣି ବୋଲି ସ୍ୱରାଷ୍ଟ୍ର ସଚିବ ସମସ୍ତ ରାଜ୍ୟ ମୁଖ୍ୟ ସଚିବଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଏଥିରେ କୁହାଯାଇଛି, ଗତ ୨୧ ତାରିଖରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କୋଭିଡ୍ ସଂକ୍ରମଣ କମାଇବା ଲାଗି ଆଡଭାଇଜରି ଜାରି କରିଥିଲା। ସଂକ୍ରମଣ ରୋକିବା ଲାଗି ସ୍ଥାନୀୟ ଓ ଜିଲା ସ୍ତରରେ ଅଧିକ ସତର୍କ ହେବା, ତଥ୍ୟ ଅନୁଧ୍ୟାନ କରିବା, ତ୍ୱରିତ୍ ନିଷ୍ପତ୍ତି ନେବା ଓ କଠୋର କଣ୍ଟେନମେଣ୍ଟ ପଦକ୍ଷେପ ନେବା ଲାଗି ପରାମର୍ଶ ଦିଆଯାଇଥିଲା। ନୂଆ ଭାରିଆଣ୍ଟକୁ ନେଇ ସୃଷ୍ଟି ହେବାକୁ ଥିବା କୌଣସି ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବା ଲାଗି ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସୁଦୃଢ଼ କି ନୁହେଁ, ସେ ନେଇ ସରକାର ନିଶ୍ଚିତ ହେବେ। ସେହିପରି ମେଡିକାଲ ଅକ୍ସିଜେନ୍ ଯୋଗାଣ ଉପକରଣ ସମ୍ପୂର୍ଣ୍ଣ କାର୍ଯ୍ୟ କରୁଛି କି ନାହିଁ ଏବଂ ଜରୁରୀ ଔଷଧ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ୍ ଅଛି କି ନାହିଁ, ତାହା ସୁନିଶ୍ଚିତ କରିବାକୁ ପତ୍ରରେ ଉଲ୍ଲେଖ କରାଯାଇଛି।



ସରକାରଙ୍କଠାରୁ ନିଯୁକ୍ତି ସ୍ଥାୟିତ୍ୱ ଓ ପାରିତୋଷିକ ଦାବିରେ ବିହାରର ପଞ୍ଚାୟତ ୱାର୍ଡ ସମ୍ପାଦକ ସଦସ୍ୟମାନେ ସୋମବାର ପାଟନାସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟ ପ୍ରବେଶ ପଥ ଅବରୋଧ କରିଥିବାରୁ ସେମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲାଠିଚାଳନା କରୁଛି।

# ସ୍ଥଗିତ ହୋଇ ନ ପାରେ ନିର୍ବାଚନ

### ଭୋଟ ହେବାକୁ ଥିବା ରାଜ୍ୟର କୋଭିଡ୍ ସ୍ଥିତି ସମୀକ୍ଷା କଲେ ଇସି

ନୂଆଦିଲ୍ଲୀ, ୨୭।୧୨

ଆସନ୍ତା ବର୍ଷ ପ୍ରଥମ ଭାଗରେ ବିଧାନସଭା ନିର୍ବାଚନ ହେବାକୁ ଥିବା ୫ ରାଜ୍ୟର କୋଭିଡ୍ ସ୍ଥିତି ସମ୍ପର୍କରେ ନିର୍ବାଚନ କମିଶନ (ଇସି) ସୋମବାର ସମୀକ୍ଷା କରିଛନ୍ତି। ଓମିକ୍ରନ୍ ସଂକ୍ରମଣ ବଢ଼ୁଥିଲେ ମଧ ନିର୍ବାଚନ ସ୍ଥଗିତ ହୋଇ ନ ପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ସମ୍ବିଧାନ ବ୍ୟବସ୍ଥା ଅନୁଯାୟୀ ନିର୍ବାଚନ କମିଶନ ଧାର୍ଯ୍ୟ ସମୟରେ ଭୋଟ କରାଇବା ଉପରେ ଗୁରୁତ୍ୱ ଦେବେ। ଓମିକ୍ରନ୍ ଭାରିଆଣ୍ଟ ଆସିବା ପରେ ଦେଶରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇଛି। ଆଗାମୀ ନିର୍ବାଚନକୁ ନେଇ ଇସି ସୋମବାର କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ସହ ବୈଠକ କରିଥିଲେ। ୫ ରାଜ୍ୟର ଟିକାକରଣ ବିବରଣୀ, ଓମିକ୍ରନ୍ ସଂକ୍ରମଣ ମାମଲା ସମ୍ପର୍କରେ ଇସି ରିପୋର୍ଟ ମାଗିଥିବା ଜଣାପଡ଼ିଛି। ନିର୍ବାଚନ ବେଳେ ଓମିକ୍ରନ୍ ସଂକ୍ରମଣ ବଢ଼ିବା ଆଶଙ୍କା ଥିବାରୁ କୋଭିଡ୍ ନିୟମାବଳୀକୁ କଠୋର କରିବା ଉପରେ ଇସି ଆଲୋଚନା କରିଥିଲେ। କମିଶନ ମଙ୍ଗଳବାର ଉତ୍ତରପ୍ରଦେଶ ଯାଇ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିବେ। ଏଥିସହିତ ଭୋଟ ବେଳେ ଅର୍ଦ୍ଧସାମରିକ ବଳ ମୁତୟନ ଲାଗି ନିର୍ବାଚନ କମିଶନ ଏହାର ମୁଖ୍ୟମାନଙ୍କ ସହ ଆଲୋଚନା କରିଛନ୍ତି। ମତଦାନ ଉପରେ ନିଶାଦ୍ରବ୍ୟର ପ୍ରଭାବ ପଡ଼ିବାକୁ ଥିବାରୁ ଏହାକୁ ରୋକିବା ଦିଗରେ ପଦକ୍ଷେପ ନେବା ଲାଗି ନାର୍କୋଟିକ କଣ୍ଟ୍ରୋଲ ବ୍ୟୁରୋର ଉଚ୍ଚ ପଦାଧିକାରୀମାନଙ୍କୁ ଇସି କହିଛନ୍ତି।

ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ଗୋଆ ଏବଂ ମଣିପୁରର କୋଭିଡ୍ ସ୍ଥିତି ସମ୍ପର୍କରେ ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଇସିଙ୍କୁ ଅବଗତ କରାଇଛନ୍ତି। ଏଥିସହ ସଂକ୍ରମଣ ରୋକିବା ଲାଗି ଜାରି ଗାଇଡ୍‌ଲାଇନ୍ସ ସମ୍ପର୍କରେ ମଧ ସ୍ୱାସ୍ଥ୍ୟ ସଚିବ ନିର୍ବାଚନ ପ୍ୟାନେଲକୁ ଜଣାଇଥିଲେ।

# ମଦର ଟେରେସାଙ୍କ ଚ୍ୟାରିଟି ବ୍ୟାଙ୍କ ଆକାଉଣ୍ଟ ଅଚଳ ଅଭିଯୋଗ

**କୋଲକାତା, ୨୭।୧୨:** ମଦର ଟେରେସାଙ୍କ ଦ୍ୱାରା ପ୍ରତିଷ୍ଠିତ ମିଶନାରିଜ୍ ଅଫ୍ ଚ୍ୟାରିଟିର ସମସ୍ତ ବ୍ୟାଙ୍କ ଆକାଉଣ୍ଟକୁ କେନ୍ଦ୍ର ସରକାର ଅଚଳ କରିଦେଇଥିବା ସୋମବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି। ଆକାଉଣ୍ଟ ଅଚଳ ହେବା କାରଣରୁ ମିଶନାରିର ୨୨,୦୦୦ ରୋଗୀ ଏବଂ କର୍ମଚାରୀଙ୍କୁ ଖାଦ୍ୟ ଓ ଔଷଧ ମିଳୁ ନ ଥିବା ସେ କହିଥିଲେ। ଅନ୍ୟପକ୍ଷରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏଭଳି ଅଭିଯୋଗକୁ ଖଣ୍ଡନ କରିଛି। ମିଶନାରିଜ୍ ଅଫ୍ ଚ୍ୟାରିଟିର ବ୍ୟାଙ୍କ ଆକାଉଣ୍ଟ ଅଚଳ ହୋଇନାହିଁ। କେତେକ ସର୍ତ୍ତ ପୂରଣ କରି ନ ଥିବାରୁ ଚ୍ୟାରିଟିର ଏଫ୍‌ସିଆରଏ ନବୀକରଣ ଆବେଦନ ଗତ ୨୫ ତାରିଖରେ ଖାରଜ ହୋଇଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି। ଆକାଉଣ୍ଟ ଅଚଳ ସମ୍ପର୍କରେ ସରକାର ଆମକୁ ଜଣାଇ ନାହାନ୍ତି। ବ୍ୟାଙ୍କ କାରବାର ଠିକ୍‌ଠାକ୍ ଚାଲିଥିବା ମିଶନାରୀ ମୁଖପାତ୍ର ସୁନିତା କୁମାର କହିଛନ୍ତି।

# ୧୪ ଆସନରେ ଏଏପି ବିଜୟୀ

### ଚଣ୍ଡିଗଡ଼ ପୌର ନିର୍ବାଚନ

ଚଣ୍ଡିଗଡ଼, ୨୭।୧୨

ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଅନୁଷ୍ଠିତ ଚଣ୍ଡିଗଡ଼ ପୌରନିଗମ ନିର୍ବାଚନରେ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ୧୪ଟି ଆସନରେ ବିଜୟୀ ହୋଇଛି। ଫଳରେ ଶାସକ କଂଗ୍ରେସ, ବିରୋଧୀ ଭାଜପାକୁ ଶକ୍ତ ଝଟ୍‌କା ଲାଗିଛି। ଏହା କେବଳ ଟ୍ରେଲର, ସିନେମା ବାକି ରହିଛି ବୋଲି ଏଏପି ନେତା ରାଘବ ଚଡ଼ା କହିଛନ୍ତି। ପୂର୍ବରୁ ଭାଜପା ଏବଂ କଂଗ୍ରେସ ଚଣ୍ଡିଗଡ଼ ମ୍ୟୁନିସିପାଲ କର୍ପୋରେଶନକୁ ୧୨ ବର୍ଷ ଲେଖାଏ ନିଜ ନିୟନ୍ତ୍ରଣରେ ରଖିଥିଲେ। ଏଥର ଜନସାଧାରଣ ଏଏପିକୁ ସୁଯୋଗ ଦେଇଥିବା ଆମ ଆଦ୍‌ମୀ ପାର୍ଟି ବିଧାୟକ କହିଛନ୍ତି।

୩୫ ଆସନ ବିଶିଷ୍ଟ ପୌର ନିଗମ ନିର୍ବାଚନରେ ଏଏପି ପ୍ରଥମ ଥର ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ଏହି ଦଳ ସର୍ବାଧିକ ୧୪ ଆସନରେ ବିଜୟୀ ହୋଇଥିବାବେଳେ ଭାଜପାକୁ ୧୨, କଂଗ୍ରେସକୁ ୮ ଏବଂ ଅକାଳୀ ଦଳକୁ ଗୋଟିଏ ଆସନ ମିଳିଛି। ଗତ ଶୁକ୍ରବାର ଭୋଟଗ୍ରହଣ ହୋଇଥିଲା। ଭାଜପା ମେୟର ରବିକାନ୍ତ ଶର୍ମା ଏବଂ ପୂର୍ବତନ ମେୟର ଦାବେଶ ବୌଦଗିଲ୍ ଏଏପି ପ୍ରାର୍ଥୀଙ୍କଠାରୁ ହାରିଯାଇଛନ୍ତି। ପୌର ନିର୍ବାଚନରେ ବିଜୟରୁ ପଞ୍ଜାବରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଥିବାର ସୂଚନା ମିଳିଛି। ଲୋକେ ଦୁର୍ନୀତିପୂର୍ଣ୍ଣ ରାଜନୀତିକୁ ପ୍ରତ୍ୟାଖ୍ୟାନ କରି ଏଏପିକୁ ବାଛିଛନ୍ତି। ପଞ୍ଜାବ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ବୋଲି କେଜ୍‌ରିୱାଲ ଟୁଇଟ୍ କରିଛନ୍ତି।

# ଗଗନୟାନରୁ ଚନ୍ଦ୍ରୟାନ-୩

### ନୂଆବର୍ଷରେ ଇସ୍ରୋର ବଡ଼ ମିଶନ

ନୂଆଦିଲ୍ଲୀ, ୨୭।୧୨

କୋଭିଡ୍‌ର ନୂଆ ଭାରିଆଣ୍ଟ ସଂକ୍ରମଣ ବୃଦ୍ଧି ମଧରେ ୨୦୨୧ ଶେଷ ହେବାକୁ ଥିବାବେଳେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ନୂଆବର୍ଷରେ ଏକାଧିକ ବଡ଼ ମିଶନକୁ ଆଗେଇ ନେବାକୁ ଯୋଜନା କରିଛି। ବିଦାୟୀ ବର୍ଷରେ କରୋନା କଟକଣା ଯୋଗୁ ଅନେକ ମିଶନ ବିଳମ୍ବ ହୋଇଥିବାବେଳେ ସେଗୁଡ଼ିକୁ ଗତି ଦେବାକୁ ଇସ୍ରୋ ଲକ୍ଷ୍ୟ ରଖିଛି। ବଡ଼ ମିଶନ ମଧରେ ରହିଛି ଗଗନୟାନ। ଭାରତର ଏହି ଉଚ୍ଚାଭିଳାଷୀ ସ୍ପେସ୍ ମିଶନରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ମହାକାଶଯାନରେ ଭାରତୀୟ ମହାକାଶଚାରୀଙ୍କ ପ୍ରଥମ ବ୍ୟାଚ୍‌କୁ ସ୍ପେସ୍‌କୁ ପଠାଯିବ। ୨୦୨୨ ମଧଭାଗ ବେଳକୁ କ୍ରିଉ ଏସ୍କେପ୍ ସିଷ୍ଟମ ଏବଂ ଗଗନୟାନର ପ୍ରଥମ ମାନବରହିତ ମିଶନ ପ୍ରଦର୍ଶନର ଯାଞ୍ଚ ପାଇଁ ଇସ୍ରୋ ପରୀକ୍ଷଣ ଯାନ ଉଡ଼ାଣ ସଞ୍ଚାଳନ କରିବ। ୨୦୨୨ ଶେଷ ସୁଦ୍ଧା ଦ୍ୱିତୀୟ ମାନବରହିତ ମିଶନ ପୂରଣ ହେବ। ଏହା ପରେ ଭାରତୀୟ ବାୟୁସେନା ଅଧିକାରୀଙ୍କୁ ମହାକାଶ ପଠାଇବା ନିମନ୍ତେ ତାଲିମ ଦିଆଯିବ। ମିଶନରେ ୪ ଅଧିକାରୀଙ୍କୁ ଚୟନ କରାଯାଇସାରିଛି। ଏହି ମିଶନ ସଫଳ ହେଲେ ଇସ୍ରୋ ପୃଥିବୀ କକ୍ଷପଥକୁ ଲୋକଙ୍କୁ ନେଇ ମହାକାଶ ପରିଭ୍ରମଣ କରାଇପାରିବ।

କରୋନା ଯୋଗୁ ବିଳମ୍ବ ହୋଇଥିବା ଆଦିତ୍ୟ ଏଲ୍-୧ ମିଶନକୁ ନୂଆ ବର୍ଷରେ ପୂରଣ କରାଯିବ।




ପୃଥିବୀଠାରୁ ପ୍ରାୟ ୧୫ ଲକ୍ଷ କିଲୋମିଟର ଦୂରରେ ଥିବା ଲାଗ୍ରାଙ୍ଗ୍‌ପଏଣ୍ଟକୁ ଆଦିତ୍ୟ ଏଲ୍-୧କୁ ପଠାଯିବ। ୨୦୧୩ ମଙ୍ଗଳ ମିଶନ ପରେ ଏହା ଇସ୍ରୋର ସବୁଠୁ ହାଇପ୍ରୋଫାଇଲ ଅଭିଯାନ। ନୂଆ ବର୍ଷରେ ଇସ୍ରୋ ଏହାର ଅନ୍ୟତମ ଉଚ୍ଚାଭିଳାଷୀ ମିଶନ ଚନ୍ଦ୍ରୟାନ-୩ ପୂରଣ କରିବାକୁ ଯୋଜନା ରଖିଛି। ପ୍ରଥମ ଚନ୍ଦ୍ରୟାନ ମିଶନ ୨୦୦୮ରେ ଲଞ୍ଚ୍ ହୋଇଥିବାବେଳେ ଚନ୍ଦ୍ରପୃଷ୍ଠରୁ ତାହା ଅନେକ ତଥ୍ୟ ସଂଗ୍ରହ କରିଥିଲା। ୨୦୧୯ରେ ଚନ୍ଦ୍ରୟାନ ମିଶନ-୨ର ଲ୍ୟାଣ୍ଡିଂ ବିଫଳ ହୋଇଥିଲା। ପୃଥିବୀ ନିମ୍ନ କକ୍ଷରେ ସାଟେଲାଇଟ୍ ସ୍ଥାପନ ପାଇଁ ଇସ୍ରୋ ସ୍ମଲ ସାଟେଲାଇଟ୍ ଲଞ୍ଚ ଭେହିକିଲ (ଏସ୍‌ଏସ୍‌ଏଲ୍‌ଭି) ବିକାଶ କରୁଛି। ୨୦୨୨ ପ୍ରଥମ ତ୍ରୈମାସିକ ସୁଦ୍ଧା ଏସ୍‌ଏସ୍‌ଏଲ୍‌ଭି ଦ୍ୱାରା ପ୍ରଥମ ସାଟେଲାଇଟ ଉତ୍କ୍ଷେପଣ କରାଯିବ। ଏହା ବ୍ୟତୀତ ଇସ୍ରୋ ୨୦୨୧ରୁ ୨୦୨୩ ମଧରେ ଉପଗ୍ରହ ପ୍ରେରଣ ପାଇଁ ୪ ଦେଶ ସହ ଚୁକ୍ତି କରିଛି।






# ମହାରାଣୀଙ୍କୁ ହତ୍ୟା ପାଇଁ ଯାଇଥିଲେ ଶିଖ୍ ଯୁବକ

### ଜାଲିଆନାୱାଲା ବାଗ୍ ଗଣହତ୍ୟାର ପ୍ରତିଶୋଧ ନେବାକୁ ୱିଣ୍ଡସର କାସ୍‌ଲେରେ ପହଞ୍ଚିଥିଲେ

ଲଣ୍ଡନ, ୨୭।୧୨

ଜାଲିଆନ୍‌ୱାଲା ବାଗ୍ ଗଣହତ୍ୟାର ପ୍ରତିଶୋଧ ନେବାକୁ ଯାଇ ଜଣେ ଭାରତୀୟ ଶିଖ୍ ଯୁବକ ବ୍ରିଟେନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କୁ ହତ୍ୟା ଉଦ୍ୟମ କରିଛନ୍ତି। ଖ୍ରୀଷ୍ଟମାସ ପାଳନ ପାଇଁ ମହାରାଣୀ ୱିଣ୍ଡସର୍ କାସ୍‌ଲେରେ ପହଞ୍ଚିଥିବାବେଳେ ଅଭିଯୁକ୍ତ ଯଶୱନ୍ତ ସିଂ ଚେଲ୍ ସେଠାରେ ଧନୁ ତୀର ଭଳି ଅସ୍ତ୍ର ଧରି ପହଞ୍ଚି ଯାଇଥିଲେ। ସେଠାରୁ ତାଙ୍କୁ ଗିରଫ କରାଯାଇଥିଲା। ଯଶୱନ୍ତଙ୍କ ବୟସ ୧୯ ବର୍ଷ। ବ୍ରିଟିଶ ଶାସନବେଳେ ୧୯୧୯ରେ ପଞ୍ଜାବର ଅମୃତସରଠାରେ ହୋଇଥିବା ଗଣହତ୍ୟାକାଣ୍ଡର ପ୍ରତିଶୋଧ ନେବାକୁ ଯଶୱନ୍ତ ଏପରି କରିଥିଲେ ବୋଲି ଏକ ଭିଡିଓରେ କହିଛନ୍ତି। ୱିଣ୍ଡସର କାସ୍‌ଲେକୁ ଯିବା ପୂର୍ବରୁ ସେ ଏହି ଭିଡିଓକୁ ସ୍ନାପ୍‌ଚାଟ୍‌ରେ ଅପ୍‌ଲୋଡ୍ କରିଥିଲେ। ଏହା ଜଣାପଡ଼ିବା ପରେ ସ୍କଟ୍‌ଲାଣ୍ଡ ୟାର୍ଡ ଘଟଣାର ତଦନ୍ତ ଆରମ୍ଭ କରିଛି। ମେଟ୍ରୋପଲିଟାନ୍ ପୋଲିସ ଯଶୱନ୍ତଙ୍କ ମାନସିକ ସ୍ଥିତି ଯାଞ୍ଚ କରିବା ସହ ତାଙ୍କୁ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରଖାଯାଇଛି।

ଉକ୍ତ ଭିଡିଓରେ ଯଶୱନ୍ତ କହିଛନ୍ତି, ‘ଯାହା ମୁଁ କରିଛି ଏବଂ କରିବାକୁ ଯାଉଛି ସେଥିପାଇଁ ମୋତେ କ୍ଷମା କର। ମୁଁ ରାଜ ପରିବାରର ମହାରାଣୀ ଏଲିଜାବେଥ୍‌ଙ୍କୁ ହତ୍ୟା ପାଇଁ ଉଦ୍ୟମ କରିବି। ଏହା ୧୯୧୯ ଜାଲିଆନ୍‌ୱାଲା ବାଗ୍ ହତ୍ୟାକାଣ୍ଡର ପ୍ରତିଶୋଧ ହେବ। ଏଥିସହ ଜାତି, ବର୍ଣ୍ଣ ଯୋଗୁ ଭେଦଭାବର ଶିକାର ହୋଇଥିବା ଲୋକଙ୍କ ପାଇଁ ଏହା ନ୍ୟାୟ ହେବ। ମୁଁ ଜଣେ ଭାରତୀୟ ଶିଖ୍। ମୋ ନାଁ ଯଶୱନ୍ତ ସିଂ ଚେଲ୍ ଥିଲା। ଏବେ ମୁଁ



ଡାର୍ଟ ଜୋନ୍ସ’। ଏଥିରେ ସେ ମୁହଁକୁ ସମ୍ପୂର୍ଣ୍ଣ ଭାବେ ଘୋଡ଼ାଇ ରଖିବା ସହ ସ୍ୱର ଚିହ୍ନଟ ନ ହେବା ପାଇଁ ଫିଲ୍ଟର ବ୍ୟବହାର କରିଛନ୍ତି। ଭିଡିଓଟି ଦ ସନ୍ ୱେବ୍‌ସାଇଟ୍‌ରେ ପୋଷ୍ଟ କରାଯାଇଛି। ଏଥିରେ ଯଶୱନ୍ତ ‘ଷ୍ଟାର ୱାର’ ଫିଲ୍ମ ଭଳି ମାସ୍କ ପିନ୍ଧିଥିବା ଦେଖିବାକୁ ମିଳିଛି। ଜାଲିଆନ୍‌ୱାଲା ବାଗ୍‌ଠାରେ ସ୍ୱାଧୀନତା ସଂଗ୍ରାମ ଜାରି ରଖି ବିକ୍ଷୋଭ ପ୍ରଦର୍ଶନ କରୁଥିବା ଲୋକଙ୍କ ଉପରେ ବ୍ରିଟିଶ ସେନା ଆଖିବୁଜା ଗୁଳି ଚଳାଇଥିଲେ। ଏଥିରେ ୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା, ୧୨୦୦ରୁ ଅଧିକ ଆହତ ହୋଇଥିଲେ।




**ସଂକ୍ଷେପରେ**

## ନାବାଳିକା ବଳାତ୍କାର ମାମଲା: ଦୋଷୀଙ୍କୁ ଆଜୀବନ ଜେଲ

ବାଲେଶ୍ୱର ଅଫିସ, ୨୭।୧୨: ନାବାଳିକା ବଳାତ୍କାର ମାମଲାର ବିଚାର କରି ସୋମବାର ବାଲେଶ୍ୱର ସ୍ପେଶାଲ ଜଜ୍ ପୋକ୍ସୋ ଜଗଦୀଶ ପ୍ରସାଦ ମହାନ୍ତି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ୧୫ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ୨୦୧୮ ଏପ୍ରିଲ ୧୪ ବିଷୁବ ସଂକ୍ରାନ୍ତିରେ ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ ଠାକୁରାଣୀ ପୂଜା ହେଉଥିଲା। ଉକ୍ତ ପୂଜାକୁ ଜଣେ ୧୦ବର୍ଷର ନାବାଳିକା ଭୋଗ ନେବା ପାଇଁ ଆସିଥିବା ବେଳେ ଖେରନା ଗ୍ରାମର ଶ୍ୟାମସୁନ୍ଦର ଖୁଣ୍ଟିଆ (୫୨) ତାଙ୍କୁ ଟେକି ନେଇ ବଳାତ୍କାର ଉଦ୍ୟମ କରୁଥିଲେ। ସେହି ସମୟରେ ଅନ୍ୟ ଜଣେ ମହିଳା ଦେଖି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ପରେ ନାବାଳିକାଜଣକ ଘରେ ପହଞ୍ଚି ସମସ୍ତ ଘଟଣା କହିବାରୁ ତାଙ୍କ ବାପା ସୋର ଥାନା ଅନନ୍ତପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ସୋର ଥାନାରେ ଏକ ମାମଲା (ନଂ. ୧୪୦/୧୮) ରୁଜୁ କରାଯାଇଥିଲା। ମାମଲା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ (ନଂ. ୯୭/୨୦୧୮) ବିଚାରାଧୀନ ଥିଲା। ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଜଜ୍ ଅଭିଯୁକ୍ତଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପୋକ୍ସୋ ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରିଥିଲେ।

# ପ୍ରଦୂଷଣ ନିୟନ୍ତ୍ରଣ: ରାଜ୍ୟକୁ ଏନ୍‌ଜିଟି ଅଧ୍ୟକ୍ଷଙ୍କ ପ୍ରଶଂସା

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ରାଜ୍ୟରେ ଶିଳ୍ପାଞ୍ଚଳ ଓ ସହରାଞ୍ଚଳ ପ୍ରଦୂଷଣକୁ ହ୍ରାସ କରିବା ଦିଗରେ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ସରକାରଙ୍କ ଅଭିନବ କାର୍ଯ୍ୟକ୍ରମ 'ମୋ ସରକାର' ଜରିଆରେ ଲୋକମାନଙ୍କ ଠାରୁ ପରିବେଶ ସମ୍ପର୍କରେ ମତାମତ ଗ୍ରହଣ କରାଯାଉଛି। ଗତ କିଛିବର୍ଷ ହେବ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ରାଜ୍ୟରେ ଥିବା ୧୪ଟି ଆଞ୍ଚଳିକ କାର୍ଯ୍ୟାଳୟ, ୧୧ଟି ପରୀକ୍ଷାଗାର ଏବଂ ଗୋଟିଏ ସେଣ୍ଟ୍ରାଲ ଲାବରେଟୋରି ଜରିଆରେ କାର୍ଯ୍ୟ ପରିସରକୁ ବ୍ୟାପକ କରିପାରିଛି। ଉପକୂଳର ଇକୋ ସିଷ୍ଟମକୁ ତଦାରଖ କରିବା ପାଇଁ ବୋର୍ଡ ପାରାଦୀପଠାରେ ଏକ ସେଣ୍ଟର ସ୍ଥାପନ କରିଛି। ଏଥିସହିତ ବୋର୍ଡ ରାଜ୍ୟର ୧୧ ପ୍ରମୁଖ ନଦୀର ୧୨୯ ସ୍ଥାନରୁ ନମୁନା ସଂଗ୍ରହ କରି ୧୧ଟି ପାରାମିଟର ଆଧାରରେ ନଦୀ ଜଳର ଗୁଣବତ୍ତାକୁ ନିୟମିତ ତଦାରଖ କରିଆସୁଛି। ଏଥିସହିତ ବୋର୍ଡ ରାଜ୍ୟର ୧୭ ପ୍ରମୁଖ ସହରରେ ବାୟୁର ମାନ ନିର୍ଦ୍ଧାରଣ କରିବା ପାଇଁ କଣ୍ଟିନିୟୋସ୍ ଆମ୍ବିଏଣ୍ଟ ଏୟାର କ୍ୱାଲିଟି ମନିଟରିଂ ସିଷ୍ଟମ୍ (ସିଏଏକ୍ୟୁଏମ୍‌ଏସ୍) ଷ୍ଟେଶନ ସ୍ଥାପନ କରିଥିବା ବେଳେ ୩୦ ଜିଲାର ୯୧ଟି ମନିଟରିଂ ଷ୍ଟେଶନ ଜରିଆରେ ଭୂତଳ ଜଳକୁ ମଧ୍ୟ ତଦାରଖ କରିଆସୁଛି। ପାରଦୀପଠାରୁ ଧାମରା



ଏନ୍‌ଜିଟି ଅଧ୍ୟକ୍ଷଙ୍କ ସହ ଏସ୍‌ପିସିବି ମେମ୍ବର ସେକ୍ରେଟାରୀ କେ. ମୁରୁଗେସେନ୍ ତଥ୍ୟ ଉପସ୍ଥାପନ କରୁଛନ୍ତି।

- ମୋ ଖତରୁ ଆଦାୟ ହୋଇଛି ୨.୨୫ କୋଟି
- ଶିଳ୍ପାଞ୍ଚଳ ପ୍ରଦୂଷଣକୁ ସିଏମ୍‌ଏସ୍ ତଦାରଖ କରୁଛି: ମୁରୁଗେସେନ
- ୧୧ ନଦୀ ଜଳର ମାନ ପରୀକ୍ଷା ହେଉଛି

ବନ୍ଦର ମଧ୍ୟରେ ୭୩ଟି ସ୍ଥାନରେ ଉପକୂଳ ପରିବେଶକୁ ମଧ୍ୟ ବୋର୍ଡ ପକ୍ଷରୁ ନିୟମିତ ଯାଞ୍ଚ କରାଯାଉଛି ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଅଧ୍ୟକ୍ଷ ଆଦର୍ଶ କୁମାର ଗୋଏଲଙ୍କୁ ଅବଗତ କରାଇଥିଲେ। ସୋମବାର ଓଏସ୍‌ପିସିବି ସମ୍ମିଳନୀ କକ୍ଷଠାରେ ଏନ୍‌ଜିଟିର ଅଧ୍ୟକ୍ଷଙ୍କ ସହ ରାଜ୍ୟର ପ୍ରଦୂଷଣ ସ୍ଥିତିକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

ପ୍ରଦୂଷଣ ବୋର୍ଡର ମେମ୍ବର ସେକ୍ରେଟାରି କେ. ମୁରୁଗେସେନ ଶିଳ୍ପାଞ୍ଚଳଗୁଡିକରୁ ନିର୍ଗତ ବିଷାକ୍ତ ବାଷ୍ପକୁ ଏକ ସେଣ୍ଟ୍ରାଲ ମନିଟରିଂ ସିଷ୍ଟମ୍ (ସିଏମ୍‌ଏସ୍) ଜରିଆରେ ବୋର୍ଡଦ୍ୱାରା ତଦାରଖ କରାଯାଉଥିବା ସୂଚନା ଦେଇଥିଲେ। ଏହି ସେଣ୍ଟ୍ରାଲ ମନିଟରିଂ ବ୍ୟବସ୍ଥା କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସର୍ଭର ସହିତ ସଂଯୋଗ କରାଯାଇଛି। ରାଜ୍ୟରେ ବାହାରୁଥିବା ଫ୍ଲାଏ ଆଶ୍, ଜିପ୍‌ସମ, ରେଡ ମଡ, ଡୋଲୋକାର ଏବଂ ସ୍ଲାଗ ଇତ୍ୟାଦି ଶିଳ୍ପ ବର୍ଜ୍ୟବସ୍ତୁକୁ ପୁନଃ ବିନିଯୋଗ କରାଯାଉଛି। ୨୦୨୦-୨୧ରେ ୯୧ ପ୍ରତିଶତ ଫ୍ଲାଏ ଆଶ୍ ଏବଂ ୯୦ ପ୍ରତିଶତ ଅନ୍ୟାନ୍ୟ ବର୍ଜ୍ୟକୁ ପୁନଃ ବିନିଯୋଗ କରାଯାଇଥିବା ମୁରୁଗେସେନ ସୂଚନା ଦେଇଥିଲେ। ଏଥିସହିତ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନ୍‌ଲାଇନ ଜରିଆରେ ବାୟୋମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ, ବିପଜ୍ଜନକ ବର୍ଜ୍ୟବସ୍ତୁ ପରିଚାଳନା, ଇ-ୱେଷ୍ଟ ମ୍ୟାନେଜମେଣ୍ଟ, ପ୍ଲାଷ୍ଟିକ ୱେଷ୍ଟ ମ୍ୟାନେଜମେଣ୍ଟ ଭଳି ୬ ପ୍ରକାର ଅନ୍‌ଲାଇନ ସେବା ଯୋଗାଇ ଦିଆଯାଉଛି ବୋଲି କହିଛନ୍ତି। ଗୃହ ଓ ନଗର ଉନ୍ନୟନ ସଚିବ ଜି. ମାଥିଭାଥନନ କହିଛନ୍ତି, ରାଜ୍ୟରୁ ପ୍ରାୟ ୨୧୦୫ ମେଟ୍ରିକ ଟନ୍ କଠିନ ବର୍ଜ୍ୟବସ୍ତୁ ବାହାରୁଛି। ସେଗୁଡିକୁ ୨୩୨ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଏବଂ ୧୫୪ ମ୍ୟାଟେରିଆଲ ରିକଭରି ଫାସିଲିଟିଜ ଜରିଆରେ ପ୍ରକ୍ରିୟାକରଣ କରାଯାଉଛି। ସେଥିରୁ ପ୍ରାୟ ୧୨୦୩ ମେଟ୍ରିକ ଟନ୍ ମୋ ଖତ ପ୍ରସ୍ତୁତ କରାଯାଇ ପାରୁଛି। ଏଥିରୁ ପ୍ରାୟ ୨.୪୫ କୋଟି ଟଙ୍କା ରୋଜଗାର ହୋଇପାରିଛି। ଏହି କାର୍ଯ୍ୟରେ ୨୦୪୩ ସ୍ୱଚ୍ଛସାଥୀ ଏବଂ ୧୮୩୧ ସ୍ୱଚ୍ଛ କର୍ମଚାରୀ ନିୟୋଜିତ ଅଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମାଙ୍କ ସମେତ ବୋର୍ଡର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ପ୍ରଦୂଷଣ ରୋକିବା ନେଇ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପକୁ ଏନ୍‌ଜିଟି ଅଧ୍ୟକ୍ଷ ପ୍ରଶଂସା କରିଥିଲେ।

# ମାଞ୍ଜାସୂତା ବିକ୍ରେତା ଗିରଫ

**ଯୁବକଙ୍କ ମୃତ୍ୟୁ ଘଟଣା**

- ଗୁଡ଼ି ଉଡ଼ାଳିଙ୍କୁ ଜେରା
- ୬୭୨ ଗୁଡ଼ି, ୨୧ ପ୍ୟାକେଟ୍ ମାଞ୍ଜାସୂତା ଜବତ, ୪ ମାମଲା ରୁଜୁ

**କଟକ ଅଫିସ,୨୭।୧୨**

କଟକ ଜିଲା ଜଗତପୁର ଥାନା ଅଧୀନ ପୀରବଜାର ଅଞ୍ଚଳରେ ମାଞ୍ଜାସୂତାରେ ଯୁବକଙ୍କ ମୃତ୍ୟୁ ଘଟଣାରେ ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ପୀରବଜାର ଅଞ୍ଚଳର ମାଞ୍ଜାସୂତା ବିକ୍ରେତା ସେଖ୍ ଅନୱର। ସେହିପରି ଗୁଡ଼ି ଉଡ଼ାଇବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଥାନାରେ ପଚରାଉଚରା କରି ଛାଡ଼ିଦେଇଛି। ଅନ୍ୟପକ୍ଷରେ ସ୍ଥାନୀୟ ପୋଲିସ ଓ ସିଏମ୍‌ସି ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଜଗତପୁର ଥାନା ଅଧୀନ ଭଏରପୁର ଅଞ୍ଚଳର ଜୟନ୍ତ ସାମଲ(୩୧) ସ୍ତ୍ରୀଙ୍କ ସହିତ ବାଇକ୍‌ରେ ରବିବାର ଅପରାହ୍ନରେ କଟକରୁ ଘରକୁ ଫେରୁଥିବାବେଳେ ପୀରବଜାରଠାରେ ଗୁଡ଼ି ମାଞ୍ଜାସୂତା ତାଙ୍କ ବେକରେ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମାଞ୍ଜାସୂତା ବିକ୍ରେତା ଓ ଗୁଡ଼ି ଉଡ଼ାଳିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜୟନ୍ତଙ୍କ ପରିବାର ଲୋକେ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା (ନଂ. ୫୫୦/୨୧) ରୁଜୁ କରିଥିଲା। ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣା ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏ ସମ୍ପର୍କରେ ଡିସିପି ପ୍ରତୀକ୍ ସିଂ କହିଛନ୍ତି, ସୋମବାର କଟକର ବିଭିନ୍ନ ଥାନା ଅଞ୍ଚଳରେ ସ୍ୱତନ୍ତ୍ର ଡ୍ରାଇଭ କରାଯାଇଛି। ଏହି ସମୟରେ ୪୮୦ ନଟେଇ, ୬୭୨ ଗୁଡ଼ି ଓ ୨୧ ପ୍ୟାକେଟ୍ ମାଞ୍ଜାସୂତା ଜବତ କରାଯାଇଛି। ଏହି ଘଟଣାରେ ୪ ଦୋକାନୀ ଓ ଗୁଡ଼ି ଉଡାଳିଙ୍କ ବିରୋଧରେ ୪ ମାମଲା ରୁଜୁ ହୋଇଛି।

### ମାଞ୍ଜାସୂତା ଜବତ ପାଇଁ ୪ ଟିମ୍ ଗଠିତ

ଜୟନ୍ତଙ୍କ ମୃତ୍ୟୁ ପରେ କଟକ ମହାନଗର ନିଗମ (ସିଏମ୍‌ସି)ର ଚେତା ପଶିଛି। ବେଆଇନ ମାଞ୍ଜାସୂତା ଜବତ ପାଇଁ ସିଏମ୍‌ସି ୪ଟି ଟିମ୍ ଗଠନ କରିଛି। ଏହି ଟିମ୍ ସୋମବାର ପୋଲିସ ସହାୟତାରେ ଚୌଧୁରୀବଜାର, ପିଠାପୁର ଅଞ୍ଚଳର ବିଭିନ୍ନ ଦୋକାନରେ ଚଢ଼ାଉ କରି ଯାଞ୍ଚ କରିଛି। ଏ ସମ୍ପର୍କରେ ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତ କହିଛନ୍ତି, ଯଦି କେହି ମାଞ୍ଜାସୂତା ବିକ୍ରି କରିବା ନଜରକୁ ଆସିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଣୁ ଗତ ରବିବାର ଘଟଣାରେ ସମସ୍ତ ବ୍ୟବସାୟୀ ସତର୍କ ହୋଇ ଯାଇଛନ୍ତି।

# ଶ୍ରୀମନ୍ଦିର, ଲିଙ୍ଗରାଜ ଓ କୋଣାର୍କ ମନ୍ଦିର ଇଞ୍ଜିନିୟରିଂ ପୃଷ୍ଠଭୂମିର ପ୍ରମାଣ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)**

ଓଡ଼ିଶାରେ ବହୁ କାଳରୁ ଅବସ୍ଥାପିତ ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ଓ କୋଣାର୍କ ମନ୍ଦିର ଇଞ୍ଜିନିୟରିଂ ପୃଷ୍ଠଭୂମିର ଏକ ନିଚ୍ଛକ ପ୍ରମାଣ ବୋଲି ସୋମବାର ୩୬ତମ 'ଇଣ୍ଡିଆନ ଇଞ୍ଜିନିୟରିଂ କଂଗ୍ରେସ'ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଦେଶର ଜଣେ ସାଧାରଣ ନାଗରିକ ବି ଇଞ୍ଜିନିୟର। ଅତୀତରେ ଆମ ଭୂଖଣ୍ଡ ବୈଷୟିକ ଜ୍ଞାନକୌଶଳରେ ବିଶ୍ୱରେ ଆଦୃତ ଥିଲା। ପୂର୍ବରୁ ଗଭୀର ସମୁଦ୍ରରେ ବିଶାଳ ବୋଇତ ଚାଳନା, ଓଡ଼ିଶାର କୋଣାର୍କ, ଲିଙ୍ଗରାଜ ଓ ଜଗନ୍ନାଥ ମନ୍ଦିର, ତାମିଲନାଡୁ ମଦୁରାଇର ମୀନାକ୍ଷୀ ମନ୍ଦିର ଏବଂ ଆଦି ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ହିମାଳୟରେ ପ୍ରତିଷ୍ଠିତ ମନ୍ଦିର ଭଳି କାରୁକାର୍ଯ୍ୟମୟ ବିଶାଳ ନିର୍ମାଣକଳା ବୈଜ୍ଞାନିକ ଇଞ୍ଜିନିୟରିଂ ପୃଷ୍ଠଭୂମିର ପରିପ୍ରକାଶର ପ୍ରମାଣ। ଏହା ବୈଷୟିକ ଶିକ୍ଷା ବା ଇଞ୍ଜିନିୟରିଂ ଦକ୍ଷତାକୁ ପ୍ରତିପାଦିତ କରୁଛି। ଏସବୁରେ ଆମର ପ୍ରାଚୀନ ସଭ୍ୟତାରେ ଗଠନମୂଳକ ଇଞ୍ଜିନିୟରିଂ, ୱାଟର ମ୍ୟାନେଜମେଣ୍ଟ, ସାମୁଦ୍ରିକ ଇଞ୍ଜିନିୟରିଂ ଇତ୍ୟାଦିର ବୈଜ୍ଞାନିକ ପ୍ରମାଣ ଅଛି। ଆମ ଦେଶରେ ପ୍ରଥମ ଥର ପାଇଁ ଉତ୍ପାଦନ ହୋଇଥିବା ଧାନ ଏବଂ ଧାନ ଚାଷ କରିବା ପାଇଁ ଯେଉଁ ବୈଜ୍ଞାନିକ ପଦ୍ଧତିର ବ୍ୟବହାର ହୋଇଥିଲା, ତାହା ମଧ୍ୟ ଇଞ୍ଜିନିୟରିଂର ଏକ ବ୍ୟାବହାରିକ ରୂପ। ନୂତନତ୍ୱ ଏବଂ ଷ୍ଟାର୍ଟଅପ୍‌କୁ ଅଧିକ ପ୍ରୋତ୍ସାହିତ କରିବା, ଏମ୍‌ଏସ୍‌ଏମ୍‌ଇ ଭିତ୍ତିକ ଉତ୍ପାଦନ ମାଧ୍ୟମରେ ନିଯୁକ୍ତି ସୃଷ୍ଟି କରିବା, ଭାରତକୁ ୫ ଟ୍ରିଲିୟନ ଡଲାରର ଅର୍ଥନୀତି ଲକ୍ଷ୍ୟ ହାସଲ ତଥା ଇଞ୍ଜିନିୟରିଂ କ୍ଷମତାକୁ ସୁଦୃଢ଼ କରିବା ପାଇଁ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର (ଭାରତ)ର ଅଧିକ ବଡ଼ ଭୂମିକା ରହିବ। ଶିକ୍ଷାଦାନ ପ୍ରକ୍ରିୟାରେ ଭାଷା ପ୍ରତିବନ୍ଧକ ଏବଂ ଆମେ ଇଞ୍ଜିନିୟରିଂ ସମ୍ପ୍ରଦାୟର ଦକ୍ଷତା ବୃଦ୍ଧି ଦିଗରେ ସାମୂହିକ ଭାବେ କାର୍ଯ୍ୟ କରିବାକୁ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ମୋଟର ସାଇକେଲରେ ଫସଲ ଅମଳ

- ୨ ଯୁବଚାଷୀଙ୍କ ନିଆରା ପ୍ରୟାସ
- ଅର୍ଥ ଅଭାବ ମନରେ ଆଣିଥିଲା ଭିନ୍ନ ଚିନ୍ତା

**ଚିତ୍ରକୋଣ୍ଡା,୨୭।୧୨(ଡି.ଏନ୍.ଏ.)**

ପୁରାତନ କାଳରୁ ଚାଷୀ ଗୋରୁ ସାହାଯ୍ୟରେ ଧାନ, ମାଣ୍ଡିଆ, ସୁଆଁ, ବିରି, ମୁଗ, ଆଦି ବିଭିନ୍ନ ଫସଲ ଜମିରୁ କାଟି କିମ୍ବା ଉପାଡ଼ି ଖଳାରେ ରଖି ବେଙ୍ଗଳା କରି ଅମଳ କରୁଥିଲେ। ଆଧୁନିକ ଯୁଗରେ ଉନ୍ନତ କୃଷି ଯନ୍ତ୍ରପାତି ଆସିବା ପରେ ଚାଷୀ ଖଳାରେ ଫସଲ ଅମଳ ପାଇଁ ପାୱାର ଟିଲର, ଟ୍ରାକ୍ଟର ବ୍ୟବହାର କରୁଛନ୍ତି। କିନ୍ତୁ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ଖଜୁରିଗୁଡ଼ା ଗ୍ରାମରେ ୨ଯୁବଚାଷୀ ରାଜୁ ପାଙ୍ଗୀ ଏବଂ ଘେନୁ ଖିଲ ଫସଲ ଅମଳ ନିମନ୍ତେ ଆପଣାଇଛନ୍ତି ଭିନ୍ନ ଉପାୟ। ମୋଟର ସାଇକେଲ ମାଧ୍ୟମରେ ଖଳାରେ ଫସଲକୁ ବେଙ୍ଗଳା କରି ଅମଳ କରିଥିବା ଦେଖିବାକୁ ମିଳିଛି। ଏଭଳି ଭିନ୍ନ ପ୍ରୟାସକୁ ନେଇ ଦୁଇ ଚାଷୀ ଏବେ ଅନ୍ୟ ଚାଷୀଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ରାଜୁ ଏବଂ ଘେନୁଙ୍କ କହିବା ହେଲା, ପାଖରେ ଅଧିକ ଗୋରୁ ନାହାନ୍ତି। ଆଧୁନିକ ଯନ୍ତ୍ରପାତିରେ ଅମଳ ପାଇଁ ସମ୍ବଳ ନାହିଁ। ତେଣୁ ମୋଟର ସାଇକେଲ ମାଧ୍ୟମରେ ଫସଲ ଅମଳ କରିବାର ଚିନ୍ତା ମନକୁ ଆସିଥିଲା। ଏଥିରେ କମ୍ ସମୟ ଓ କମ୍ ଖର୍ଚ୍ଚରେ ଫସଲ ଅମଳ କରିପାରୁଥିବା ସେମାନେ କହିଛନ୍ତି।



ମୋଟର ସାଇକେଲ ସାହାଯ୍ୟରେ ଦୁଇ ଚାଷୀ ଫସଲ ଅମଳ କରୁଛନ୍ତି।

# ଆସନ୍ତା ୪ରେ ଚୂଡ଼ାନ୍ତ ରାୟ

**ସୁମିତ୍-ତପସ୍ୱିନୀ ବିବାଦ**

**ବ୍ରହ୍ମପୁର ଅଫିସ,୨୭।୧୨**

ଡା. ସୁମିତ ସାହୁ ଓ ତପସ୍ୱିନୀ ଦାଶଙ୍କ ମଧ୍ୟରେ ଚାଲିଥିବା ବିବାଦର ଶୁଣାଣି ପାଇଁ ସୋମବାର କୋର୍ଟରେ ଦିନ ଧାର୍ଯ୍ୟ ହୋଇଥିଲା। ଗଞ୍ଜାମ ଜିଲାଜଜ୍ ଏସ୍‌ଡିଜେଏମ୍‌ଙ୍କ ରାୟକୁ ଚ୍ୟାଲେଞ୍ଜ କରି ଉଭୟ ପକ୍ଷ କରିଥିବା ଅପିଲ ଉପରେ ଶୁଣାଣି କରିଥିଲେ। ସୁମିତ ଓ ତପସ୍ୱିନୀଙ୍କ ଓକିଲ କୋର୍ଟରେ ପୃଥକ୍ ଭାବେ ଯୁକ୍ତି ରଖିଥିଲେ। ଜିଲା ଜଜ୍ ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଜାନୁୟାରୀ ୪ରେ ଚୂଡ଼ାନ୍ତ ରାୟ ପ୍ରକାଶ ପାଇବ ବୋଲି ଧାର୍ଯ୍ୟ କରିଛନ୍ତି। ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ତପସ୍ୱିନୀଙ୍କ ତରଫରୁ ରୁଜୁ ହୋଇଥିବା ପିଟିଶନ ଉପରେ ପର୍ଯ୍ୟାୟ କ୍ରମେ ଶୁଣାଣି ହୋଇଥିଲା। କୋର୍ଟ ଗତ ୨୦ ତାରିଖରେ ଜାରି କରିଥିବା ନିର୍ଦ୍ଦେଶନାମାରେ ଦର୍ଶାଇଥିଲେ, ସୁମିତ ଏକ ଘର ଭଡା ନେଇ ତପସ୍ୱିନୀଙ୍କୁ ରଖିବା ସହ ତାଙ୍କର ସମସ୍ତ ଖର୍ଚ୍ଚ ବହନ କରିବେ। ଏହାକୁ ତପସ୍ୱିନୀଙ୍କ ଓକିଲ ଚାଲେଞ୍ଜ କରି ଜିଲା ଜଜ୍‌କୋର୍ଟରେ ଅପିଲ ଫାଇଲ କରିଥିଲେ। ବ୍ରହ୍ମପୁର ଏସ୍‌ଡିଜେଏମ୍ ଗତ ୨ ଓ ୯ତାରିଖରେ ଦେଇଥିବା ନିର୍ଦ୍ଦେଶକୁ ଚାଲେଞ୍ଜ କରି ଜିଲା ଜଜ୍‌କୋର୍ଟରେ ଅପିଲ କରାଯାଇଥିଲା। ଏସ୍‌ଡିଜେଏମ୍ ଦେଇଥିବା ନିର୍ଦ୍ଦେଶ ଖାରଜ କରିବା ପାଇଁ ଏଥିରେ ଅନୁରୋଧ କରାଯାଇଛି। ଅନ୍ୟପଟେ ଏଥି ପୂର୍ବରୁ ଡା.ସୁମିତଙ୍କ ଓକିଲ ମଧ୍ୟ ଏସ୍‌ଡିଜେଏମ୍‌ଙ୍କ ନିର୍ଦ୍ଦେଶକୁ ଚାଲେଞ୍ଜ କରି ଜିଲା କୋର୍ଟରେ ପିଟିଶନ ଦାଖଲ କରିଥିଲେ। ତପସ୍ୱିନୀ ବଧୂ ନିର୍ଯାତନା ମାମଲା ରୁଜୁ କରିଛନ୍ତି। ସେପଟେ କୋର୍ଟରେ ଛାଡ଼ପତ୍ର ମାମଲା ମଧ୍ୟ ବିଚାରାଧୀନ ରହିଛି। ଏଣୁ ତପସ୍ୱିନୀ ସୁମିତଙ୍କ ସହିତ ରହିବା କେତେଦୂର ସମୀଚୀନ ହେବ ସେ ଦିଗରେ ବିଚାର କରିବାକୁ ଡା.ସୁମିତଙ୍କ ଓକିଲଙ୍କ ଦ୍ୱାରା ଆବେଦନ କରାଯାଇଥିଲା। ସେହିପରି ଡା.ସୁମିତ ଓ ତପସ୍ୱିନୀଙ୍କ ଛାଡ଼ପତ୍ର ହୋଇନାହିଁ। ବର୍ତ୍ତମାନ ପରିବାର କୋର୍ଟରେ ମାମଲା ବିଚାରାଧୀନ ରହିଛି। ଏଣୁ ତପସ୍ୱିନୀଙ୍କୁ ଶାଶୁଘରେ ରହିବାକୁ ଅନୁମତି ପ୍ରଦାନ ପାଇଁ ଜିଲା ଜଜ୍ କୋର୍ଟରେ ତାଙ୍କ ଓକିଲ ଅପିଲ କରିଥିଲେ। ଜିଲା ଜଜ୍‌କୋର୍ଟରେ ଉଭୟ ଅପିଲର ଶୁଣାଣି ହୋଇଥିଲା।

**ପ୍ରଥମ ପୃଷ୍ଠାରୁ**

### ୧୫-୧୮...

ହିତାଧିକାରୀଙ୍କୁ ପ୍ରିକଶନ ଡୋଜ୍ ନେବା ଲାଗି ଏସ୍‌ଏମ୍‌ଏସ୍ ପଠାଯିବ। ସୂଚନାଯୋଗ୍ୟ ଓମିକ୍ରନ୍ ଭାରିଆଣ୍ଟ ଆସିବା ପରେ ଦେଶରେ କୋଭିଡ୍ ସଂକ୍ରମଣ ବଢୁଥିବାରୁ ଜାନୁୟାରୀ ୩ରୁ ପିଲାଙ୍କୁ କୋଭିଡ୍ ଟିକା ଏବଂ ୧୦ରୁ ସ୍ୱାସ୍ଥ୍ୟ କର୍ମଚାରୀ ଓ ବିଭିନ୍ନ ରୋଗ ଥିବା ୬୦ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ପ୍ରିକଶନ୍ ଡୋଜ୍ ପ୍ରଦାନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ଶନିବାର ଟିଭିରେ ଘୋଷଣା କରିଥିଲେ।

ଅନ୍ୟପକ୍ଷେ କେନ୍ଦ୍ରର ଗାଇଡ୍‌ଲାଇନ୍ ଆସିବା ପରେ ଟିକାକରଣକୁ ନେଇ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ରାଜ୍ୟରେ ଆସନ୍ତା ୧ରୁ କୋୱିନ୍ ଆପ୍‌ରେ ନାମ ପଞ୍ଜୀକରଣ ଆରମ୍ଭ ହେବ। ଯେଉଁ ପିଲାମାନଙ୍କର ଆଧାରକାର୍ଡ ନ ଥିବ ସେମାନେ ଷ୍ଟୁଡେଣ୍ଟ ଆଇ କାର୍ଡ ବ୍ୟବହାର କରି ନାମ ପଞ୍ଜୀକରଣ କରିପାରିବେ ବୋଲି କୋୱିନ୍ ଆପ୍ ମୁଖ୍ୟ ଡା. ଆର୍.ଏସ୍. ଶର୍ମା ସୂଚନା ଦେଇଛନ୍ତି। ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି, ଓଡ଼ିଶାରେ ୨୫ଲକ୍ଷ ୫୩ ହଜାର ୧୫ରୁ ୧୮ ବର୍ଷ ବୟସ୍କ କିଶୋର ଅଛନ୍ତି। ସେମାନଙ୍କୁ ଟିକା ଦେବାକୁ ଆବଶ୍ୟକ ବ୍ୟବସ୍ଥା ହେଉଛି। ଆବଶ୍ୟକ ପଡ଼ିଲେ ସ୍କୁଲ ଓ କଲେଜରେ କ୍ୟାମ୍ପ କରାଯାଇ ଟିକାକରଣ ଚାଲୁ ରହିବ। ସେହିପରି ଯଦି ବାହାରେ କ୍ୟାମ୍ପ କରାଯାଏ, ତେବେ ଅଭିଭାବକମାନଙ୍କୁ ପିଲାଙ୍କ ସହ ଆସିବାକୁ ପଡ଼ିବ। ରାଜ୍ୟରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ସଂଖ୍ୟା ୫୨ଲକ୍ଷ ୩୭ ହଜାର ରହିଥିବାବେଳେ ସମ୍ମୁଖ ଯୋଦ୍ଧା ଓ ସ୍ୱାସ୍ଥ୍ୟକର୍ମୀଙ୍କ ସଂଖ୍ୟା ୭ଲକ୍ଷ ୫ହଜାର ରହିଛି। ଏବେ ମଧ୍ୟ ୨୯ ଲକ୍ଷ ଲୋକ ପ୍ରଥମ ଡୋଜ୍ ଓ ୩୦ ଲକ୍ଷ ଲୋକ ଦ୍ୱିତୀୟ ଡୋଜ୍ ଟିକା ନେଇ ନାହାନ୍ତି। ୨୬୦୦ ସାଇଟ୍‌ରେ ଟିକାକରଣ ଚାଲିଥିବାବେଳେ ପ୍ରତି ବ୍ଲକ୍‌ରେ ୮ଟି ମୋବାଇଲ୍ ଭ୍ୟାନ୍ ବୁଲି ଟିକା ଦେଉଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

### ନିଯୁକ୍ତିମେଳାକୁ...

ଦଲ ଭୂମିକା ନେଉଥିବା ନେତାମାନେ ମଧ୍ୟ କମ୍ପାନୀ ପାଖରେ ବିକ୍ରି ହୋଇଯାଇଥିବା ମନେ ହେଉଛି। ତେଣୁ ପ୍ରଶାସନର ନିଯୁକ୍ତି ମେଳାକୁ ବି ଶିଳ୍ପକମ୍ପାନୀଗୁଡ଼ିକ ମାନୁନାହାନ୍ତି। ପୂର୍ବରୁ ଧରିତ୍ରୀରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ରାଜ୍ୟ ବାହାରର ଠିକାସଂସ୍ଥା ଓ ସେମାନଙ୍କ ଅଧୀନରେ କର୍ମ ନିଯୁକ୍ତି ସଂଖ୍ୟା ଉପରେ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇଛି। ଶିଳ୍ପ କର୍ତ୍ତୃପକ୍ଷ, ପ୍ରଶାସନ ଏବଂ ନେତାଙ୍କ ଅସାଧୁ ମେଣ୍ଟ ହିଁ ନିଯୁକ୍ତିର ପ୍ରତିବନ୍ଧକ ସାଜିଛି ବୋଲି ବେକାର ଯୁବତୀଯୁବକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଜିଲା କର୍ମ ନିୟୋଜନ ଅଧିକାରୀ ସୁବାସ ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ମଙ୍ଗଳବାର ବ୍ୟାସନଗର, ଯାଜପୁର ରୋଡ୍, ଭି.ଏନ୍. କଲେଜ ପଡ଼ିଆରେ ଦ୍ୱିତୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଏହି ମେଳାରେ ଭିସା ଷ୍ଟିଲ, ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ, ଟାଟା ଷ୍ଟିଲ ଆଦି ଶିଳ୍ପ କାରଖାନାର ଠିକାସଂସ୍ଥାଗୁଡ଼ିକ ଅଂଶଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏଥିରୁ ପୁଣି ଠିକା ଶ୍ରମିକ ନିଯୁକ୍ତି ଦେଇ ବେକାର ଯୁବତୀଯୁବକଙ୍କୁ ସନ୍ତୁଷ୍ଟ କରିବାକୁ ମସୁଧା ଚାଲିଛି ବୋଲି ଆଲୋଚନା ହେଉଛି।

# ଗଡ଼ଖୋର୍ଦ୍ଧାରୁ ପାଇକଙ୍କ ରଣହୁଙ୍କାର

**ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପ୍ରସଙ୍ଗ**

- ସମରକଳା, ଶୋଭାଯାତ୍ରା, ସମାବେଶରେ କମ୍ପିଲା ରାଜଧାନୀ
- ଜାନୁୟାରୀ ୨୪ରେ ଦିଲ୍ଲୀ ଚଲୋ ଡାକରା

**ଖୋର୍ଦ୍ଧା ଅଫିସ,୨୭।୧୨**

୧୮୧୭ ମସିହାର ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପ୍ରଦାନ ଦାବିକୁ କେନ୍ଦ୍ର ସରକାରଙ୍କ ପ୍ରତ୍ୟାଖ୍ୟାନ ପରେ ଆନ୍ଦୋଳନ ତେଜିବାରେ ଲାଗିଛି। ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଓ ବରୁଣେଇଠାରେ ପ୍ରସ୍ତାବିତ ପାଇକ ସ୍ମାରକୀ ଲାଗି ମାଗଣାରେ ଜମି ଯୋଗାଇବା ଦାବି ନେଇ ଓଡ଼ିଶା ବୀର ମହାସଂଘ ସୋମବାର ଗଡ଼ଖୋର୍ଦ୍ଧାରୁ ରଣହୁଙ୍କାର ଦେଇଛି। ଭାରତବର୍ଷର ଶେଷ ସ୍ୱାଧୀନ ଦୁର୍ଗ ଭାବେ ପରିଚିତ ଗଡ଼ଖୋର୍ଦ୍ଧାର ଗଡ଼ ମଧ୍ୟରୁ 'ଦିଲ୍ଲୀ ଚଲୋ' ଡାକରା ଦିଆଯାଇଛି। ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ନ ମିଳିଲେ ଜାନୁୟାରୀ ୨୪ରେ ନୂଆଦିଲ୍ଲୀରେ ବିଶାଳ ସମାବେଶ ସହ ବିକ୍ଷୋଭ କରାଯିବ। ଏପରି କି ଆଗାମୀ ଦିନରେ ସଂସଦ ଭବନ ଘେରାଉ କରାଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ସୋମବାର ପୂର୍ବାହ୍ନରେ ମହାସଂଘ ଆନୁକୂଲ୍ୟରେ ଆୟୋଜିତ 'ପାଇକ ଗର୍ଜନ ଓ ଶୋଭାଯାତ୍ରା'ରେ ଖୋର୍ଦ୍ଧା ସମେତ ବିଭିନ୍ନ ଜିଲାରୁ ଆସିଥିବା ୩ ହଜାରରୁ ଉର୍ଦ୍ଧ୍ୱ ପାଇକ ବରୁଣେଇ ପୀଠରେ ମେଳି କରିଥିଲେ। ବରୁଣେଇ ପୀଠରୁ ମା'ଙ୍କ ଆଶୀର୍ବାଦ ଭିକ୍ଷା ସହ ପାଇକ ବୀରମାନେ ସମର କଳା ଓ ପାଇକ ଆଖଡ଼ା ପ୍ରଦର୍ଶନ କରିଥିଲେ। ବୀରବାଦ୍ୟ ତାଳେ ତାଳେ ପାଇକ ବୀରମାନେ ଗୋଟିଏ ପରେ ଗୋଟିଏ ସମର କଳା ପ୍ରଦର୍ଶନ କରିଥିଲେ। ସେଠାରୁ ଶୋଭାଯାତ୍ରାରେ ବାହାରି ଗଡ଼ଖୋର୍ଦ୍ଧାରେ ଏକାଠି ହୋଇଥିଲେ। ପାଇକ ବିଦ୍ରୋହର ମୂକସାକ୍ଷୀ ଭାବେ ଦଣ୍ଡାୟମାନ ଥିବା ଦୁର୍ଗରେ ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରାରେ ବାହାରି ଗଡ଼ଛକସ୍ଥିତ ପଞ୍ଚପାଇକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଖୋର୍ଦ୍ଧା ସହର ପରିକ୍ରମା କରି ଭୁବନେଶ୍ୱର ଅଭିମୁଖେ ଯାଇଥିଲେ। ମାଷ୍ଟରକ୍ୟାଣ୍ଟିନ ଛକରୁ ପ୍ରଦର୍ଶନୀ ପଡ଼ିଆ ପର୍ଯ୍ୟନ୍ତ ପାଇକ ସମରକଳା ପ୍ରଦର୍ଶନ କରାଯାଇ ଥିଲା। ପ୍ରଦର୍ଶନୀ ପଡ଼ିଆରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାସଂଘ ସମ୍ପାଦକ ଡ. ଦିଲୀପ ଶ୍ରୀଚନ୍ଦନ କହିଥିଲେ, ପାଇକ ବିଦ୍ରୋହର ପ୍ରାମାଣିକତା ଓ ଐତିହାସିକ ପୃଷ୍ଠଭୂମିରୁ ଏହା ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ସଂଗ୍ରାମ। ତେଣୁ ଏହାକୁ ମାନ୍ୟତା ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଆଗାମୀ ଜାନୁୟାରୀ ୨୪ ତାରିଖରେ ୫ହଜାର ପାଇକଙ୍କୁ ନେଇ ନୂଆଦିଲ୍ଲୀର ଲାଲକିଲ୍ଲା ସମ୍ମୁଖରେ ବିଶାଳ ସମାବେଶ ଆୟୋଜନ ସହ ପାଇକ ଆଖଡ଼ା ପ୍ରଦର୍ଶନ କରାଯିବ। ସେହିପରି ଗବେଷକ ଗୋପାଳକୃଷ୍ଣ ଦାସ କହିଛନ୍ତି, ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପୁଣିଥରେ ଗବେଷକ ଓ ଐତିହାସିକମାନଙ୍କୁ ଏକାଠି କରି ଏ ସଂକ୍ରାନ୍ତ ତଥ୍ୟ ସଂଗ୍ରହ କରନ୍ତୁ। କେନ୍ଦ୍ର ସରକାର ନିଜ ନିଷ୍ପତ୍ତିର ପୁନଃ ତର୍ଜମା କରିବାକୁ ସେ ଦାବି କରିଛନ୍ତି। ଆଇନଜୀବୀ ଶିଶିର ପରିଡ଼ା କହିଛନ୍ତି, ପାଇକ ବିଦ୍ରୋହ ହେଉଛି ଓଡ଼ିଆ ଜାତିର ସ୍ୱାଭିମାନ ଏବଂ ଅସ୍ମିତା। ମହାସଂଘର ଦାବି ପୂରଣ ନ ହେଲେ ସଂସଦ ଭବନ ଘେରାଉ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଶୋଭାଯାତ୍ରା ଓ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ସଂଯୋଜକ ନରେନ୍ଦ୍ର ପୃଷ୍ଟି, ଐତିହାସିକ ରବୀନ୍ଦ୍ର ପରିଡ଼ା, ପାଇକ ଗୁରୁ ଭାସ୍କର ସୁନ୍ଦରାୟ, କଂଗ୍ରେସ ନେତା ପଦ୍ମଚରଣ ରାୟ, ଭାଜପା ନେତା ଅବନୀ ଜେନା, ମହମ୍ମଦ କେଫତୁଲ୍ଲା, ନଳିନୀ ଚମ୍ପତିରାୟ, ଇତିଶ୍ରୀ ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ, ଗବେଷକ, ଶିକ୍ଷାବିତ୍ ଏବଂ ବିଭିନ୍ନ ପାଇକ ସଙ୍ଗଠନ କର୍ମକର୍ତ୍ତା ସାମିଲ ଥିଲେ।



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ପ୍ରଦର୍ଶନୀ ପଡ଼ିଆ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

## ଯୁକ୍ତ ୨ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

**ଭବାନୀପାଟଣା,(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ବିଶ୍ୱ ବିଦ୍ୟାଳୟର ପଶ୍ଚିମ ଛାତ୍ରାବାସରେ ଯୁକ୍ତ ୨ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। କୋଠରି ଭିତର ପଟୁ ବନ୍ଦ ଥିବାବେଳେ ସ୍ଥାନୀୟ ଛାତ୍ରମାନେ ଦେଖିବା ପରେ ଯୁକ୍ତ ୨ ଛାତ୍ର ରଶ୍ମି ରଞ୍ଜନ ସେଠୀ ବୋଲି ଜଣାପଡିଥିଲା। ଏହାପରେ ପରିବାର ଲୋକ ଏବଂ ପୋଲିସକୁ ଖବର ଦେଇଥିଲେ । ପୋଲିସ ଓ ପରିବାର ଲୋକ ତଥା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବନ୍ଦ କୋଠରି ଭିତରୁ ଝୁଲନ୍ତା ମୃତଦେହ ଜବତ କରାଯାଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଜଣାପଡିଛି।

## ସଂକ୍ଷେପରେ

### ଅବ୍ୟବସ୍ଥା ନେଇ ଉପଜିଲାପାଳଙ୍କୁ ଫେରାଦ

**ଲୋଇସିଂହା,୨୭।୧୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତର ଏବେ ନାନା ଅବ୍ୟବସ୍ଥା ଦେଖାଦେଇଛି। ଏନେଇ ପଞ୍ଚାୟତର କେତେକ ବ୍ୟକ୍ତି ସୋମବାର ଉପଜିଲାପାଳ ଲମ୍ବୋଦର ଧରୁଆଙ୍କୁ ଫେରାଦ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ପିଇଓ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁନାହାନ୍ତି। ବର୍ତ୍ତମାନ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆବାସ ଘର ପାଇବାରୁ ବଞ୍ଚିତ ଲୋକଙ୍କ ଘର ମରାମତି ପାଇଁ ଆଧାର ଏବଂ ବ୍ୟାଙ୍କ ଆକଉଣ୍ଟ ନମ୍ବର ସଂଗ୍ରହ କରାଯାଉଛି। ଏହି କାର୍ଯ୍ୟକୁ ପିଇଓ, ଜିଆରଏସ କିମ୍ବା ଜିଓଟ୍ୟାଗ ନକରି ସ୍ଥାନୀୟ ୱାର୍ଡସଭ୍ୟଙ୍କ ଜରିଆରେ କରାଯାଉଛି। ପଞ୍ଚାୟତ ଅଧିନ ଅନ୍ୟ ଗ୍ରାମରେ ସରକାରୀ କର୍ମଚାରୀ ଏହି କାମ ନକରି ବେସରକାରୀ ଲୋକେ ଏସବୁ କାମ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ପିଇଓ ହୁତାସନ ସୁନା କହିଛନ୍ତି ଅଭିଯୋଗ ଭିତ୍ତିହୀନ। କାମ ଅଧିକ ରହୁଥିବାରୁ ବାଧ୍ୟ ହୋଇ ବାହାର ଲୋକଙ୍କୁ ଏହି କାମରେ ଲଗାଯାଇଥିବା କହିଥିଲେ ।

### ଆବାସ ଗୃହ ନିର୍ମାଣରେ ଦୁର୍ନୀତି ନେଇ ଅଭିଯୋଗ

**ବୋଡେନ,୨୭।୧୨(ଡି.ଏନ.ଏ.):** ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଭଇଁସାଦାନି ପଞ୍ଚାୟତରେ ଆବାସ ଗୃହ ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଗ୍ରାମବାସୀ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କୁ ସାକ୍ଷାତ କରି ଦୁର୍ନୀତି ନେଇ ଆଲୋଚନା କରିଥିଲେ। ଯୋଗ୍ୟ ଲୋକମାନଙ୍କୁ ଘର ମିଳି ନ ଥିବାବେଳେ ନାବାଳକଙ୍କ ନାମରେ ଘର ତାଲିକା ରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ବାବଦକୁ ଗାଁର ହେମସାଗର ମାଝି, ଶଙ୍କର ମାଝି, ରାମେଶ୍ୱର ପହରିଆ, କିର୍ତ୍ତନ ପହରିଆ, ଭଦର ମାଝି, ଲକ୍ଷିଧର ପହରିଆ, ଜୟ ମାଝି, ରଘୁନାଥ ମାଝି, ପଦମନ ମାଝି, ଧନସିଂ ମାଝି, ମଧୁସୁଦନ ମାଝି, ତ୍ରିନାଥ ମାଝି, ଦୁଷ୍ମନ୍ତ ପହରିଆ, ବିଘ୍ନ ମାଝି, ଭିକ ମାଝି, ଚୌତନ ମାଝି, ଅଶ୍ୱନୀ କୁମାର ମାଝି, ବିନୋଦ ପହରିଆ, ହିରାସିଂ ମାଝି, ଛବିରାମ ପହରିଆ ପ୍ରମୁଖ ବିଡିଓଙ୍କୁ ଭେଟି ଘର ଦୁର୍ନୀତି ବିଷୟରେ ଜଣାଇଥିଲେ। ଉକ୍ତ ଘଟଣା ଉପରେ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୋଡେନ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ କହିଛନ୍ତି।

### ଜଗନ୍ନାଥ ଦେବ ଫୁଟ୍‌ବଲ ଟିକ୍ରାପଡ଼ା, ନକଟାସର ବିଜୟୀ

**ବେଲପଡା, ୨୭।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ବ୍ଲକ ମଣ୍ଡଳ ଜଗନ୍ନାଥ ଦେବ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଥିଲା ତୃତୀୟ ଦିବସ । ପ୍ରଥମ ଖେଳ ଟିକ୍ରାପଡା ବନାମ କଲଚିକଚାର ମଧ୍ୟରେ ହୋଇଥିଲା । ନିର୍ଦ୍ଧାରିତ ସମୟରେ ଖେଳ ଅମୀମାଂସିତ ରହିବାରୁ ପେନାଲଟି ସୁଟ୍ ଆଉଟ୍‌ର ସାହାଯ୍ୟ ନିଆଯାଇଥିଲା। ଏଥିରେ ଟିକ୍ରାପଡା ଦଳ ୨-୦ଗୋଲରେ ବିଜୟୀ ହୋଇଥିଲା। ଦିବସର ଦ୍ୱିତୀୟ ଖେଳ କଣ୍ଟାବାଞ୍ଜି ବନାମ ନକଟାସର ମଧ୍ୟରେ ହୋଇଥିଲା। ଏଥିରେ ନକଟାସର ୨-୦ଗୋଲରେ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ବଳଦେବ ଠାକୁର, ସମ୍ମାନୀତ ଅତିଥି ନଟବର ମହାନନ୍ଦ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

### କ୍ରିକେଟ ଟୁର୍ନାମେଣ୍ଟ: ଶ୍ରଦ୍ଧାପୁର ଚାମ୍ପିୟନ

**ଭବାନୀପାଟଣା,୨୭।୧୨(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ମେଦିନିପୁର ହାଇସ୍କୁଲ ପଡିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଶ୍ରଦ୍ଧାପୁର ଦଳ ମେଦିନିପୁର ଦଳକୁ ୪୬ ରନ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛି। ମ୍ୟାନ ଅଫ୍ ଦ ମ୍ୟାଚ୍ ରାମ ଓ ମ୍ୟାନ ଅଫ୍ ଦି ସିରିଜ ଭାବେ ମଜନୁଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲାର ବରିଷ୍ଠ ଖବରଦାତା ରାଜକୁମାର ସିଂଦେଓ, ସମ୍ମାନିତ ଅତିଥି ଭାବେ ଖବରଦାତା ମନମୋହନ ପ୍ରଧାନ, ଯବୁନେତା ଲବନିଧର ମହାନନ୍ଦ, ପ୍ରଭୁପାଦ ପ୍ରଧାନ, ସୁଲୋଚନା ଶବର, ଖଗେଶ୍ୱର ଶବର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ଯଶୋବନ୍ତ ପଟ୍ଟନାୟକ, ମନୋଜ ମହାକୁଡ ସମେତ ଆଶିଷ ପଣ୍ଡା,ସୁମିତ ପଟ୍ଟନାୟକ, ସମୀର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ନିର୍ଦ୍ଦିଷ୍ଟ ସମୟରେ ଅନୁଦାନ ରାଶିର ଉପଯୋଗ କର

## ବୀରମହାରାଜପୁର ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ



ବୈଠକରେ ମନ୍ତ୍ରୀ ପଦ୍ମନାଭ ବେହେରା ଓ ବିଭାଗୀୟ ଅଧିକାରୀ ବୃନ୍ଦ।

**ସୋନପୁର, ୨୭।୧୨**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟିର ସମୀକ୍ଷା ବୈଠକ ବିଧାୟକ ତଥା ବାଣିଜ୍ୟ, ପରିବହନ, ଯୋଜନା ଓ ସଂଯୋଜନ ବିଭାଗ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୀରମହାରାଜପୁର, ଉଲୁଣ୍ଡା, ବିନିକା ବ୍ଲକ ସହ ବିନିକା ଏନଏସି ଅଞ୍ଚଳରେ ବିଭିନ୍ନ ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ଜନମଙ୍ଗଳ ଏବଂ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା । କମିଟି ଆବାହକ ତଥା ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ବୈଠକର ଆଭିମୁଖ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ । ମନ୍ତ୍ରୀ ବେହେରା ବିଭିନ୍ନ ବିଭାଗରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅନୁଦାନ ରାଶିର ଉପଯୋଗ କରି ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ବିନିଯୋଗ ପ୍ରମାଣପତ୍ର ପ୍ରଦାନକୁ ଗୁରୁତ୍ୱ ଦେବା ସହ ଏ ଦିଗରେ ଯତ୍ନଶୀଳ ହେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଗ୍ରାମାଞ୍ଚଳରେ ପିଇବା ପାଣି ଯୋଗାଣ ନିମନ୍ତେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ମନ୍ତ୍ରୀ ବେହେରା ନିର୍ଦ୍ଦେଶ ଦେଇଥିଲେ। ନୂତନ ଉଠା ଜଳସେଚନ ପ୍ରକଳ୍ପଗୁଡିକର ଶୀଘ୍ର କାର୍ଯ୍ୟ ଶେଷ ତଥା ଅଚଳ ପ୍ରକଳ୍ପଗୁଡିକ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ କରିବା ପାଇଁ କହିଥିଲେ। ବୈଠକରେ ଡୋଳାମଣି ପଟେଲ, ବୀରମହାରାଜପୁର ଉପଜିଲାପାଳ ଅଶୋକ ଭୋଇ, ଯୁଗ୍ମ ନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ସୁକାନ୍ତ କୁମାର ଜେନା, ବିଭିନ୍ନ ବିଭାଗର ପଦାଧିକାରୀ, ବ୍ଲକ ଅଧକ୍ଷା ଅଧକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଅଗ୍ନି ବିପନ୍ନଙ୍କୁ ମିଳିନି ସହାୟତା



**ଲୋଇସିଂହା,୨୭।୧୨(ଡି.ଏନ.ଏ)**

ଲୋଇସିଂହା ବ୍ଲକ ଫାଟାମୁଣ୍ଡା ଗ୍ରାମର ଗୋଲାପି ଦାସ। ଗତ ଶନିବାର ତାଙ୍କ ଘର ନିଆଁ ଲାଗି ଜଳି ଯାଇଥିଲା। ଏବେ ସେ ଖୋଲା ଆକାଶ ତଳେ ପରିବାର ସହ ରହୁଛନ୍ତି। ତହସିଲ ପକ୍ଷରୁ ତାଙ୍କୁ ପଲିଥିନ ମିଳିନାହିଁ। ସୋମବାର ଗୋଲାପି ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ଭେଟିଥିଲେ। ପଲିଥିନ ପାଇଁ ତହସିଲଦାରଙ୍କୁ ଜଣାଇବାକୁ ଖଡିଆ ପରାମର୍ଶ ଦେଇଥିଲେ। ତହସିଲଦାର ସ୍ଥାନୀୟ ଆରଆଇଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ଟ୍ରକ୍ ଧକ୍କାରେ ନାବାଳିକା ମୃତ, ଭାଇ ଗୁରୁତର


ଉତ୍ତ୍ୟକ୍ତ ଗ୍ରାମବାସୀ ଜାତୀୟ ରାଜପଥ ୨୬ରେ ଟାୟାର ଜାଳି ଅବରୋଧ କରିଛନ୍ତି।

## ଗ୍ରାମବାସୀଙ୍କ ଜାତୀୟ ରାଜପଥ ଅବରୋଧ

**କେସିଙ୍ଗା,୨୭।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଉତ୍‌କେଲା ଜୁନିୟର କଲେଜ ସମ୍ମୁଖରେ ସୋମବାର ଅପରାହ୍ନରେ ଟ୍ରକ୍ ଧକ୍କାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଭାଇ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଭବାନୀପାଟଣା ସଦର ବ୍ଲକ ଦାଦପୁର ପଞ୍ଚାୟତ ଝିକିମିକି ଗ୍ରାମର ରୋଶନି ସୁନା (୧୫) ଓ ତାଙ୍କ ଭାଇ ବୋଲି ଜଣାପଡ଼ିଛି। ଦୁର୍ଘଟଣାରେ ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। କଲେଜ ଛତ୍ର ଓ ଗ୍ରାମବାସୀ ଜାତୀୟ ରାଜପଥ ୨୬ରେ ଟାୟାର ଜାଳି ଅବରୋଧ କରିଥିଲେ। ଖବର ପାଇ କେସିଙ୍ଗା ପୋଲିସ ଓ ତହସିଲଦାର ପହଞ୍ଚିଥିଲେ। ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା ପରେ ଜାତୀୟ ରାଜପଥରୁ ସେମାନେ ଓହରିଯାଇଥିଲେ। ପରେ ନାବାଳିକାଙ୍କ ପରିବାରବର୍ଗ ଘଟଣାସ୍ଥଳରେ ପହଞ୍ଚିଲେ। ଶବ ବ୍ୟବଚ୍ଛେଦ ପାଇଁ ଭବାନୀପାଟଣା ହସ୍ପିଟାଲକୁ ପଠାଯାଇଛି। ମଙ୍ଗଳବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି। ସୂଚନା ଯେ, ରୋଶନି ତାଙ୍କ ଭାଇଙ୍କ ସହିତ ଉତ୍‌କେଲାକୁ ଏକ ବାଇକ୍‌ରେ କୌଣସି କାମ ପାଇଁ ଆସି ଆସିଥିଲେ। କାମ ସାରି ଘରକୁ ଫେରୁଥିବା ବେଳେ ଉତ୍‌କେଲା ଜୁନିୟର କଲେଜ ସମ୍ମୁଖରେ ଭବାନୀପାଟଣାପଟୁ କେସିଙ୍ଗା ଅଭିମୁଖେ ଆସୁଥିବା ଏକ ଟ୍ରକ୍ (ନଂ.ଓଆର୦୩ଏ-୯୦୧୭) ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କୁ ଗୁରୁତର ଆହତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ପରିବାରବର୍ଗ କେସିଙ୍ଗା ଥାନାରେ ଅଭିଯୋଗ କରି ନ ଥିବା ଜଣାପଡ଼ିଛି।

# କଳାହାଣ୍ଡି ପାଇଁ ଗୌରବ ଆଣିଲେ ବିଭୁଷା

**ଭବାନୀପାଟଣା,୨୭।୧୨(ସ୍ୱ.ପ୍ର.)**

ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶାଳୟ ଭାରତ ସରକାର ଓ ସୋଆ ବିଶ୍ୱବିଦ୍ୟାଳୟ, ଓଡିଶା ମିଳିତ ଆନୁକୁଲ୍ୟରେ ଜାତୀୟସ୍ତରୀୟ ଜାତୀୟ ସଂହତି ଶିବିର ୭ଦିନ ଧରି ପାଳିତ ହୋଇଯାଇଛି। ଶିବିରରେ ଦେଶର ପ୍ରାୟ ୨୦ଟି ରାଜ୍ୟର ଏନ୍‌ଏସ୍‌ଏସ୍‌ର ବିଭିନ୍ନ ବିଶ୍ୱବିଦ୍ୟାଳୟର ୨୦୦ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଶିବିରରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡ. ଚିତ୍ତରଞ୍ଜନ ଖୁଣ୍ଟିଆଙ୍କ ନେତୃତ୍ୱରେ ୪ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଦେଶର ବିଭିନ୍ନ ରାଜ୍ୟର କଳା, ସଂସ୍କୃତି, ଐତିହ୍ୟକୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ତଥା ଯୁକ୍ତ ୩ବର୍ଷ ବାଣିଜ୍ୟ ଛାତ୍ରୀ ବିଭୂଷା ବ୍ୟାସ ଇଂଲିଶ ତର୍କ ବିଭାଗରେ ଅଂଶଗ୍ରହଣ କରି ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ସେ କଳାହାଣ୍ଡି ଜିଲାର ଉମେଶ ବ୍ୟାସ ଓ ପ୍ରିତୀ ବ୍ୟାସଙ୍କ ସୁକନ୍ୟା ଅଟନ୍ତି। ବିଭୂଷା ବ୍ୟାସଙ୍କ ଏହି ସଫଳତାରେ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ଖୁସିବ୍ୟକ୍ତ କରିବା ସହିତ ତାଙ୍କର ମଙ୍ଗଳ କାମନା କରିଥିଲେ। ଏଥିସହିତ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡ. ଚିତ୍ତରଞ୍ଜନ ଖୁଣ୍ଟିଆଙ୍କ ନେତୃତ୍ୱକୁ ପ୍ରଶଂସା କରିଥିଲେ। ଏହି ଅବସରରେ କୁଳସଚିବ ପୀତାମ୍ବର ଭୋଇ, ସିଡିସି ଡ. ଜୟଦେବ ସାହୁ, ବିତ୍ତ ନିୟନ୍ତ୍ରକ ସୁରେଶ ପିଡିସିକା, ଡ. ଚିତ୍ତରଞ୍ଜନ ଖୁଣ୍ଟିଆଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ତଥା, ଚିରାଗ ଜୈନ, ସୁରକ୍ଷା ପଟ୍ଟନାୟକ, ଦିନେଶ ବାଗ ପ୍ରମୁଖ ସମସ୍ତ ଛାତ୍ରଛାତ୍ରୀ ଖୁସି ପ୍ରକଟ କରିଥିଲେ।


ବିଭୁଷା ବ୍ୟାସଙ୍କୁ ସମ୍ମାନିତ କରାଯାଉଛି।

### ମୃତ ଶିଶୁ ଫିଙ୍ଗିବା ସନ୍ଦେହରେ ମହିଳା ଅଟକ

**ବଲାଙ୍ଗୀର ଅଫିସ,୨୭।୧୨**

ବଲାଙ୍ଗୀର ସହରର ବିଜାଖମନ୍ ଅଞ୍ଚଳରେ ଜଣେ ବିଧବା ମହିଳାଙ୍କୁ ନିଜର ମୃତଶିଶୁ ଫିଙ୍ଗି ଦେଇଥିବା ସନ୍ଦେହରେ ସ୍ଥାନୀୟ ଲୋକ ଅଟକ ରଖିଥିଲେ। ଟାଉନ୍ ଥାନା ପୋଲିସ ସମ୍ପୃକ୍ତ ମହିଳାଙ୍କୁ ଉଦ୍ଧାର କରିଛି। ଗତ ୨୫ ତାରିଖରେ ବିଜାଖମନ୍ ଖେଳ ପଡିଆ ନିକଟରେ କପଡାରେ ଗୋଡାଯାଇଥିବା ଏକ ମୃତ ନବଜାତ ଶିଶୁ ପଡିଥିବା ଲୋକେ ଦେଖିଥିଲେ। ପଡାରେ ରହୁଥିବା ଜଣେ ବିଧବା ମହିଳାଙ୍କୁ ନିଜ ଜନ୍ମକଲା ଶିଶୁପୁତ୍ର ଫିଙ୍ଗି ଦେଇଥିବା ସନ୍ଦେହ କରି ସେମାନେ ତାଙ୍କୁ ଅଟକ ରଖିଥିଲେ।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକ ମୃତ

**ବୌଦ୍ଧ,୨୭।୧୨(ସ୍ୱ.ପ୍ର.)**

ସୋମବାର ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ନୂଆପଡା ଗ୍ରାମର ଟିକିରାସାହିଠାରେ ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, ଟିକିରାସାହିସ୍ଥିତ ଏକ ମୁଢ଼ି ମିଲ୍‌ର ଛାତ ପକାଇବା ପାଇଁ ସେଣ୍ଟ୍ରିଂ କାମ ଚାଲିଥିଲା। ନିକଟସ୍ଥ ଚମ୍ପାମାଳ ଗ୍ରାମର ମାନସ ନାୟକ (୧୮) ଅନ୍ୟ ଶ୍ରମିକଙ୍କ ସହ ଏହି କାମ କରୁଥିବା ବେଳେ କୌଣସି କାରଣରୁ ମିଲ୍ ଉପର ଦେଇ ଯାଇଥିବା ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପୁରୁଣାକଟକ ମେଡିକାଲକୁ ନିଆଯିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ପ୍ରଚାରିତ ହେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଖବର ପାଇ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁର ଅନ୍ୟ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପୋଲିସ ମୃତଦେହ ଜବତ କରି ବୌଦ୍ଧ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲା। ଏନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

# ଘରପୋଡ଼ି, ହତ୍ୟା ଘଟଣାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ନୂଆପଡ଼ା ଅଫିସ,୨୭।୧୨**

ନୂଆପଡା ଜିଲା ଖଡିଆଳ ଥାନା ପଦ୍ମପୁର ଗାଁରେ ଗତ ୨୦୧୮ରେ ହୋଇଥିବା ଏକ ଘରପୋଡି ଓ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ସୋମବାର ଜିଲା ଦୌରାଜଜ୍ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ୨୦୧୮ ଜୁଲାଇ ୧ ତାରିଖ ବିଳମ୍ବିତ ରାତିରେ ଖଡିଆଳ ଥାନା ଅନ୍ତର୍ଗତ ପଦ୍ମପୁର ଗ୍ରାମର କାଶି ପଟେଲ ଓ ତାଙ୍କ ସ୍ତ୍ରୀ ହେମ ପଟେଲ ଘରେ ଶୋଇଥିବା ବେଳେ ହଠାତ ଗ୍ରାମବାସୀ କାଶିଙ୍କ ଘର ଜଳୁଥିବା ଦେଖି ଉଭୟଙ୍କୁ ଉଦ୍ଧାର କରିବାକୁ ଦୌଡି ଆସିଥିଲେ। କାଶିଙ୍କ ପୋଡଶୀ ଗୋବିନ୍ଦ ପଟେଲ କାଶିଙ୍କ ଜ୍ୱାଇଁ ରାମସାଗର ପଟେଲଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ଓ ତାଙ୍କ ଜ୍ୱାଇଁ ମିଶି ଉଭୟଙ୍କୁ ଉଦ୍ଧାର କରି ଖଡିଆଳସ୍ଥିତ ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ହେମଙ୍କୁ ମୃତ ଘୋଷଣା କରିଥିବା ବେଳେ କାଶି ବର୍ତ୍ତି ଯାଇଥିଲେ। ପରେ କାଶିଙ୍କ ଜ୍ୱାଇଁ ରାମସାଗର ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଗ୍ରାମର ଚୈତନ୍ୟ ପଟେଲଙ୍କ ବିରୋଧରେ ଖଡିଆଳ ଥାନାରେ ଅଭିଯୋଗ କରିଥିଲେ। ଖଡିଆଳ ଥାନାରେ ଆଇପିସି ଧାରା ୪୩୬, ୩୦୨ରେ ଏକ ମାମଲା (ନଂ.୧୩୮/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ହତ୍ୟାରେ ବ୍ୟବହୃତ ସାମଗ୍ରୀ ଜବତ କରି ଖଡିଆଳ ସିଟି କେସ ନଂ-୨୩୭/୧୮ରେ ଖଡିଆଳ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟଙ୍କ କୋର୍ଟରେ ମାମଲା ଦାୟର କରିଥିଲେ। ପରେ ଏହା ଦୌରାଜଜ୍‌ଙ୍କ କୋର୍ଟକୁ ଆସିଥିଲା। ସୋମବାର ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ମୋଟ ୧୫ଜଣଙ୍କ ସାକ୍ଷ୍ୟ ପ୍ରମାଣ ଉପରେ ବିଚାର କରିଥିଲେ। ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ମୁଦାଲା ପକ୍ଷରୁ ଏସଡିସି ବିଶ୍ୱମଣି ପାଣିଗ୍ରାହୀ ମାମଲା ପରିଚଳନା କରିଥିଲେ।

# ଜାତୀୟ ଜନଜାତି ଆୟୋଗ ସଦସ୍ୟଙ୍କ ସମୀକ୍ଷା

**ସୋନପୁର,୨୭।୧୨(ନି.ପ୍ର.)**

କେନ୍ଦୁଝରର ପ୍ରାକ୍ତନ ଏମ୍‌ପି ତଥା ଜାତୀୟ ଜନଜାତି ଆୟୋଗ ସଦସ୍ୟ ଅନନ୍ତ କୁମାର ନାୟକ ସୋନପୁର ସର୍କିଟ୍ ହାଉସଠାରେ ଜନଜାତିଙ୍କ ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନାର ରୂପାୟନ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଜିଲାରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ପରିଚାଳିତ ଅଶ୍ରମ ସ୍କୁଲ, ଚାରଭଟାସ୍ଥିତ କଲେଜର ସ୍ଥିତି ଓ କୋଭିଡ ସମୟରେ ଶିକ୍ଷାଦାନ ସମ୍ପର୍କରେ ନାୟକ ପଚାରି ବୁଝିଥିଲେ। ଏଥିସହ ଜଙ୍ଗଲ ଅଧିକାର ଆଇନ ଅନୁସାରେ ଜଙ୍ଗଲରେ ଦୀର୍ଘଦିନ ଧରି ବାସ କରୁଥିବା ଜନଜାତି ବର୍ଗ ଲୋକଙ୍କୁ ସେମାନଙ୍କ ଅଧିକାର ପ୍ରଦାନ ପାଇଁ ଆୟୋଗର ସଦସ୍ୟ ନିର୍ଦ୍ଦେଶ ଦେଇଥିଲେ। ଉଲୁଣ୍ଡା ଓ ବିନିକାରୁ ଜନଜାତି ସମ୍ପ୍ରଦାୟର ଲୋକମାନେ ଆସି ସେମାନଙ୍କର ଅଭିଯୋଗ ଜଣାଇଥିଲେ। ଅଖିଳ ଭାରତୀୟ ଗୋଣ୍ଡୱାନ ଗୋଣ୍ଡ ମହାସଭାର ସୁବର୍ଣ୍ଣପୁର ଜିଲା ଶାଖା ସଭାପତି ବିରାଜ ଭୁଏ, ସମ୍ପାଦକ ବିରଞ୍ଚି କୁଅଁର, ନନ୍ଦନ ବାରିକ, ବଳି ଧରୁଆ, ଦୁର୍ଯ୍ୟୋଧନ କୁଅଁର, ଶ୍ୟାମ ପୁଟା ଓ ଜୟକୃଷ୍ଣ ମାଝି ଆୟୋଗ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଜଙ୍ଗଲ ଅଧିକାର ଆଇନର ସଫଳ ରୂପାୟନ, ଜନଜାତିଙ୍କ ବିରୋଧରେ ବୃଦ୍ଧି ପାଉଥିବା ନିର୍ଯାତନା ଓ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜନଜାତିଙ୍କୁ ଉପେକ୍ଷା କରାଯାଉଥିବା ସମ୍ପର୍କରେ ୭ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଆଲୋଚନାରେ ସୁବର୍ଣ୍ଣପୁର ଜିଲା ମଙ୍ଗଳ ଅଧିକାରୀ ପାଲୋକା ରବିନ୍ଦ୍ର, ସଦସ୍ୟଙ୍କ ପ୍ରାଇଭେଟ୍ ସେକ୍ରେଟାରୀ ପ୍ରସନ୍ନ କୁମାର ପରିଡା, ଆଇନ ଉପଦେଷ୍ଟା ରାଧାକାନ୍ତ ତ୍ରିପାଠୀ, ଆଇନଜୀବୀ ପ୍ରଫୁଲ୍ଲ ସାହୁ ଓ ଜ୍ୟୋତି ତ୍ରିପାଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।


ଆୟୋଗ ସଦସ୍ୟ ଅନନ୍ତ ନାୟକ ସମୀକ୍ଷା କରୁଛନ୍ତି।

### ଭାଜପା ମହିଳା ମୋର୍ଚ୍ଚାର ଦାବିପତ୍ର ପ୍ରଦାନ

**ବଲାଙ୍ଗୀର ଅଫିସ,୨୭।୧୨**

ବଲାଙ୍ଗୀର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ସୋମବାର ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ମୋର୍ଚ୍ଚା ଅଭିଯୋଗ କରିଛି ଯେ, କେନ୍ଦ୍ର ସରକାରଙ୍କ ପରାମର୍ଶକ୍ରମେ ପ୍ରତ୍ୟେକ ରାଜ୍ୟରେ ମହିଳା ଓ ଶିଶୁ ଅପରାଧ ନିୟନ୍ତ୍ରଣ ପ୍ରକୋଷ୍ଠ ଖୋଲିବାକୁ ପରାମର୍ଶ ଦିଆଯାଇଥିଲା। ଏହାକୁ ଆଧାର କରି ମୁଖ୍ୟମନ୍ତ୍ରୀ ରାଜ୍ୟରେ ଏଭଳି ପ୍ରକୋଷ୍ଠ ଖୋଲିଥିବା ଘୋଷଣା କରିଥିଲେ। ତେବେ ଗତ ୮ ତାରିଖରେ ବିଧାୟିକା କୁସୁମ ଟେଟେ ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡ ସମ୍ପର୍କରେ ରାଜ୍ୟର ଘୋଷିତ ମହିଳା ଓ ଶିଶୁ ଅପରାଧ ନିୟନ୍ତ୍ରଣ ପ୍ରକୋଷ୍ଠ ଅଧିକାରୀଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି ଜାଣି ନ ଥିବା ଓ ଏହି ଘଟଣାଟି ପୋଲିସ ତଦନ୍ତ ପରିସରଭୁକ୍ତ ବୋଲି କହି କଥାକୁ ଏଡାଇ ଦେଇଥିଲେ। ଏହି ଘଟଣା ପରେ ବାସ୍ତବରେ ରାଜ୍ୟରେ ମହିଳା ଓ ଶିଶୁ ଅପରାଧ ନିୟନ୍ତ୍ରଣ ପ୍ରକୋଷ୍ଠ ଖୋଲାଯାଇଛି ନା କେବଳ ଘୋଷଣା ସର୍ବସ୍ୱ ହୋଇରହିଛି ସେନେଇ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଦାବିପତ୍ର ଦିଆଯାଇଛି। ଜିଲାପାଳ ଅଫିସ ସମ୍ମୁଖରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ପରିଷଦ ଅଧକ୍ଷା ଭାରତୀ ମହାନନ୍ଦ, ସଞ୍ଜୁ ନାଏକ, ଆରତୀ ଗୁରୁ, ଫିରୋଜା ବିବି, ବନଶ୍ରୀ ଆଚାର୍ଯ୍ୟ ବାସନ୍ତୀ ଜେନା, ଅନୁଛାୟା ବାବୁ, ସୌଦାମିନୀ ମିଶ୍ର, ସସ୍ମିତା ବେହେରା, ଗାୟତ୍ରୀ ଦାସ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# କୋଲକାତାକୁ ହରାଇ ସେମିରେ ସେଲ ରାଞ୍ଚି

## ୨୫ତମ ସର୍ବଭାରତୀୟ ଲୁଡୁରପଙ୍କ କ୍ରିକେଟ କପ୍

**ଅମରପାଲି,୨୭।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ ହାଇସ୍କୁଲ ପଡିଆରେ ଚାଲିଥିବା ୨୫ତମ ସର୍ବଭାରତୀୟ ଲୁଡୁରପଙ୍କ କ୍ରିକେଟ କପ ପୁଲ-ବିର ଦ୍ୱିତୀୟ ମ୍ୟାଚରେ ଗ୍ରିନଗ୍ରାସ କ୍ରିକେଟ କ୍ଲବକୁ ହରାଇ ସେଲ ରାଞ୍ଚି ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। କୋଲକାତା ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୩୮ ରନ କରିଥିଲେ। ଦଳର ସର୍ଫରାଜ ସୈଖ ୨୫ବଲରୁ ୫୪ରନ ଓ ଅଭିଶେକ କୁମାର ୪୨ରନ ଲେଖାଏ କରିଥିଲେ। ବିପକ୍ଷ ଦଳର ରୋହନ ଓ ରୋହିତ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସେଲ ରାଞ୍ଚି ଦଳ ୧୫.୪ ଓଭରରେ ୭ଉଇକେଟ ହରାଇ ୧୪୧ରନ କରିଥିଲା। ଦଳର ଉତ୍ତମ ୨୯, ସୁରଜ ସିଂ ୨୭ ଓ ସୁବୋଧ ଖୁସୱା ୨୦ ରନ ଲେଖାଏ କରିଥିଲେ। କୋଲକତାର ଭାନୁପ୍ରତାପ ସିଂ, ଜୟପ୍ରକାଶ ଗୁପ୍ତା ଓ ସର୍ଫରାଜ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ କୋଲକତା ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬ ଉଇକେଟ ହରାଇ ୯୭ରନ କରିଥିଲା। ଦଳର ଫିରୋଜ ଅହମ୍ମଦ ଖାଁ ସର୍ବାଧିକ ୫୮ ରନ କରିଥିଲେ। ଜବାବରେ ସେଲ ରାଞ୍ଚି ଦଳ ୭.୪ ଓଭରରେ ୨ ଉଇକେଟ ହରାଇ ୯୮ରନ କରିଥିଲା। ଦଳର ଉତ୍ତମ ୨୬ ବଲରୁ ୫୪ରନ ସଂଗ୍ରହ କରିଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ସେଲ ରାଞ୍ଚି ଦଳ ସେମିଫାଇନାଲରେ ପ୍ରବେଶ କରିଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବାଗବର ସରପଞ୍ଚ ବ୍ୟୋମକେଶ ପଣ୍ଡା, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁ ଓ କମିରା ୟୁପି ସ୍କୁଲ ପ୍ରଧାନଶିକ୍ଷକ ଦିଲୀପ କୁମାର ଚାନ୍ଦ ଅତିଥିଭାବେ ଯୋଗଦେଇ ସେଲ ରାଞ୍ଚିର ଉତ୍ତମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଶ୍ୟାମସୁନ୍ଦର ପଣ୍ଡା ଓ ଚୁଡାମଣୀ ପାଢୀ ପରିଚାଳନା କରିଥିଲେ। ବାଙ୍କାବିହାରୀ ମହାକୁର ସ୍କୋରିଂ, ଚମାରୁ ମହାକୁର ଅନଲାଇନ ସ୍କୋରିଂ, ଆଲୋକ ଦେଓ, ସ୍ୱାଧୀନ ପାଣିଗ୍ରାହୀ ଓ ପ୍ରଭାସ ବେଦୋକ୍ତା ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ପୁଲ-ବିର ଦ୍ୱିତୀୟ ସେମିଫାଇନାଲ ସେଲ ରାଞ୍ଚି ଓ ଆଲ୍ଲାହାବାଦ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।



ସେଲ ରାଞ୍ଚିର ଉତ୍ତମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

# ଅନନ୍ୟା

ଖୁବ୍ କମ୍ ଦିନ ମଧ୍ୟରେ ବିଦାୟ ନେବ ବର୍ଷ ୨୦୨୧। ଏହି ବର୍ଷ ମଧ୍ୟରେ ଅନେକ ମହିଳା ବିଭିନ୍ନ କ୍ଷେତ୍ରରେ ନିଜକୁ ଅନନ୍ୟ ପ୍ରମାଣିତ କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରମୁଖ କେତେଜଣଙ୍କ ସମ୍ପର୍କରେ...

## କିରନ୍ ଦେଓଲିଙ୍କ ବିଶ୍ୱ ରେକର୍ଡ


କିରନ୍ ଦେଓଲି

ମାର୍ଶାଲ ଆର୍ଟରେ ପ୍ରଥମ ଥର ପାଇଁ ଜଣେ ଭାରତୀୟଭାବେ କିରନ୍ ଦେଓଲି ୟୁନିଆଲ୍ ଏହିବର୍ଷ ୧୨ଟି ବିଶ୍ୱ ରେକର୍ଡ କରିବାକୁ ସମର୍ଥ ହୋଇଥିଲେ। ସେ କହୁଣିରେ ଦ୍ରୁତତମ ଷ୍ଟ୍ରାଇକ୍ କରିବା ସହ କିକ୍ ମାର୍ଶାଲ ଆର୍ଟରେ ଏହି ରେକର୍ଡ କରିପାରିଥିଲେ। ଇଣ୍ଡିଆ ରେକର୍ଡସ ଏବଂ ହାଇ ରେଞ୍ଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡସରେ ତାଙ୍କୁ ମାର୍ଶାଲ୍ ଆର୍ଟରେ ସର୍ବାଧିକ ବିଶ୍ୱ ରେକର୍ଡ ହାସଲ କରିଥିବା ପ୍ରଥମ ଭାରତୀୟ ମହିଳାଭାବେ ସ୍ଥାନ ମିଳିଥିଲା।

## ଫର୍ଚୁନ ତାଲିକାରେ ପ୍ରଥମ


ନିର୍ମଳା ସୀତାରାମନ

୨୦୨୧ରେ ଫର୍ଚୁନର ସବୁଠୁ ଶକ୍ତିଶାଳୀ ଭାରତୀୟ ମହିଳା ତାଲିକାର ଶୀର୍ଷରେ ରହିଥିଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ପ୍ରଥମ ଥର ପାଇଁ ପୂର୍ଣ୍ଣକାଳୀନ ଅର୍ଥମନ୍ତ୍ରୀଭାବେ ଦାୟିତ୍ୱ ନେବା ପରେ ନିର୍ମଳା ତାଙ୍କ ବ୍ୟକ୍ତିତ୍ୱ ପ୍ରଦର୍ଶନ କରି ପାରିଥିଲେ। ମହିଳା ହୋଇ ବି ସେ କେନ୍ଦ୍ରରେ ପ୍ରଥମେ ପ୍ରତିରକ୍ଷା ବିଭାଗ ଓ ପରେ ଅର୍ଥ ମନ୍ତ୍ରଣାଳୟର ଦାୟିତ୍ୱ ନେଇ ସେ ନିଜ ଦକ୍ଷତା ପ୍ରଦର୍ଶନ କରିପାରିଛନ୍ତି। ଏଥିପାଇଁ ସେ ଫର୍ଚୁନର ଶକ୍ତିଶାଳୀ ମହିଳା ତାଲିକାର ଶୀର୍ଷରେ ରହି ପାରିଥିଲେ। ତାଙ୍କ ପରେ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ଥିଲେ ରିଲାଏନ୍ସ କମ୍ପାନୀର ଅଧ୍ୟକ୍ଷ ନୀତା ଅମ୍ବାନୀ ଏବଂ ତୃତୀୟ ସ୍ଥାନରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନରେ ବୈଜ୍ଞାନିକ ଥିବା ସୌମ୍ୟା ସ୍ୱାମୀନାଥନ୍।

## ପରେଡରେ ପ୍ରଥମ ମହିଳା ପାଇଲଟ୍


ଭାବନାକାନ୍ତ

ଭାରତୀୟ ବିମାନ ସେବା କ୍ଷେତ୍ରରେ ଏବର୍ଷ ଇତିହାସ ସୃଷ୍ଟି କରିଥିଲେ ଲ୍ୟୁଟନାଣ୍ଟ ଭାବନାକାନ୍ତ। ଗଣତନ୍ତ୍ର ଦିବସ ପରେଡ୍‌ରେ ଜଣେ ମହିଳାଭାବେ ସେ ପ୍ରଥମ ଥର ପାଇଁ ଅଂଶଗ୍ରହଣ କରିଥିଲେ। ଭାରତୀୟ ବିମାନ ସେବାରେ କାମ କରୁଥିବା ଏହି ମହିଳାଜଣକ କମ୍ବାକ୍ଟ ଏୟାରକ୍ରାଫ୍ଟ ଓ କମ୍ବାକ୍ଟ ହେଲିକପ୍ଟର ସହିତ ସୁଖୋଇ-୩୦ ଫାଇଟର୍ ବିମାନ ମଧ୍ୟ ଉଡାଇ ନିଜ ଦକ୍ଷତା ପ୍ରଦର୍ଶନ କରି ସାରିଛନ୍ତି।

## ଇପ୍‌ସିତାଙ୍କୁ ପର୍ସନାଲିଟି ୱିଙ୍ଗ୍ ଟାଇଟଲ୍

ଅନ୍‌ଲାଇନ୍‌ରେ ହୋଇଥିବା ମିସେସ୍ ଫେମିନା-୨୦୨୧ ପ୍ରତିଯୋଗିତାରେ ଓଡ଼ିଶାର ଇପ୍‌ସିତା ପ୍ରିୟଦର୍ଶିନୀ ପର୍ସନାଲିଟି ୱିଙ୍ଗ୍‌ରେ ବିଜୟୀ ହୋଇଛନ୍ତି। ପୂର୍ବରୁ ୨୦୧୫ରେ ଜୀ ଟିଭିରେ ମିସ୍ ଏଥିନିକ୍‌ରେ ୫ମ ସ୍ଥାନ ଅଧିକାର କରିବା ସହ ଇଣ୍ଡିଆ ସିଟି ଲାଇଟ୍ ମିସେସ୍ ସୁପର ମଡେଲରେ ୨ୟ ରନର୍ସଅପ୍ ହୋଇଥିଲେ। ୨୦୧୫ରେ ସେ ସାରଳା ସମ୍ମାନ ମଧ୍ୟ ପାଇଥିଲେ। ଇପ୍‌ସିତା ଭୁବନେଶ୍ୱରରେ ରହୁଥିବା ବେଳେ ଭବିଷ୍ୟତରେ ଅଭିନୟ ଓ କଳା ପ୍ରତି ଆଗ୍ରହ ରଖୁଥିବା ପିଲାଙ୍କ ପାଇଁ ଏକ କେନ୍ଦ୍ର ଖୋଲିବାର ଲକ୍ଷ୍ୟ ରଖିଛନ୍ତି।


ଇପ୍‌ସିତା

## ଅରୁଣା ମହାନ୍ତି ସଙ୍ଗୀତ ନାଟକ ଏକାଡେମୀ ସଭାପତି

ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ବିଶ୍ୱର ଜଣେ ପରିଚିତ ବ୍ୟକ୍ତିତ୍ୱ ପଦ୍ମଶ୍ରୀ ଅରୁଣା ମହାନ୍ତି। ଗୁରୁ ଗଙ୍ଗାଧର ପ୍ରଧାନଙ୍କ ପ୍ରତ୍ୟକ୍ଷ ଦିଗ୍‌ଦର୍ଶନ ଓ ତତ୍ତ୍ୱାବଧାନରେ ଓଡ଼ିଶୀ ନୃତ୍ୟ ଜଗତକୁ ପ୍ରବେଶ କରିଥିଲେ ସେ। ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି ଭାବେ ଏବେ ସେ ମନୋନୀତ ହୋଇଛନ୍ତି। କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଭଳି ବହୁ ପୁରସ୍କାରର ଅଧିକାରୀ ସେ ହୋଇପାରିଛନ୍ତି। ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଫେଲୋଶିପ୍ ପାଇବା ସହ ଇଣ୍ଡିଆନ୍ ପର୍‌ଫର୍ମିଂ ଆର୍ଟ ଫାଉଣ୍ଡେଶନ୍ ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧିତ ହୋଇଛନ୍ତି। ଓଡ଼ିଶୀ ସଙ୍ଗୀତକୁ ଏବେ କିଭଳି ଶାସ୍ତ୍ରୀୟ ମାନ୍ୟତା ମିଳିବ, ସେ ଦିଗରେ ସେ ନିଜ କାର୍ଯ୍ୟ ଚଳାଇଛନ୍ତି।


ଅରୁଣା ମହାନ୍ତି

## ୨୧ ବର୍ଷ ପରେ ଭାରତୀୟ ମିସ୍ ୟୁନିଭର୍ସ

ଦୀର୍ଘ ୨୧ ବର୍ଷ ଅପେକ୍ଷା ପରେ ପଞ୍ଜାବ ଚଣ୍ଡିଗଡ଼ର ୨୧ ବର୍ଷୀୟ ହର୍‌ନାଜ ସାନ୍ଧୁ ମିସ୍ ୟୁନିଭର୍ସ ୨୦୨୧ ଟାଇଟଲ୍ ବିଜୟିନୀ ହୋଇ ଭାରତ ପାଇଁ ଗୌରବ ଆଣିଛନ୍ତି। ଇସ୍ରାଏଲ୍‌ର ଇଲିଆଟ୍ ସହରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସାନ୍ଧୁ ୭୯ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ଏହି ମୁକୁଟ ପିନ୍ଧିଛନ୍ତି। ହର୍‌ନାଜ ଏବେ ପବ୍ଲିକ୍ ଆଡମିନିଷ୍ଟ୍ରେଶନ୍‌ରେ ସ୍ନାତକୋତ୍ତର ଡିଗ୍ରୀ ପାଇଁ ପାଠପଢ଼ା ଜାରି ରଖିଛନ୍ତି। ୨୦୧୭ରେ ଟାଇମ୍ସ ଫ୍ରେଶ୍ ଫେସ୍ ଟାଇଟଲ ଜିତି ସେ ତାଙ୍କ ଯାତ୍ରା ଆରମ୍ଭ କରିଥିଲେ। ମାତ୍ର ୧୭ ବର୍ଷ ବୟସରେ ସେ ଚଣ୍ଡିଗଡ଼ରୁ ଏହି ପ୍ରତିଯୋଗିତାର ନେତୃତ୍ୱ ନେଇଥିଲେ। ୨୦୨୧ ସେ ଲିଭା ମିସ୍ ଡିଭା ୟୁନିଭର୍ସ ମୁକୁଟ ପିନ୍ଧିଥିଲେ। ଏଥି ସହ ହର୍‌ନାଜ କେତେକ ପଞ୍ଜାବୀ ଫିଲ୍ମରେ ମଧ୍ୟ କାମ କରିଛନ୍ତି।



ହର୍‌ନାଜ

## ଶାରଳା ଆମେରିକାର ବିଚାରପତି

ଭାରତୀୟ ବଂଶୋଦ୍ଭବ ଶାରଳା ବିଦ୍ୟା ନାଗଲାଙ୍କୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କନେକ୍ଟିକଟ୍ ରାଜ୍ୟରେ ବିଚାରପତି ଭାବେ ନିଯୁକ୍ତ କରିଛନ୍ତି। ନାଗଲା ୨୦୧୭ରୁ କନେକ୍ଟିକଟ ଜିଲାର ଆମେରିକା ଆଟର୍ନି ଅଫିସରେ ମେଜର କ୍ରାଇମ୍ ୟୁନିଟ୍‌ର ଡେପୁଟି ଚିଫ୍ ଅଛନ୍ତି। ବିଚାରପତି ପଦରେ ନିଯୁକ୍ତ ହେବାରେ ନାଗଲା ପ୍ରଥମ ଦକ୍ଷିଣ ଏସିଆ ବଂଶୋଦ୍ଭବ। ୨୦୧୨ରେ ସେ ଆମେରିକା ଆଟର୍ନି ଅଫିସ୍‌ରେ ଯୋଗଦେଇଥିଲେ।


ଶାରଳା

## ପ୍ରଥମ ଥର ଝିଅ

ଜନଗଣନା ଇତିହାସରେ ପ୍ରଥମ ଥର ପାଇଁ ଝିଅମାନଙ୍କ ସଂଖ୍ୟା ଅଧିକ ହୋଇଥିବାରୁ ରେକର୍ଡ ସୃଷ୍ଟି ହୋଇଛି। ଜାତୀୟ ପରିବାର ଓ ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫ୍‌ଏଚ୍‌ଏସ୍) ତାଲିକାରେ ପ୍ରଥମ ଥର ପାଇଁ ଝିଅମାନଙ୍କ ସଂଖ୍ୟା ପୁଅମାନଙ୍କ ତୁଳନାରେ ଅଧିକ ବୋଲି ଜଣାପଡ଼ିଛି। ଏହି ଜନଗଣନା ତାଲିକା ଅନୁସାରେ ୨୦୧୯ରୁ ୨୦୨୧ ମଧ୍ୟରେ ପ୍ରତି ୧୦୦୦ ପୁରୁଷଙ୍କ ତୁଳନାରେ ୧,୦୨୦ ଜଣ ଝିଅ ଅଛନ୍ତି। କନ୍ୟାଭ୍ରୂଣ ହତ୍ୟା ବିରୋଧରେ ବାରମ୍ବାର ସଚେତନତା ସୃଷ୍ଟି କରିବା ପରେ ଏବେ ସ୍ଥିତିରେ ଉନ୍ନତି ଘଟିବା ସମସ୍ତଙ୍କ ପାଇଁ ଆଶ୍ୱସ୍ତିର ବିଷୟ।

## ପଦ୍ମଶ୍ରୀ ଶାନ୍ତି ଦେବୀ

ରାୟଗଡା ଜିଲା ଗୁଣୁପୁରର ସମାଜସେବୀ ତଥା ଗାନ୍ଧିବାଦୀ ରତନ ଦାସଙ୍କ ପତ୍ନୀ ଶାନ୍ତି ଦେବୀ ଚଳିତବର୍ଷ ନଭେମ୍ବର ମାସରେ ପଦ୍ମଶ୍ରୀ ଉପାଧିରେ ବିଭୂଷିତ ହୋଇଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ସମ୍ମାନିତ କରିଥିଲେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରାପ୍ତ ହୋଇଛି।


ଶାନ୍ତି ଦେବୀ

## ଲିନା ଏଫ୍‌ଟିସି ମୁଖ୍ୟ


ଲିନା ଖାନ୍

ଫେସ୍‌ବୁକ୍, ଗୁଗଲ, ଆମାଜନ, ଆପଲ୍ ଭଳି ଟେକ୍ କମ୍ପାନୀଗୁଡ଼ିକର ପ୍ରମୁଖ ସମାଲୋଚିକା ତଥା ପାକିସ୍ତାନ ବଂଶୋଦ୍ଭବ ଲିନା ଖାନ୍(୩୨)ଙ୍କୁ ଆମେରିକା ଫେଡେରାଲ୍ ଟ୍ରେଡ୍ କମିଶନ(ଏଫ୍‌ଟିସି)ର ମୁଖ୍ୟ ଭାବେ ରାଷ୍ଟ୍ରପତି ଜୋ ବାଇଡେନ୍ ନିଯୁକ୍ତ କରିଛନ୍ତି। କମିଶନ୍‌ର ୫ ସଦସ୍ୟଙ୍କ ମଧ୍ୟରୁ ସେ ସିନେଟ୍‌ରେ ୬୯୨୮ ଭୋଟ୍ ପାଇବା ପରେ ଶପଥ ନେଇଥିଲେ।

## ଚର୍ଚ୍ଚାରେ...

- ନାସାର ପ୍ରଥମ କୃଷ୍ଣକାୟ ମହିଳା ଇଞ୍ଜିନିୟର ମେରୀ ଡବ୍ଲୁ. ଜ୍ୟାକସନ୍‌ଙ୍କ ମୃତ୍ୟୁ ପରେ ତାଙ୍କୁ ସ୍ୱତନ୍ତ୍ରଭାବେ ସମ୍ମାନିତ କରାଯାଇଥିଲା। ୱାଶିଂଟନ୍ ଡିସିରେ ଥିବା ନାସାର ଏକ ହେଡକ୍ୱାର୍ଟରକୁ ତାଙ୍କ ନାଁରେ ନାମିତ କରାଯାଇଥିଲା।
- ଅଷ୍ଟ୍ରେଲିଆର ପୁରୁଷ ଦିନିକିଆ ଟେଷ୍ଟରେ ପ୍ରଥମ ଥର ପାଇଁ ଜଣେ ମହିଳା ଖେଳାଳିଙ୍କୁ ଅମ୍ପାୟର ଦାୟିତ୍ୱ ମିଳିଥିଲା। ସେ ହେଉଛନ୍ତି ଅଷ୍ଟ୍ରେଲିଆର ୩୨ ବର୍ଷୀୟା କ୍ଲେୟାର ପୋଲୋସାକ୍।
- ପ୍ରଥା ଓ ପରମ୍ପରାକୁ ଭାଙ୍ଗି ପ୍ରଥମ ଥର ପାଇଁ ପୋପ୍ ଫ୍ରାନସିସ୍ ଜଣେ ମହିଳାଙ୍କୁ ଚର୍ଚ୍ଚର ପରାମର୍ଶଦାତା କମିଟିରେ ନିଯୁକ୍ତି ଦେଇଥିଲେ। ଚର୍ଚ୍ଚର ପରାମର୍ଶଦାତା କମିଟି ସାଇନଡ୍ ଅଫ୍ ବିଶପ୍‌ସରେ ନାଥାଲି ବେକ୍ୱାର୍ଟଙ୍କୁ ଅଣ୍ଡର ସେକ୍ରେଟାରୀଭାବେ ନିଯୁକ୍ତି ମିଳିଛି।

## ଇଣ୍ଡିଆ ନେକ୍ସଟ୍ ଟପ୍ ମଡେଲ୍‌ରେ ମୁକୁଟ ପିନ୍ଧିଲେ ସୋନାଲୀ

ଜାତୀୟ ସ୍ତରୀୟ ପ୍ରତିଯୋଗିତା 'ଇଣ୍ଡିଆ ନେକ୍ସଟ୍ ଟପ୍ ମଡେଲ୍'ରେ ଭୁବନେଶ୍ୱର ଝିଅ ସୋନାଲୀ ସାହୁ ଦ୍ୱିତୀୟ ରନର୍ସ ଅପ୍ ଟାଇଟଲ୍ ହାସଲ କରିଛନ୍ତି। ଏଥିରେ ବିଭିନ୍ନ ରାଜ୍ୟରୁ ଆସିଥିବା ୩୧ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ଏହି ଟାଇଟଲ ପାଇଛନ୍ତି। ଚଳିତ ବର୍ଷ ଜାନୁୟାରୀ ୩୧ରେ ଓଡ଼ିଶା ଫ୍ୟାଶନ୍ ଭିଲ୍ଲା ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ମଡେଲ୍ ପ୍ରତିଯୋଗିତାରେ ମିସ୍ ଓଡ଼ିଶା ୟୁନିଭର୍ସ ଟାଇଟଲ୍ ଜିତି ଏଥିରେ ସେ ଭାଗ ନେଇଥିଲେ।


ସୋନାଲୀ

## ସିଆରପିଏଫ୍‌ରେ ମହିଳା କୋବ୍ରା

ସେଣ୍ଟ୍ରାଲ ରିଜର୍ଭ ପୋଲିସ୍ ଫୋର୍ସ (ସିଆରପିଏଫ୍)ରେ ପ୍ରଥମ ଥର ପାଇଁ ମହିଳା କମାଣ୍ଡୋଙ୍କୁ ସାମିଲ କରାଯାଇଛି। ସିଆରପିଏଫ୍‌ର କୋବ୍ରା ୟୁନିଟରେ ମହିଳା କମାଣ୍ଡୋଙ୍କୁ ପ୍ରଥମ ବ୍ୟାଚ ନିଯୁକ୍ତି ଦିଆଯାଇଛି। ମୋଟ ୩୪ ଜଣ ମହିଳାଙ୍କୁ ସିଆରପିଏଫ୍‌ର ମହିଳା ବାଟାଲିୟନ୍ ପାଇଁ ମନୋନୀତ ହୋଇଥିଲେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୨୮/୨୦୨୧ Sambalpur, Tuesday, December 28/ 2021

# ଜାତୀୟ ବାସ୍କେଟବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୭।୧୨
(କ୍ରୀଡ଼ା ପ୍ରତିନିଧି)

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ସୋମବାର ୭୧ତମ ଜାତୀୟ ବାସ୍କେଟବଲ ଚାମ୍ପିୟନଶିପ୍ (ପୂର୍ବାଞ୍ଚଳ) ଉଦ୍‌ଘାଟିତ ହୋଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ାବିଭାଗ ସହଯୋଗରେ ଓଡ଼ିଶା ବାସ୍କେଟବଲ ଆସୋସିଏଶନ ଏହି ପ୍ରତିଯୋଗିତାକୁ ଆୟୋଜନ କରୁଛି। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ଓ ଓଡ଼ିଶା ପୋଷ୍ଟାଲ ଡାଇରେକ୍ଟର ଆଦିତ୍ୟ କୁମାର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ



ଜାତୀୟ ବାସ୍କେଟବଲ ଚାମ୍ପିୟନଶିପ୍‌ର ଉଦ୍‌ଘାଟନ ଉତ୍ସବରେ ଖେଳାଳି ଓ କର୍ମକର୍ତ୍ତାଙ୍କ ସହ ଅତିଥି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟମାନେ।

କରିଥିଲେ। ଆୟୋଜକ ଆସୋସିଏଶନ ସମ୍ପାଦକ ଅଶୋକ ସାହୁ ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ ବାସ୍କେଟବଲ ଫେଡେରେଶନ ଅଫ୍ ଇଣ୍ଡିଆ ଜୋନ୍ ଭିତ୍ତିରେ ଭାରତର ୫ ବିଭିନ୍ନ ସ୍ଥାନରେ ଏହି ଟୁର୍ନାମେଣ୍ଟ ଆୟୋଜନ କରୁଛି। ଓଡ଼ିଶାରେ ପୂର୍ବାଞ୍ଚଳ ପ୍ରତିଯୋଗିତା ଆୟୋଜନ ହେଉଛି। ଅନ୍ୟ ୪ଟି ଭେନ୍ୟୁ ହେଲା କୋଏମ୍ବାଟୁର (ସାଉଥ୍‌ଜୋନ୍), ଇନ୍ଦୋର (ୱେଷ୍ଟଜୋନ୍), ପଞ୍ଜାବ (ନର୍ଥ ଜୋନ୍) ଓ ଶିଲଂ( ନର୍ଥ ଇଷ୍ଟଜୋନ୍)। ପ୍ରତି ଜୋନ୍‌ରୁ ଶ୍ରେଷ୍ଠ ୩ଟି ଲେଖାଏ ଦଳ ଚେନ୍ନାଇରେ ହେବାକୁଥିବା ଅନ୍ତିମ ଜାତୀୟ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଓଡ଼ିଶାରେ ହେଉଥିବା ପ୍ରତିଯୋଗିତାରେ ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଓଡ଼ିଶା ଅଂଶଗ୍ରହଣ କରୁଛନ୍ତି। ଉଭୟ ମହିଳା ଓ ପୁରୁଷ ବିଭାଗରେ ଲିଗ୍ ଭିତ୍ତିରେ ମ୍ୟାଚ ଅନୁଷ୍ଠିତ ହେବ। ବାସ୍କେଟବଲ ଫେଡେରେଶନ ଅଫ୍ ଇଣ୍ଡିଆର ୧୨ ଅଫିସିଆଲ ଏହି ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି।

# ସ୍ନେହା ସୋରେନଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୭।୧୨
(କ୍ରୀଡ଼ା ପ୍ରତିନିଧି)

ଆନ୍ଧ୍ର ପ୍ରଦେଶର ଗୁଣ୍ଟୁରସ୍ଥିତ ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟ ପରିସରରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ (ମହିଳା) ଚାମ୍ପିୟନଶିପ୍ ସୋମବାର ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ସ୍ନେହା ସୋରେନ ୪୯ କେଜି ଓଜନ ବିଭାଗରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ସେ ସ୍ନାଚ୍‌ରେ ୭୩ ଓ କ୍ଲିନ୍ ଆଣ୍ଡ ଜର୍କରେ ୯୩


ପଦକ ସହ ସ୍ନେହା ସୋରେନ।

ଏହିପରି ମୋଟ ୧୬୬ କେଜି ଭାରୋତ୍ତୋଳନ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଏଥିସହ ସେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଯୋଗ୍ୟତା**

କିଟ୍ ବିଶ୍ୱବିଦ୍ୟାଳୟରେ ବିଏ ପ୍ରଥମ ବର୍ଷର ଛାତ୍ରୀ ସ୍ନେହା ସମ୍ପ୍ରତି ପଟିଆଲାସ୍ଥିତ ଏନ୍‌ଏସ୍‌ଏନ୍‌ଆଇଏସ୍‌ସ୍ଥିତ ଜାତୀୟ କ୍ୟାମ୍ପରେ ଟ୍ରେନିଂ ନେଉଛନ୍ତି। ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିବାରୁ ସ୍ନେହାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# କେଡିଏମ୍ କ୍ରିକେଟ୍ ଟୁର୍ନାମେଣ୍ଟ ଜୋନାଲ ମ୍ୟାଚ୍ ଆରମ୍ଭ

**ଧର୍ମଶାଳା, ୨୭।୧୨ (ଡି.ଏନ.ଏ.):** ଧର୍ମଶାଳା ବ୍ଲକ କଳ୍ପତରୁ ଦାସ ମେମୋରିଆଲ ସପ୍ତମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ଅନୁଷ୍ଠିତ ୩ଟି ମ୍ୟାଚ୍‌ରେ ଚୋରମୁହାଁ, ବଡକାଏମା ଓ ଅରାବଳ ଟିମ୍ ବିଜୟୀ ହୋଇଛନ୍ତି । ଏହି ବ୍ଲକ ଅନ୍ତର୍ଗତ ବାରକଣା ବଡକାଏମା ଖେଳପଡିଆରେ ଆୟୋଜିତ ଜୋନାଲ ମ୍ୟାଚକୁ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଅଭୟପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରୁ ୧୪.୨ଓଭରରେ ସମସ୍ତ ଉଇକେଟ ହରାଇ ୧୪୨ ରନ କରିଥିଲା। ଜବାବରେ ଚୋରମୁହାଁ ଟିମ୍ ୧୪ ଓଭରରେ ୫ ଉଇକେଟ ବିନିମୟରେ ୧୪୫ ରନ କରି ବିଜୟୀ ହୋଇଥିଲା। ମଙ୍ଗଳବାର ପଚୁଣିଆ ସହିତ ନେଉଳପୁର ଓ ଚହଟା ସହିତ କୋଟପୁର ଟିମ୍ ମଧ୍ୟରେ ମୁକାବିଲା ହେବ । ସେହିପରି କୋଟପୁର ଖେଳପଡିଆରେ ଅନୁଷ୍ଠିତ କ୍ୱାର୍ଟରଫାଇନାଲ ମ୍ୟାଚରେ ବଡକାଏମା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୨୦୧ ରନ କରିଥିଲା। ଜବାବରେ ମଙ୍ଗଳପୁର ଟିମ୍ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୧୧୨ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଅରାବଳ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୧୫୬ରନ କରିଥିଲା । ଜବାବରେ ମିର୍ଜାପୁର ଟିମ୍ ୧୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ରନ କରି ପରାସ୍ତ ହୋଇଥିଲା। ଉଭୟ ମ୍ୟାଚ୍‌କୁ ଇନ୍ତେକାବ ଆଲାମ, ଶୁଭ୍ରଜିତ ଦାସ ଓ ସିଦ୍ଧାର୍ଥ ମହାନ୍ତି ପରିଚାଳନା କରିଥିଲେ । ମଙ୍ଗଳବାର ଉତ୍ତରପ୍ରତାପ ସହିତ ପଚୁଣିଆ ଟିମ୍ ଓ ଅରେଇକଣା ଟିମ୍ ସହିତ ଦେଓଦା ଟିମ୍ ମଧ୍ୟରେ ଜୋନାଲ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧ୍ୟକ୍ଷ ରଶ୍ମୀରଞ୍ଜନ ରାୟ ସୂଚନା ଦେଇଛନ୍ତି।

# ହିନ୍ଦୁସ୍ତାନ ସ୍ପୋର୍ଟିଂ ସେମିଫାଇନାଲରେ


କିଷାନ ରଥଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

**କାକଟପୁର, ୨୭।୧୨ (ଡି.ଏନ୍.ଏ.):** ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୩୨ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ପାରମାଉଣ୍ଟ ସ୍ପୋର୍ଟିଂକୁ ହରାଇ ଜଗତ୍‌ସିଂପୁରର ହିନ୍ଦୁସ୍ତାନ ସ୍ପୋର୍ଟିଂ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ହିନ୍ଦୁସ୍ତାନ ସ୍ପୋର୍ଟିଂ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ପାରାମାଉଣ୍ଟ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ଓଭରରେ ୮ଉଇକେଟ୍ ବିନିମୟରେ ୧୯୩ରନ ସଂଗ୍ରହ କରିଥିଲା। ଜବାବରେ ହିନ୍ଦୁସ୍ତାନ ସ୍ପୋର୍ଟିଂ ୧୮.୨ ଓଭରରେ ୧ ଉଇକେଟ ବିନିମୟରେ ୧୫୫ରନ୍ କରିଥିବାବେଳେ ବର୍ଷା ଯୋଗୁ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା। ରନ ହାରରେ ହିନ୍ଦୁସ୍ତାନ ସ୍ପୋର୍ଟିଂକୁ

**ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ**

ଅମ୍ପାୟର ବିଜୟ ଘୋଷିତ କରିଥିଲେ। ମଙ୍ଗଳା କ୍ଲବର ସମ୍ପାଦକ ଶୁଭ୍ରାଂଶୁ ଭୂଷଣ ଦୀକ୍ଷିତ ଓ ସୂର୍ଯ୍ୟକାନ୍ତ ଦୀକ୍ଷିତ ହିନ୍ଦୁସ୍ତାନ ସ୍ପୋର୍ଟିଂର କିଶାନ ରଥଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ନିର୍ମଳ କୁମାର ମିଶ୍ର ଏବଂ ଅୟେଶକାନ୍ତ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ। ସେହିପରି ଭାଗବତ ସ୍ୱାଇଁ, ପ୍ରଦୀପ୍ତ ଦୀକ୍ଷିତ ଧାରା ବିବରଣୀ ପ୍ରଦାନ କରିଥିଲେ। ସଚିନ, ରାକେଶ, ଏସ୍.ଲିକୁନ, ତ୍ରିଲୋଚନ ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ।

# ଜାତୀୟ କିକ୍‌ବକ୍ସିଂରେ ଓଡ଼ିଶାରୁ ୩୫ ଭାଗନେବେ

**ଭୁବନେଶ୍ୱର, ୨୭।୧୨ (କ୍ରୀଡ଼ା ପ୍ରତିନିଧି):** ରାଜସ୍ଥାନର ଯୋଧପୁରଠାରେ ମଙ୍ଗଳବାରଠାରୁ ହେବାକୁ ଯାଉଛି ୨୬ତମ ସିନିୟର, ୨୫ତମ ଜୁନିୟର ଓ ସବ୍‌ଜୁନିୟର ଜାତୀୟ କିକ୍‌ବକ୍ସିଂ ଚାମ୍ପିୟନଶିପ୍। ଏଥିରେ ଭାଗ ନେବାପାଇଁ ଅଲ୍ ଓଡ଼ିଶା କିକ୍‌ବକ୍ସିଂ ଆସୋସିଏଶନ (ଏଓକେଏ)ର ୩୫ ଜଣିଆ ଦଳ ଯୋଧପୁର ଯାତ୍ରା କରିଛି। ୨୦୨୨ ଜାନୁୟାରୀ ୧ ପର୍ଯ୍ୟନ୍ତ ପ୍ରତିଯୋଗିତା ଚାଲିବ। ଇଣ୍ଡିଆନ ଆସୋସିଏଶନ ଅଫ୍ କିକ୍‌ବକ୍ସିଂ ଅର୍ଗାନାଇଜେଶନ୍ସ (ଆଇଏକେଓ) ଅନୁମୋଦନକ୍ରମେ ରାଜସ୍ଥାନ କିକ୍‌ବକ୍ସିଂ ଆସୋସିଏଶନ ଏହି ପ୍ରତିଯୋଗିତାକୁ ଆୟୋଜନ କରୁଛି। ଆଇଏକେଓର ପ୍ରତିଷ୍ଠାତା ସଭାପତି ଏସ.ଏସ. ହରିଚନ୍ଦନଙ୍କ ନେତୃତ୍ୱରେ ଯାତ୍ରା କରିଥିବା ଓଡ଼ିଶା ଦଳରେ ଅଫିସିଆଲଭାବେ ପ୍ରଦ୍ୟୁମ୍ନ ବେହେରା, ପୃଥ୍ୱୀରାଜ ହରିଚନ୍ଦନ, ବିଭୂତି ଭୂଷଣ ବେହେରା, ଯୁବରାଜ ହରିଚନ୍ଦନ, ଦୀନବନ୍ଧୁ ବେହେରା ପ୍ରମୁଖ ସାମିଲ ଅଛନ୍ତି। ପ୍ରତିଯୋଗିତା ପାଇଁ ଓଡ଼ିଶାର ୧୦ ଜିଲାରୁ ପ୍ରତିଯୋଗୀ ଚୟନ ହୋଇଛନ୍ତି। ଆସାମ ରାଇଫଲ୍ସ ଏବଂ ବିଭିନ୍ନ ଆର୍ମି ଓ ପୋଲିସ ୟୁନିଟ୍‌କୁ ମିଶାଇ ୨୩ଟି ଦଳର ପାଖାପାଖି ୬୦୦ ପ୍ରତିଯୋଗୀ, ୧୦୦ ଅଫିସିଆଲ ଏଥିରେ ଭାଗ ନେଉଛନ୍ତି।

# କ୍ୱାର୍ଟରରେ ୟୁନାଇଟେଡ୍ କ୍ଲବ ଭୁବନେଶ୍ୱର


ଅତିଥିଙ୍କ ଗ୍ରହଣରେ ଉଭୟ ଦଳର ଖେଳାଳି।

**ତିଗିରିଆ, ୨୭।୧୨( ଡି.ଏନ୍.ଏ)** ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନିଷ୍ଟାଡିୟମରେ ଦିବ୍ୟଜ୍ୟୋତି ଆସୋସିଏଶନ୍ ପକ୍ଷରୁ ଚାଲିଥିବା ୪ର୍ଥ ଅକ୍ଷୟ ମଲ୍ଲିକ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ସୋମବାର ୟୁନାଇଟେଡ୍ କ୍ଲବ ଭୁବନେଶ୍ୱର ୨-୧ ଗୋଲରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବାପୁଜୀ କ୍ଲବ ଶଙ୍ଖାମେରୀ ଓ ୟୁନାଇଟେଡ୍ କ୍ଲବ ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ୟୁନାଇଟେଡ୍ କ୍ଲବର ୯ନଂ. ଖେଳାଳି ଭାବଗ୍ରାହୀ ପଢିହାରୀ ୨ଟି ଗୋଲସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ ବାପୁଜୀ

**ଅକ୍ଷୟ ମଲ୍ଲିକ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ**

କ୍ଲବର ୧୦ନଂ. ଖେଳାଳି ବବୁଲୁ ଖାଁ ଏକ ମାତ୍ର ଗୋଲ ସ୍କୋର କରିବାକୁ ସକ୍ଷମ ହୋଇଥିଲେ। ମୁଖ୍ୟ ଅତିଥିଭାବେ ପାଞ୍ଚଗାଁ ଦଧିବାମନଜୀଉ ବିଦ୍ୟାପୀଠର ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ବିଶ୍ୱାଳ ଓ ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ଦାଶ ଯୋଗଦେଇଥିଲେ। ରେଫରିଭାବେ ବ୍ରହ୍ମାନନ୍ଦ ଭୋଇ ମ୍ୟାଚ ପରିଚାଳନା କରିଥିଲେ। ତାଙ୍କୁ ଲାଇନ୍‌ରେ ସଞ୍ଜୀବ ଦାଶ ଓ ଅରୁଣ ନାୟକ ସହାୟତା କରିଥିଲେ। ୪ର୍ଥ ରେଫରି ଭାବେ ପ୍ରତାପ ଦାଶ ଓ ସୁବାସ ମୁଦୁଲି ଦାୟିତ୍ୱ ନିର୍ବାହ କରିଥିଲେ। ମଙ୍ଗଳବାର ଯୁବଜ୍ୟୋତି କ୍ଲବ ପଙ୍କାଳ ଓ ୟୁନାଇଟେଡ୍ ଜୟଦୁର୍ଗା କ୍ଲବ ବରଦା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ଜେଏମ୍‌ଡି, ଏଲବିସିସିର ବିଜୟ

ଭୁବନେଶ୍ୱର,୨୭।୧୨
(କ୍ରୀଡ଼ା ପ୍ରତିନିଧି)

ଲକ୍ଷ୍ମୀସାଗର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ପଡିଆରେ ଚାଲିଥିବା ୧୩ତମ ଲକ୍ଷ୍ମୀସାଗର କପ କ୍ରିକେଟ ପ୍ରତିଯୋଗିତାରେ ସୋମବାର ଅନୁଷ୍ଠିତ ମ୍ୟାଚରେ ଜେଏମ୍‌ଡି ଓ ଏଲ୍‌ବିସିସି ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ଜେଏମ୍‌ଡି ନିର୍ଦ୍ଧାରିତ ୧୮ ଓଭରରେ ୮ ଉଇକେଟ ହରାଇ ୧୯୪ରନ କରିଥିଲା। ଦଳ ପକ୍ଷରୁ ଭିକି ସର୍ବାଧିକ ୨୩ରନ କରିଥିଲେ। ହାପି ଏକାଦଶ ପକ୍ଷରୁ ସିପୁନା ୩ଟି ଉଇକେଟ ନେଇଥିଲେ। ଜବାବରେ ହାପି ଏକାଦଶ ୧୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୩୯ରନ କରିଥିଲା। ଦଳ ପକ୍ଷରୁ କୌସର ୩୫ ଓ ପିଣ୍ଟାଲ ୩୪ରନ କରିଥିଲେ। ଜେଏମ୍‌ଡିର କାଳିଆ ସାହୁ ୪ଟି ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଏଲ୍‌ବିସିସି ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୩୭ରନ କରିଥିଲା। ଦଳ ପକ୍ଷରୁ ରାଜା ଓ ହୀରା ଯଥାକ୍ରମେ ୨୩ ଓ ୨୨ରନ କରିଥିଲେ। ମ୍ୟାଜିକ -୧୧ ପକ୍ଷରୁ କ୍ରିଷ୍ଣା ୩ଟି ଉଇକେଟ ନେଇଥିଲେ। ଜବାବରେ ମ୍ୟାଜିକ ଦଳ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୧୦୯ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଦେବାଶିଷ ସର୍ବାଧିକ ୨୭ ରନ କରିଥିଲେ। ୫ଟି ଉଇକେଟ ଅକ୍ତିଆର କରି ଦଳକୁ ବିଜୟୀ କରାଇଥିବା ଏଲ୍‌ବିସିସିର ସ୍ୱାଗତ ବିଶ୍ୱାଳଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ

**ଭୁବନେଶ୍ୱର, ୨୭।୧୨ (କ୍ରୀଡ଼ା ପ୍ରତିନିଧି):** ପୁଣେରେ ସୋମବାର ଆରମ୍ଭ ହୋଇଥିବା ଝାଡ଼ଖଣ୍ଡ ବିପକ୍ଷ ୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫି (ଏଲିଟ-ଏ) ମ୍ୟାଚରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୫୪ ରନରେ ଅଲ୍‌ଆଉଟ ହୋଇଛି। ଝାଡ଼ଖଣ୍ଡର ସାହିଲ ରାଜ ୫ ଉଇକେଟ ସଫଳତା ପାଇଛନ୍ତି। ପ୍ରଥମ ଦିବସ ଶେଷ ବେଳକୁ ଝାଡ଼ଖଣ୍ଡ ୩ ଉଇକେଟ ହରାଇ ୧୯୫ ରନ ସଂଗ୍ରହ କରିଛି। ହିମାଂଶୁ ଗୁପ୍ତା ୬୮, ଶିଖର ମୋହନ ୫୨ ରନ ସ୍କୋର କରିଛନ୍ତି। ସୁଶୀଲ ବାରିକ ଓ ଗୌତମ ସୁନା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

# ପାରାମାଉଣ୍ଟ ୧୦ ଉଇକେଟରେ ଜିତିଲା

ଭୁବନେଶ୍ୱର, ୨୭।୧୨
(କ୍ରୀଡ଼ା ପ୍ରତିନିଧି)

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ସିଦ୍ଧାନ୍ତ ମେମୋରିଆଲ ୧୩ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ଆୟୋଜକ ପାରାମାଉଣ୍ଟ ଦଳ ୧୦ ଉଇକେଟରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଟାଉନ୍ କ୍ଲବ ୨୭ ଓଭରରେ ମାତ୍ର ୭୫ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ବିପକ୍ଷ ଦଳର ଆୟୁଷ ରାଉତ ୩ଟି ଓ ସାତ୍ତ୍ୱିକ ସୁବୁଦ୍ଧି ୪ଟି ଉଇକେଟ ନେଇଥିଲେ। ପାରାମାଉଣ୍ଟ କୌଣସି ଉଇକେଟ ନ ହରାଇ ୯ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦୁଇ ଓପନର ସ୍ୱାଗତ ମିଶ୍ର ୨୩



ସାତ୍ତ୍ୱିକ ସୁବୁଦ୍ଧି ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

ଓ ପ୍ରାନ୍ତିକ ପ୍ରିୟାଂଶୁ ନାୟକ ୩୬ ରନରେ ଅପରାଜିତ ରହିଥିଲେ। ଆକର୍ଷଣୀୟ ବୋଲିଂ ପାଇଁ ସାତ୍ତ୍ୱିକ ସୁବୁଦ୍ଧିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଏବଂ ଉନ୍ନତ ଫିଲ୍ଡିଂ ପାଇଁ ଶ୍ଳୋକ ସଂକଳ୍ପଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଝାଡ଼ଖଣ୍ଡ ୨୯୪/୫

**ଭୁବନେଶ୍ୱର, ୨୭।୧୨ (କ୍ରୀଡ଼ା ପ୍ରତିନିଧି):** ଆଗାମୀ ରଣଜୀ ଟ୍ରଫି ଟୁର୍ନାମେଣ୍ଟକୁ ଦୃଷ୍ଟିରେ ରଖି କଟକର ବାରବାଟୀ ଷ୍ଟାଡିୟମରେ ସୋମବାର ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ୨ ଦିନିଆ ୱାର୍ମଅପ୍ କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି। ଟସ୍ ଜିତି ଓଡ଼ିଶା ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିବାବେଳେ ଝାଡ଼ଖଣ୍ଡ ପ୍ରଥମ ଦିବସ ଶେଷସୁଦ୍ଧା ୫ ଉଇକେଟ ହରାଇ ୨୯୪ ରନ କରିଛି। ଆୟୁଷ ଭରଦ୍ୱାଜ ୭୩, ଅଧିନାୟକ କୁମାର ଦେବବ୍ରତ ୫୧ ରନ କରି ଆଉଟ ହୋଇଥିବାବେଳେ ଉତ୍କର୍ଷ ସିଂ ୮୮ ଓ କୁମାର କୁଶାଗ୍ର ୩୨ ରନରେ ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ସୁନୀଲ ରାଉଳ ୩ଟି ଓ ଆଶିଷ ରାୟ ୨ଟି ଉଇକେଟ ନେଇଛନ୍ତି।

# ଜୋନ୍ତ ୨୦୦୦, ଭି’ଲାୟନ୍ସ ବିଜୟୀ

ଭୁବନେଶ୍ୱର, ୨୭।୧୨
(କ୍ରୀଡ଼ା ପ୍ରତିନିଧି)

ରସୁଲଗଡ଼ ଜିଜିପି ହାଇସ୍କୁଲ ପଡ଼ିଆରେ ଚାଲିଥିବା ୨୨ତମ ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକର ଜୋନ୍ତ ୨୦୦୦ ଓ ଭି’ ଲାୟନ୍ସ ବିଜୟୀ ହୋଇଛନ୍ତି। ଜୋନ୍ତ ୨୦୦୦ ପ୍ରଥମ ମ୍ୟାଚରେ ଭୁବନେଶ୍ୱରର ଆଇଆର୍‌ସିକୁ ୩୭ ରନରେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କଟକ ଦଳ ୧୨ ଓଭରରେ ୭ ଉଇକେଟ ହରାଇ ୨୩୯ ରନ କରିଥିଲା। ଦଳ ପକ୍ଷରୁ ବାବନ ଦାସ ୨୩ ବଲ୍‌ରୁ ସର୍ବାଧିକ ୭୫ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ଉମାକାନ୍ତ ବେହେରା ୫ ଉଇକେଟ ସଫଳତା ପାଇଥିଲେ। ୨୪୦ ରନ ବିଜୟ ଲକ୍ଷ୍ୟର ପିଛାକରି ଆଇଆର୍‌ସି ୧୨ ଓଭରରେ ୪ ଉଇକେଟ ହରାଇ ୨୦୨ ରନ କରିବାକୁ ସକ୍ଷମ ହୋଇଥିଲା। ନୀହାର କୁମାର ୯୩ ରନ କରିଥିଲେ ହେଁ ଦଳକୁ ବିଜୟୀ କରାଇପାରି ନ ଥିଲେ। ବିଜୟୀ ଦଳର ସୁଶାନ୍ତ ବିଶ୍ୱାଳ ସର୍ବାଧିକ



ସତ୍ୟମ ସିଂଙ୍କୁ ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

୨ଟି ଉଇକେଟ ନେଇଥିଲେ। ବାବନ ଦାସ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ଦ୍ୱିତୀୟ ମ୍ୟାଚରେ ଭି’ଲାୟନ୍ସ ୧୩୦ ରନରେ ଭୁବନେଶ୍ୱରର ଜେଏମ୍‌ଡିକୁ ହରାଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭି’ ଲାୟନ୍ସ ୧୨ ଓଭରରେ ୪ ଉଇକେଟ ହରାଇ ୨୩୨ ରନ କରିଥିଲା। ସୌମ୍ୟରଞ୍ଜନ ଦାସ ୨୦ ବଲ୍‌ରୁ ସର୍ବାଧିକ ୫୯ ରନ କରିଥିଲେ। ୨୩୩ ରନ ଲକ୍ଷ୍ୟର ପିଛାକରିଥିବା ଜେଏମ୍‌ଡି ୧୨ ଓଭର ଖେଳିଥିଲେ ହେଁ ୧୦୩ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ସତ୍ୟମ ସିଂ ୩ ଓଭରରେ ୧୨ ରନ ଦେଇ ୫ ଉଇକେଟ ନେଇଥିଲେ। ଫଳରେ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟର କୈଳାସ ରାଉତ ଓ ରଜତ ଜଗଦେବ ମ୍ୟାଚ ପରିଚାଳନା କରିଥିଲେ ଏବଂ ରାକେଶ ବଳିୟାରସିଂ ମ୍ୟାଚ ରେଫରି ଥିଲେ। ଅକ୍ଷୟ କୁମାର ଦାଶ, ରାକେଶ କୁମାର ମହାନ୍ତି, ଭରତ ଭୂଷଣ ଅତିଥିଭାବେ ଯୋଗ ଦେଇଥିଲେ।

# ଜିଏମ୍‌ସିଏଲ୍ ଦିବାରାତ୍ର କ୍ରିକେଟ ଉଦ୍‌ଯାପିତ

ଭୁବନେଶ୍ୱର, ୨୭।୧୨
(କ୍ରୀଡ଼ା ପ୍ରତିନିଧି)

ବନଦୁର୍ଗା କଲ୍‌ଚରାଲ ୟୁଥ୍ ଆସୋସିଏଶନ ଓ ଜେନ୍-ନେକ୍ସଟ୍ ୟୁଥ୍ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଦ୍ୱିତୀୟ ଜିଏମ୍‌ସିଏଲ୍ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ୧୬ ଦଳବିଶିଷ୍ଟ ପ୍ରତିଯୋଗିତାର ଫାଇନାଲରେ ମ୍ୟାଜିକ୍ ଇଲେଭେନ୍‌କୁ ୪୫ ରନରେ ହରାଇ କଟକର କେସିସି ଚାମ୍ପିୟନ ହୋଇଛି। ଫାଇନାଲ ପୂର୍ବରୁ ଅନୁଷ୍ଠିତ ୨ଟି ସେମିଫାଇନାଲରେ ଯଥାକ୍ରମେ କଟକ କେସିସି ଭୁବନେଶ୍ୱରର ସମରସେଟ୍‌କୁ ୩ ରନରେ ଏବଂ ମ୍ୟାଜିକ୍ ଇଲେଭେନ



ଚାମ୍ପିୟନ କେସିସି ଦଳର ଅଧିନାୟକ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

କଟକର ସିଡିଏ ଲାୟନ୍ସକୁ ୮ ଉଇକେଟରେ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଥିଲା। ଜେଡ୍ ଇଷ୍ଟେଟର ପରିଚାଳନା ନିର୍ଦ୍ଦେଶକ ତପନ କୁମାର ମହାନ୍ତି ଓ ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୦,୦୦୦ ଓ ରନର୍ସଅପ୍ ଦଳକୁ ୧୨,୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ଚାମ୍ପିୟନ ଦଳର ବାପୁନ୍ ମ୍ୟାନ ଅଫ୍ ଦି ମ୍ୟାଚ ଓ ରିଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ସମ୍ପୂର୍ଣ୍ଣ ପ୍ରତିଯୋଗିତା ମଧୁସୂଦନ ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

### ଟ୍ରକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ: ଉତ୍ତେଜନା

ଦେବଗଡ଼, (ଡି.ଏନ.ଏ): ଦେବଗଡ଼ ଥାନା ଧୋବଲିପଥର ଗ୍ରାମରେ ଟ୍ରକ ଧକ୍କାରେ ବକୁଳି ବିଶ୍ୱାଳ(୬୫)ଙ୍କର ମୃତ୍ୟୁ ଘଟିଛି। ସେ ଚାଲିଚାଲି ନିଜର ବଗିଚାକୁ ଯାଉଥିବା ସମୟରେ ନାୟକ ଢାବାର ଅନତି ଦୂରରେ ରାଞ୍ଚି-ବିଜୟୱାଡା ରାଜପଥରେ ଦେବଗଡ ପଟୁ ଯାଉଥିବା ଏକ ୧୪ ଚକିଆ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହ ଲୋକେ ସେଠାରେ ସ୍ପିଡ ବ୍ରେକର ନିର୍ମାଣ ଦାବିରେ ରାଜପଥକୁ ଅବରୋଧ କରିଥିଲେ। ସୂଚନାପାଇ ଦେବଗଡ଼ ଆଦର୍ଶ ଥାନା ପୋଲିସ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ସଂକ୍ଷେପରେ

### ଗ୍ରାମ୍ୟ ଜଳ ଓ ପରିମଳ କମିଟି ଗଠିତ

କୁଚିଣ୍ଡା,୨୭।୧୨(ଡି.ଏନ.ଏ.): କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବାଙ୍କେ ପଞ୍ଚାୟତ କଟୁପାଲି ଗ୍ରାମରେ ସୋମବାର ଜଳ ଜୀବନ ମିଶନ ପକ୍ଷରୁ ଗ୍ରାମ୍ୟ ଜଳ ଓ ପରିମଳ କମିଟି ଗଠିତ ହୋଇଯାଇଛି। ଧନୁର୍ଜୟ ଧୂରୁଆଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ନିୟତି ଫାଉଣ୍ଡେସନ ପଞ୍ଚାୟତ କୋଡିନେଟର କିଶୋର ମହାକୁଡ଼ ଯୋଗଦେଇ ଜଳ ଓ ପରିମଳ କମିଟି ଗଠନର ଆବଶ୍ୟକତା ଓ ଏହାର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସର୍ବସମ୍ମତି କ୍ରମେ ପ୍ରମୋଦ ନାଏକ ସଭାପତି,ସୂର୍ଯ୍ୟକାନ୍ତି ମାକର ଉପସଭାପତି, ଜୟକାନ୍ତି ଧୂରୁଆ ସମ୍ପାଦିକା ଓ ପାର୍ବତି କିସାନଙ୍କୁ କୋଷାଧକ୍ଷା ଭାବେ ମନୋନୀତ କରାଯାଇଥିଲା। ଏଥିରେ ଅଙ୍ଗନୱାଡି କର୍ମୀ କସ୍ତୁରୀ ବେସନ, ଆଶା କର୍ମୀ ଅଞ୍ଜୁ ଧୂରୁଆ, ୱାର୍ଡ ମେମ୍ବର ପାର୍ବତୀ କିସାନ, ସିଆରପି ପଦ୍ମିନୀ ମାକର ପ୍ରମୁଖ ଯୋଗ ଦେଇଥିଲେ।

### ଲୁଗା ଦୋକାନରେ ଅଗ୍ନିକାଣ୍ଡ



କୁଆଁରମୁଣ୍ଡା,୨୭।୧୨(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ଗାନ୍ଧୀରୋଡ ଅଞ୍ଚଳରେ ଥିବା ଏମ୍‌ଡି ଆସିଫଙ୍କର ଲୁଗା ଦୋକାନରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କା ମୂଲ୍ୟର ଶାଢୀ ଓ କପଡ଼ା ପୋଡ଼ିଯାଇଛି। ରାତି ପ୍ରାୟ ୧୧ଟା ପରେ ନିଆଁର ତୀବ୍ରତା ଏତେ ବଢିଯାଇଥିଲା ଯେ, ତାହାକୁ ଆୟତ କରିବାକୁ କଷ୍ଟ ହୋଇଥିଲା। କେବଳ ଲୁଗା ଦୋକାନ ନୁହେଁ, ଏହାକୁ ଲାଗିଥିବା ଏମ୍‌ଡି ଆସିଫଙ୍କ ଘର ମଧ୍ୟ ପୋଡ଼ି ଛାରଖାର ହୋଇଯାଇଛି। ଖବର ପାଇ ବୀରମିତ୍ରପୁର ପୋଲିସ ଓ କୁଆଁରମୁଣ୍ଡା ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ହେଲେ ଅଗ୍ନିକାଣ୍ଡର କାରଣ ଠିକ୍‌ଭାବେ ଜଣାପଡି ନ ଥିବାବେଳେ ଏହା ଶର୍ଟ ସର୍କିଟ ଯୋଗୁ ହୋଇଥାଇପାରେ ବୋଲି ବୀରମିତ୍ରପୁର ଆଇଆଇସି ମଞ୍ଜୁଳାମଞ୍ଜରୀ ନାଏକ କହିଛନ୍ତି।

### ହାତୀ ଆକ୍ରମଣରେ ଜଣେ ମୃତ

କୁତ୍ରା, ୨୭।୧୨ (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ କୁତ୍ରା ବ୍ଲକର ନୂଆଗାଁ ଛୁରିଚଖା ଗ୍ରାମରେ ରବିବାର ରାତିରେ ଦନ୍ତାହାତୀ ଆକ୍ରମଣରେ କିରନ ଡୁଙ୍ଗଡୁଙ୍ଗ (୫୦)ଙ୍କ ମୃତ୍ୟୁ ଘଟିଛି। ରାତି ପ୍ରାୟ ୧୧ ଟା ବେଳେ ଏକ ଦନ୍ତାହାତୀ ଏହି ଗାଁରେ ପଶି ପ୍ରଥମେ ଦାଉଦ ମିଞ୍ଜଙ୍କ ଘର ଭାଙ୍ଗିଥିଲା। ପରେ କିରନଙ୍କ ଘର ଭାଙ୍ଗୁଥିବାବେଳେ ସେ ଦନ୍ତା ହାବୁଡରେ ପଡ଼ିଯାଇଥିଲେ। ତାଙ୍କୁ ଦନ୍ତା ଉଠାଇ କଚାଡି ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଦୟାଲ ଡୁଙ୍ଗଡୁଙ୍ଗଙ୍କ ଘର ଭାଙ୍ଗିବା ସହିତ ଗୋଟିଏ ବସ୍ତା ଧାନ ଖାଇଥିଲା। ସ୍ଥାନୀୟ ଲୋକେ ଓ ବନ ବିଭାଗ କର୍ମଚାରୀ ଘଉଡ଼ାଇବାରୁ ଦନ୍ତାହାତୀ ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଛି। ମୃତକଙ୍କ ପରିବାରକୁ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ବନବିଭାଗ ତରଫରୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ପ୍ରକାଶ ଯେ, ସୁନ୍ଦରଗଡ଼ ଜିଲାରେ ଶନିବାର ବିଳମ୍ବିତ ରାତିରେ ପୃଥକ୍ ପୃଥକ୍ ସ୍ଥାନରେ ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକ ଦ୍ୱୟ ଥିଲେ ସୁନ୍ଦରଗଡ଼ ବନଖଣ୍ଡ ଲେଫ୍ରିପଡା ରେଞ୍ଜ ଅନ୍ତର୍ଗତ ଦଲକି ଗ୍ରାମର ସୁରଜ ବାର୍ଲା(୪୫) ଓ ବଣାଇଁ ବନଖଣ୍ଡ ସରସରା ସେକ୍‌ସନ ଅନ୍ତର୍ଗତ ସାନଦଲକି ଗ୍ରାମର ସମ୍ଭାରି ଜାରିକା (୩୫)।

# ବରୁଣ ହତ୍ୟା ଘଟଣାର ପର୍ଦ୍ଦାଫାଶ

ସମ୍ବଲପୁର,୨୭।୧୨(ବ୍ୟୁରୋ)



ସମ୍ବଲପୁର ଜିଲା ଯୁଯୁମୁରା ପୋଲିସ ସହ ଗିରଫ ଅଭିଯୁକ୍ତ।

ସମ୍ବଲପୁର ଜିଲା ଯୁଯୁମୁରା ଥାନା କୁସାମୁରା ଗ୍ରାମ ଛକରେ ଘଟିଥିବା ବରୁଣ ମିର୍ଦ୍ଧା (୩୦) ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ ଛାମୁଣ୍ଡା ଗ୍ରାମର ଚିତ୍ତରଞ୍ଜନ ଗନିକ (୩୪)ଙ୍କୁ ପୋଲିସ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ରକ୍ତଲଗା ଲାଠି ଓ ସ୍କୁଟି (ନଂ ଓଡି ୧୫ ପି ୮୭୦୪ )ଜବତ ହୋଇଛି। ଏନେଇ ଥାନାରେ ନଂ୧୮୩/୨୧ ଦଫା ୩୦୨, ୨୦୧ରେ ମାମଲା ରୁଜୁ ହୋଇଛି।

ଯୁଯୁମୁରା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ କହିଛନ୍ତି ଯେ, ଡିସେମ୍ବର ୨୫ ତାରିଖରେ କୁସାମୁରା ଗ୍ରାମ ଛକରେ ଜଣେ ଯୁବକଙ୍କୁ ହତ୍ୟା କରି ଫିଙ୍ଗି ଦିଆଯିବା ନେଇ ପୋଲିସ ପାଖରେ ଅଭିଯୋଗ ହୋଇଥିଲା। ଘଟଣାର ୧୨ ଘଣ୍ଟା ପରେ ସନ୍ଧ୍ୟା ସମୟରେ ପୋଲିସ ମୃତକଙ୍କ ପରିଚୟ ପାଇଥିଲା। ହେଲେ ହତ୍ୟାକାଣ୍ଡର କୌଣସି ସୁରାକ୍ ପାଇବା କଷ୍ଟକର ହୋଇ ପଡିଥିଲା। ତେବେ ମୃତକ ବରୁଣ କାମ କରିବା ସ୍ଥାନ ସହିତ ସାଙ୍ଗ ସାଥୀ ପର୍ଯ୍ୟନ୍ତ ସବୁଆଡେ ତଦନ୍ତ କରାଯାଇଥିଲା। ସାଇବର ସେଲର ମଧ ସାହଯ୍ୟ ନିଆଯାଇଥିଲା। ବରୁଣ ଘରକୁ ଶେଷ ଥର ଭିମଖୋଜ ଛକରୁ ଫୋନ କରିଥିବା ଜଣାପଡିଥିଲା। ଶେଷରେ ଭିମଖୋଜ ଛକରେ ଜଣେ ବ୍ୟକ୍ତିଙ୍କୁ ପଚରାଉଚୁରା କରିବା ପରେ ଚିତ୍ତରଞ୍ଜନଙ୍କ ସାଥିରେ ସ୍କୁଟିରେ ବରୁଣ ଘରକୁ ଯାଇଥିଲେ ବୋଲି ଜଣାପଡିଥିଲା। ଅଭିଯୁକ୍ତ ଚିତ୍ତରଞ୍ଜନ ଘରେ ଛାଡିବା ପାଇଁ ତାଙ୍କୁ ସହଯୋଗ କରିଥିଲେ। ଘରେ ଛାଡି ଦେବା ପାଇଁ ବରୁଣ ମଧ ଭୀମଖୋଜ ଛକରେ ଏକ ଦୋକାନରୁ ଚିତ୍ତରଞ୍ଜନଙ୍କ ସ୍କୁଟିରେ ୫୦ ଟଙ୍କା ପେଟ୍ରୋଲ ଭରିଥିଲେ। ହେଲେ ଚିତ୍ତରଞ୍ଜନ ଘରଠାରୁ ୭ କି.ମି. ଦୂର ଛାମୁଣ୍ଡା ଗ୍ରାମ ଛକରେ ବରୁଣଙ୍କୁ ଓହ୍ଲାଇବାକୁ କହିଥିଲେ। ମାତ୍ର ପେଟ୍ରୋଲ ଭରିଛି ଘରେ ଛାଡି ଆସ କହିବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହି ସମୟରେ ଅଭିଯୁକ୍ତ ଚିତ୍ତରଞ୍ଜନ ପାଖରେ ଥିବା ଏକ ବାଡି ଆଣି ବରୁଣଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସେ ଗୁରୁତର ହୋଇ ତଳେ ପଡି ଯାଇଥିଲେ। ପରେ ପରିଚୟ ନଷ୍ଟ କରିବା ପାଇଁ ପାଖରେ ଥିବା ଏକ ଖୁଣ୍ଟରେ ବରୁଣଙ୍କ ମୁଣ୍ଡକୁ ବାରମ୍ବାର ବାଡେଇଥିଲେ। ମୃତ୍ୟୁ ହେବା ପରେ ଛାଡି ଚାଲି ଯାଇଥିଲା। ପରଦିନ ସକାଳେ ଖବରପାଇ ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତରୁ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଯାଇଥିଲା।

### ୫୦ ଟଙ୍କାର ପେଟ୍ରୋଲ ପାଇଁ ହତ୍ୟାକାଣ୍ଡ

- ସାହାଯ୍ୟ କରିବାକୁ ଯାଇ ପାଲଟିଗଲେ ହତ୍ୟାକାରୀ

### ଯୁବକଙ୍କୁ ଛୁରାମାଡ଼, ଜଣେ ଗିରଫ

ରାଉରକେଲା ଅଫିସ,୨୭।୧୨

ଯୁବକଙ୍କୁ ଛୁରାମାଡ ଘଟଣାରେ ପ୍ଲାଣ୍ଟସାଇଟ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କୁରେସିମହଲାର ଆସିଫ କୁରେସି(୩୩)। ଏ ନେଇ ପୋଲିସ ଏକ ମାମଲା (ନଂ.୫୦୪।୨୧) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି। ରବିବାର ବିଳମ୍ବିତ ରାତିରେ ନାଲା ରୋଡ୍ ଅଞ୍ଚଳର ଏମ୍‌ଡି ଇରଫାନ(୨୯) ଆସିଫ ଇରଫାନଙ୍କ ଘରକୁ ଯାଇ ତାଙ୍କୁ ବାହାରକୁ ଡାକିଥିଲେ। ପରେ ଦୁଇଜଣଙ୍କ ମଧ୍ୟରେ ପୂର୍ବର ଟଙ୍କାପଇସାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଆସିଫ ଏକ ଧାରୁଆ ଅସ୍ତ୍ରରେ ଇରଫାନଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଛି।

### କ୍ରିକେଟ ପଡ଼ିଆରୁ ମୃତଦେହ ଜବତ

ବ୍ରଜରାଜନଗର, ୨୭।୧୨(ଡି.ଏନ୍.ଏ.)

ରାମପୁର ଫାଣ୍ଡି ଅନ୍ତର୍ଗତ ଆଇଲାପାଲି ଗାଁ ସମ୍ମୁଖରେ ଥିବା କ୍ରିକେଟ ପଡ଼ିଆରୁ ସୋମବାର ସକାଳେ ହରିଶଙ୍କର ମହାନନ୍ଦ (୫୫)ଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତଦେହ ପଡିଥିବା ଦେଖି ଲୋକେ ରାମପୁର ଫାଣ୍ଡିକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ରାମପୁର ଫାଣ୍ଡି ଅଧିକାରୀ ପ୍ରକାଶ ଚନ୍ଦ୍ର ଦଳେଇ ପହଞ୍ଚି ମୃତଦେହ ଜବତ କରିଥଲେ। ସୂଚନା ଅନୁଯାୟୀ ରାମପୁର କଲୋନୀ ଏମ୍‌କ୍ୟୁ ୪୦ରେ ସେ ରହୁଥିଲେ। ହରିଶଙ୍କର ରବିବାର ସନ୍ଧ୍ୟାରେ ଘରୁ ରାଶନ ଆଣିବା ପାଇଁ କହି ବାହାରିଥିଲେ। ସେ ରାତିରେ ଆଉ ଘରକୁ ନ ଫେରିବାରୁ ସ୍ତ୍ରୀ ପୁଷ୍ପା ରାତିରେ ଖୋଜାଖୋଜି କରି ପାଇ ନ ଥିଲେ। ବୁନ୍ଦିଆ କୋଇଲା ଖଣିରେ ବ୍ଲାଷ୍ଟିଙ୍ଗ ଡିପାଟମେଣ୍ଟରେ କାର୍ଯ୍ୟରତ ଥିଲେ। ଘଟଣାସ୍ଥଳରେ ବ୍ରଜରାଜନଗର ଏସଡିପିଓ ଗୁପ୍ତେଶ୍ୱର ଭୋଇ ଓ ସାଇଣ୍ଟିଫିକ୍ ଟିମ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ କରୁଛନ୍ତି। ପରିବାର ପକ୍ଷରୁ ରାମପୁର ଫାଣ୍ଡିରେ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ପ୍ରୋଗ୍ରେସିଭ କ୍ରିକେଟ କ୍ଲବ ବିଜୟୀ

ଦେବଗଡ଼,୨୭।୧୨(ଡି.ଏନ.ଏ)

### ୩୧ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ




ଖେଳାଳିଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଗତ ୨୪ ତାରିଖ ଠାରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଅରମ୍ଭ ହୋଇଥିବା ୩୧ତମ ବାମଣ୍ଡା କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସରେ ସୋମବାର ବଲାଙ୍ଗିରର ନବକିଶୋର କ୍ରିକେଟ କ୍ଲବକୁ ପରାସ୍ତ କରି ଝାରସୁଗୁଡାର ପ୍ରୋଗ୍ରେସିଭ କ୍ରିକେଟ କ୍ଲବ ବିଜୟୀ ହୋଇଛି। ବଲାଙ୍ଗିରର ନବକିଶୋର କ୍ରିକେଟ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବା ସହ ଶୁଭାଶିଷ ମିର୍ଦ୍ଧାଙ୍କ ସର୍ବାଧିକ ୫୧ ରନ ଓ ମାନସ ସାହାଣୀଙ୍କ ୨୭ରନ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୧୪୦ ରନ୍ ସଂଗ୍ରହ କରିଥିଲା। ଝାରସୁଗୁଡାର ପ୍ରୋଗ୍ରେସିଭ କ୍ରିକେଟ କ୍ଲବ ପକ୍ଷରୁ ବୋଲର କ୍ରିଷ୍ଣା ପଲେଇ ମୋଟ ୪ ଓଭର ବୋଲିଂ କରି ୩ଟି ଉଇକେଟ ଓ ମହମ୍ମଦ ଆକ୍ରମ ୪ ଓଭର ବୋଲିଂ କରି ୨ଟି ଉଇକେଟ ହାସଲ କରିଥିଲେ। ଏହାର ଜବାବରେ ଝାରସୁଗୁଡାର ପ୍ରୋଗ୍ରେସିଭ କ୍ରିକେଟ କ୍ଲବ ବ୍ୟାଟିଂ ଆରମ୍ଭ କରି ମାତ୍ର ୧୫.୪ ଓଭରରେ ୩ଟି ଉଇକେଟ ହରାଇ ୧୪୧ ରନର ଲକ୍ଷ୍ୟ ପୂରଣ କରିବା ସହ ଏକ ସହଜ ବିଜୟ ହାସଲ କରିଥିଲା। ବ୍ୟାଟ୍ସମ୍ୟାନ ସନ୍ତୋଷ ଯାଦବ ଅପରାଜିତ ସର୍ବାଧିକ ୫୯ ରନ ଓ ପୁଷ୍କର ରାଜ ୪୩ ରନ ସଂଗ୍ରହ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ମ୍ୟାଚକୁ ଅମ୍ପାୟାର ଭାବେ ପରାଶର ବିଶ୍ୱାଳ ଓ ସତ୍ୟ ପ୍ରସାଦ ରଥ ପରିଚାଳନା କରିଥିଲେ। ସର୍ବାଧିକ ୫୯ରନ କରିଥିବା ଝାରସୁଗୁଡାର ସନ୍ତୋଷ ଯାଦବ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେଡି ନେତା ଇଂ.ଚିତ୍ତ ରଂଜନ ପ୍ରଧାନ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ଗାରିମା ପଦକ ବିଜେତା ସ୍କୁଲ ଅବହେଳିତ

ସମ୍ବଲପୁର/ନାକଟିଦେଉଳ, ୨୭।୧୨(ବ୍ୟୁରୋ/ଡି.ଏନ.ଏ.)

### ଜିଲା ପ୍ରଶାସନ ନିକଟରେ ଗ୍ରାମବାସୀଙ୍କ ଅଭିଯୋଗ

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ତାଲବ ଉଚ୍ଚ ପ୍ରାଥମିକ ସ୍କୁଲ ୨୦୧୯-୨୦ ଆର୍ଥିକ ବର୍ଷରେ ସରକାରଙ୍କ ଗାରିମା କାର୍ଯ୍ୟକ୍ରମରେ ବ୍ରୋଞ୍ଜ ପଦକ ସହ ଆର୍ଥିକ ରାଶି ପାଇ ପୁରସ୍କୃତ ହୋଇଥିଲା। ଏବେ ଅବହେଳିତ ଅବସ୍ଥାରେ ରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଓ ଗ୍ରାମବାସୀ ସୋମବାର ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ରେଢାଖୋଲ ଉପ ଜିଲାପାଳ, ନାକଟିଦେଉଳ ବିଡ଼ିଓ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ପ୍ରକାଶ ଯେ, ଏହି ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ ରହିଛି ୫ ଜଣ ବଦଳରେ ୨ ଜଣ ଶିକ୍ଷକ ଅଛନ୍ତି। ପିଲାମାନେ ପାଠ ସାଙ୍ଗକୁ ଖେଳ କୁଦ ଓ ଅନ୍ୟାନ୍ୟ କ୍ଷେତ୍ରରେ ଭଲ ପ୍ରଦର୍ଶନ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ତେବେ ଶ୍ରେଣୀ କୋଠରୀଗୁଡିକ ବିପଦଶଙ୍କୁଳ ଅବସ୍ଥାରେ ରହିଛି। ୮ ଗୋଟି ଶ୍ରେଣୀର ପାଠ ପଢା ୨ କ୍ଲାସରୁମରେ କରାଯାଇଛି। ମାଓବାଦୀ ପ୍ରବଣ ପାଣିମୁରା ପଞ୍ଚାୟତ ଅଧୀନ ୫ ଗ୍ରାମର ପିଲା ମୁଖ୍ୟତଃ ଏହି ବିଦ୍ୟାଳୟ ଉପରେ ନିର୍ଭର କରନ୍ତି। ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ଦୂରତା ଦୃଷ୍ଟିରୁ ଅନ୍ୟ ବିଦ୍ୟାଳୟ ଯିବା ନେଇ ସମସ୍ୟା ରହିଛି। ତେଣୁ ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମି ବିକାଶ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଆସନ୍ତା ୧୦ ତାରିଖ ସୁଦ୍ଧା ଦାବି ପୂରଣ କରା ନ ଗଲେ ୧୧ ତାରିଖ ଠାରୁ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ନାକଟିଦେଉଳ ବ୍ଲକ ଆଗରେ ଧାରଣା ଦେବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଗୋବର୍ଦ୍ଧନ ଦେହୁରୀ, ଶୁକ୍ରୁ ଦେହୁରୀ, ଭଲଭଦ୍ର ଦେହୁରୀ, ସଞ୍ଜୁକ୍ତା ଦେହୁରୀ, ଜାନକୀ ଝାଙ୍କର, ବିଜୁ ରାଉତ, ଜୟନ୍ତୀ ଭୋଇ, ଶେଷଦେବ ଦେହୁରୀ, ସୁମିତ୍ରା ପ୍ରଧାନ, ବିନୋଦିନୀ ନାଏକ, ଦୁତିଆ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସୁନ୍ଦରଗଡ଼ରେ ବିଜେଡିର ପ୍ରତିଷ୍ଠା ଦିବସ

ସୁନ୍ଦରଗଡ,୨୭।୧୨ (ଡି.ଏନ୍.ଏ)

ସୁନ୍ଦରଗଡ଼ ଓ ତଳସରା ନିର୍ବାଚନ ମଣ୍ଡଳୀରେ ବିଜେଡିର ୨୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା ବିଜୁ ଜନତା ଦଳ ତରଫରୁ ସ୍ୱତନ୍ତ୍ର କୋଭିଡ ନିୟମାବଳୀକୁ ପାଳନ କରି ଏହି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୁନ୍ଦରଗଡ ସହର ଉପକଣ୍ଠ ରାଣୀବଗିଚା ବାଇପାସଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ବିଜେଡି ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ଜିଲା ସଭାପତି ତଥା ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ପୂର୍ବତନ ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂ, ତଳସରାର ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ କୁମାର ମାଝୀ, ସହପର୍ଯ୍ୟବେକ୍ଷକ ଦେବାଶୀଷ ମଲ୍ଲିକ, ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ଜିଲା ସାଧାରଣ ସମ୍ପାଦକ ଜନ୍ମେଜୟ ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ହରଜେନ୍ଦ୍ର ସିଂ, ଉପସଭାପତି ଲଲାଟେନ୍ଦୁ ପରିଡା, ବରିଷ୍ଠ ନେତା ଜଗଦୀପ ପ୍ରତାପ ଦେଓ, ଗୋପ ମହାନ୍ତି, ଜୟନାରାୟଣ ତ୍ରିପାଠୀ,ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଜିଲା ବିଜୁମହିଳା ଜନତା ଦଳ ସଭାପତି ରଞ୍ଜନା ପଣ୍ଡା, ବିଜୁ ଛାତ୍ର ଜନତାଦଳ ଜିଲା ସଭାପତି ଶାହାବାଜ୍ ହୁସେନ୍, ଜିଲା ଆଇନଜୀବୀ ସାମ୍ମୁଖ୍ୟ ଆବାହକ ଅଶୋକ କୁମାର ସ୍ୱାଇଁ, ବରିଷ୍ଠ ଆଇନଜୀବୀ କିଶୋର ନାଏକ, ଧର୍ମେଶ ପଟେଲ, ପ୍ରଦୀପ ମହାପାତ୍ର, ବୀଣା ସାହୁ, ପଞ୍ଚା ବାର୍ଲା, ରୋଶନ ସାହୁ, ଟାଉନ ସଭାପତି ସୁରେନ୍ଦ୍ର ଭିତ୍ରିଆଙ୍କ ସମେତ ବହୁଦଳୀୟ କର୍ମକର୍ତ୍ତା ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ସୁନ୍ଦରଗଡ ରାଣୀବଗିଚା ବାଇପାସ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ବିଜେଡି ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

# ବେକରେ ରଶି ଲଗାଇ ଛାତ୍ରଙ୍କ ଆତ୍ମହତ୍ୟା

ରାଉରକେଲା ଅଫିସ,୨୭।୧୨

ଟାଙ୍ଗରପାଲି ଥାନା ଫର୍ଟିଲାଇଜର ଅଞ୍ଚଳର ଜଣେ ଛାତ୍ର ସୋମବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସୌମ୍ୟ ରଞ୍ଜନ ବେହେରା(୨୨)। ସେ ରାଉରକେଲା ୟୁଜିଆଇ କଲେଜର ତୃତୀୟ ବର୍ଷ ଛାତ୍ର। ଦିନ ସାଢ଼େ ୧୨ଟାରେ ସୌମ୍ୟ ଘର ପଛପଟ ଏକ ଗଛରେ ଝୁଲୁଥିବା ପଡୋଶୀ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୩୧।୨୧) ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

# ଆଥଲେଟଙ୍କୁ ଅଟଳ ଗୌରବ ପୁରସ୍କାର

ରାଉରକେଲା ଅଫିସ,୨୭।୧୨

ରାଉରକେଲାର ଆଥଲେଟ କୋଚ୍ ଅଶୋକ ପ୍ରସାଦ, ଆଥଲେଟ ଅର୍ପିତା ପରିଡା ଓ ଆଶୁତୋଷ ପରିଡା ଏବଂ ବରିଷ୍ଠ କ୍ରୀଡା ସାମ୍ବାଦିକ ସୁଶାନ୍ତ ବେହେରାଙ୍କୁ ଅଟଳ ଗୌରବ ପୁରସ୍କାର ପ୍ରଦାନ କରାଯାଇଛି। ସୋମବାର ମଧ୍ୟପ୍ରଦେଶ ଭୋପାଳର ରବିନ୍ଦ୍ର ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସେମାନଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ବିଭିନ୍ନ କ୍ଷେତ୍ରରେ ଗୌରବ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ଏହି ପୁରସ୍କାର ଦିଆଯାଇଥାଏ। ଅଟଳ ଗୌରବ ପୁରସ୍କାରରେ ସମ୍ବର୍ଦ୍ଧିତ ହୋଇଥିବାରୁ ସେମାନଙ୍କୁ ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦ ସମ୍ପାଦକ ପ୍ରଭାତ ଭୋଳ, ରାଉରକେଲା ପାନପୋଷ କ୍ରୀଡା ସଙ୍ଗଠନ, ପଶ୍ଚିମ ଓଡିଶା କ୍ରୀଡା ଉନ୍ନୟନ ସମିତି, ରାଉରକେଲା କବାଡି ଆସୋସିଏଶନ, ଭେଟେରାନ ହକି ଆସୋସିଏଶନ, ରାଉରକେଲା ସାଇକଲିଂ କ୍ଲବ, ରାଉରକେଲା ବାର ଆସୋସିଏଶନ ଓ ଶକ୍ତି ବାହିନୀ ଆଦି ଅନୁଷ୍ଠାନ ଶୁଭେଚ୍ଛା ଜଣାଇଛନ୍ତି।

### କିଷାନ ଜାତି ସମାଜର ରାଜ୍ୟ କାର୍ଯ୍ୟକାରିଣୀ

ଝାରସୁଗୁଡା ଅଫିସ୍,୨୭।୧୨

ଝାରସୁଗୁଡା ଜିଲା ସଂସ୍କୃତି ଭବନରେ ୫୫୦କିଷାନ ଜାତି ସମାଜର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସମାଜର ଜିଲା ସଭାପତି ତ୍ରିଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ସମୁଦାୟ ୧୩ଜିଲାର ସଭାପତି, ସମ୍ପାଦକ ଓ ରାଜ୍ୟ ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକ ପ୍ରାରମ୍ଭରେ ରାଜ୍ୟ ସମ୍ପାଦକ ମୋହନଲାଲ୍ କିଷାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ବୈଠକରେ ବିଭିନ୍ନ ଜିଲାର ସଭାପତି ଗୋବର୍ଦ୍ଧନ ପ୍ରଧାନ, ତରଣୀ ପ୍ରସାଦ ପ୍ରଧାନ, ଭୀମସେନ ମାଝି, ରାମଚନ୍ଦ୍ର ପ୍ରଧାନ, ପଞ୍ଚାନନ ପ୍ରଧାନ, ଜଗନ୍ନାଥ ଲାକ୍ରା, ନବୀନ କୁମାର ସାହୁ, ଗୋପାଳ ପ୍ରଧାନ, ମଣି ମିର୍ଦ୍ଧା, ଲମ୍ବୋଦର ମିର୍ଦ୍ଧା, ରମେଶ ବିଶ୍ୱାଳ, ରତ୍ନାକର ପ୍ରଧାନ, ରାଜ୍ୟ ଉପସଭାପତି ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ସମ୍ପାଦକ ମନବୋଧ ମାଝି, ରାଜ୍ୟ ମହିଳା ସଦସ୍ୟା ସାବିତ୍ରୀ ଏକ୍କା, ସରସ୍ୱତୀ ମାଝି, ପଦ୍ମଲୋଚନ ବୁଢୁଲା, ରାମତୁଲା ବୁଢୁଲା, ରାମଚନ୍ଦ୍ର ମାଝି, ନିରଞ୍ଜନ ମାଝି, ନଫିମ୍ କୁମାର ସାହୁ ପ୍ରମୁଖ କର୍ମକର୍ତ୍ତା ଯୋଗ ଦେଇଥିଲେ।

# କରୋନା ସହାୟତା ବଣ୍ଟନ ବିଳମ୍ବକୁ ନେଇ ଅସନ୍ତୁଷ୍ଟ ହିତାଧିକାରୀ

କୁତ୍ରା, ୨୭।୧୨ (ଡି.ଏନ.ଏ)

ରାଜ୍ୟ ସରକାରଙ୍କ ତରଫରୁ କୋଭିଡ ସହାୟତା ରାଶନ କାର୍ଡଧାରୀଙ୍କୁ ୧୦୦୦ ଟଙ୍କା ଲେଖାଁଏ ପ୍ରଦାନ କରାଯାଉଛି। କୁତ୍ରା ବ୍ଲକ ଅନ୍ତର୍ଗତ ୧୬ଟି ପଞ୍ଚାୟତରେ କୋଭିଡ୍ ସହାୟତା ହଜାରେ ଟଙ୍କା ବଣ୍ଟନ ଆରମ୍ଭ କରାଯାଇଛି। ବିରିଙ୍ଗାଟୋଲି ସମେତ ବିଭିନ୍ନ ପଞ୍ଚାୟତରେ ଲୋକେ ଦୂର ଦୂରାନ୍ତରୁ ସକାଳ ୮ଟାରୁ ଆସି ଲାଇନରେ ଛିଡା ହେଉଛନ୍ତି। ହିତାଧିକାରୀଙ୍କୁ ପୂର୍ବାହ୍ନ ୧୦ଟାରେ ସମୟ ଦିଆଯାଇଛି। କିନ୍ତୁ ପ୍ରକୃତ ପକ୍ଷେ ପଞ୍ଚାୟତ କାର୍ଯ୍ୟାଳୟ ଖୋଲୁଛି ୧୧ଟାରେ। ଟଙ୍କା ବଣ୍ଟନ ହେଉଛି ଅପରାହ୍ନ ୨ଟାରେ। ଟଙ୍କା ପାଇଁ ହିତାଧିକାରୀ ଘଣ୍ଟାଘଣ୍ଟା ଧରି ଲମ୍ବା ଲାଇନରେ ରହିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବିଳମ୍ବରେ ଟଙ୍କା ବଣ୍ଟନକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ହିତାଧିକାରୀ। ଏବାବଦରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ, ଲୋକେ ହଇରାଣ ହେଲେ ହୁଅନ୍ତୁ କିଛି କରିପାରିବି ନାହିଁ। ଏବାବଦରେ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ସେଠୀଙ୍କୁ ପଚାରିବାରୁ କୁତ୍ରା ଭାରତୀୟ ଷ୍ଟେଟ ବ୍ୟାଙ୍କର ଅବହେଳା ପାଇଁ ଏଭଳି ଅସୁବିଧା ହେଉଥିବା ପ୍ରକାଶ କରିଛନ୍ତି। ବ୍ଲକ ପ୍ରଶାସନ ଦୃଷ୍ଟିଦେଇ ହିତାଧିକାରୀଙ୍କୁ ଟଙ୍କା ଦେବାରେ ବିଳମ୍ବ ନ କରିବା ପାଇଁ ହିତାଧିକାରୀମାନେ ଦାବି କରିଛନ୍ତି।

# ୫ଲକ୍ଷ ଟଙ୍କାର ଚୋରି ମୋବାଇଲ ଜବତ

ଝାରସୁଗୁଡା ଅଫିସ୍,୨୭।୧୨



ଏସ୍‌ପିଙ୍କ ଖବରଦାତା ସମ୍ମିଳନୀରେ ହାଜର ହୋଇଥିବା ଗିରଫ ଅଭିଯୁକ୍ତ।

ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ପଞ୍ଚଗାଁ ମାର୍କେଟରେ ଥିବା ଏକ ମୋବାଇଲ୍ ଫୋନ୍ ଦୋକାନ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏଥିରେ ସମ୍ପୃକ୍ତ ଚିକିଲାପାଲି ଗ୍ରାମର ସଞ୍ଜୟ ବାରିକ(୨୦)ଙ୍କୁ ସୋମବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ୫ଲକ୍ଷ ଟଙ୍କା ମୂଲ୍ୟର ଚୋରି ମୋବାଇଲ ପୋଲିସ ଜବତ କରିଛି। ଗତ ୨୧ତାରିଖ ରାତିରେ ୩୮ ମୋବାଇଲ୍ ସହ ନଗଦ ୩ହଜାର ଟଙ୍କା ଦୋକାନରୁ ସିନ୍ଧିକାଟି ଚୋରି ହୋଇଥିଲା। ଏନେଇ ଦୋକାନ ମାଲିକ ଭିକମପାଲି ଗ୍ରାମର ଥୟ ନାଥ ମେହେର ରେଙ୍ଗାଲି ଥାନାରେ ଗତ ୨୨ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ୍ ରେଙ୍ଗାଲି ଥାନାରେ ଏକ କେଶ(ନଂ.୧୮୮/୨୧) ରୁଜୁକରି ତଦନ୍ତ ଚଳାଇଥିଲା। ଦୋକାନରୁ ଚୋରିବେଳେ ସିସିଟିଭି କ୍ୟାମେରାରେ ଏହା ଉତ୍ତୋଳନ ହୋଇଥିଲା। ଏହାକୁ ଆଧାରକରି ପୋଲିସ୍ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ତାଙ୍କ ନିକଟରୁ ପୋଲିସ୍ ୩୬ଚୋରି ମୋବାଇଲ୍,୧୮ଶହ ଟଙ୍କା,ସିନ୍ଧି କାଟିଥିବା ସାମଗ୍ରୀ ଆଦି ଜବତ କରିଛି। ଏହି ଚୋରି ମୋବାଇଲ୍‌ର ମୂଲ୍ୟ ୫ଲକ୍ଷ ଟଙ୍କା ହେବ ବୋଲି ଏସ୍‌ପି ବିକାଶ ଚନ୍ଦ୍ର ଦାସ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅଭିଯୁକ୍ତ ଜଣଙ୍କ ପୂର୍ବରୁ ଆଉ କୌଣସି ଚୋରିରେ ସମ୍ପୃକ୍ତ ରହିଛନ୍ତି ନା ନାହିଁ ଏସମ୍ପର୍କରେ ଅଧିକ ତଦନ୍ତ ଚାଲିଛି। ଏହି ଚୋରି ମୋବାଇଲ୍ ଫୋନକୁ ନେଇ ଅଭିଯୁକ୍ତ ନିକଟସ୍ଥ ଜଙ୍ଗଲରେ ସମସ୍ତ କାଗଜପତ୍ର ପୋଡି ଦେଇଥିଲେ ବୋଲି ଏସ୍‌ପି କହିଛନ୍ତି। ଏହି ଚୋରି ପର୍ଦ୍ଦାଫାଶ୍ କରିବାରେ ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ,ଏସ୍‌ଆଇ ପି.କେ ସ୍ୱାଇଁ,ଏଏସ୍‌ଆଇ ପ୍ରତାପ ଚନ୍ଦ୍ର ପଟେଲ ପ୍ରମୁଖ ସାମିଲ ହୋଇଥିଲେ।

### ଆଦିବାସୀ ସମାଜର ଲତାଖଣ୍ଡି ପରିଦର୍ଶନ

ବ୍ରଜରାଜନଗର, ୨୭।୧୨(ଡି.ଏନ.ଏ.)

ବ୍ରଜରାଜନଗର ସହରାଞ୍ଚଳର ଲତାଖଣ୍ଡି ଗ୍ରାମକୁ ଭାଜପା ମଣ୍ଡଳ ସଭାପତି ରୁମଣ ଧୁରୁଆଙ୍କ ନେତୃତ୍ୱରେ ଆଦିବାସୀ ସମାଜର ଏକ ପ୍ରତିନିଧି ମଣ୍ଡଳ ଯାଇଥିଲେ। ଟିମ୍ ବିଭିନ୍ନ ଉନ୍ନୟନମୂଳକ କାମର ସମୀକ୍ଷା କରିଥିଲେ। ଗାଁକୁ ଗୋଟିଏ ଭଲ ରାସ୍ତା ନାହିଁ। ଅନେକ ଉପଯୁକ୍ତ ହିତାଧିକାରୀଙ୍କୁ ରାଶନ କାର୍ଡ ମଧ ମିଳି ନାହିଁ। ଏଭଳିଆ ନୀତିକୁ ସମ୍ମିଳିତ ଆଦିବାସୀ ସମାଜ ଦୃଢ଼ ବିରୋଧ କରିବା ସଙ୍ଗେ ସଙ୍ଗେ ତୀବ୍ର ନିନ୍ଦା କରୁଛି। ସମ୍ମିଳିତ ଆଦିବାସୀ ସମାଜର ଉପସଭାପତି ସଂଯୁକ୍ତା ବାର୍ଲା, ସମ୍ପାଦକ ନିମାଇଁ ଚରଣ ନାଏକ, ତନୋଜ ପ୍ରଧାନ ଓ ଫୀରୁ ମୁଣ୍ଡା, ରାଜକୁମାର ଉପସ୍ଥିତ ଥିଲେ।

## ଯୁକ୍ତ ୨ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ବିଶ୍ୱ ବିଦ୍ୟାଳୟର ପଶ୍ଚିମ ଛାତ୍ରାବାସରେ ଯୁକ୍ତ ୨ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। କୋଠରି ଭିତର ପଟୁ ବନ୍ଦ ଥିବାବେଳେ ସ୍ଥାନୀୟ ଛାତ୍ରମାନେ ଦେଖିବା ପରେ ଯୁକ୍ତ ୨ ଛାତ୍ର ରଶ୍ମି ରଞ୍ଜନ ସେଠୀ ବୋଲି ଜଣାପଡିଥିଲା। ଏହାପରେ ପରିବାର ଲୋକ ଏବଂ ପୋଲିସକୁ ଖବର ଦେଇଥିଲେ । ପୋଲିସ ଓ ପରିବାର ଲୋକ ତଥା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବନ୍ଦ କୋଠରି ଭିତରୁ ଝୁଲନ୍ତା ମୃତଦେହ ଜବତ କରାଯାଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଜଣାପଡିଛି।



## ସଂକ୍ଷେପରେ

### ଅବ୍ୟବସ୍ଥା ନେଇ ଉପଜିଲାପାଳଙ୍କୁ ଫେରାଦ

**ଲୋଇସିଂହା,୨୭।୧୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତର ଏବେ ନାନା ଅବ୍ୟବସ୍ଥା ଦେଖାଦେଇଛି। ଏନେଇ ପଞ୍ଚାୟତର କେତେକ ବ୍ୟକ୍ତି ସୋମବାର ଉପଜିଲାପାଳ ଲମ୍ବୋଦର ଧରୁଆଙ୍କୁ ଫେରାଦ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ପିଇଓ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁନାହାନ୍ତି। ବର୍ତ୍ତମାନ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆବାସ ଘର ପାଇବାରୁ ବଞ୍ଚିତ ଲୋକଙ୍କ ଘର ମରାମତି ପାଇଁ ଆଧାର ଏବଂ ବ୍ୟାଙ୍କ ଆକଉଣ୍ଟ ନମ୍ବର ସଂଗ୍ରହ କରାଯାଉଛି। ଏହି କାର୍ଯ୍ୟକୁ ପିଇଓ, ଜିଆରଏସ କିମ୍ବା ଜିଓଟ୍ୟାଗ ନକରି ସ୍ଥାନୀୟ ୱାର୍ଡସଭ୍ୟଙ୍କ ଜରିଆରେ କରାଯାଉଛି। ପଞ୍ଚାୟତ ଅଧିନ ଅନ୍ୟ ଗ୍ରାମରେ ସରକାରୀ କର୍ମଚାରୀ ଏହି କାମ ନକରି ବେସରକାରୀ ଲୋକେ ଏସବୁ କାମ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ପିଇଓ ହୁତାସନ ସୁନା କହିଛନ୍ତି ଅଭିଯୋଗ ଭିତିହୀନ। କାମ ଅଧିକ ରହୁଥିବାରୁ ବାଧ୍ୟ ହୋଇ ବାହାର ଲୋକଙ୍କୁ ଏହି କାମରେ ଲଗାଯାଇଥିବା କହିଥିଲେ ।

### ଆବାସ ଗୃହ ନିର୍ମାଣରେ ଦୁର୍ନୀତି ନେଇ ଅଭିଯୋଗ

**ବୋଡେନ,୨୭।୧୨(ଡି.ଏନ.ଏ.):** ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଭଇଁସାଦାନି ପଞ୍ଚାୟତରେ ଆବାସ ଗୃହ ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଗ୍ରାମବାସୀ ବିଡିଓ ପୁର୍ଣ୍ଣଚନ୍ଦ୍ର ଭୋଇଙ୍କୁ ସାକ୍ଷାତ କରି ଦୁର୍ନୀତି ନେଇ ଆଲୋଚନା କରିଥିଲେ। ଯୋଗ୍ୟ ଲୋକମାନଙ୍କୁ ଘର ମିଳି ନ ଥିବାବେଳେ ନାବାଳକଙ୍କ ନାମରେ ଘର ତାଲିକା ରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ବାବଦକୁ ଗାଁର ହେମସାଗର ମାଝି, ଶଙ୍କର ମାଝି, ରାମେଶ୍ୱର ପହରିଆ, କିର୍ତ୍ତନ ପହରିଆ, ଭଦର ମାଝି, ଲକ୍ଷିଧର ପହରିଆ, ଜୟ ମାଝି, ରଘୁନାଥ ମାଝି, ପଦମନ ମାଝି, ଧନସିଂ ମାଝି, ମଧୁସୁଦନ ମାଝି, ତ୍ରିନାଥ ମାଝି, ଦୁଷ୍ମନ୍ତ ପହରିଆ, ବିପ୍ଲ ମାଝି, ଭିକ ମାଝି, ଚୌତନ ମାଝି, ଅଶ୍ୱନୀ କୁମାର ମାଝି, ବିନୋଦ ପହରିଆ, ହିରାସିଂ ମାଝି, ଛବିରାମ ପହରିଆ ପ୍ରମୁଖ ବିଡିଓଙ୍କୁ ଭେଟି ଘର ଦୁର୍ନୀତି ବିଷୟରେ ଜଣାଇଥିଲେ। ଉକ୍ତ ଘଟଣା ଉପରେ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୋଡେନ ବିଡିଓ ପୁର୍ଣ୍ଣଚନ୍ଦ୍ର ଭୋଇ କହିଛନ୍ତି।

### ଜଗନ୍ନାଥ ଦେବ ଫୁଟ୍‌ବଲ
### ଟିକ୍ରାପଡ଼ା, ନକଟାସର ବିଜୟୀ

**ବେଲପଡା, ୨୭।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ବ୍ଲକ ମଣ୍ଡଳ ଜଗନ୍ନାଥ ଦେବ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଥିଲା ତୃତୀୟ ଦିବସ । ପ୍ରଥମ ଖେଳ ଟିକ୍ରାପଡା ବନାମ କଲଚିକଚାର ମଧ୍ୟରେ ହୋଇଥିଲା । ନିର୍ଦ୍ଧାରିତ ସମୟରେ ଖେଳ ଅମୀମାଂସିତ ରହିବାରୁ ପେନାଲଟି ସୁଟ୍ ଆଉଟ୍‌ର ସାହାଯ୍ୟ ନିଆଯାଇଥିଲା। ଏଥିରେ ଟିକ୍ରାପଡା ଦଳ ୨-୦ଗୋଲରେ ବିଜୟୀ ହୋଇଥିଲା। ଦିବସର ଦ୍ୱିତୀୟ ଖେଳ କଣ୍ଟାବାଞ୍ଜି ବନାମ ନକଟାସର ମଧ୍ୟରେ ହୋଇଥିଲା। ଏଥିରେ ନକଟାସର ୨-୦ଗୋଲରେ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ବଳଦେବ ଠାକୁର, ସମ୍ମାନିତ ଅତିଥି ନଟବର ମହାନନ୍ଦ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

### କ୍ରିକେଟ ଟୁର୍ନାମେଣ୍ଟ: ଶ୍ରଦ୍ଧାପୁର ଚାମ୍ପିୟନ

**ଭବାନୀପାଟଣା,୨୭।୧୨(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ମେଦିନିପୁର ହାଇସ୍କୁଲ ପଡିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଶ୍ରଦ୍ଧାପୁର ଦଳ ମେଦିନିପୁର ଦଳକୁ ୪୬ ରନ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛି। ମ୍ୟାନ ଅଫ୍ ଦ ମ୍ୟାଚ୍ ରାମ ଓ ମ୍ୟାନ ଅଫ୍ ଦି ସିରିଜ ଭାବେ ମଜନୁଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲାର ବରିଷ୍ଠ ଖବରଦାତା ରାଜକୁମାର ସିଂଦେଓ, ସମ୍ମାନିତ ଅତିଥି ଭାବେ ଖବରଦାତା ମନମୋହନ ପ୍ରଧାନ, ଯୁବନେତା ଲବନିଧର ମହାନନ୍ଦ, ପ୍ରଭୁପାଦ ପ୍ରଧାନ, ସୁଲୋଚନା ଶବର, ଖଗେଶ୍ୱର ଶବର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ଯଶୋବନ୍ତ ପଟ୍ଟନାୟକ, ମନୋଜ ମହାକୁଡ ସମେତ ଆଶିଷ ପଣ୍ଡା,ସୁମିତ ପଟ୍ଟନାୟକ, ସମୀର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଇନ୍ଦ୍ରାବତୀ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଲା

## ରବି ଚାଷ ପାଇଁ ଜଳସେଚନ ଦାବି

**କୋକସରା,୨୭।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ତରାପୁର ପଞ୍ଚାୟତ ଫୁଲିମୁଣ୍ଡା ଗେଟ ପର୍ଯ୍ୟନ୍ତ ରବିଚାଷ ପାଇଁ ମୁଖୀଗୁଡା ଇନ୍ଦ୍ରାବତୀ ଜଳଭଣ୍ଡାର ବାମ କେନାଲରୁ ଜଳସେଚନ ଦାବିରେ ଗତ ୧ ମାସରୁ ଉର୍ଦ୍ଧ୍ୱ ହେବ ତରାପୁର, ଫୁଲିମୁଣ୍ଡା, କର୍ଲାକୋଟ, ଝାରକୁଣ୍ଡାମାଲ, ପୋବେଡା ଅଞ୍ଚଳର ଚାଷୀମାନେ ଦାବି କରି ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ତରାପୁର ପଞ୍ଚାୟତ ଚାଷୀମାନେ କୁସୁମଖୁଣ୍ଟି ଜଳ ସମ୍ପଦ ବିଭାଗ ଇନ୍ଦ୍ରବତୀ ବାମ କେନାଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଶତାଧିକ ଚାଷୀ ତାଲା ପକାଇ ପ୍ରତିବାଦ କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର କରିବାକୁ ସେମାନେ ଚେତାବନୀ ଦେଇଛନ୍ତି। ଖବର ପାଇ ଘଟଣାସ୍ଥଳରେ କୋକସରା ପୋଲିସ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଚାଷୀମାନେ ଜିଦରୁ ନ ଓହରିବାରୁ କୁସୁମଖୁଣ୍ଟି ଇନ୍ଦ୍ରାବତୀ ଅଧୀକ୍ଷଣ ଯନ୍ତ୍ରୀ ଅଜିତ କୁମାର ପାତ୍ରଙ୍କ ସହିତ ଫୋନରେ ଆଲୋଚନା କରିଥିଲେ। ଯନ୍ତ୍ରୀ ଘଟଣାର ସମାଧାନ ପାଇଁ ମଙ୍ଗଳବାର ପର୍ଯ୍ୟନ୍ତ ସମୟ ମାଗିଥିବା ବେଳେ ଆନ୍ଦୋଳନରତ ଚାଷୀମାନେ ତାଲା ଖୋଲି ଦେଇଥିଲେ। ମଙ୍ଗଳବାର ପ୍ରତିଶ୍ରୁତି ପୂରଣ ନ ଦେଲେ ପୁଣି କାର୍ଯ୍ୟାଳୟରେ ତାଲା ଦେବା ସହ ବ୍ୟାପକ ଆନ୍ଦୋଳନ କରିବା ନେଇ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଇନ୍ଦ୍ରାବତୀ ବାମ କେନାଲର ପୋବେଡାରୁ ଧର୍ମଗଡ଼ ପର୍ଯ୍ୟନ୍ତ କେନାଲ ମରାମତି ପାଇଁ ବିଭାଗ ପକ୍ଷରୁ ୬ କୋଟି ଟଙ୍କା ଅନୁଦାନରେ ମରାମତି ପାଇଁ ଟେଣ୍ଡର ସରିଛି । କାମ ଆରମ୍ଭ ପାଇଁ ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥା ଉଦ୍ଦେଶ୍ୟ ମୂଳକ ଭାବେ ପୋବେଡା ଡିଷ୍ଟ୍ରିବ୍ୟୁଟାରୀରୁ ଶେଷ ମୁଣ୍ଡ ପର୍ଯ୍ୟନ୍ତ ଚାଷ ଜମି ଅଞ୍ଚଳକୁ ଜଳସେଚନ ବନ୍ଦ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଚାପ ପ୍ରୟୋଗ କରୁଛନ୍ତି। ଏହି କାର୍ଯ୍ୟ ସମ୍ପାଦିତ ହେଲେ ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥାର ଲକ୍ଷ ଲକ୍ଷ ମୁନାଫା ରହିଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ଏଣୁ ବିଭାଗୀୟ ଅଧିକାରୀ ଟେଣ୍ଡର କାର୍ଯ୍ୟକୁ ପ୍ରାଧାନ୍ୟତା ଦେଇ ଜଳ ଯୋଗାଣ ନେଇ ଉପେକ୍ଷା କରୁଥିବା ଚାଷୀ ଟେକଚାନ୍ଦ ଛାତ୍ରିଆ, ଆଶିଷ କୁମାର ପଣ୍ଡା, ସଞ୍ଜୀବ କୁମାର ସାହୁ, ପୁରୁଷୋତ୍ତମ ସିଂ, ତରୁଣ ଭୋଇ, ଦିପକ କୁମାର ସାହୁ, ସରୋଜ କୁମାର ସାହୁ, ଯଶୋବନ୍ତ ପଣ୍ଡା ସମେତ ଅନେକ ଚାଷୀ ଅଭିଯୋଗ କରିଛନ୍ତି।



ଚାଷୀମାନେ ଇନ୍ଦ୍ରାବତୀ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି।

### ଅଗ୍ନି ବିପନ୍ନଙ୍କୁ ମିଳିନି ସହାୟତା



**ଲୋଇସିଂହା,୨୭।୧୨(ଡି.ଏନ.ଏ)**

ଲୋଇସିଂହା ବ୍ଲକ ଫାଟାମୁଣ୍ଡା ଗ୍ରାମର ଗୋଲାପି ଦାସ। ଗତ ଶନିବାର ତାଙ୍କ ଘର ନିଆଁ ଲାଗି ଜଳି ଯାଇଥିଲା। ଏବେ ସେ ଖୋଲା ଆକାଶ ତଳେ ପରିବାର ସହ ରହୁଛନ୍ତି। ତହସିଲ ପକ୍ଷରୁ ତାଙ୍କୁ ପଲିଥିନ ମିଳିନାହିଁ। ସୋମବାର ଗୋଲାପି ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ଭେଟିଥିଲେ। ପଲିଥିନ ପାଇଁ ତହସିଲଦାରଙ୍କୁ ଜଣାଇବାକୁ ଖଡିଆ ପରାମର୍ଶ ଦେଇଥିଲେ। ତହସିଲଦାର ସ୍ଥାନୀୟ ଆରଆଇଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ଟ୍ରକ୍ ଧକ୍କାରେ ନାବାଳିକା ମୃତ, ଭାଇ ଗୁରୁତର



ଉତ୍ତ୍ୟକ୍ତ ଗ୍ରାମବାସୀ ଜାତୀୟ ରାଜପଥ ୨୬ରେ ଟାୟାର ଜାଳି ଅବରୋଧ କରିଛନ୍ତି।

## ଗ୍ରାମବାସୀଙ୍କ ଜାତୀୟ ରାଜପଥ ଅବରୋଧ

**କେସିଙ୍ଗା,୨୭।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଉତ୍‌କେଲା ଜୁନିୟର କଲେଜ ସମ୍ମୁଖରେ ସୋମବାର ଅପରାହ୍ନରେ ଟ୍ରକ୍ ଧକ୍କାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଭାଇ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଭବାନୀପାଟଣା ସଦର ବ୍ଲକ ଦାଦପୁର ପଞ୍ଚାୟତ ଝିକିମିକି ଗ୍ରାମର ରୋଶନି ସୁନା (୧୫) ଓ ତାଙ୍କ ଭାଇ ବୋଲି ଜଣାପଡ଼ିଛି। ଦୁର୍ଘଟଣାରେ ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। କଲେଜ ଛତ୍ର ଓ ଗ୍ରାମବାସୀ ଜାତୀୟ ରାଜପଥ ୨୬ରେ ଟାୟାର ଜାଳି ଅବରୋଧ କରିଥିଲେ। ଖବର ପାଇ କେସିଙ୍ଗା ପୋଲିସ ଓ ତହସିଲଦାର ପହଞ୍ଚିଥିଲେ। ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା ପରେ ଜାତୀୟ ରାଜପଥରୁ ସେମାନେ ଓହରିଯାଇଥିଲେ। ପରେ ନାବାଳିକାଙ୍କ ପରିବାରବର୍ଗ ଘଟଣାସ୍ଥଳରେ ପହଞ୍ଚିଲେ। ଶବ ବ୍ୟବଚ୍ଛେଦ ପାଇଁ ଭବାନୀପାଟଣା ହସ୍ପିଟାଲକୁ ପଠାଯାଇଛି। ମଙ୍ଗଳବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି। ସୂଚନା ଯେ, ରୋଶନି ତାଙ୍କ ଭାଇଙ୍କ ସହିତ ଉତ୍‌କେଲାକୁ ଏକ ବାଇକ୍‌ରେ କୌଣସି କାମ ପାଇଁ ଆସି ଆସିଥିଲେ। କାମ ସାରି ଘରକୁ ଫେରୁଥିବା ବେଳେ ଉତ୍‌କେଲା ଜୁନିୟର କଲେଜ ସମ୍ମୁଖରେ ଭବାନୀପାଟଣାପଟୁ କେସିଙ୍ଗା ଅଭିମୁଖେ ଆସୁଥିବା ଏକ ଟ୍ରକ୍ (ନଂ.ଓଆର୦୩ଏ-୯୦୧୭) ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କୁ ଗୁରୁତର ଆହତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ପରିବାରବର୍ଗ କେସିଙ୍ଗା ଥାନାରେ ଅଭିଯୋଗ କରି ନ ଥିବା ଜଣାପଡ଼ିଛି।

# କଳାହାଣ୍ଡି ପାଇଁ ଗୌରବ ଆଣିଲେ ବିଭୂଷା

**ଭବାନୀପାଟଣା,୨୭।୧୨(ସ୍ୱ.ପ୍ର.)**

ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶାଳୟ ଭାରତ ସରକାର ଓ ସୋଆ ବିଶବିଦ୍ୟାଳୟ, ଓଡିଶା ମିଳିତ ଆନୁକୁଲ୍ୟରେ ଜାତୀୟସ୍ତରୀୟ ଜାତୀୟ ସଂହତି ଶିବିର ୭ଦିନ ଧରି ପାଳିତ ହୋଇଯାଇଛି। ଶିବିରରେ ଦେଶର ପ୍ରାୟ ୨୦ଟି ରାଜ୍ୟର ଏନ୍‌ଏସ୍‌ଏସ୍‌ର ବିଭିନ୍ନ ବିଶବିଦ୍ୟାଳୟର ୨୦୦ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଶିବିରରେ କଳାହାଣ୍ଡି ବିଶବିଦ୍ୟାଳୟ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡ. ଚିତ୍ତରଞ୍ଜନ ଖୁଣ୍ଟିଆଙ୍କ ନେତୃତ୍ୱରେ ୪ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଦେଶର ବିଭିନ୍ନ ରାଜ୍ୟର କଳା, ସଂସ୍କୃତି, ଐତିହ୍ୟକୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କଳାହାଣ୍ଡି ବିଶବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ତଥା ଯୁକ୍ତ ୩ବର୍ଷ ବାଣିଜ୍ୟ ଛାତ୍ରୀ ବିଭୂଷା ବ୍ୟାସ ଇଂଲିଶ ତର୍କ ବିଭାଗରେ ଅଂଶଗ୍ରହଣ କରି ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ସେ କଳାହାଣ୍ଡି ଜିଲାର ଉମେଶ ବ୍ୟାସ ଓ ପ୍ରିତୀ ବ୍ୟାସଙ୍କ ସୁକନ୍ୟା ଅଟନ୍ତି। ବିଭୂଷା ବ୍ୟାସଙ୍କ ଏହି ସଫଳତାରେ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ଖୁସିବ୍ୟକ୍ତ କରିବା ସହିତ ତାଙ୍କର ମଙ୍ଗଳ କାମନା କରିଥିଲେ। ଏଥିସହିତ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡ. ଚିତ୍ତରଞ୍ଜନ ଖୁଣ୍ଟିଆଙ୍କ ନେତୃତ୍ୱକୁ ପ୍ରଶଂସା କରିଥିଲେ। ଏହି ଅବସରରେ କୁଳସଚିବ ପୀତାମ୍ବର ଭୋଇ, ସିଡିଜିସି ଡ. ଜୟଦେବ ସାହୁ, ବିତ୍ତ ନିୟନ୍ତ୍ରକ ସୁରେଶ ପିଡିସିକା, ଡ. ଚିତ୍ତରଞ୍ଜନ ଖୁଣ୍ଟିଆଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ତଥା, ଚିରାଗ ଜୈନ, ସୁରକ୍ଷା ପଟ୍ଟନାୟକ, ଦିନେଶ ବାଗ ପ୍ରମୁଖ ସମସ୍ତ ଛାତ୍ରଛାତ୍ରୀ ଖୁସି ପ୍ରକଟ କରିଥିଲେ।



ବିଭୂଷା ବ୍ୟାସଙ୍କୁ ସମ୍ମାନିତ କରାଯାଉଛି।

### ମୃତ ଶିଶୁ ଫିଙ୍ଗିବା ସନ୍ଦେହରେ ମହିଳା ଅଟକ

**ବଲାଙ୍ଗୀର ଅଫିସ,୨୭।୧୨**

ବଲାଙ୍ଗୀର ସହରର ବିଜାଖମନ୍ ଅଞ୍ଚଳରେ ଜଣେ ବିଧବା ମହିଳାଙ୍କୁ ନିଜର ମୃତଶିଶୁ ଫିଙ୍ଗି ଦେଇଥିବା ସନ୍ଦେହରେ ସ୍ଥାନୀୟ ଲୋକ ଅଟକ ରଖିଥିଲେ। ଟାଉନ୍ ଥାନା ପୋଲିସ ସମ୍ପୃକ୍ତ ମହିଳାଙ୍କୁ ଉଦ୍ଧାର କରିଛି। ଗତ ୨୫ ତାରିଖରେ ବିଜାଖମନ୍ ଖେଳ ପଡିଆ ନିକଟରେ କପଡାରେ ଗୋଡାଯାଇଥିବା ଏକ ମୃତ ନବଜାତ ଶିଶୁ ପଡିଥିବା ଲୋକେ ଦେଖିଥିଲେ। ପଡାରେ ରହୁଥିବା ଜଣେ ବିଧବା ମହିଳାଙ୍କୁ ନିଜ ଜନ୍ମକଲା ଶିଶୁପୁତ୍ର ଫିଙ୍ଗି ଦେଇଥିବା ସନ୍ଦେହ କରି ସେମାନେ ତାଙ୍କୁ ଅଟକ ରଖିଥିଲେ।

### ମାଣ୍ଡିଆ କ୍ରୟ କେନ୍ଦ୍ର ଉଦ୍‌ଘାଟିତ

**ଖପ୍ରାଖୋଲ, ୨୭।୧୨(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ତେଲେନପାଲିଠାରେ ମାଣ୍ଡିଆ କ୍ରୟ କେନ୍ଦ୍ର ସୋମବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥିଭାବେ ୱାଇସିଡିଏ ସିନିଅର ପ୍ରୋଗ୍ରାମ ମ୍ୟାନେଜର ସୁରେଶ କୁମାର ପ୍ରଧାନ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ସଂଯୋଜକ ହେମବତୀନନ୍ଦନ ବେହେରା, ଆରସି ସଞ୍ଜୀବ କୁମାର ନାୟକ, ତେଲେନପାଲି ସରପଞ୍ଚ କୁନ୍ତଳା ମାଝି, ଚିଡିସିସି ସଇଲେସ ସାହୁ, ଚିଡିସିସି ଓଏଲ ଭବାନୀପାଟଣା ବିଏମ ଗଙ୍ଗାଧର ମହାନ୍ତି, ଜିଲା ସଂଯୋଜକ ଜୋସବନ୍ତ ନାୟକ, କେକେପିସିଏଲ ସିଇଓ ଗଣେଶ ବନଛୋର ଉପସ୍ଥିତ ଥିଲେ। ଅଗ୍ରଣୀ ମାଣ୍ଡିଆ ଚାଷୀ ଗୋଲାପ ବିଶି ସଭା ପରିଚାଳନା କରିଥିଲେ। ମଣ୍ଡିରେ ଟଙ୍କପାଣି, ରେଙ୍ଗାଲି, ତେଲେନପାଲି ପଞ୍ଚାୟତର ଚାଷୀ ମାଣ୍ଡିଆ ବିକ୍ରି କରିପାରିବେ। ଖପ୍ରାଖୋଲ କୃଷକ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ଼ ଚାଷୀଙ୍କଠାରୁ ଏଫଏକ୍ୟୁ ମାନର ମାଣ୍ଡିଆ କୁଇଣ୍ଟାଲ ପ୍ରତି ୩୩୭୭ରେ ଟଙ୍କାରେ କିଣିବ।

# ଜୁନାଗଡ଼ରେ ଜାତୀୟ ଜନଜାତି ଆୟୋଗ ଟିମ୍

**ଜୁନାଗଡ,୨୭।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୋମବାର ଜାତୀୟ ଜନଜାତି ଆୟୋଗ ଟିମ୍ ପରିଦର୍ଶନ କରିଥିଲେ। ଏହି ଟିମ୍ ଜୁନାଗଡ ବ୍ଲକରେ ବାସ କରୁଥିବା ଆଦିବାସୀମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଓ ବିଭିନ୍ନ ମୌଳିକ ସମସ୍ୟା ଉପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ଡାକ୍ତର ବିବେକାନନ୍ଦ ମହାନନ୍ଦ ଓ ବିପିଏମ୍ ଏମ୍ ରାଜଶେଖର ପ୍ରମୁଖଙ୍କ ସହ ବିସ୍ତାର ରୂପେ ଚର୍ଚ୍ଚା କରିଥିଲେ। ସେହିପରି ଜୁନାଗଡ ବ୍ଲକର ଆଦିବାସୀଙ୍କ ଉନ୍ନତି ଉପରେ କେଉଁ କେଉଁ ପଦକ୍ଷେପ ନିଆଯାଇଛି ତାହା ଉପରେ ମଧ ତଦନ୍ତ କରିଥିଲେ। ଏହି ଟିମରେ ଜାତୀୟ ଜନଜାତି ଆୟୋଗ ସଦସ୍ୟ ଅନନ୍ତ ନାୟକ, ସହକାରୀ ନିର୍ଦ୍ଦେଶକ ଭି. ଅଶୋକ ବର୍ଦ୍ଧନ, ଆଇନ ପରାମର୍ଶଦାତା ରାଧାକାନ୍ତ ତ୍ରିପାଠୀ, ବେସରକାରୀ ସଚିବ ପି.କେ. ପରିଡା ପ୍ରମୁଖ ରହିଥିଲେ। ପରେ ଏହି ଟିମ୍ ବ୍ଲକର ଆସିବାସୀ ଅଧୁଷିତ ଅଞ୍ଚଳ କୁହାଯାଉଥିବା ତଳଜାରିଙ୍ଗ ପଞ୍ଚାୟତର ସୁରୁଗୁଡା ଗ୍ରାମକୁ ଯାଇ ଜଙ୍ଗଲ ଅଧିକାର ନିୟମ-୨୦୦୬ ଉପରେ ସରଜମିନ ତଦନ୍ତ କରିଥିଲେ।



ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ ଜନଜାତି ଆୟୋଗ ଟିମ୍।

# ଘରପୋଡ଼ି, ହତ୍ୟା ଘଟଣାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ନୂଆପଡ଼ା ଅଫିସ,୨୭।୧୨**

ନୂଆପଡା ଜିଲା ଖଡିଆଲ ଥାନା ପଦ୍ମପୁର ଗାଁରେ ଗତ ୨୦୧୮ରେ ହୋଇଥିବା ଏକ ଘରପୋଡି ଓ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ସୋମବାର ଜିଲା ଦୌରାଜଜ୍ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ୨୦୧୮ ଜୁଲାଇ ୧ ତାରିଖ ବିଳମ୍ବିତ ରାତିରେ ଖଡିଆଲ ଥାନା ଅନ୍ତର୍ଗତ ପଦ୍ମପୁର ଗ୍ରାମର କାଶି ପଟେଲ ଓ ତାଙ୍କ ସ୍ତ୍ରୀ ହେମ ପଟେଲ ଘରେ ଶୋଇଥିବା ବେଳେ ହଠାତ ଗ୍ରାମବାସୀ କାଶିଙ୍କ ଘର ଜଳୁଥିବା ଦେଖି ଉଭୟଙ୍କୁ ଉଦ୍ଧାର କରିବାକୁ ଦୌଡି ଆସିଥିଲେ। କାଶିଙ୍କ ପୋଡଶୀ ଗୋବିନ୍ଦ ପଟେଲ କାଶିଙ୍କ ବ୍ରାଇଁ ରାମସାଗର ପଟେଲଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ଓ ତାଙ୍କ ବ୍ରାଇଁ ମିଶି ଉଭୟଙ୍କୁ ଉଦ୍ଧାର କରି ଖଡିଆଲସ୍ଥିତ ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ହେମଙ୍କୁ ମୃତ ଘୋଷଣା କରିଥିବା ବେଳେ କାଶି ବର୍ତ୍ତି ଯାଇଥିଲେ। ପରେ କାଶିଙ୍କ ବ୍ରାଇଁ ରାମସାଗର ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଗ୍ରାମର ଚୈତନ୍ୟ ପଟେଲଙ୍କ ବିରୋଧରେ ଖଡିଆଲ ଥାନାରେ ଅଭିଯୋଗ କରିଥିଲେ। ଖଡିଆଲ ଥାନାରେ ଆଇପିସି ଧାରା ୪୩୬, ୩୦୨ରେ ଏକ ମାମଲା (ନଂ.୧୩୮/୧୮) ରୁଜୁକରି ତଦନ୍ତ ଆରମ୍ଭ କରିଥିଲେ। ହତ୍ୟାରେ ବ୍ୟବହୃତ ସାମଗ୍ରୀ ଜବତ କରି ଖଡିଆଲ ସିଟି କେସ ନଂ-୨୩୭/୧୮ରେ ଖଡିଆଲ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟଙ୍କ କୋର୍ଟରେ ମାମଲା ଦାୟର କରିଥିଲେ। ପରେ ଏହା ଦୌରାଜଜ୍‌ଙ୍କ କୋର୍ଟକୁ ଆସିଥିଲା। ସୋମବାର ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ମୋଟ ୧୫ଜଣଙ୍କ ସାକ୍ଷ୍ୟ ପ୍ରମାଣ ଉପରେ ବିଚାର କରିଥିଲେ। ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ମୁଦାଲା ପକ୍ଷରୁ ଏସଡିସି ବିଶ୍ୱମଣି ପାଣିଗ୍ରାହୀ ମାମଲା ପରିଚଳନା କରିଥିଲେ।

### ଭାଜପା ମହିଳା ମୋର୍ଚ୍ଚାର ଦାବିପତ୍ର ପ୍ରଦାନ

**ବଲାଙ୍ଗୀର ଅଫିସ,୨୭।୧୨**

ବଲାଙ୍ଗୀର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ସୋମବାର ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ମୋର୍ଚ୍ଚା ଅଭିଯୋଗ କରିଛି ଯେ, କେନ୍ଦ୍ର ସରକାରଙ୍କ ପରାମର୍ଶକ୍ରମେ ପ୍ରତ୍ୟେକ ରାଜ୍ୟରେ ମହିଳା ଓ ଶିଶୁ ଅପରାଧ ନିୟନ୍ତ୍ରଣ ପ୍ରକୋଷ୍ଠ ଖୋଲିବାକୁ ପରାମର୍ଶ ଦିଆଯାଇଥିଲା। ଏହାକୁ ଆଧାର କରି ମୁଖ୍ୟମନ୍ତ୍ରୀ ରାଜ୍ୟରେ ଏଭଳି ପ୍ରକୋଷ୍ଠ ଖୋଲିଥିବା ଘୋଷଣା କରିଥିଲେ। ତେବେ ଗତ ୮ ତାରିଖରେ ବିଧାୟିକା କୁସୁମ ଟେଟେ ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡ ସମ୍ପର୍କରେ ରାଜ୍ୟର ଘୋଷିତ ମହିଳା ଓ ଶିଶୁ ଅପରାଧ ନିୟନ୍ତ୍ରଣ ପ୍ରକୋଷ୍ଠ ଅଧିକାରୀଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି ଜାଣି ନ ଥିବା ଓ ଏହି ଘଟଣାଟି ପୋଲିସ ତଦନ୍ତ ପରିସରଭୁକ୍ତ ବୋଲି କହି କଥାକୁ ଏଡାଇ ଦେଇଥିଲେ। ଏହି ଘଟଣା ପରେ ବାସ୍ତବରେ ରାଜ୍ୟରେ ମହିଳା ଓ ଶିଶୁ ଅପରାଧ ନିୟନ୍ତ୍ରଣ ପ୍ରକୋଷ୍ଠ ଖୋଲାଯାଇଛି ନା କେବଳ ଘୋଷଣା ସର୍ବସ୍ୱ ହୋଇରହିଛି ସେନେଇ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଦାବିପତ୍ର ଦିଆଯାଇଛି। ଜିଲାପାଳ ଅଫିସ ସମ୍ମୁଖରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ପରିଷଦ ଅଧକ୍ଷା ଭାରତୀ ମହାନନ୍ଦ, ସଞ୍ଜୁ ନାଏକ, ଆରତୀ ଗୁରୁ, ଫିରୋଜା ବିବି, ବନଶ୍ରୀ ଆଚାର୍ଯ୍ୟ ବାସନ୍ତୀ ଜେନା, ଅନୁଛାୟା ବାବୁ, ସୌଦାମିନୀ ମିଶ୍ର, ସସ୍ମିତା ବେହେରା, ଗାୟତ୍ରୀ ଦାସ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ପଲସାପଡ଼ା, ବିରିଘାଟ ବିଜୟୀ

**ସିନାପାଲି,୨୭।୧୨(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ କାପସିସ୍ଥିତ ମା' ଠାକୁରାଣୀ ଆଜାଦ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଲାଲବାହାଦୁର ଖେଳପଡ଼ିଆଠାରେ ୪ର୍ଥ ମା' ଗଡିଆଣୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ କରଙ୍ଗାମାଲ ଓ ପଲସାପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପଲସାପଡା ଦଳ ୧-୦ ଗୋଲରେ କରଙ୍ଗାମାଲ ଦଳକୁ ହରାଇ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବିରିଘାଟ ଓ ବରଗାଁ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ପେନଲଟି ମାଧ୍ୟମରେ ୫-୪ ଗୋଲରେ ବିରିଘାଟ ଦଳ ବିଜୟୀ ହୋଇଥିଲା। ୨ଟି ମ୍ୟାଚରେ ତାପସ ପତି ଖେଳ ପରିଚାଳନା କରିଥିବା ବେଳେ ଅମୂଲ୍ୟ ବାରିକ ଓ ସୌରଭ ପଣ୍ଡା ଲାଇନ ମ୍ୟାନ ଭାବେ ସହଯୋଗ କରିଥିଲେ। ଅରବିନ୍ଦ ହୋତା ଓ ଜଗଦୀଶ ନାଗ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନା କମିଟି ସଭାପତି ବିହାରୀ ଲାଲ ମଶ୍ରା, ସମ୍ପାଦକ ଦୁଷ୍ମନ୍ତ କାଣ୍ଡ, ଉପସଭାପତି ପ୍ରଶାନ୍ତ ଦାସ, ଯୁଗ୍ମ ସମ୍ପାଦକ କିଶନ ଲୋହାର, କୋଷାଧ୍ୟକ୍ଷ ନିରଞ୍ଜନ କାଣ୍ଡ ପ୍ରମୁଖ ଦାୟୀତ୍ୱ ନିର୍ବାହ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବରେ ସାମାଜିକ କର୍ମୀ କମଲେସ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଦସ୍ୟ ଲିଙ୍ଗରାଜ ଘିଭେଲା, ମାର୍କଣ୍ଡ ଗହୀର, ମୋହନ ଚରଣ ଦାସ, ନିକୁଞ୍ଜ ବିହାରୀ ସା, ଭାଗୀରଥି ମାଝି ପ୍ରମୁଖ ଯୋଗଦାନ କରିଥିଲେ। ଟୁର୍ନାମେଣ୍ଟରେ ଅଞ୍ଚଳର ୮ଟି ଦଳ ଭାଗ ନେଇଥିବା ବେଳେ ଆସନ୍ତା ୩୦ ତାରିଖରେ ଉଦ୍‌ଯାପିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

## ଫୁଟ୍‌ବଲ ଟୁର୍ନାମେଣ୍ଟ: ଅନ୍ତର୍ଲା ସେମିରେ

**ସଇଁତଲା/ ଟିକ୍ରପଡ଼ା, ୨୭।୧୨ (ଡି.ଏନ.ଏ.)**

ସଇଁତଲା ବ୍ଲକ ଟିକ୍ରାପଡ଼ା ହାଇସ୍କୁଲ ପଡ଼ିଆରେ ଆଞ୍ଚଳିକ ଯୁବ ସଂଗଠନ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଛି। ସଂଗଠନ ସଭାପତି କରୁଣାସିନ୍ଧୁ ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସାମାଜିକ କର୍ମୀ ନରେନ୍ଦ୍ର କଳେତ, କ୍ରୀଡ଼ାବିତ ବାଲେଶ୍ୱର ଖର୍ସେଲ, ରବିନାରାୟଣ ସାହୁ, ଆଇନଜୀବୀ ବିଶ୍ୱନାଥ ସୁଆର, ରମାକାନ୍ତ ରାଜପଲିଆ, ଆଶୁତୋଷ ରାଜପଲିଆ ଅତିଥିଭାବେ ଯୋଗଦେଇଥିଲେ। ଅନ୍ତର୍ଲା ଓ ଟିକ୍ରାପଡ଼ା ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର ଯୋଗେ ଅନ୍ତର୍ଲା ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା ।

# ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ

**ବଲାଙ୍ଗୀର ଅଫିସ, ୨୭।୧୨**

ବିଧାୟକ ନରସିଂହ ମିଶ୍ର ବଲାଙ୍ଗୀର ସଦର ବ୍ଲକ ମିର୍ଦ୍ଧାପାଲି ପଞ୍ଚାୟତର ବକ୍ସିଉଡାର, ଧୁବାଉଡାର ଗସ୍ତ କରି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ଗସ୍ତ ସମୟରେ ବିଡିଓ ପ୍ରୀତମ ତନ୍ତୀ, ଏବିଡିଓ ରାମଦତ୍ତ ଭୋଇ, ସହକାରୀ ଯନ୍ତ୍ରୀ ବୃଷବ ହୋତା, ସାମାଜିକ ସୁରକ୍ଷା ଅଧିକାରୀ, କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ। ଉଭୟ ଗ୍ରାମରେ ପିଇବା ପାଣି ସମସ୍ୟା ଯେତେ ଶୀଘ୍ର ଦୂର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବକ୍ସିଉଡାର ଗାଁ ଭିତର ଶୋଚନୀୟ ରାସ୍ତା ନିର୍ମାଣ କରାଯିବ ବୋଲି କହିଥିଲେ। ବକ୍ସିଉଡାରଠାରେ ରାମଜୀ ମଣ୍ଡପ ଏବଂ ରନ୍ଧନ ଶାଳାର ଭିତ୍ତିପ୍ରସ୍ତର ଦିଆଯାଇଥିଲା। ଉପରପଡା ଠାରେ ରାମଜୀ ମଣ୍ଡପର ଶୁଭ ଉଦ୍‌ଘାଟନ କରିଥିଲେ ବିଧାୟକ । ଧୁବାଉଡାରଠାରେ ଦୁଇଟି କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ କରିବା ସହ ପ୍ରଧାନପାଲିଠାରେ ଏକ କମ୍ୟୁନିଟି ସେଣ୍ଟରରେ ଶିଳାନ୍ୟାସ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷା ଯଶୋବନ୍ତୀ ବଘାର, ପ୍ରାଣବଲ୍ଲଭ ତ୍ରିପାଠୀ, ଜଗନ୍ନାଥ ଦାସ, ସୁବାସ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ନରସିଂହ ମିଶ୍ର ବକ୍ସିଉଠାରଠାରେ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।